# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ (୧୮ ପୃଷ୍ଠା) | Bhubaneswar, Tuesday, March 3/2026 | Page 18 | ₹ 7.00 | SAMBALPUR

୫୨ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 99 | ମୂଲ୍ୟ ₹୭/-





# ଘଷି ଶବଦାହ ପ୍ରକଳ୍ପକୁ ମିଳୁନି ବଳ

## ପ୍ରଶାସନିକ ଉଦାସୀନତା

ରାଉରକେଲା,୨।୩(ସଙ୍ଗୀତା ଜେନା)



ରାଉରକେଲା ବେଦବ୍ୟାସଠାରେ ଥିବା ତ୍ରିବେଣୀ ସଙ୍ଗମରେ କାଠ ଦ୍ୱାରା ଶବଦାହ କରାଯାଉଥିବା ଯୋଗୁ ପରିବେଶ ପ୍ରଦୂଷଣ ହେଉଥିଲା। ଫଳରେ ୨୦୧୬-୧୭ ମସିହାରୁ କାଠ ବଦଳରେ ଗୋବର ଘଷି ଦ୍ୱାରା ଶବଦାହ କରାଗଲା। ନୂଆ ସରକାର ଆସିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଗୋବର ଘଷି ଦ୍ୱାରା ଶବଦାହ କରାଯିବାକୁ ଘୋଷଣା କରିଥିଲେ। ଫଳରେ ବେଦବ୍ୟାସରେ ଏହି ଯୋଜନାକୁ ବଳ ମିଳିବ ବୋଲି ଆଶା କରାଯାଉଥିଲା। ତେବେ ଘଷି ଅଭାବ, ପ୍ରଶାସନିକ ଉଦାସୀନତା ଏବଂ ସଚେତନତା ଅଭାବ ଯୋଗୁ ଏହି କାର୍ଯ୍ୟକ୍ରମ ବନ୍ଦ ହେବାକୁ ବସିଛି। ଅପରପକ୍ଷେ କାଠରେ ଶୀଘ୍ର ଶବଦାହ ହେଉଥିବାରୁ ଘଷିକୁ ଲୋକେ ପସନ୍ଦ କରୁ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଗୋଟିଏ ଶବଦାହ ପାଇଁ ୨୩୦ କିଲୋ ଘଷିର ଆବଶ୍ୟକତା ରହିଛି। ଫଳରେ ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ଗୋବଂଶ ବୃଦ୍ଧି ଦିଗରେ ଏହା ବେଶ୍ ସହାୟକ ହେବ। ଏହା ଗ୍ରାମାଞ୍ଚଳର ଚାଷୀମାନଙ୍କୁ ଗୋପାଳନ ପାଇଁ ପ୍ରୋତ୍ସାହନ ଯୋଗାଇବ। ଗୋସୁରକ୍ଷା, ଗୋମୂତ୍ର, ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାରବିମର୍ଶ ପାଇଁ କମିଟି ଗଠନ ହେବ। ବିଭାଗୀୟ ମନ୍ତ୍ରୀ ଏଭଳି ସୂଚନା ଦେବା ପରେ ରାଉରକେଲାରେ ମଧ୍ୟ ଏହି ପ୍ରକଳ୍ପକୁ ନେଇ ଆଶା ସଞ୍ଚାର ହୋଇଥିଲା। ବେଦବ୍ୟାସ ଘାଟରେ ପ୍ରତ୍ୟେକ ଦିନ ୧୨ରୁ ୧୪ଟି ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥାଏ। ଏଠାରେ ୬ରୁ ଊର୍ଦ୍ଧ୍ୱ ଶବ ପୋଡିବା ସେଡ୍ ରହିଛି। ୨୦୧୬ରୁ କ୍ରମାଗତ ୪/୫ ବର୍ଷ ଯାଏ ବେଦବ୍ୟାସ ଗୋଶାଳାରୁ ଘଷି ତିଆରି ହୋଇ ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ନିକଟରୁ ଆସୁଥିଲା। ପରେ ଏହି ଘଷିଗୁଡ଼ିକୁ ଶବଦାହ ପାଇଁ ବ୍ୟବହାର କରାଯାଉଥିଲା। ଜାଳେଣି କାଠ ପ୍ରଦୂଷଣ କରୁଥିବା ଯୋଗୁ ଘଷି ଏହାର ବିକଳ୍ପ ଭାବେ ଉଭା ହୋଇଥିଲା। ତେବେ ସରକାରୀ ସ୍ତରରେ ଏ ନେଇ ଯୋଜନା କାର୍ଯ୍ୟକାରୀ କରାଗଲେ ଜଙ୍ଗଲ କ୍ଷୟ, ପ୍ରଦୂଷଣକୁ ରୋକାଯିବା ସହ ଗୋପାଳକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।

ସାମାଜିକ କର୍ମୀ ତପନ ନାୟକ କୁହନ୍ତି, ଘଷି ବ୍ୟବହାର ହେଲେ ଭଲ ହୁଅନ୍ତା, ଏଥିପାଇଁ ଅଧିକ ସେଡ୍ ଦରକାର। କାଠ ଭଳି ଏହା ଖୋଲାରେ ଶବଦାହ ହୋଇପାରିବ ନାହିଁ। ଘଷି ପାଇଁ ସଚେତନତା ମଧ୍ୟ କରାଯାଉନାହିଁ। ଆମେ ମାସକୁ ୨ଶହରୁ ଊର୍ଦ୍ଧ୍ୱ ଶବ ପୋଡିବାରେ ସାମିଲ ହେଉଛୁ, ହେଲେ ଲୋକଙ୍କୁ ଘଷିରେ ପୋଡିବା ଅଫର ଦିଆଯାଉନାହିଁ। ଏଥିପାଇଁ ସଚେତନତା ଆବଶ୍ୟକ ବୋଲି ନାୟକ କହିଥିଲେ। ଆର୍‌ଏସ୍‌ପି କର୍ମଚାରୀ ରଜତ ନାୟକ କୁହନ୍ତି, କାଠରେ ଅଧିକ ପ୍ରଦୂଷଣ ହେଉଛି। ଘଷି ପାଇଁ ପ୍ରୋତ୍ସାହନ ଦରକାର। ଏଥିପାଇଁ ନୂତନ ଷ୍ଟାର୍ଟଅପ୍ କରି ଲୋକଙ୍କୁ ସପ୍ଲାଇ ପାଇଁ ଉତ୍ସାହିତ ଦିଗରେ କାମ କରିବା ଦରକାର। ଘଷିରେ ଶବଦାହ ପରିଚାଳନା କରୁଥିବା ତତ୍କାଳୀନ କର୍ମଚାରୀ ଅବନୀ କୁହନ୍ତି, କାଠ କିଲୋ ପ୍ରତି ସାଢ଼େ ୩ଟଙ୍କା ରହିଛି। ଘଷି କିଲୋ ପିଛା ୮ଟଙ୍କା ରହିଛି। ଅଧିକ ଦର ହେଲେ ମଧ୍ୟ ଘଷି ବେଶୀ ଆଦୃତ ହୋଇଥିଲା। ଗୋଟିଏ ଶବଦାହ ପାଇଁ ପ୍ରାୟ ୨ କୁଇଣ୍ଟାଲ ଘଷି ଆବଶ୍ୟକ ପଡ଼ିଥାଏ। ଏହାକୁ ସୁପରିଚାଳନା କରାଯାଇଥିଲେ ଅଧିକ ଫଳପ୍ରଦ ହୋଇଥାନ୍ତା ବୋଲି ସେ କହିଛନ୍ତି।

ସେହିପରି ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ପୂର୍ବତନ ସମ୍ପାଦକ ଅନୁପମ ରାୟ କହିଛନ୍ତି, କାଠ ଦ୍ୱାରା ପରିବେଶ ପ୍ରଦୂଷଣ ଓ ଜଙ୍ଗଲ କ୍ଷୟ ହେଉଛି। ଟ୍ରଷ୍ଟ ଦ୍ୱାରା ନିଆରା ଭାବେ ଏହି ପ୍ରକଳ୍ପ ହାତକୁ ନିଆଯାଇଥିଲା। ଅଧିକ ଘଷି ପାଇଁ ମହିଳା ଗୋଷ୍ଠୀମାନଙ୍କୁ ନିୟୋଜିତ କରାଯାଇପାରିବ। କାଠ ଉପରେ ନିର୍ଭର କରୁଥିବା ଶବଦାହକୁ ୫୦ପ୍ରତିଶତ ଘଷିକୁ ପରିବର୍ତ୍ତିତ କରାଯାଇପାରିବ। ବେଦବ୍ୟାସ ଗୋଶାଳାରେ ଘଷି ଯୋଗାଣ ହ୍ରାସ ପାଇବାରୁ ଲୋକେ କାଠ ଉପରେ ନିର୍ଭର କଲେ। ତେଣୁ ରାଜ୍ୟ ସରକାର ଘଷିକୁ ଅଧିକ ଆଦୃତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବା ଉଚିତ ବୋଲି ରାୟ କହିଥିଲେ। ଏ ସମ୍ପର୍କରେ ବେଦବ୍ୟାସ ଟ୍ରଷ୍ଟର ଇଓ ଗୋଲାପ କୌଶିକଙ୍କୁ ପଚରାଯିବାରୁ ସେ କହିଲେ, ଗୋଶାଳାରେ ଘଷି କରାଯାଉଛି। ହେଲେ କାଠ ପ୍ରତି ବେଶୀ ଚାହିଦା ରହିଛି। ଘଷି ପାଇଁ ଆଗାମୀ ଦିନରେ ସଚେତନ କରାଯିବ। କାଠରେ କମ୍ ସମୟରେ ଶବ ପୋଡ଼ିଯାଉଛି। ଘଷିରେ ସମୟସାପେକ୍ଷ ହେଉଛି। ତେବେ ପରିବେଶ ପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୌଶିକ କହିଥିଲେ।

# ୫ରେ ୧୨ତମ ଦୋଳ ମେଳଣ ଉତ୍ସବ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨।୩(ବିପ୍ଳବ ରଞ୍ଜନ ଦାଶ)

କେନ୍ଦ୍ରୀୟ ଦୋଳ ମେଳଣ ସମିତି ରାଉରକେଲା ପକ୍ଷରୁ ଚଳିତ ବର୍ଷ ୧୨ତମ ଦୋଳ ମହୋତ୍ସବ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେକ୍ଟର-୭ ଦୁର୍ଗାପୂଜା ପଡ଼ିଆରେ ଆସନ୍ତା ୫ ତାରିଖ ଅପରାହ୍ନ ୫ଟାରୁ ଦୋଳ ଉତ୍ସବ ଆରମ୍ଭ ହେବ। ଏ ନେଇ ସୋମବାର ସେକ୍ଟର-୧୫ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ଦୋଳ ମେଳଣ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉକ୍ତ ଦିନ ସକାଳ ୬ଟା ୪୫ ମିନିଟ୍‌ରେ ଥାନପତିଙ୍କ ପୀଠରେ ମଙ୍ଗଳ ଆଳତି, ସକାଳ ୯ଟା ୩୦ ମିନିଟରେ ଆଜ୍ଞାମାଳ, ବିଜୟ ପତାକା ଓ ଶୁଭଖମ୍ବ ସହ ମେଳନ ସ୍ଥଳ (ସେକ୍ଟର-୭ ଦୁର୍ଗାପୂଜା ପଡ଼ିଆ)କୁ ଯାତ୍ରା, ପୂର୍ବାହ୍ନ ୧୦ଟା ୩୦ରେ ବିଜୟ ପତାକା ଓ ଶୁଭଖମ୍ବ ସ୍ଥାପନ ହେବ। ଅପରାହ୍ନ ୪ଟା ୪୫ରେ ଥାନପତି ମେଳନ ସ୍ଥଳକୁ ବିଜେ କରିବେ। ସନ୍ଧ୍ୟା ୫ଟା ୪୫ରେ ସଂଧ୍ୟା ଆଳତୀ ସହ ବିଭିନ୍ନ ପୀଠରୁ ବିମାନ ମେଳନ ସ୍ଥଳକୁ ଆସିବେ। ସନ୍ଧ୍ୟା ୬ଟା ୪୫ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଭାବେ ଯୋଗ ଦେବେ ଓଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଦୀପ୍ତିମୟୀ ଦାସ। ତାଙ୍କ ସହିତ ଅନ୍ୟ କଣ୍ଠଶିଳ୍ପୀ ମଧ୍ୟ ଭଜନ ପରିବେଷଣ କରିବେ ବୋଲି କେନ୍ଦ୍ରୀୟ ଦୋଳ ମେଳଣ ସମିତିର ସଭାପତି ମୁକ୍ତିକାନ୍ତ ବେହେରା ସୂଚନା ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ସୁଶାନ୍ତ କୁମାର ପ୍ରଧାନ, ଈଶ୍ୱର ଭଞ୍ଜ ଓ ପର୍ଶୁରାମ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ସମ୍ପାଦକ ସଞ୍ଜୀବ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବାସନ୍ତୀ କଲୋନୀ ଅଞ୍ଚଳରେ ରଙ୍ଗ ବିକ୍ରି ହେଉଛି।

# ରାଉରକେଲା ବଜାରରେ ରଙ୍ଗ ପସରା

ରାଉରକେଲା,୨।୩(ଦିନେଶ ମିଶ୍ର)

ଆଉ ଦିନକ ପରେ ହୋଲି ଉତ୍ସବ ପାଳନ କରାଯିବ। ଏଥିପାଇଁ ରାଉରକେଲା ସହରର ବିଭିନ୍ନ ବଜାରରେ ରଙ୍ଗ ପସରା ଖୋଲିଛି। ହୋଲି ପର୍ବ ପାଳନ କରିବା ପାଇଁ ସହରର ଡେଲିମାର୍କେଟ, ପାନପୋଷ, ଉଦିତନଗର, ବାସନ୍ତୀ କଲୋନୀ, ଆମ୍ବାଗାନ, ଛେଣ୍ଡ ଆଦି ଅଞ୍ଚଳରେ ଛୋଟ ବଡ ଦୋକାନୀମାନେ ରଙ୍ଗ ଦୋକାନ ଖୋଲିଛନ୍ତି। ଦୋକାନରେ ଅବିର, ବାର୍ନିସ୍ ସାଙ୍ଗକୁ ଭଳିକି ଭଳି ରଙ୍ଗ ଦେଖିବାକୁ ମିଳିଛି। ଏହିସବୁ ରଙ୍ଗ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ କଲିକତାରୁ ରାଉରକେଲାକୁ ଆସୁଥିବା ଡେଲିମାର୍କେଟର ରଙ୍ଗ ବ୍ୟବସାୟୀ ଛୋଟେଲାଲ ସାହୁ କହିଛନ୍ତି। ସେହିପରି ସହରରେ ରହିଥିବା ବିଭିନ୍ନ କ୍ଲବ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନରେ ମଧ୍ୟ ହୋଲି ପାଳନକୁ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରରେ ହୋଲିପର୍ବକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ମଦ ଦୋକାନଗୁଡ଼ିକୁ ବନ୍ଦ କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆରଏମ୍‌ସି ପକ୍ଷରୁ ବିଭିନ୍ନ ରଙ୍ଗ ଦୋକାନ ଉପରେ ଯାଞ୍ଚ କରାଯାଉଛି।

# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨।୩(ବିପ୍ଳବ ରଞ୍ଜନ ଦାଶ)

ବାସନ୍ତୀ ପାଠାଗାର ପକ୍ଷରୁ ରବିବାର ସନ୍ଧ୍ୟାରେ ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର କାର୍ଯ୍ୟକାରୀ ସଭାପତି ସୁବାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସାଂସ୍କୃତିକ ସମ୍ପାଦିକା କବିତା ଦାଶଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ଏହି ଆସରରେ ପ୍ରାଧ୍ୟାପକ ପାରେଶ୍ୱର ବିଶ୍ୱାଳ ମୁଖ୍ୟ ଅତିଥି ଓ ପ୍ରାଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ ବିଷୟ ବିଶେଷଜ୍ଞ ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ସାହିତ୍ୟରେ ଜୀବନର ସ୍ୱର' ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ବିଶ୍ୱାଳ ଶବ୍ଦରୁ ଆମ ପରମ୍ପରା ଓ ସାହିତ୍ୟରେ ଶବ୍ଦ ବ୍ରହ୍ମ ସମ୍ପର୍କରେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଡ. ରାୟ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ, ପରିବର୍ତ୍ତନାତ୍ମକ ଜୀବନ ଭିତରେ ଆମେ ଅଛୁ। ଅହିଂସା ହିଁ ପରମ ଧର୍ମ, ଜୀବନ ଯେ ପର୍ଯ୍ୟନ୍ତ ନ ଜଳିଛି ସେପର୍ଯ୍ୟନ୍ତ ଆଲୋକ ବାଣ୍ଟିପାରିବ ନାହିଁ। ଏଥିସହ କବି ଭୀମଭୋଇ, ଗୋପବନ୍ଧୁ, ବୁଦ୍ଧଦେବ, ଜଗନ୍ନାଥ ଦାସଙ୍କ ଜୀବନୀ ଓ ସେମାନଙ୍କ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ପାଠାଗାର ସମ୍ପାଦକ ବିଭୁଦତ୍ତ ବେହେରା ପ୍ରାକ୍‌କଥନ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ବିଜୟିନୀ ଜେନା ଓ ମଞ୍ଜୁଳା କୁମାରୀ ରଥଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଉପସଭାପତି ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିୟାଣାକୁ ଟାଇଟଲ, ନାଗପୁର ରନର ଅପ୍

ରାଉରକେଲା,୨।୩(ସଙ୍ଗୀତା ଜେନା)

## ସର୍ବଭାରତୀୟ ରାଇଜିଂ ଟ୍ରଫି ଭଲିବଲ

■ ତୃତୀୟ ସ୍ଥାନରେ ରହିଲା ଓଡ଼ିଶା

ରାଉରକେଲାର ରାଇଜିଂ କ୍ଲବ ପକ୍ଷରୁ ଚାଲିଥିବା ୧୭ତମ ରାଇଜିଂ ଟ୍ରଫି (୮ମ ସର୍ବଭାରତୀୟ ଭଲିବଲ୍ ପ୍ରତିଯୋଗିତା) ରବିବାର ରାତିରେ ଶେଷ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ହରିୟାଣା ଦଳ ନାଗପୁରକୁ ୩ ସେଟ୍‌ରେ ପରାଜିତ କରି ଚାମ୍ପିୟନ ହୋଇଛି। ସେହିପରି ଓଡ଼ିଶା ଦଳ ଛତିଶଗଡ଼କୁ ପରାଜିତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲ୍ ମ୍ୟାଚ୍‌ରେ ହରିୟାଣାର ରିଜ୍ୱାନ୍ ସର୍ବଶ୍ରେଷ୍ଠ ଆଟାକର୍, ଜୀତ ସର୍ବଶ୍ରେଷ୍ଠ ଲିବ୍ରୋ ଏବଂ ଅମନ୍ ସର୍ବଶ୍ରେଷ୍ଠ ସେଟର୍ ଭାବେ ଚୟନ ହୋଇଥିବାବେଳେ ନାଗପୁରର ରିଜ୍ୱାନ୍ ସର୍ବଶ୍ରେଷ୍ଠ ବ୍ଲକର୍ ଭାବେ ସମ୍ମାନିତ ହୋଇଛନ୍ତି। ଏଥିରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ଅତିଥି ଭାବେ ଉପସ୍ଥିତ ଥିଲେ। ଜାତୀୟ ରେଫରି ନିରଞ୍ଜନ ନାୟକ, ସଞ୍ଜୀବ ଚାନ୍ଦ, ସଞ୍ଜୀବ ମହାନ୍ତି, ଆନା କେରକେଟା ମ୍ୟାଚ୍ ପରିଚାଳନା କରିଥିଲେ। ଚାମ୍ପିୟନ୍ ହରିୟାଣା ଦଳକୁ ବିଜେତା ଟ୍ରଫି ସହ ୨୫ ହଜାର ଟଙ୍କା, ରନର୍ସ ଅପ୍ ନାଗପୁରକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶାକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।




ଅତିଥିମାନଙ୍କ ସହ କୃତୀ ଖେଳାଳି।

# ଜଙ୍ଗଲ ନିଆଁ ନିରୋଧ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

## ରାଉରକେଲା ବନଖଣ୍ଡ

ରାଉରକେଲା,୨।୩(ସଙ୍ଗୀତା ଜେନା)



ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ସୂଚନା ପ୍ରଦାନ କରାଯାଉଛି।

ଜିଲାର ୩୩ ପ୍ରତିଶତ ସବୁଜ ବନାନୀରେ ପରିପୂର୍ଣ୍ଣ ରାଉରକେଲା ବନଖଣ୍ଡ ୯୪୦.୨୩ ବର୍ଗ କିମିରେ ପରିବ୍ୟାପ୍ତ ରହିଛି। ଏହା ଅଧୀନରେ ଥିବା ବିଶ୍ରା, ପାନପୋଷ, ବାଙ୍କୀ, କୁଆଁରମୁଣ୍ଡା, ବିରମିତ୍ରପୁର, ରାଜଗାଙ୍ଗପୁରର ୨୦ଟି ବନପାଳ କ୍ଷେତ୍ରରେ ୬୧ଟି ବନରକ୍ଷୀ ବିଟ୍ ରହିଛି। ସମ୍ପୃକ୍ତ ବନଖଣ୍ଡ ଜଙ୍ଗଲମାନଙ୍କରେ ଶୀତଋତୁ ଶେଷ ଭାଗରେ ନିଆଁ ଲାଗୁଛି। ଏହା ଅଧିକାଂଶ ମନୁଷ୍ୟକୃତ। ଏହାଦ୍ୱାରା ସଂରକ୍ଷିତ ପଶୁପକ୍ଷୀମାନଙ୍କ ଆବାସସ୍ଥଳୀ, ଅଣ୍ଡା, ସରୀସୃପ, ନୂତନ ଭାବେ ଅଙ୍କୁରିତ ଗୁଳ୍ମ, ବୃକ୍ଷରାଜି ନଷ୍ଟ ହେଉଛି। ବନଖଣ୍ଡ ଅଧୀନ ୪୪ଟି ଫରେଷ୍ଟ ବ୍ଲକର ପ୍ରାୟ ୫୮ଟି ଗ୍ରାମର ଲୋକେ ବିଶେଷ ଭାବେ ବନଜାତ ଦ୍ରବ୍ୟ ଯଥା ମହୁଲ ଫୁଲ, ଫଳ, ଶାଳମଞ୍ଜି, କେନ୍ଦୁପତ୍ର ସଂଗ୍ରହ କରିଥାନ୍ତି। ପତ୍ରଝଡା ଋତୁରେ ଏଥିରେ ପ୍ରତିବନ୍ଧକ ହେଉଥିବାରୁ ସେମାନେ ଏଥିରେ ନିଆଁ ଲଗାଇଦେଇଥାନ୍ତି। ଏହି ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ବନଖଣ୍ଡ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା କରାଯାଇଛି। ଟୋଲ ଫ୍ରି ନଂରେ କଲ୍ ଗ୍ରହଣ କରିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନଖଣ୍ଡ କାର୍ଯ୍ୟାଳୟରେ ସୋମବାର ମଧ୍ୟାହ୍ନ ୧୨ଟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଏହା କହିଛନ୍ତି। ସେ ଆହୁରି କହିଥିଲେ, ଗତବର୍ଷ ୩୨୩ଟି ନିଆଁ ଲାଗିବା ମାମଲା ହସ୍ତଗତ ହୋଇଥିବାବେଳେ ଚଳିତବର୍ଷ ଅଗ୍ନି ନିରୋଧ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୂଚନା ମିଳିବା ପରେ ୧୮ଟି ବାଇକ, ୫୨ଟି ବାଇକ୍ ପାଟ୍ରୋଲିଂ, ୯ଟି ନିରୀକ୍ଷଣ କୋଠା, ୨୯ଟି ଫାୟାର ବେସ୍ କ୍ୟାମ୍ପ, ୫୯ଟି ଅଗ୍ନି ନିରୋଧ ଯନ୍ତ୍ରାଂଶ, ୮୭ ଜଣ ସ୍କ୍ୱାଡ୍, ୧୭୦ ଜଣ ବନ ସୁରକ୍ଷାକର୍ମୀ ବାହିନୀ, ୧୦୩ଜଣ ଗ୍ରାଉଣ୍ଡ କର୍ମଚାରୀ, ୫ଜଣ ବନାଞ୍ଚଳ ଅଧିକାରୀ, ୨ଜଣ ସଂରକ୍ଷକ ସହକାରୀ ବ୍ୟବସ୍ଥା କରାଯାଇଛି। ସେହିପରି ୧୫ଟି ସ୍ଥାନରେ ସଚେତନତାମୂଳକ ହୋର୍ଡିଂ, ୫ ହଜାର ପୋଷ୍ଟର ସହ ୫୦ଟି ପଥପ୍ରାନ୍ତ ନାଟକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜାନୁଆରୀ ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆକ୍ସନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୧୫ରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନ ଜୁନ୍ ୧୫ ପର୍ଯ୍ୟନ୍ତ କରାଯିବ। ବନଖଣ୍ଡକୁ ନିଆଁମୁକ୍ତ କରିବାକୁ ପ୍ରୟାସ କରାଯାଉଛି। ନିଆଁ ଲଗାଇବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ସେଠୀ କହିଥିଲେ।

# ସୁସ୍ଥ ହେଉଛି ଆଇଇଡି ବ୍ଲାଷ୍ଟରେ ଆହତ ଦନ୍ତା

ରାଉରକେଲା, ୨।୩(ସଙ୍ଗୀତା ଜେନା)

ଗତ କିଛିଦିନ ତଳେ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରେ ଆଇଇଡି ବ୍ଲାଷ୍ଟରେ ଏକ ଦନ୍ତା ହାତୀର ଗୋଡ କ୍ଷତି ହୋଇଥିବା ବେଳେ ତାକୁ ରାଉରକେଲା ବନଖଣ୍ଡ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଚିକିତ୍ସା କରୁଛନ୍ତି। ଫଳରେ ଉକ୍ତ ହାତୀଟି ସୁସ୍ଥ ହେଉଛି ବୋଲି ଜଣାପଡ଼ିଛି। ଏ ନେଇ ରାଉରକେଲା ବନଖଣ୍ଡ ଡିଏଫ୍‌ଓ ଯଶୋବନ୍ତ ସେଠୀ ସୂଚନା ଦେଇ କହିଛନ୍ତି, ବ୍ଲାଷ୍ଟରେ ହାତୀର ଏକ ଗୋଡରେ ଗୁରୁତର କ୍ଷତ ହୋଇଥିଲା। ସେ ୩ଟି ଗୋଡରେ ଧୀରେ ଧୀରେ ଚାଲୁଥିବା ବେଳେ କ୍ଷତିଗ୍ରସ୍ତ ଗୋଡର ସାହାରା ନେଉ ନ ଥିଲା। ସରଣ୍ଡା ଡିଏଫ୍‌ଓ ଅଭିନବ ଶର୍ମାଙ୍କ ସହଯୋଗରେ ବନତାରାର ସ୍ୱତନ୍ତ୍ର ଟିମ୍ ଉକ୍ତ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ହାତୀ ରାଉରକେଲା ବନାଞ୍ଚଳରେ ଚଳପ୍ରଚଳ ହେବା ଯୋଗୁ ତାକୁ ଏଠାରେ ଚିକିତ୍ସା କରାଯାଉଛି। ଉକ୍ତ ହାତୀ କଚାରୁ ଅଞ୍ଚଳରେ ରହିଛି। ଅତି ଦୁର୍ବଳ ଯୋଗୁ ଆହତ ହାତୀକୁ ଟ୍ରାଙ୍କୁଲାଇଜ କରାଯାଉନାହିଁ। ଜୀବନରକ୍ଷକ ଔଷଧ ଲାଉ, କଖାରୁ ଓ ତରଭୁଜରେ ମିଶ୍ରଣ କରି ଦିଆଯାଉଛି। ଦେବଗଡ ବନାଞ୍ଚଳର ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ହାତୀର ଚିକିତ୍ସା ପାଇଁ ଆସିବେ ବୋଲି ଡିଏଫ୍‌ଓ ସେଠୀ କହିଛନ୍ତି।

# ଲକ୍ଷ୍ମୀଙ୍କୁ ଲୋଡ଼ା ସରକାରୀ ସହାୟତା

ରାଉରକେଲା,୨।୩(ବିପ୍ଳବ ରଞ୍ଜନ ଦାଶ)

## ପରିବାର ପୋଷଣରେ ଅସମର୍ଥ

ରାଉରକେଲା ଗୋପବନ୍ଧୁପାଲ୍ଲୀ ୱାର୍ଡ ନଂ-୨ ତେଲିପଡାର ଲକ୍ଷ୍ମୀ କୁମାରୀ ସାହୁ। ପରିବାର କହିଲେ ତାଙ୍କ ବଡ ଝିଅ ମୁସ୍କାନ(୧୯), ପୁଅ ପରମବୀର(୧୩), ସାନଝିଅ ସ୍ମୃତି(୯) ଏବଂ ଶାଶୁ ଝାଳ(୭୩)। ସ୍ୱାମୀ ଶଙ୍କର ସାହୁ ୬ବର୍ଷ ତଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବା ପରେ ଲକ୍ଷ୍ମୀଙ୍କ ଉପରେ ପରିବାର ବୋଝ ପଡିଛି। ଅର୍ଥାଭାବରୁ ଲକ୍ଷ୍ମୀଙ୍କ ବଡ ଝିଅ ମୁସ୍କାନ ୧୦ଶ୍ରେଣୀରେ ପଢିପାରିଲେନାହିଁ। ରୋଗିଣା ଶାଶୁ ଓ ପୁଅ ପରମବୀରଙ୍କ ଔଷଧ ବାବଦକୁ ପ୍ରତି ମାସରେ ୩ହଜାର ଟଙ୍କା ଖର୍ଚ୍ଚ ହେଉଛି। ସାନଝିଅ ସ୍ମୃତି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟକୁ ଯାଉଛି। ଗୋଟିଏ ପଟେ ପରିବାର ଭରଣ ପୋଷଣ ଦାୟିତ୍ୱ ଅନ୍ୟପଟେ ଆର୍ଥିକ ଅନଟନ ଲକ୍ଷ୍ମୀଙ୍କ ଆଖିରୁ ନିଦ ହଜେଇ ଦେଇଛି। କିପରି ପିଲାଙ୍କୁ ଦୁଇ ଅକ୍ଷର ପାଠ ପଢାଇବେ ସେହି ଚିନ୍ତାରେ ଘାରି ହେଉଛନ୍ତି ଲକ୍ଷ୍ମୀ। ସରକାରୀ ଯୋଜନା ମୁତାବକ ଲକ୍ଷ୍ମୀ ଓ ତାଙ୍କ ଶାଶୁଙ୍କୁ ମାସିକ ଭତ୍ତା ଆକାରରେ ମିଳୁଛି ୧ହଜାର ଟଙ୍କା ଓ ୧୫ କିଲୋ ଚାଉଳ। ଏଥିରେ ପରିବାର ଚଳାଇବାରେ ସମସ୍ୟା ହେଉଥିବାରୁ ଲକ୍ଷ୍ମୀ ବସ୍ତିରେ ବୁଲି ବୁଲି ଜଳଖିଆ ବିକୁଛନ୍ତି। ପିଲାମାନେ ପାଠ ପଢିବାକୁ ଚାହୁଁଥିଲେ ମଧ୍ୟ ଅର୍ଥାଭାବ ଯୋଗୁ ପାଠ ପଢିବା ଆଗ୍ରହ ଚାପି ହୋଇଯାଉଛି। ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ତେଲିପଡା ବସ୍ତିବାସୀ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୁଏଲ ଟପ୍ପୋଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ପରିବାର ଲୋକଙ୍କ କାଗଜପତ୍ର ତଦାରଖ ହେବ। ଏହାପରେ କିଭଳି ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ଏବଂ ପିଲାମାନଙ୍କ ପାଠପଢା ହେବ ସେ ବିଷୟରେ ପଦକ୍ଷେପ ନିଆଯିବ ବୋଲି ଟପ୍ପୋ କହିଥିଲେ।



ଭଙ୍ଗାଦଦରା ଘର ଆଗରେ ଲକ୍ଷ୍ମୀ ଓ ପରିବାର ବର୍ଗ।

# ବାସ୍କେଟ ବଲ ଚାମ୍ପିୟନଶିପ୍: ଆର୍‌ଏସ୍‌ପି ଚାମ୍ପିୟନ

ରାଉରକେଲା,୨।୩(ବିପ୍ଳବ ରଞ୍ଜନ ଦାଶ)

ଷ୍ଟିଲ୍ ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ ଇଣ୍ଟର ଷ୍ଟିଲ୍ ବାସ୍କେଟ ବଲ୍ ଚାମ୍ପିୟନଶିପ୍ ୨୦୨୫-୨୬ରେ ଆର୍‌ଏସ୍‌ପିକୁ ବିଜେତା ଘୋଷଣା କରାଯାଇଛି। ଇଡି (ଏଚ୍‌ଆର) ତରୁଣ ମିଶ୍ର ସମାପନ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବି.କେ. ଜୋଜୋ, ସିଜିଏମ୍ (ଟିଇ ଏବଂ ଉଦ୍ୟାନ କୃଷି) ଏବଂ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମିଶ୍ର ବିଜେତାମାନଙ୍କୁ ଏବଂ ବିଭିନ୍ନ ଷ୍ଟିଲ୍ ପ୍ଲାଣ୍ଟର ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ଏପରି ଚାମ୍ପିୟନଶିପ୍ କେବଳ ଫିଟ୍‌ନେସ ଏବଂ ଶୃଙ୍ଖଳାର ସଂସ୍କୃତିକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଇସ୍ପାତ ଭାଇଚାରାର ସୌହାର୍ଦ୍ଦ୍ୟ ଏବଂ ଏକତାକୁ ମଧ୍ୟ ସୁଦୃଢ଼ କରେ।



ଅତିଥିମାନଙ୍କ ସହ ବିଜେତା ଦଳ।

ଏକ ସ୍ପନ୍ଦନଶୀଳ ମହାସମାବେଶରେ ଆର୍‌ଏସ୍‌ପି ୮୩-୭୨ ପଏଣ୍ଟର ପ୍ରଭାବଶାଳୀ ସ୍କୋର ସହିତ ଟାଟା ଷ୍ଟିଲକୁ ପରାଜିତ କରିଥିଲା। ସେମିଫାଇନାଲରେ ଏକ ରୋମାଞ୍ଚକର ମୁକାବିଲାରେ ଜେଏସ୍‌ଡବ୍ଲ୍ୟୁ ସହିତ ମୁହାଁମୁହିଁ ହେବା ପରେ ଆର୍‌ଏସ୍‌ପି ଫାଇନାଲରେ ପହଞ୍ଚିଥିଲା। ଯେତେବେଳେ କି ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ ଫାଇନାଲରେ ସ୍ଥାନ ପାଇବା ପାଇଁ ଟାଟା ଷ୍ଟିଲ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଉକ୍ତ ତିନି ଦିନିଆ ଚାମ୍ପିୟନଶିପ୍ ଫେବୃଆରୀ ୨୮ରେ ସମାପନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଆର୍‌ଏସ୍‌ପି ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଇଶକୋ ଷ୍ଟିଲ୍ ପ୍ଲାଣ୍ଟ, ଟାଟା ଷ୍ଟିଲ୍, ଓଜେଏସ୍‌ଡବ୍ଲ୍ୟୁ ପ୍ରତିନିଧିତ୍ୱ କରିଥିଲେ। ସମାପନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଆର୍. ଏନ୍. ପାଢୀ ଓ ଡେପୁଟି ମ୍ୟାନେଜର (କ୍ରୀଡା)। ସହାୟକ ପରିଚାଳକ (କ୍ରୀଡା) ବୁଧୁ ସିଂ ଟୁର୍ଣ୍ଣାମେଣ୍ଟ ସଂଯୋଜନା କରିଥିଲେ।

# 'ପାରମ୍ପରିକ ଖାଦ୍ୟ ଆମର ସମୃଦ୍ଧ ପରିଚୟ'

## ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

**ବଲାଙ୍ଗୀର, ୨।୩(ବୀରେନ୍ଦ୍ର କୁମାର ଝାଙ୍କର)**



ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଅତିଥି ଓ ଅଧକ୍ଷ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ବଲାଙ୍ଗୀରସ୍ଥିତ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ (ଏସ୍ଆଇଏଚ୍ଏମ୍)ର ବାର୍ଷିକ ଉତ୍ସବ ମହାଆଡ଼ମ୍ବର ସହକାରେ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନ ଅଧକ୍ଷ ସୁରେଶ କୁମାର ଏକ୍‌ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ସୁଧାଂଶୁ ଶେଖର ପଟ୍ଟନାୟକ ଯୋଗ ଦେଇଥିଲେ। ସଭାରେ ପ୍ରତିଷ୍ଠାନର ଛାତ୍ର ପ୍ରତିନିଧି ରାଗିଣୀ ପଟେଲ ମଞ୍ଚାସୀନ ଥିଲେ। ଅତିଥି ପ୍ରଫେସର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଆମର ପାରମ୍ପରିକ ଖାଦ୍ୟ ଆମର ସମୃଦ୍ଧ ପରିଚୟ ବୋଲି କହିଥିଲେ। ଏଇ ପାରମ୍ପରିକ ଖାଦ୍ୟ ଏବେ ବ୍ୟବସାୟିକ ରୂପ ନେଇ ଦେଶ ବିଦେଶରେ ଲୋକପ୍ରିୟତା ହାସଲ କରୁଛି। ତେବେ ଏଇ ପାରମ୍ପରିକ ଖାଦ୍ୟ ସହ ଗୋଟିଏ ଅଞ୍ଚଳର ସାଂସ୍କୃତିକ, ସାମାଜିକ ଏବଂ ଭାବଗତ ଜୀବନ ଶୈଳୀ ଓ ପରିଚୟ ଯୋଡି ହୋଇ ରହିଥାଏ। ସମ୍ପ୍ରତି ଲୋକପ୍ରିୟତା ହାସଲ କରିଥିବା ଆମ ଅଞ୍ଚଳର ଏକ ଚର୍ଚ୍ଚିତ ଖାଦ୍ୟ 'ବାଉଁଶ ପୋଡା' ସହ ଏକ ନିର୍ଦ୍ଦିଷ୍ଟ ଶିକାରୀ ଏବଂ ବନବାସୀ ଗୋଷ୍ଠୀର ଚମତ୍କାର ଜୀବନଶୈଳୀ ଯୋଡି ହୋଇରହିଛି। ଏହି ଖାଦ୍ୟ ଏବେ ଦେଶ ବିଦେଶରେ ଲୋକପ୍ରିୟତା ହାସଲ କରିଛି। ଯେଉଁମାନେ ଏହାକୁ ପ୍ରଥମେ ପ୍ରସ୍ତୁତ କଲେ ଏବଂ ପ୍ରସାରିତ କଲେ ସେମାନଙ୍କ ବିଷୟରେ ଦେଶ ବିଦେଶର ଲୋକେ ଜାଣିବା ଉଚିତ୍। ଏହାହେଲେ ଆମ ସାଂସ୍କୃତିକ ଏବଂ ସାମାଜିକ ଜୀବନ କେତେ ସମୃଦ୍ଧ ତାହା ବିଶ୍ୱବାସୀ ଜାଣିପାରିବେ। ଏହି ପ୍ରତିଷ୍ଠାନର ଅଧାପକ ଏବଂ ଛାତ୍ରୀଛାତ୍ରମାନେ ଏଦିଗରେ ବିଶେଷ ଭାବେ ଉଦ୍ୟମ କରିବା ଉଚିତ୍ ବୋଲି ପ୍ରଫେସର ପଟ୍ଟନାୟକ କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରତିଷ୍ଠାନ ଅଧକ୍ଷ ଡ. ଏକ୍‌ନାଥ ବଲାଙ୍ଗୀର ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ଗତ ୨୨ ବର୍ଷ ଧରି କିଭଳି ସଫଳତା ଲାଭ କରିଛି କହିଥିଲେ। ସଭାକୁ ମଧୁସ୍ମିତା ସାହୁ ଓ ସତ୍ୟବ୍ରତ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର କେ. ରବି କୁମାରଙ୍କୁ 'ଏମ୍ପ୍ଲୋଇ ଅଫ୍ ଦି ଇୟର' ଭାବେ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାନର ସଞ୍ଜୀବ ସାହୁଙ୍କୁ ଶ୍ରେଷ୍ଠ ଆକାଉଣ୍ଟାଣ୍ଟ ଓ କଳ୍ପନା ଜେନାଙ୍କୁ ଶ୍ରେଷ୍ଠ ପ୍ଲେସମେଣ୍ଟ ଡିପାର୍ଟମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚଳିତ ମାସର ଶ୍ରେଷ୍ଠ ଷ୍ଟାଫ୍ ଭାବେ ତୁକାରାମ ମହାକୁର, ଦିନେଶ ଗଡସରି, ଦିଲି ଗୌଡ, ହେମନ୍ତ ପଣ୍ଡା, ମିତ୍ରଭାନୁ ସାହୁ, ବିକ୍ରମ ଖାଡିଆ, ସୁଶାନ୍ତ ନନ୍ଦ, ସନ୍ତୋଷ ପଧାନ, ରାଜେଶ ନାଗଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ବିଭାଗୀୟ ପୁରସ୍କାର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସଭା ପରେ ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୩ ମହିଳା ସମେତ ୧୧ ଗିରଫ



ଆଗଲପୁର ପୋଲିସକୁ ଆକ୍ରମଣ ଘଟଣାରେ ଗିରଫ ବ୍ୟକ୍ତିମାନେ।

## ଆଗଲପୁରରେ ପୋଲିସକୁ ଆକ୍ରମଣ ମାମଲା

**ଲୋଇସିଂହା, ୨।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ଆଗଲପୁର ଘସିଆପଡାରେ ରବିବାର ଏକ ପାରିବାରିକ ଘଟଣାକୁ ନେଇ ତୁମୁଳକାଣ୍ଡ ଘଟି ଯାଇଛି। ଖବରପାଇ ପୋଲିସ ଘସିଆପଡା ବସ୍ତିରେ ପହଞ୍ଚିବାରୁ ବସ୍ତି ଲୋକେ ପୋଲିସକୁ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିଲେ। ଏଥିରେ ଲୋଇସିଂହା ଥାନାର ଜଣେ ଏଏସ୍ଆଇ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତିହୋଇ ଚିକିତ୍ସିତ ହେଉଛନ୍ତି। ଏହି ମାମଲାରେ ଆଗଲପୁର ପୋଲିସ ନିଜ ତରଫରୁ ଏକ ମାମଲା ରୁଜୁ କରି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ପୋଲିସକୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାରେ ବସ୍ତିର ୩ ମହିଳଙ୍କ ସମେତ ୧୧ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉମେଶ ଭରାସାଗର(୩୫), ବିକାଶ ଭରାସାଗର(୩୦), ରମେଶ ଭରାସାଗର(୩୬), ଆକାଶ ଭରାସାଗର(୩), ଶରଣ ମାଝି(୩୬), ମନୋଜ ବନଛୋର(୨୩), ପ୍ରକାଶ ଭରାସାଗର(୩୧), ଅନନ୍ତ ଭରାସାଗର(୫୦), ରୀନା ମାଝି(୩୦),ଅମିତ୍ରା ଭରାସାଗର(୫୫) ଓ ବିନୋଦିନୀ ଗଣ୍ଡା(୪୮)। ଏମାନଙ୍କ ବିରୋଧରେ ଥାନା କେସ(ନଂ. ୩୧।୨୬)ରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨), ୨୯୬, ୧୧୫(୨), ୧୧୭(୨), ୧୦୯(୧), ୧୯୦, ୧୯୧(୨), ୧୯୧(୩), ୧୨୧, ୧୩୨, ୬୧(୨), ୩୫୧(୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ଆଗଲପୁର ଘାସିଆପଡା ବସ୍ତିର ଏକ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡା ଯୋଗୁ ଅତିଷ୍ଠ ମହିଳା ଜଣକ ୧୧୨ ନଂକୁ କଲ କରି ପୋଲିସ ସହାୟତା ମାଗିଥିଲେ। ୧୧୨ରୁ ସୂଚନା ପାଇଁ ଆଗଲପୁର ଥାନାର ଏସଆଇ ସୁଚିସ୍ମିତା ଜେନା ଏବଂ ଷ୍ଟାପ ଉକ୍ତ ବସ୍ତିକୁ ଯାଇଥିଲେ । ବସ୍ତି ଲୋକେ ପୋଲିସକୁ ଦେଖି ପ୍ରତିକ୍ରିୟା ପ୍ରକାଶ କରିଥିଲେ । ମହିଳା ଏସଆଇଙ୍କୁ ଦୁର୍ବ୍ୟବହାର କରିବା ସହିତ ଜଣେ ପୋଲିସ କର୍ମଚାରୀଙ୍କ ବର୍ଦ୍ଦିକୁ ଟଣାଓଟରା କରିଥିଲେ। ବସ୍ତି ଲୋକଙ୍କୁ ସାମନା କରି ନ ପାରି ଆଗଲପୁର ପୋଲିସ ଫେରିଆସିଥିଲେ। ଦାୟିତ୍ୱରେ ଥିବା ଲୋଇସିଂହା ଥାନା ଆଇଆଇସିଙ୍କ ନିର୍ଦ୍ଦେଶରେ ରବିବାର ସନ୍ଧ୍ୟାରେ ଆଗଲପୁର ଓ ଲୋଇସିଂହା ପୋଲିସ ପୁଣି ବସ୍ତି ଉପରେ ଚଢାଉ କରିଥିଲେ। ପୋଲିସକୁ ଦେଖି ବସ୍ତିର ଲୋକେ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସଂଘବଦ୍ଧ ଆକ୍ରମଣରେ ଲୋଇସିଂହା ଥାନାର ଏଏସଆଇ ଜୀବନାନନ୍ଦ ବେହେରା ଗୁରୁତର ହୋଇ ପଡିଛନ୍ତି। ତାଙ୍କ ମୁଣ୍ଡରେ ମାଡ ପଡିଥିବାରୁ ଗଭୀର ଆଘାତ ଲାଗିଛି । ଏବେ ବି ସେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ପୋଲିସ ସୂତ୍ରରୁ ପ୍ରକାଶ । ସୂଚନା ଯୋଗ୍ୟ, ଗିରଫ ଗୋଷ୍ଠୀ ମଧ୍ୟରୁ କେତେକ କିଛିଦିନ ତଳେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେହି ବ୍ୟକ୍ତି ଜଣକ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଠିକ ଏହାର କିଛିବର୍ଷ ପୂର୍ବେ ଆଗଲପୁର ତହସିଲର ରାଜସ୍ୱ ଅଧିକାରୀଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଏହି ଗୋଷ୍ଠୀ ଅନେକ ସମୟରେ ଆଗଲପୁରରେ ଆତଙ୍କ ଖେଳାଇଥିଲେ ସୁଦ୍ଧା ପୋଲିସ ଗିରଫ କରିବାରେ ବିଫଳ ହୋଇଥିଲା।

# ଯାଦବ ସମାଜର ଦୋଳ ଉତ୍ସବରେ ଯୋଗଦେଲେ ନରସିଂହ

**ବଲାଙ୍ଗୀର, ୨।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୌରାଞ୍ଚଳ ଯାଦବ ମହାସଭା ପକ୍ଷରୁ ଆୟୋଜିତ ୩୦ ତମ ଦୋଳ ମହୋତ୍ସବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇଥିଲେ। ଦୋଳ ମହୋତ୍ସବ କେବଳ ବଲାଙ୍ଗୀରରେ ନୁହେଁ ସମଗ୍ର ଦେଶରେ ସମସ୍ତ ଜାତି, ଧର୍ମ, ବର୍ଣ୍ଣର ଲୋକଙ୍କୁ ଏକତ୍ରିତ କରି ଏକତାର ବାର୍ତ୍ତା ଦେଉଛି ବୋଲି ମିଶ୍ର କହିଥିଲେ। ଏହି ଉତ୍ସବ ଅବସରରେ ସମଗ୍ର ଯାଦବ ସମାଜ ସମେତ ବଲାଙ୍ଗୀର ଜିଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଯାଦବ ସମାଜ କାର୍ଯ୍ୟାଳୟରେ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦୋଳରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଏହି ମହୋତ୍ସବରେ ମୁଖ୍ୟକର୍ତ୍ତା ଭାବରେ ଯୁବ ଯାଦବ ରାଧାରମଣ ବଗର୍ତ୍ତି ଓ ତାଙ୍କ ସ୍ତ୍ରୀ ସୁଷମା ବଗର୍ତ୍ତି ଦାୟିତ୍ୱ ବହନ କରିଥିଲେ। ପୌରାଞ୍ଚଳ ଯୁବ ଯାଦବ ସଭାପତି ସନ୍ଦୀପ ବାଗଙ୍କ ନେତୃତ୍ୱରେ ଆୟୋଜିତ ଦୋଳ ମହୋତ୍ସବରେ ଖୁସିରାମ ଦୀପ, ପ୍ରଦୀପ କୁମାର ଦାଶ, ପିଣ୍ଟୁ ମହାକୁର, ଭବାନୀ ଦୀପ, ତ୍ରିନାଥ ଚନ୍ଦନ, ପ୍ରଫୁଲ୍ଲ ପୋଡ, ସମ୍ପାଦକ ପ୍ରଶାନ୍ତ ଷାଣ୍ଢେ, ଉପଦେଷ୍ଟା ସତ୍ୟନାରାୟଣ ବାଗ, ମହେନ୍ଦ୍ର ବାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଯାଦବ ସମାଜ କର୍ମକର୍ତ୍ତାଙ୍କ ଗହଣରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର।

# ମା' ବୁଢ଼ିଆଇ ଫୁଟ୍‌ବଲ: ତୁଷୁରା ଚାମ୍ପିୟନ





ଦେଓଗାଁ ଚନ୍ଦ୍ରପୁର ନିକଟସ୍ଥ ଖେଳପଡିଆରେ ଫୁଟ୍‌ବଲ ଫାଇନାଲ ଅବସରରେ ଚାମ୍ପିୟନଦଳକୁ ପୁରସ୍କୃତ କରାଯାଉଛି।

**ଦେଓଗାଁ, ୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ବ୍ଲକଖେଳପଡିଆରେ ଚନ୍ଦ୍ରପୁର ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ମା' ବୁଢ଼ିଆଇ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ତୁଷୁରା ଓ କନ୍ଧେନବାହାଲି ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ତୁଷୁରା ଦଳ ଟ୍ରାଇବ୍ରେକର ଜରିଆରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଖେଳକୁ ରାଜଦଣ୍ଡସେନା, ଚୂଡାମଣୀ ଗହୀର ଓ ପ୍ରଦୀପ ଚନ୍ଦନ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ପ୍ରଦୀପ କୁମାର ଛତ୍ରିଆ, ସୁଧାଂଶୁ ଭୂଷଣ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନରଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ଅନିଳ ନନ୍ଦ, ଓଙ୍କାର ନାଗ, ସନିଦେବାଲ ନାଗ, ରାଜା ଭୋଇ, ଫକିର ଭୂଏ, ସୁମିତ ଭୋଇ, ବଳରାମ ଜୁଏଡ, ଆଶିଷ ସୁନା, ସୋହମ ସୁନା, ଲିପୁନ ମଲ୍ଲିକ, ସୁଶାନ୍ତ ବାଗ, ବବୁଲ ଷାଣ୍ଡ ତଥା ଅନ୍ୟମାନେ ସହଯୋଗ କରିଥିଲେ।

# ଭାଜପାର ବ୍ଲକସ୍ତରୀୟ କର୍ମକର୍ତ୍ତା ସମାବେଶ

**ଖପ୍ରାଖୋଲ, ୨।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ଲିଚୁ ବଗିଚା ଠାରେ ଭାଜପାର ବ୍ଲକ ସ୍ତରୀୟ ବିଶାଳ କର୍ମକର୍ତ୍ତା ସମାବେଶ ସୋମବାର ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଶକ୍ତି ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଶ୍ରୀବସ୍ତ ବେହେରା, କୃଷକ ମୋର୍ଚ୍ଚା ଜିଲା ସଭାପତି ମାଧବ ସାଏ, ଜିଲା ସାଧାରଣ ସମ୍ପାଦକ କୁନୁ ମୁଣ୍ଡା, ଉପ ସଭାପତି ଦେବକାନ୍ତ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପ୍ରବୋଧାନନ୍ଦ ପାଣିଗ୍ରାହୀ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଥିଲେ। ପରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।ପଡ଼ିଆବାହାଲ ସରପଞ୍ଚ ଦେବରାଜ ପଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀଙ୍କୁ ଦଳୀୟ ଟୋପି, ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ପ୍ରଶାନ୍ତ କୁମାର ମେହେର, ମୁନା ଦରୁଆନ, ଉପେନ୍ଦ୍ର ଭୋଇ, ପ୍ରବୀଣ ଅଗ୍ରୱାଲ, ଶଶି ପୂଝାରୀ, ଦଶରଥ ପାଣଗ୍ରାହୀ, ସତ୍ୟାନନ୍ଦ ସେନ୍ଦ୍ରିଆ, ଦେବାଶିଷ ସାହୁ, ରବି ସାହୁ, ଦମୟନ୍ତୀ ବାରହାଙ୍କ ସମେତ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ଜିଲାରେ କୃଷି ମହାବିଦ୍ୟାଳୟ, ଟେକ୍ସଟାଇଲ ମିଲ୍ ହେବ

**ବେଲପଡ଼ା, ୨।୩(ମନୋଜ କୁମାର ମିଶ୍ର)**





ଭାଜପାର କର୍ମୀ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

## ବେଲପଡ଼ା ବ୍ଲକ ନୁନହାଡ଼ ଗ୍ରାମପଞ୍ଚାୟତ ଡୁଙ୍ଗୁରିପାଲି ଗ୍ରାମରେ ଭାଜପାର କର୍ମୀ ସମ୍ମିଳନୀ

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ନୁନହାଡ଼ ଗ୍ରାପ ଡୁଙ୍ଗୁରିପାଲି ଗ୍ରାମର ଆମ୍ବ ବାଗାନଠାରେ ବେଲପଡା ବ୍ଲକ ଭାଜପାର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତିନିଧି କୁନୁ ମୁଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବରେ ଜିଲା ଭାଜପା ସଭାପତି ଶ୍ରୀବସ୍ତ ବେହେରା, ବିଧାୟକ ପ୍ରତିନିଧି ତନ୍ମୟ ଦାସ, ଜିଲା ପରିଷଦ ସଭ୍ୟ ଅନିମା ଦାସ, ଶଙ୍କ ମିର୍ଦ୍ଧା, ଜିଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ମଣ୍ଡଳ ଜୋନ ସଭାପତି ତିରୁପତି ବର୍ଗେ, ଅନୁପ ବଗର୍ତ୍ତି, ଜିତେନ୍ଦ୍ର ପାଣିଗ୍ରାହୀ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିକ୍ରମ ଦେବ ତାଣ୍ଡି ପ୍ରମୁଖ ମଞ୍ଚାସୀନ ରହିଥିଲେ। ସମ୍ମିଳନୀରେ ବ୍ଲକର ୩ ଜୋନର ୧୧୦ ବୁଥରୁ ସହସ୍ରାଧିକ କର୍ମୀଙ୍କ ସମେତ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଭାଜପା ଜିଲା ସଭାପତି ବେହେରା ଭାଜପା ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ବୁଝାଇବା ସହ ସରକାରଙ୍କ ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ କାମ କରିବାକୁ ଆହ୍ୱାନ କରିଥିଲେ। କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ ଭାଜପା ନିର୍ବାଚନୀ ଇସ୍ତାହାରରେ ଥିବା ପ୍ରତିଶ୍ରୁତିକୁ ପୂରଣ କରିଥିବାବେଳେ ଧାନର ସହାୟକ ମୂଲ୍ୟରେ ବୃଦ୍ଧିକରି ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ହୋଇଥିବା କହିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ସରକାର ଧାନଚାଷ ଉପରେ ଗୁରୁତ୍ୱାରୋପ କରି ଚାଷୀ କିପରି ଅଧିକ ଉପାର୍ଜନ କରି ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ହୋଇପାରିବ କହିଥିଲେ। ସେଥିପାଇଁ ଡାଲି ଜାତୀୟ ଫସଲ ମକା, ବାଜରା, ମାଣ୍ଡିଆ ତଥା ଗାଈ, ଛେଳି, କୁକୁଡ଼ା, ମାଛ ଚାଷକରି ସରକାରୀ ରିହାତି ରହିଥିବା ଓ ବିଦ୍ୟୁତ୍ ବ୍ୟବହାର ପାଇଁ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସରକାରଙ୍କ ମହତ ଯୋଜନାକୁ ଜନସାଧାରଣଙ୍କ ନିକଟକୁ ପହଞ୍ଚାଇବା ପାଇଁ କହିଥିଲେ। ବେଲପଡା ବ୍ଲକ ଧୁମାଭଟା, ବେଲପଡ଼ାରେ ମିନିଷ୍ଟାଡ଼ିୟମ ପାଇଁ ପ୍ରାୟ ୩ କୋଟି ଓ କଲ୍ୟାଣ ମଣ୍ଡପ, ତ୍ରିଶୂଳ ବନ୍ଧର ଉନ୍ନତିକରଣ, ବ୍ଲକର ସଲଣ୍ଡି ଓ ସରମୁହାନରେ ୨ ଚ୍ୟାକ ଡେମ ନିର୍ମାଣ ଓ ବେଲପଡା ସହରରେ ଅପରାଧକୁ ରୋକିବା ପାଇଁ ଉନ୍ନତମାନର ସିସି କ୍ୟାମେରା ମାର୍ଚ୍ଚ ଶେଷ ସୁଦ୍ଧା ହେବ ବୋଲି କହିଥିଲେ। ଜିଲାରେ କୃଷି ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ଟେକ୍ସଟାଇଲ ମିଲ ହେବ ବୋଲି ସିଂଦେଓ ତାଙ୍କ ବକ୍ତବ୍ୟ ରଖିଥିଲେ। ଶେଷରେ ଭାଜପା କର୍ମୀ ପାମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଭାଜପାର ପୂର୍ବତନ ସାଂସଦ ପ୍ରତିନିଧି ପ୍ରଶାନ୍ତ ଦାସ, ଅଶୋକ ମେହେର, ତେଜରାଜ ବେହେରା,ଦିନେଶ ଖମାରୀ, ଦାମ ଖମାରୀ, ବିଭୂତି ନାୟକ, ସୋଭକର ମେହେର, ହେମନ୍ତ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହିଥିଲେ।

# ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ବିଜ୍ଞାନ ପ୍ରଦର୍ଶନୀ

**ବଲାଙ୍ଗୀର, ୨।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ପଲ୍ଲୀଶ୍ରୀ ବିହାର ପରିସରରେ ସାଇଟ ନର୍ସିଂ କଲେଜ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଗତ ୨୮ ରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ୩ଦିନ ବ୍ୟାପି ଜିଏନଏମ୍, ବିଏସ୍‌ସି ନର୍ସିଂ ଓ ଏମ୍‌ଏସ୍‌ସି ନର୍ସିଂର ଛାତ୍ରୀଛାତ୍ର ତାଙ୍କର ପ୍ରୋଜେକ୍ଟ ଗୁଡିକ ପ୍ରଦର୍ଶନୀରେ ସ୍ଥାନିତ କରିଥିଲେ। ମୋଟ ୫୦ଟି ପ୍ରୋଜେକ୍ଟରୁ ହାର୍ଟଫେଲରୁ ବଞ୍ଚିବା ଉପାୟ (ସିପିଆର) ଶ୍ରେଷ୍ଠ ପ୍ରୋଜେକ୍ଟ ହୋଇଥିବା ବେଳେ ମା' କ୍ଷୀର ପିଆଇବା ପ୍ରଣାଳୀ ମଧ ଉଚ୍ଚ କୋଟିର ହୋଇଥିଲା। ସୋମବାର ଉଦ୍‌ଯାପନୀ ଉତ୍ସବରେ ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟଅତିଥି ଓ ସାଇଟ୍ ଇଞ୍ଜିନିୟରିଂ କଲେଜ ପ୍ରିନ୍‌ସିପାଲ ନମିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସାଇଟ୍ ନର୍ସିଂ କଲେଜର ପ୍ରିନ୍‌ସିପାଲ ପ୍ରଫେସର ସ୍ନିଗଧାମିନତି ଦାନୀ ସମାଜକୁ ବିଜ୍ଞାନର ଅବଦାନ ବିଷୟରେ କହିଥିଲେ। ଭାଇସ୍ ପ୍ରିନ୍‌ସିପାଲ ଲୋପାମୁଦ୍ରା ମିଶ୍ର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ପ୍ରକଳ୍ପ ଉପରେ କହିଥିଲେ। ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ସ୍ମୃତିପର୍ଣ୍ଣା ହଂସ, ପ୍ରଜ୍ଞାରାଣୀ ମହାନନ୍ଦ, ଶ୍ୱେତାରାଣୀ ବାରିକ, ପୁନମ ମହାନନ୍ଦ, ସୁରଜ ପଧାନ, ଗଗନ ସାମନ୍ତ, ନୃପରାଜ ଭୋଇ ଓ ଅଲିଭା ସୋନାଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ନାରାୟଣ ପ୍ରସାଦ ମିଶ୍ର ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଥିଲେ। ଶେଷରେ ସୁଶ୍ରୀ ଆଇଟିଆଇ ପ୍ରିନ୍‌ସିପାଲ ସନ୍ତୋଷ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।





ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

# ସୂଚନା ଫଳକରେ ସୀମିତ ଅମୃତ ସରୋବର

**ଲୋଇସିଂହା, ୨।୩(ସୁଶାନ୍ତ ବାରିକ)**

- ପୋଖରୀ ପୁନରୁଦ୍ଧାର କାର୍ଯ୍ୟକୁ ଚାହିଁ ରହିଛନ୍ତି ଗ୍ରାମବାସୀ
- ମନ୍ତ୍ରୀଙ୍କ ପଦକ୍ଷେପକୁ ଅପେକ୍ଷା



ବଲାଙ୍ଗୀର ଜିଲା ଲୋଇସିଂହା ନବ ଗଠିତ ଏନଏସି ଅଧୀନ ବୁର୍ଡା ବସ୍ତିର ଟେଁଡି ବନ୍ଧର(ପୋଖରୀ)ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇପଡିଛି । ପୋଖରୀ ପାଣି ବ୍ୟବହରା ଅନୁପଯୋଗୀ ହୋଇପଡିଛି । କିନ୍ତୁ ବୁର୍ଡା ବସ୍ତିର ଶହଶହ ଲୋକେ ସ୍ନାନ କରୁଥିବା ଦେଖିବାକୁ ମିଳିଛି। ଏହି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ପାଇଁ ପୋଖରୀ ହୁଡାରେ ଅମୃତ ସରୋବର ଏକ ସୂଚନା ଫଳକ ଲାଗିଛି । ଇତି ମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ସୁଦ୍ଧା ପୁନରୁଦ୍ଧାର କାର୍ଯ୍ୟ ହୋଇପାରିନାହିଁ। ଲୋଇସିଂହା ଏନ୍‌ଏସି କାର୍ଯ୍ୟକ୍ଷମ ହେବାପରେ ପଞ୍ଚାୟତର କ୍ଷମତାଚ୍ୟୁତ କରାଯାଇଛି। ଏଣୁ ସୂଚନା ଫଳକରେ ସୀମିତ ଅମୃତ ସରୋବର ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।

ସୂଚନାରୁ ପ୍ରକାଶ ଯେ, ବୁର୍ଡା ଟେଁଡି ବନ୍ଧ (ପୋଖରୀର) ପରିସୀମା ପ୍ରାୟ ୧୨ ଏକର ହେବ। ୨୦୧୧ ମସିହାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ପୋଖରୀ ଶୁଖିଲା ପଡିଥିଲା। ପଟୁ ମାଟି ପୁନରୁଦ୍ଧାର ପାଇଁ ଅନୁକୂଳ ରହିଥିଲା। ହେଲେ ପର୍ଯ୍ୟାପ୍ତ ଅନୁଦାନ ନ ମିଳିବାରୁ ଧର୍ମକୁ ଆଖିଠାର ଭାବେ ସେତେବେଳେ ମାଟି କାମ କରାଯାଇଥିଲା। ଏହା ପରଠାରୁ ପୋଖରୀର ରକ୍ଷଣାବେକ୍ଷଣ ବା ପୁନରୁଦ୍ଧାର କାର୍ଯ୍ୟ ହୋଇପାରି ନାହିଁ। ପୋଖରୀରେ ପଟୁମାଟି ପୋତି ହୋଇପଡିଛି। ବର୍ଷା ଦିନରେ ବର୍ଷାପାଣି ପୋଖରୀକୁ ପଶୁଥିବାବେଳେ ନିଷ୍କାସନ ପଥନାହିଁ। ଏଣୁ ପୋଖରୀରେ ବର୍ଷବର୍ଷ ଧରି ପାଣି ଜମି ରହିବା କାରଣରୁ ପାଣି ପ୍ରଦୂଷିତ ହୋଇପଡିଛି। ପୋଖରୀର ପାଣି ନିଳିଆ ସହିତ ବହଳିଆ ହୋଇ ପଡି ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏହାସତ୍ତ୍ୱେ ଗ୍ରାମର ଶହଶହ ଲୋକ ସ୍ନାନ ଓ ଦୈନନ୍ଦିନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଫଳରେ ବ୍ୟବହାରକାରୀଙ୍କ ଦେହ କୁଣ୍ଡାଇ ହେବା ସହିତ ବିଭିନ୍ନ ଚର୍ମ ରୋଗର ଶିକାର ହେଉଛନ୍ତି। ଏପରିକି ଦୂଷିତ ପାଣି ଯୋଗୁ ଅନେକ ସମୟରେ ଡାଇରିଆ ଭଳି ପରିସ୍ଥିତି ଗ୍ରାମରେ ଉପଜୁଥିବା ଗ୍ରାମବାସୀ କହିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଉକ୍ତ ପୋଖରୀକୁ ଅମୃତ ସରୋବର ପ୍ରକଳ୍ପରେ କାମ କରିବାକୁ ବୃତାନ୍ତ ହୋଇଥିଲା। ପୋଖରୀ ହୁଡାର ତଳିପଡା ପୁରୁଷଘାଟ ଏବଂ ମଧ୍ୟମପଡା ମହିଳାଘାଟ ମଝି ଏନେଇ ଏକ ସୂଚନା ଫଳକ ଲଗାଯାଇଥିଲା । ସେହି ସୂଚନା ଫଳକ ଏବେ ମଧ୍ୟ ରହିଛି। ୪ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଶ୍ରମିକ କାମ ଏବଂ ୫ ଲକ୍ଷ ୮୬ରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଅଂଶ କାମ ରହିଥିବା ଉକ୍ତ ସୂଚନା ଫଳକରେ ଦର୍ଶାଯାଇଛି। ସୂଚନା ଫଳକ ଲାଗିବାର ୪ଟି ଆର୍ଥିକ ବର୍ଷ ଗଡି ଯାଇଥିଲେ ସୁଦ୍ଧା ଆଦୌ କାମ ଆରମ୍ଭ ହୋଇପାରିନାହିଁ। ଏଣୁ ଜାନୁଆରୀ ୨୪ରେ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଗାଁରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଗ୍ରାମ୍ୟ କମିଟି ତରଫରୁ ଅବହେଳିତ ପୋଖରୀ ଏବଂ ଉପୁଜୁଥିବା ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରାଯିବା ସହିତ ମାଟି ପୁନରୁଦ୍ଧାର ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗକୁ ଏନଏସି ନିର୍ବାଚନ ରହିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ କଣ ପଦକ୍ଷେପ ନେଉଛନ୍ତି, ତାହା ଚାହିଁରହିଛନ୍ତି ଗ୍ରାମବାସୀ। ଏସମ୍ପର୍କରେ ସରପଞ୍ଚ ସୁଦୀପ କୁମାର ସା କହନ୍ତି, ଅମୃତ ସରୋବରେ ମାଟି ପୁନରୁଦ୍ଧାର କାମ ହେବ ନାହିଁ। କେବଳ ସାମଗ୍ରୀ କାମ ରହିଛି। ପ୍ରାୟ ୪ ଶହ ମିଟର ଗାଡୱାଲ କରାଯାଇଛି। ପୋଖରୀ ପାଣି ଶୁଖୁ ନ ଥିବାରୁ କାମ ହୋଇପାରୁନାହିଁ। ଏଥିପାଇଁ ପର୍ଯ୍ୟାୟ କ୍ରମେ ମଧ୍ୟ ଅନୁଦାନ ଆସୁଥିବା କହିଥିଲେ।

# ଦେଶଫାଲ୍ ଲୋକକଳା ମହୋତ୍ସବ ଉଦ୍‌ଯାପିତ



ଅତିଥିମାନେ ଦେଶଫାଲ ସ୍ମରଣିକାକୁ ଲୋକାର୍ପଣ କରୁଛନ୍ତି।

**ବୀରମହାରାଜପୁର,୨।୩ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଦେଶଫାଲ ପଡିଆରେ ଚାଲିଥିବା ଦେଶଫାଲ୍ ଲୋକକଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏମ୍‌ପି ନୋମିନୀ ସାନନ୍ଦ କୁମାର ମେହେର, ସୋନପୁର ସୁକାନ୍ତି ଇଣ୍ଟର ନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷା କମଳିନୀ ତ୍ରିପାଠୀ, ସୋନପୁରର ପୂର୍ବତନ କାଉନସିଲର ଚରଣ ନାଏକ ଅତିଥିଭାବେ ଯୋଗଦେଇଥିଲେ। ଦେଶଫାଲ ଲୋକକଳା ମହୋତ୍ସବ ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବୀ ତଥା ଦେଶଫାଲ ଲୋକକଳା ମହୋତ୍ସବ ଧର୍ମଶାଳାର ଆଇନ ଉପଦେଷ୍ଟା ବଳଦେବ ବେଦବାକ, ସମ୍ମାନିତ ଅତିଥି ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, କମିଟି ସମ୍ପାଦକ ଶ୍ରୀନିବାସ ଚାନ୍ଦ ଯୋଗଦେଇଥିଲେ। ଦେଶଫାଲ ଲୋକକଳା ମହୋତ୍ସବ ମାଧ୍ୟମରେ ବିଲୁପ୍ତ ଲୋକକଳାର ପୁନରୁଦ୍ଧାର ସଫଳ ହୋଇଛି ବୋଲି ଅତିଥିମାନେ କହିଥିଲେ। ଆଜି ଦେଶଫାଲ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଦେଶଫାଲ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବିଶିଷ୍ଟ ବୈଜ୍ଞାନିକ ଡ଼ ସଞ୍ଜିବ କୁମାର କର୍ମୀଙ୍କୁ ଦେଶଫାଲ ଶିକ୍ଷା ବିକାଶ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଷୀକେଶ ଚାନ୍ଦ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଶତୃଘ୍ନ ଲୁହାଙ୍କ ସମଲେଇ ଭଜନ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ ତ୍ରିପାଠୀଙ୍କ ମେଟାକାନୀ ଭଜନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅବିନାଶ ହୋତା, ସନ୍ତୋଷିନୀ ନାଏକ, ପ୍ରୀତିପ୍ରତ୍ୟାଶା ପାଣିଗ୍ରାହୀ ପରିଚାଳନା କରିଥିଲେ।

# ପିପିଲିପାଲି ଓଏଭିର ୨ ଛାତ୍ରଙ୍କ ସଫଳତା



ପ୍ରକଳ୍ପ ସହିତ ଅସ୍ମିତ ନନ୍ଦ ଓ ବିଶ୍ୱପ୍ରକାଶ ରଥ।

**ସୋନପୁର,୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ବିଜ୍ଞାନ ମେଳାରେ ସୋନପୁର ବ୍ଲକ ପିପିଲିପାଲି ଓଏଭି(ଓଡ଼ିଶା ଆଦର୍ଶ ବିଦ୍ୟାଳୟ)ର ୨ ଛାତ୍ରଙ୍କୁ ସଫଳତା ମିଳିଛି। ବିଜ୍ଞାନ ପ୍ରକଳ୍ପ ପାଇଁ ପିପିଲିପାଲି ଓଏଭିର ଏକାଦଶ ଶ୍ରେଣୀର ଛାତ୍ର ଅସ୍ମିତ ନନ୍ଦ ଓ ବିଶ୍ୱ ପ୍ରକାଶ ରଥ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରତ୍ୟେକଙ୍କୁ ୧୫ହଜାର ଟଙ୍କା ଲେଖାଏ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ସୋନପୁର ପଞ୍ଚାୟତ ସମିତି ସଭାଗୃହଠାରେ ଚାଲିଥିବା ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଛାତ୍ରଙ୍କୁ ଚେକ ପ୍ରଦାନ କରିଥିଲେ। ଗତ ଡ଼ିସେମ୍ବର ୨୪ରୁ ୨୬ ତାରିଖ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ବିଜ୍ଞାନ ମେଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଏଭି ପିପିଲିପାଲିର ଏକାଦଶ ଶ୍ରେଣୀର ଛାତ୍ର ଅସ୍ମିତ ନନ୍ଦ ଓ ବିଶ୍ୱପ୍ରକାଶ ରଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅସ୍ମିତ ଓ ବିଶ୍ୱପ୍ରକାଶ ଚାଷୀମାନଙ୍କ ସୁବିଧା ପାଇଁ ଏକ ୱେବସାଇଟ ପ୍ରସ୍ତୁତ କରିଛନ୍ତି। ଗଛର ଫଟୋ ଉଠାଇ ଚାଷୀମାନେ ଏହି ୱେବସାଇଟ ମାଧ୍ୟମରେ ଫଟୋ ଅପଲୋଡ କଲେ ସେହିଗଛର ରୋଗ ନିରୂପଣ କରାଯାଇପାରିବ। ଏହାବ୍ୟତୀତ କୃଷି ସମ୍ବନ୍ଧୀୟ ଅନେକ ସୂଚନା ଚାଷୀମାନେ ପାଇପାରିବେ। ଏଥିପାଇଁ ଉଭୟ ଛାତ୍ରଙ୍କୁ ବେଶ ପ୍ରଶଂସା ମିଳିଛି। ଛାତ୍ରଙ୍କ ଏହି କୃତିତ୍ୱ ପାଇଁ ଜିଲା ପ୍ରଶାସନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ବିଜ୍ଞାନ ମେଳା

# ଆଭାସି ମାଧ୍ୟମରେ ମାସିକ ସାହିତ୍ୟ ଆସର

**ବିନିକା,୨।୩(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟରେ ସୋମବାର ଚଳିତବର୍ଷର ମସେିକ ତୃତୀୟ ମାସିକ ସାହିତ୍ୟ ଆସର ଅଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ରାଜ୍ୟର ୨୮ ଜଣ କବୟିତ୍ରୀ କବି ଯୋଗଦେଇ ଶିବରାତ୍ରୀ ଓ ଦୋଳପୂର୍ଣ୍ଣମୀ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଅଭିଜିତ ସାହିତ୍ୟ ପ୍ରାଣ ପ୍ରତିଷ୍ଠାତା ଅଭିନବ ପଟ୍ଟନାୟକଙ୍କ ଆହ୍ୱାନକ୍ରମ ରାଜ୍ୟସ୍ତରୀୟ ଅଭିଜିତ କମିଟି ସଭାନେତ୍ରୀ ଅର୍ଚ୍ଚନା ପୂଜାହାରୀ, ସାହିତ୍ୟ ସଂସଦ ସଭାନେତ୍ରୀ ଗୀତାଞ୍ଜଳି ପୂଜାହାରୀଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ଆସରରେ ନାରାୟଣ ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥି, ବନବାସ ମେହେର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସମ୍ପାଦକ ରାଜ କିଶୋର ମିନ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ସଙ୍ଗୀତା ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପୁସ୍ତକ ମେଳାରେ ଡ ହିମାଂଶୁ ପାଢ଼ୀ ସମ୍ବର୍ଦ୍ଧିତ



ଡ. ହିମାଂଶୁ ଶେଖର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୀରମହାରାଜପୁର, ୨।୩ (ଯୁଗୋଳ କିଶୋର ମିଶ୍ର)**

ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଷୋଡ଼ଶ ପୁସ୍ତକ ମେଳା ଅବସରରେ ସଂସ୍କୃତି ଗବେଷକ ତଥା ଜାତୀୟସ୍ତରରେ ପରିଚିତ ପରିଭ୍ରମଣର ଲେଖକ ଡ. ହିମାଂଶୁ ଶେଖର ପାଢୀଙ୍କୁ ବନଜ୍ୟୋତ୍ସ୍ନା ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶିଷ୍ଟ କବି କିଶୋର ମିଶ୍ର ତାଙ୍କୁ ଉପଢୌକନ, ମାନପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚରେ ସଂସଦର ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ କାହ୍ନୁ ଚରଣ ଶତପଥୀ, ମୁଖ୍ୟ ଉପଦେଷ୍ଟା ତୀର୍ଥ ଜାନି, ଅଧ୍ୟାପକ ପ୍ରତାପ କୁମାର ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରମ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ. ସମ୍ପ୍ରତି ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଥିବା ଡ. ପାଢ଼ୀଙ୍କ ଅନେକ ପ୍ରବନ୍ଧ ରାଜ୍ୟସ୍ତରୀୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦର ଲାଭକରି ଆସିଛି। ଇଂରାଜୀ ଭାଷାରେ ରଚିତ ତାଙ୍କର ଅନେକ ଭ୍ରମଣ ଆଲେଖ୍ୟ ଜାତୀୟସ୍ତରରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ଡୁଙ୍ଗୁରିପାଲି ୨।୩ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସହଲା ସରପଞ୍ଚ ଜେମାଦେଇ ସାହୁଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ଶିବିରରେ ଯୋଗଦେଇ ପଞ୍ଚାୟତବାସୀଙ୍କଠାରୁ ଆସିଥିବା ଅଭିଯୋଗଗୁଡିକକୁ ଶୁଣିଥିଲେ। ଶିବିରରେ ମୋଟ ୧୮ଗୋଟି ଅଭିଯୋଗ ଆସିଥିଲା। ଏବିଡ଼ିଓ ମହେଶ୍ୱର ପଧାନ, ଜିପିଓ ଦେବାଶିଷ ମହାନନ୍ଦ, ସମିତି ସଭ୍ୟ ବିକାଶ ବିଶ୍ୱାଳ, ଭୀମଟିକିରା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ନେହା ସାହୁ, ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦଭୂଷଣ ରାୟ, ଉଦ୍ୟାନ ଅଧିକାରୀ ରାମକୃଷ୍ଣ ଭୋଇ, ଅକ୍ଷୟ ସୁନା, ଆଶା, ଅଙ୍ଗନୱାଡି କର୍ମୀ ଓ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ରଙ୍କ ପରଲୋକ

**ବୌଦ୍ଧ,୨।୩(ଅଜିତ କୁମାର ବାରିକ)**

ବୌଦ୍ଧର ଜଣାଶୁଣା ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ରଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ସୋମବାର



ପରଲୋକ ହୋଇଛି। ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ଦୀର୍ଘଦିନରୁ ସେ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସାଧିନ ଥିଲେ। ମୃତଶରୀରକୁ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ବିଶ୍ୱମ୍ବର ମିଶ୍ର ମୁଖାଗ୍ନି ଦେଇଥିଲେ। ସାନପୁଅ ଆଇନଜୀବୀ ବିଶ୍ୱଜିତ ମିଶ୍ର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ମିଶ୍ର ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଇନସେବାରେ ରହିଥିଲେ। ଜିଲା ଓକିଲ ସଂଘର ସଭାପତି, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡସଭ୍ୟ, ଆର୍‌ସିଏମ୍‌ଏସ୍, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ବ୍ରାହ୍ମଣ ସମାଜ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ଅନେକ ସାମାଜିକ ସଙ୍ଗଠନ ସହ ଜଡିତ ରହିଥିଲେ। ପରଲୋକ ସୂଚନା ପାଇବା ପରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ବରିଷ୍ଠ ଆଇନଜୀବୀ ଓମ୍ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଶୋକସଭାରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସେହିପରି ହରଭଙ୍ଗା ଓକିଲ ସଂଘ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୋକସଭା କରି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଛି।

# ମଣ୍ଡି ସମସ୍ୟା ନେଇ ବିକ୍ଷୋଭ

**ବୌଦ୍ଧ,୨।୩(ଅଜିତ କୁମାର ବାରିକ)**

ବୌଦ୍ଧ ଏକ କୃଷି ପ୍ରଧାନ ଜିଲା ହୋଇଥିବାବେଳେ ଚାଷୀମାନଙ୍କ ସମସ୍ୟା ସମାଧାନରେ ପ୍ରଶାସନ ବିଫଳ ହୋଇଛି। ପ୍ରତିବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଆସୁଥିବା ଚାଷୀ ଧାନ ଫସଲ ଉତ୍ପାଦନ କଲା ପରେ ଅଭାବୀ ବିକ୍ରି ସମସ୍ୟା ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛି। ଚଳିତବର୍ଷ ଜିଲାରେ ଧାନକିଣାରେ ବ୍ୟାପକ ଅନିୟମିତତା ସହ ମଣ୍ଡିଗୁଡ଼ିକରେ ଚାଲିଥିବା ଚାଷୀ ଶୋଷଣ ନୀତିକୁ ନେଇ ଜିଲାର ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ସୋମବାର ମଣ୍ଡି ସମସ୍ୟା ନେଇ ସୂଚନା ଅଧିକାର ବୌଦ୍ଧ ଶାଖା ପକ୍ଷରୁ ଆବାହକ କେଦାରନାଥ ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଏଥିରେ ହରଭଙ୍ଗା ବ୍ଲକର ମଥୁରା, ବୌଦ୍ଧ ବ୍ଲକର ରକ୍ସା, କଣ୍ଟାମାଳ ବ୍ଲକର ଖଟଖଟିଆ ମଣ୍ଡିରେ ପି–ପାସ୍ ସିଷ୍ଟମର ତଦନ୍ତ ଦାବି କରାଯାଇଥିବାବେଳେ ଭୂତ ଚାଷୀଙ୍କ ନାମରେ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ପ୍ରଦୀପ କୁମାର ମହାନନ୍ଦ, ପ୍ରହଲ୍ଲାଦ କର୍ଣ୍ଣ, ସଞ୍ଜୟ କୁମାର ମେହେର, ସତ୍ୟ ନାରାୟଣ ଦାସ, କୃଷ୍ଣ ସିଂହ, ବୃନ୍ଦାବନ ବେହେରା ଓ ଶାନ୍ତନୁ ବେହେରା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକ ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

**ବୀରମହାରାଜପୁର, ୨।୩ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଆଧ୍ୟାତ୍ମିକ ସାଧକ କୃଷ୍ଣଚନ୍ଦ୍ର ପାଢୀଙ୍କ ୨ ଖଣ୍ଡ ପୁସ୍ତକ ପୁସ୍ତକ ସୁନ୍ଦରାକାଣ୍ଡ (ରାମକଥା) ଓ ଆଧ୍ୟାତ୍ମିକ ପଦ୍ୟାବଳୀ ରବିବାର ଲୋକାର୍ପିତ ହୋଇଛି। ବୀରମହାରାଜପୁର ନିକଟବର୍ତ୍ତୀ କମଳପୁର ଗ୍ରାମର ଶିବାନନ୍ଦ ପରିବାର ବୀରମହାରାଜପୁର ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଏହି ଦୁଇ ପୁସ୍ତକକୁ ଲୋକାର୍ପଣ କରିଥିଲେ। ବିଶିଷ୍ଟ ପାରାୟଣ ଗାୟକ ସତ୍ୟନାରାୟଣ ଚାନ୍ଦ, ଲେଖକ କୃଷ୍ଣଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଲଡୁ ଗୋପାଳ ତ୍ରିପାଠୀ ଏହି ଅବସରରେ ଉପସ୍ଥିତ ଥିଲେ। ଯୁଗଳ କିଶୋର ମିଶ୍ର ସ୍ୱାଗତ ଭାଷଣ ଏବଂ ଶେଷରେ ଲେଖକ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭ୍ରାଂଶୁ ଶେଖର ପାଢ଼ୀ, ମଧୁସ୍ମିତା ମିଶ୍ର, କୈଳାସ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ରାମାୟଣ ଉପରେ ବକ୍ତବ୍ୟ ରଖି କହିଥିଲେ ପ୍ରବଚନ ମାଧ୍ୟମରେ ଭଗବାନଙ୍କଠାରେ ସମର୍ପିତ ହେଲେ ଶାନ୍ତି ମିଳିଥାଏ ବୋଲି କରିଥିଲେ।

# ଫଗୁନ୍‌ପୁନି ଯାତ୍ରା ପାଇଁ ବୀରମହାରାଜପୁର ଚଳଚଞ୍ଚଳ

**ବୀରମହାରାଜପୁର,୨।୩ (ଯୁଗଳ କିଶୋର ମିଶ୍ର)**

ପ୍ରସିଦ୍ଧ ଫଗୁନ ପୁନି ଯାତ୍ରା ପାଇଁ ବୀରମହାରାଜପୁର ଉପଖଣ୍ଡ ସଦର ମହକୁମା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ଦୋଳ ମଣ୍ଡପ ନିକଟରେ ଆୟୋଜିତ ୨୪ ପ୍ରହର ନାମଯଜ୍ଞ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପଡିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଓ ସମ୍ବଲପୁରୀ ନୃତ୍ୟଗୀତ ମଧ୍ୟ ପରିବେଷିତ ହୋଇଥିଲା। ତେଣେ ଗତ ଶୁକ୍ରବାରଠାରୁ ସ୍ଥାନୀୟ ଚମ୍ପାମାଳଠାରେ ଆରମ୍ଭ ହୋଇଥିବା ଚମ୍ପେଶ୍ୱର ମହାଦେବ ବାବାଙ୍କ ପଞ୍ଚଦୋଳ ଉତ୍ସବ ଚତୁର୍ଥ ଦିନରେ ପହଞ୍ଚିଛି। ଏଠାରେ ମନ୍ଦିର ପ୍ରାଙ୍ଗଣରେ ଦୋଳ ବିମାନରେ ବିଜେ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଉଛି। ଫାଲଗୁନ ପୂର୍ଣ୍ଣମୀରେ ସ୍ଥାନୀୟ ମେଲଣ ପଡିଆରେ ଯାତ୍ରାର ମୁଖ୍ୟ ଆକର୍ଷଣ 'ହରିହର ଭେଟ' ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଦେବୋତ୍ତର ବିଭାଗ ତଥା ପ୍ରଶାସନ ପକ୍ଷରୁ 'ହରିହର ଭେଟ' ଉତ୍ସବର ସୁପରିଚାଳନା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ବ୍ଲକ କଲ୍ୟାଣ ମଣ୍ଡପରେ ନାମଯଜ୍ଞ କମିଟି ତରଫରୁ ଫଗୁନପୁନି ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମର ଅଧ୍ୟକ୍ଷ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଅଧ୍ୟକ୍ଷତାରେ ଭାଜପା ଜିଲା ସଭାପତି ବେଣୁଧର ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଏମପି ନୋମିନୀ ନଳିନୀ ପଣ୍ଡା, ଶରତ ମିଶ୍ର, ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ସୁମନ୍ତ ଜଗଦଲା, ବିପିନ ବିହାରୀ ପଣ୍ଡା, ପ୍ରଭାସ କୁମାର ପଣ୍ଡା ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିକ୍ଷକଙ୍କ ପରିବାରକୁ ସହାୟତା

**ଖୁଣ୍ଟିଗୋରା,୨।୩(ମକରନ୍ଦ ସାହୁ)**

କଣ୍ଟାମାଳ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ମୃତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କଣ୍ଟାମାଳ ବ୍ଲକ ସୌରୀବେଙ୍ଗେସ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହାବୀର ନାଗଙ୍କ ଅକାଳ ବିୟୋଗରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ତାଙ୍କର ଝିଅପୁଅ ବେସାହାରା ହୋଇ ପଡ଼ିଥିବାବେଳେ ସହାୟତାର ହାତ ବଢାଇଛି ମିଳିତ ଶିକ୍ଷକ ସଂଘ। ସଂଘର ସଦସ୍ୟମାନେ ସୋମବାର ମୃତକଙ୍କ ଘରେ ପହଞ୍ଚି ସଂଘ ପକ୍ଷରୁ ୩୪ ହଜାର ୯ ଶହ ଟଙ୍କା ମୃତକଙ୍କ ସ୍ତ୍ରୀ କାନ୍ତି ନାଗଙ୍କୁ ପ୍ରଦାନ କରିଛନ୍ତି । ଏହି ସମୟରେ ସଂଘ ସଭାପତି ନୀଳାଚଳ ଭୋଇ, ସମ୍ପାଦକ ଶିଶିର ଖଟୁଆ, ଯୁଗ୍ମ ସମ୍ପାଦକ ରଞ୍ଜୁ ଅମାତ, କାର୍ଯ୍ୟକାରିଣୀ ସଦସ୍ୟ କେଶବ ପ୍ରଧାନ, ନରେଶ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ନିର୍ମାଣ ଶ୍ରମିକ ସଂଘ ବୈଠକ

**ବିନିକା, ୨।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତସ୍ତରୀୟ ଗୃହ ନିର୍ମାଣ ମିସ୍ତ୍ରୀ ଓ ଶ୍ରମିକ ସଂଘର ଏକ ବୈଠକ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଶ୍ରୀଧର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ରୁଦ୍ରନାରାୟଣ ସାହୁ, ସମ୍ମାନିତ ଅତିଥିଭାବେ ଇଓ ଦୁର୍ଯ୍ୟୋଧନ ମେହେର, ଆର୍‌ଆଇ ଫିରୋଜ ମେହେର, ଜିଆର୍‌ଏସ ସୁମନ୍ତ ଧରୁଆ ଯୋଗଦେଇଥିଲେ। ବୈଠକରେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ଧର୍ମରାଜ ଗଣ୍ଡ, ସମ୍ପାଦକଭାବେ ଅନିରୁଦ୍ଧ ନାଗଙ୍କୁ ଚୟନ କରାଯାଇଥିଲା। ବୈଠକରେ ପଞ୍ଚାୟତର ଶତାଧିକ ନିର୍ମାଣ ଶ୍ରମିକ ଓ ମିସ୍ତ୍ରୀ ଯୋଗ ଦେଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୋନପୁର,୨।୩ (ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ରଣା ଶିବିରରେ ଯୋଗଦାନ କରି ୩୭ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଥିଲା। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ପ୍ରତୀକ କୁମାର କାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ତହସିଲଦାର ଜି.ରଶ୍ମିରେଖା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁ, ସିଡିଏମ୍‌ଏଣ୍ଡପିଏଚଓ ଉଷାରାଣୀ ଦାଶ ଓ ଡିଆଇପିଆରଓ ଅର୍ଜୁନ ମାଝୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ୩୭ ପଞ୍ଜୀକୃତ ଅଭିଯୋଗରୁ ୩ ସାମୂହିକ

# ପାନୀୟଜଳ ସୁବିଧା, ଡ୍ରେନେଜ୍ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**



ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାସ୍ତରୀୟ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୬ଟି ଅଭିଯୋଗପତ୍ର ପଞ୍ଜିକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ବିଭିନ୍ନ ସରକାରୀ ସହାୟତା ପାଣ୍ଠିରୁ ୩ ଜଣଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏଥିମଧ୍ୟରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଜଣଙ୍କୁ ୫,୦୦୦ ଟଙ୍କା ଏବଂ ରେଡ଼କ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ଯଥାକ୍ରମେ ୧୦ ହଜାର ଓ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ଜଣେ ଯୁବକଙ୍କୁ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଯୋଗାଇ ଦେବା ପାଇଁ ଜିଲା ନିଯୁକ୍ତି ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ସୁବିଧା ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୌରାଞ୍ଚଳରେ ଅଧାପନ୍ତରିଆ ହୋଇ ପଡ଼ିଥିବା ଡ୍ରେନେଜ୍ କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ଖୋଲା ଡ୍ରେନ୍‌ଗୁଡ଼ିକରେ ସ୍ଲାବ୍ ପକାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜମି ଚିହ୍ନଟ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା, ଅବକାରୀ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ, ସମସ୍ତ ସରକାରୀ

## ଜିଲାସ୍ତରୀୟ ଜନଶୁଣାଣି ଶିବିର

ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରି ଲୋକଙ୍କୁ ସେବା ଯୋଗାଇବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। ଶିବିରରେ ହୋଇଥିବା ଶୁଣାଣିର ଦ୍ରୁତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲାସ୍ତରୀୟ ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ



ଜିଲାପାଳଙ୍କ ଉପସ୍ଥିତିରେ ଜଣେ ଯୁବତୀଙ୍କୁ ଟିକା ଦିଆଯାଉଛି।

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚପିଭି) ଟିକାକରଣ ଅଭିଯାନ ସୋମବାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥିଭାବେ ଉପଜିଲାପାଳ ପରୀକ୍ଷୀତ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନଞ୍ଜୟ ମହନ୍ତ, ଡା. ମନୋରଞ୍ଜନ ସାମଲ ଯୋଗଦେଇଥିଲେ। ଏହି ଟୀକା ଦ୍ୱାରା ଜରାୟୁ ଗ୍ରୀବା କର୍କଟ ରୋଗକୁ ଅଟକାଯାଇପାରିବ। ୧୪ରୁ ୧୫ ବର୍ଷ ମଧ୍ୟରେ ଥିବା ସମସ୍ତ ବାଳିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଟିକାକରଣ କରାଯିବ। ତେଣୁ ୧୪ରୁ ୧୫ ବର୍ଷର ବାଳିକାମାନେ ଏହାର ସୁଯୋଗ ନେବା ପାଇଁ ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଟୀକା ନେବା ପାଇଁ ଆସିଥିବା ବାଳିକା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏବଂ ଆଶାକର୍ମୀ ଉପସ୍ଥିତ ଥିଲେ।

# ୫୧୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ୮୩ ୟୁନିଟ ରକ୍ତ ସଂଗ୍ରହ

**ସମ୍ବଲପୁର, ୨।୩ (ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଧନକଉଡା ସ୍ଥିତ ରତ୍ନାକର ବେହେରା ଯୁବକ ସଂଘ ଓ ଜନ ଆରୋଗ୍ୟ ସମିତି(ୟୁପିଏସସି) ମିଳିତ ଆୟୋଜନରେ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି । ଧନକଉଡା ସରକାରୀ ଡାକ୍ତରଖାନରେ ଶିବିର ହୋଇଥିଲା । ଭୀମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାୟକ କାର୍ଯ୍ୟକ୍ରମର ଶୁଭରମ୍ଭ କରିଥିଲେ । ଏହି ଶିବିରରେ ମୋଟ ୫୧୯ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୮୩ ଜଣ ରକ୍ତଦାନ କରିଥିଲେ । ରୋଗୀମାନଙ୍କର ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷା ଓ ମାପ ବ୍ୟବସ୍ଥା ସହ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ରତ୍ନାକର ବେହେରା ଯୁବକ ସଂଘ କର୍ମକର୍ତ୍ତା ଓ ସଭ୍ୟଙ୍କ ସଂଯୋଜନାରେ ଶିବିର ହୋଇଥିଲା । ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ପଲ୍ଲବ ଠାକୁର, ଯକ୍ଷ୍ମା ଓ ଛାତି ବିଭାଗ ଡାକ୍ତର ଡାକ୍ତର ଅରବିନ୍ଦୋ ବେହେରା, ମେଡିସିନ ବିଭାଗ ଡାକ୍ତର ଅଶୋକ କୁମାର ପାଣିଗ୍ରାହୀ , ଡାକ୍ତର ମନୋରଞ୍ଜନ

## ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର

ନାୟକ, ଡାକ୍ତର ଅରୁଣ ଦାଶ , ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରମୋଦ କୁମାର ଶର୍ମା (ଚକ୍ଷୁ), ଡାକ୍ତର ବିଶ୍ୱରଞ୍ଜନ ରାଉତରାୟ (କ୍ୟାନ୍ସର), ଡାକ୍ତର କେ. କେ. ଗୁପ୍ତା (ଶିଶୁ ରୋଗ ବିଶେଷଜ୍ଞ), ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡାକ୍ତର ସତ୍ୟଜିତ ମିଶ୍ର(କର୍ଣ୍ଣ ନାସା ଓ ଗଳା ), ଡାକ୍ତର ଏସ. କେ. ପାଟଜୋଶୀ (ଚର୍ମ ଓ ଯୌନ ବିଭାଗ ) ଡାକ୍ତର ଚୌବର୍ଗ ନାଏକ (ଦନ୍ତ ରୋଗ ବିଶେଷଜ୍ଞ) , ଡାକ୍ତର ଅଭିଷେକ ଆଚାର୍ଯ୍ୟ (ଦନ୍ତ ରୋଗ ବିଶେଷଜ୍ଞ), ଡାକ୍ତର ଜ୍ୟୋର୍ତିମୟୀ ସାହୁ , ଡାକ୍ତର ଲକ୍ଷ୍ମୀକାନ୍ତ ବେହେରା ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ । ସେହିପରି ବୁର୍ଲା ରକ୍ତ ଭଣ୍ଡାରର କର୍ମକର୍ତ୍ତାମାନଙ୍କ ଦ୍ୱାରା ରକ୍ତଦାନ ପ୍ରକ୍ରିୟା ପରିଚାଳିତ ହୋଇଥିଲା । ରତ୍ନାକର ବେହେରା ଯୁବକ ସଂଘ ସଭାପତି ଡାକ୍ତର ବିଶ୍ୱଜିତ ପଣ୍ଡା, ସମ୍ପାଦକ ହିରଲାଲ ବେହେରା, କୋଷାଧ୍ୟକ୍ଷ ରାଧେଶ୍ୟାମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଖିଳ ଭାରତୀୟ ଅଘରିଆ ସମାଜର ମହାସମ୍ମିଳନୀ




ମଞ୍ଚରେ ଉପସ୍ଥିତ କର୍ମକର୍ତ୍ତା।

**ଲଇକେରା, ୨।୩ (ରଞ୍ଜନ କୁମାର ମେହେର)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅଧୀନ ତାଳମୁଣ୍ଡା ଗ୍ରାମରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶ ପକ୍ଷରୁ ଲଭତା ଆଞ୍ଚଳିକ ତାଳମୁଣ୍ଡା ଓ ସାହ୍ଲେଟିକ୍ରା ଗୁଡ଼ି ସହଯୋଗରେ ୧୧ତମ ପ୍ରାଦେଶିକ ମହାସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ମଣ୍ଡପରେ କଳସ ସ୍ଥାପନ ସହ ହୋମଯଜ୍ଞ ହୋଇଥିଲା। ସେହିପରି ସୋମବାର ପ୍ରଦେଶ ସଭାପତି ଦୀନବନ୍ଧୁ ନାଏକଙ୍କ ଦ୍ୱାରା ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଛତିଶଗଡ଼ ପ୍ରଦେଶ ସଭାପତି ଊଷା ଦେବୀ ଓ ସାଧାରଣ ସମ୍ପାଦକ ଭୋଜରାଜ ପଟେଲ ଯୋଗଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବରେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ପଟେଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ପଟେଲ ଯୋଗଦେଇ ସମାଜ ଓ ସଙ୍ଗଠନ ଉପରେ ମତ ରଖିଥିଲେ। ଏଥିସହ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତାମାନେ ବିଭାଜିତ ଏବଂ ବିଶୃଙ୍ଖଳିତ ସମାଜ ଅଧୋପତନ କାରଣ ବିଷୟରେ ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ତାଳମାଳ ଗ୍ରାମର ଅଘରିଆ ସମାଜର ଆଧାରିତ ନାଟକ ପରିବେଷିତ ହୋଇଥିଲା। ଅଭ୍ୟର୍ଥନା କମିଟି ସଭାପତି ଅଜୟ ପଟେଲ ସ୍ୱାଗତ ଭାଷଣ, ପ୍ରସନ୍ନ କୁମାର ପଟେଲ ଓ ସୁରେଶ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଆଞ୍ଚଳିକ ଲଇଡ଼ା କମିଟି, ତାଳମୁଣ୍ଡା, ସାହ୍ଲେଟିକ୍ରା ଗୁଡ଼ି ଓ ମଣ୍ଡଳ ସଦସ୍ୟ, ମହିଳାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଞ୍ଜୁଶ୍ରୀ ପଟେଲ ଓ ରିଜା ପଟେଲ ଧନ୍ୟବାଦ ଦେଇଥିଲେ।

# ୧୯ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୯ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ପାନୀୟଜଳ, ଘରବାରି ପଟ୍ଟା, ପଟ୍ଟା ସଂଶୋଧନ, ୩୫ କେଜି ଚାଉଳ ଆଦି ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରୀକ୍ଷୀତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଡେପୁଟିକଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂ ଓ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତା ଆଲୋକୀକରଣ ପାଇଁ ଦାବିପତ୍ର

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାର ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ସହ ଲୋକଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ସୋମବାର ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବଡ଼ମାଲରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ୍ ୱେରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଦ୍ୱାରା ଲାଇଟ୍ ଲଗାଯାଇଥିବାରୁ ରାସ୍ତା ଆଲୋକିତ ହୋଇଛି। ହେଲେ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଥିବା ରାସ୍ତାରେ ଆଲୋକ ବ୍ୟବସ୍ଥା ନାହିଁ। ଏଥିଯୋଗୁ ରାତିବେଳା ଏହି ରାସ୍ତାରେ ଦୁର୍ଘଟଣା ସହ ଅପରାଧ ଘଟୁଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଏବଂ ମହିଳା ଅସୁରକ୍ଷିତ ମନେ କରୁଛନ୍ତି। ତୁରନ୍ତ ଡିଏମ୍‌ଏଫ୍ କିମ୍ବା ସ୍ଥାନୀୟ ଶିଳ୍ପସଂସ୍ଥାଗୁଡ଼ିକଠାରୁ ଅର୍ଥ ମଞ୍ଜୁର କରି ପ୍ରସନ୍ନ ପଣ୍ଡା ଛକଠାରୁ ତାଳପଟିଆ ପର୍ଯ୍ୟନ୍ତ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# କ୍ରିକେଟ୍ ଟୁର୍ନାମେଣ୍ଟ: ଖଇରଡିହି ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଅନ୍ତର୍ଗତ କପାସିରାଠାରେ ରାଧାକୃଷ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜମନକିରା ବ୍ଲକ୍‌ର ଖଇରଡିହି ଟିମ୍ ଓ ଟାଇଁସର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଇରଡିହି ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ଆରତି ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଏବଂ ରନର ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ରାଧାକୃଷ୍ଣ କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ପିକ୍‌ଅପ୍



**ରେଢ଼ାଖୋଲ, ୨।୩(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲ-ବୌଦ୍ଧ ରାସ୍ତାର ସାଲେଇସିଂ ଛକ ନିକଟରେ ସୋମବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଏଥିରେ ଗାଡ଼ି ଡ୍ରାଇଭର ଆହତ ହୋଇଛନ୍ତି। ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସିକାରୁ ପିକ୍‌ଅପରେ କଖାରୁ ବୋଝେଇ ହୋଇ ସମ୍ବଲପୁର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ରେଢ଼ାଖୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଆଜି ଚନ୍ଦ୍ରଗ୍ରହଣ: ସମଲେଇ ମନ୍ଦିର ନୀତିକାନ୍ତିରେ ପରିବର୍ତ୍ତନ

**ସମ୍ବଲପୁର, ୨।୩(ବି.ଶଙ୍କର)**

ଚନ୍ଦ୍ର ଗ୍ରହଣକୁ ଦୃଷ୍ଟିରେ ରଖି ମଙ୍ଗଳବାର ସମଲେଶ୍ୱରୀ ମନ୍ଦିରରେ ଦେବୀଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତିରେ ପରିବର୍ତ୍ତନ ହେବ। ଏନେଇ ସୋମବାର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି, ଭକ୍ତଙ୍କ ସୁବିଧା ନିମନ୍ତେ ମଙ୍ଗଳବାର ପ୍ରାତଃ ୪ଟା ୩୦ରେ ମା'ଙ୍କ ମନ୍ଦିର ଦ୍ୱାର ଖୋଲିବ। ପରେ ଦେବୀଙ୍କ ସ୍ନାନ, ମଙ୍ଗଳ ଆଳତି ଓ ପୂଜାର୍ଚ୍ଚନା ପରେ ପ୍ରସାଦ ଅର୍ପଣ ପୂର୍ବକ ସମସ୍ତ ବିଧି କରାଯିବ। ଏହାପରେ ଦର୍ଶନ ବନ୍ଦ ହେବା ସହ ମଙ୍ଗଳବାର ପାଇଁ ଦ୍ୱାର ବନ୍ଦ ରହିବ। ବୁଧବାର ପ୍ରାତଃ ୪ଟା୩୦ରେ ଦ୍ୱାର ଖୋଲିବା ସହ ମନ୍ଦିର ସୌଧ ହେବା ପରେ ମା'ଙ୍କ ନିତ୍ୟ ନୀତିକାନ୍ତି ଯଥା ବିଧି ହେବ। ଏଥିସହ ମଙ୍ଗଳ ଆଳତି ପରେ ପୁନର୍ବାର ଦର୍ଶନ ସମ୍ଭବ ହେବ। ଗ୍ରହଣ ଓ ହୋଲିକୁ ଦୃଷ୍ଟିରେ ରଖି ଏହି ଦୁଇଦିନ ଭୋଗ ମଣ୍ଡପ ମଧ୍ୟ ବନ୍ଦ ରହିବ ବୋଲି ବାବୁ କହିଛନ୍ତି।

# ଆଦିବାସୀଙ୍କ ବଞ୍ଚିବା ଅଧିକାରକୁ ଛଡ଼ାଇ ନିଆଯାଉଛି

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**

ପ୍ରାକୃତିକ ସମ୍ପଦ ଏବଂ ଜଳ-ଜମି-ଜଙ୍ଗଲର ସୁରକ୍ଷା, ଆଦିବାସୀ, ଦଳିତ, କୃଷକ ଏବଂ ସମସ୍ତ ଶ୍ରମଜୀବୀଙ୍କ ଜୀବିକା ଓ ରୋଜଗାରର ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ଗତ ଫେବୃଆରୀ ୨୫ରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ପୁରୀ ଜିଲାର ସତ୍ୟଭାମାପୁରଠାରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ବିଭିନ୍ନ ଜିଲା ପରିକ୍ରମା କରି ସୋମବାର ଝାରସୁଗୁଡ଼ାଠାରେ ପହଞ୍ଚିଥିଲା। ଏଠାରେ ନାଗରିକ ମଞ୍ଚ ପକ୍ଷରୁ ଲୋକ ଅଧିକାର ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ନାଗରିକ ମଞ୍ଚ ପକ୍ଷରୁ ଝାରସୁଗୁଡ଼ା ସହରର କକ୍ସ କଲୋନୀସ୍ଥିତ ସମ୍ବଲପୁର ସାମାଜିକ ସେବା ସଂସ୍ଥାର ସଭାଗୃହରେ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା

## ଲୋକ ଅଧିକାର ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା

ଯୋଗଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଆଦିବାସୀ ଓ ବନଜୀବୀଙ୍କ ବଞ୍ଚିବାର ଅଧିକାରକୁ ଛଡାଇ ନିଆଯାଉଛି ଏବଂ ଯିଏ ବଞ୍ଚିବା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି ତାଙ୍କୁ ଜେଲ୍ ଭିତରେ ପୁରେଇ ଦିଆଯାଉଛି। ୨୦୧୦ ମସିହାରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଝାରସୁଗୁଡ଼ା ଏବଂ ଇବ୍ ଭ୍ୟାଲିକୁ ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲା। ହେଲେ ଏଠାରେ ପରିବେଶ ଆଇନର ଉଲ୍ଲଙ୍ଘନ କରାଯାଇ ବିଭିନ୍ନ ଶିଳ୍ପ ସଂସ୍ଥା ଚାଲିଛି। ଶିଳ୍ପସଂସ୍ଥାରୁ ବାହାରୁଥିବା ଧୂଆଁ ଯୋଗୁ ଝାରସୁଗୁଡ଼ାରେ ପ୍ରଦୂଷଣ ବୃଦ୍ଧି ପାଉଛି। ଅପରପକ୍ଷେ ବିଶିଷ୍ଟ ଗାନ୍ଧିବାଦୀ ଡ. ବିଶ୍ୱଜିତ୍ କହିଛନ୍ତି, ଜଳ-ଜମି-ଜଙ୍ଗଲ ସୁରକ୍ଷା ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଜନସଙ୍ଗଠନଗୁଡ଼ିକୁ ଏକତ୍ରିତ କରିବା ଏବଂ ଆନ୍ଦୋଳନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏହି ଯାତ୍ରା ଆରମ୍ଭ ହେଇଛି। ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ ସହିତ ଏହି କାର୍ଯ୍ୟକ୍ରମ ଉଦଯାପନ ହେବ। ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ତଥା ନାଗରିକ ମଞ୍ଚର ଆବାହକ ଅନନ୍ତ ସ୍ୱାଗତ ଭାଷଣ, ସମ୍ମିଳିତ ଆଦିବାସୀ ସମାଜର ସଭାପତି ରତ୍ନାକର ପ୍ରଧାନ ସଭା ପରିଚାଳନା କରିଥିଲେ। ଆଦିବାସୀ, ଅନୁସୂଚିତ ଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରଭାକର ଓରାମ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ସମିତିର ଗୋପୀନାଥ ମାଝୀ, କୃଷକ ନେତା ବିରଞ୍ଚି ସାହୁ, ଜିଲା ପରିଷଦ ଜୋନ୍-୨ ସଭ୍ୟ ଦିଗାମ୍ବର ଭୋଇ, ଉମାକାନ୍ତ ନାଏକ, ଜିତେନ୍ଦ୍ର ସାମାଦଙ୍କ ସମେତ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାର ଶତାଧିକ ଜନସାଧାରଣ ଯୋଗଦେଇଥିଲେ।




ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଉଦ୍‌ବୋଧନ ଦେଉଛନ୍ତି।

# ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ସାଇବର ଅପରାଧ ରୋକିହେବ

## ସାଇବର ସୁରକ୍ଷା କର୍ମଶାଳା

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**




କର୍ମଶାଳାରେ ପ୍ରଶିକ୍ଷଣ ନେଉଥିବା ପୋଲିସ କର୍ମଚାରୀ।

ଝାରସୁଗୁଡ଼ା ଜିଲାରେ ବଢୁଥିବା ସାଇବର ଅପରାଧକୁ ରୋକିବା ଏବଂ ତଦନ୍ତ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଦୁଇ ଦିନିଆ ସାଇବର ସୁରକ୍ଷା ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମ୍‌ଏଫ୍ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଏସ୍‌ପି ସୁଶ୍ରୀ ମଧୁସିକ୍ତା ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଡିଜିଟାଲ ବିପଦର ମୁକାବିଲା ପାଇଁ ସ୍ଥାନୀୟ ପୋଲିସ ବାହିନୀକୁ ଆଧୁନିକ ଜ୍ଞାନକୌଶଳ ସହ ଆବଶ୍ୟକ ବୈଷୟିକ ଦକ୍ଷତା ପ୍ରଦାନ କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ଥିଲା। ଏଥିରେ ସାଇବର ଅପରାଧ ଏବଂ ଆତଙ୍କବାଦ ବିରୋଧୀ ବୈଷୟିକ ଗୁପ୍ତଚର ବିଦ୍ୟାର ବିଶେଷଜ୍ଞ ଇଶାନ ସିହ୍ନା ଯୋଗଦେଇ ପ୍ରାୟ ୬୫ ଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି କନ୍‌ଷ୍ଟେବଲ୍ ଏବଂ ହୋମ୍‌ଗାର୍ଡଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଶେଷକରି ଡିଜିଟାଲ ପ୍ରମାଣ ସଂଗ୍ରହ ଏବଂ ସାଇବର ଅପରାଧକୁ ଚିହ୍ନଟ ତଥା ପ୍ରତିହତ କରିବା ପାଇଁ ଉନ୍ନତ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶିକ୍ଷଣ ଶେଷ ସୁଦ୍ଧା ଅଂଶଗ୍ରହଣକାରୀମାନେ ଆତଙ୍କବାଦ ବିରୋଧୀ କୌଶଳ ଏବଂ ବିଶ୍ୱସ୍ତରୀୟ ସାଇବର ବିପଦ ବିଷୟରେ ଜାଣିବାକୁ ପାଇଥିଲେ। ପାରମ୍ପରିକ ପୋଲିସ ବ୍ୟବସ୍ଥା ଏବଂ ଆଧୁନିକ ଡିଜିଟାଲ ତଦନ୍ତ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଦିଗରେ ଝାରସୁଗୁଡ଼ା ପୋଲିସର ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ଅଧିକାରୀମାନେ ଏଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଜିଲାବାସୀଙ୍କୁ ସାଇବର ଅପରାଧରୁ ସୁରକ୍ଷା ଦେବା ଏବଂ ଅଭିଯୋଗଗୁଡ଼ିକର ଦ୍ରୁତ ସମାଧାନ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ଏସ୍‌ପି ରାଘବେନ୍ଦ୍ର କହିଛନ୍ତି।



## ପ୍ରଶଂସା ସାଉଁଟୁଛନ୍ତି କିଆରା

ଚଳଚ୍ଚିତ୍ର 'ଟକ୍ସିକ୍'ରେ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଯଶଙ୍କୁ ନେଇ ନିର୍ମାତା ଏକ ପୋଷ୍ଟର ରିଲିଜ୍ କରିଛନ୍ତି, ଯାହା ପ୍ରଶଂସକମାନଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛି।

୧୪

୧୬

## ଅଲ୍ ଇଂଲଣ୍ଡରେ ଖେଳିପାରିବେନି ସିନ୍ଧୁ

ଦୁବାଇରେ ଅଟକି ଯାଇଥିବାରୁ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ଖେଳିପାରିବେନି ଭାରତର ଷ୍ଟାର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ





ଲେବାନନ୍‌ର ରାଜଧାନୀ 'ବେରୁଟ୍'ର ଦକ୍ଷିଣ ଉପକଣ୍ଠରେ ଥିବା ଦାହିୟେ ଅଞ୍ଚଳରେ ସୋମବାର ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକ୍ ପରେ ନିଆଁର ଶିଖା ଏବଂ କଳା ଧୂଆଁ ଆକାଶକୁ ଉଠୁଥିବା ଦେଖାଯାଉଛି।

# ୧ ଡଲାର= ୯୧.୫୦ ଟଙ୍କା

## ଖସିଲା ୪୨ ପଇସା

ନୂଆଦିଲ୍ଲୀ,୨।୩

ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ତୈଳ ବଜାରଠାରୁ ଆରମ୍ଭ କରି ପୁଞ୍ଜି ନିବେଶ ବଜାର ଭାରି ମାତ୍ରାରେ ପ୍ରଭାବିତ ହେବା କାରଣରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ଅବମୂଲ୍ୟାୟନ ଘଟିଛି। ସୋମବାର ଆନ୍ତଃ ବ୍ୟାଙ୍କିଙ୍ଗ୍ ବୈଦେଶିକ ମୁଦ୍ରା ବିନିମୟ ବଜାରରେ କାରବାର ଆରମ୍ଭ ହେବା ବେଳେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧.୨୩ ରହିଥିଲା। କିନ୍ତୁ ମଧ୍ୟାହ୍ନ ସୁଦ୍ଧା ଟଙ୍କା ମୂଲ୍ୟରେ ଆହୁରି ଅବମୂଲ୍ୟାନ ଘଟିବା ସହିତ ଏହା ସର୍ବନିମ୍ନ ସ୍ତରକୁ ଖସି ୯୧.୭୫ରେ ପହଞ୍ଚିଥିଲା। ତେବେ ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସି ଥିଲାବେଳେ କାରବାର ଶେଷବେଳକୁ ଟଙ୍କା ମୂଲ୍ୟରେ ୪୨ ପଇସା ହ୍ରାସ ଘଟି ଏହା ଡଲାର ତୁଳନାରେ ୯୧.୫୦ ରହିଛି। ଚଳିତ ମାସରେ ପ୍ରଥମଥର ପାଇଁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧ ଟପିଛି। ସୋମବାର ଇରାନ ସାଉଦି ଆରବ ଏବଂ କାତାରର ଦୁଇ ପ୍ରମୁଖ ତୈଳ ରିଫାଇନେରି ଉପରେ ଆକ୍ରମଣ କରିବା ଘଟଣା ବୈଶ୍ୱିକ ପୁଞ୍ଜି ବଜାରକୁ ପ୍ରଭାବିତ କରିବା ଏବଂ ଏହାକୁ ନେଇ ଭାରତ ସମେତ ବିଶ୍ୱର ପ୍ରମୁଖ ଶେୟାର ବଜାରରୁ ନିବେଶକାରୀମାନେ ବିପୁଳ ପୁଞ୍ଜି ପ୍ରତ୍ୟାହାର କରିନେବା ଡଲାର-ଟଙ୍କା ବିନିମୟ ସ୍ଥିତିକୁ ପ୍ରଭାବିତ କରିଛି ବୋଲି କୁହାଯାଇଛି।

### ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଧରିତ୍ରୀର ଛୁଟି

ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୩ ଓ ୪ ତାରିଖ ମଙ୍ଗଳବାର ଏବଂ ବୁଧବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୬ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ** ତେଲ ମାରିଲା

ବିଟେକ୍ ପାଠ ଛାଡ଼ି ସିମ୍ ବକ୍ସ କାରବାର

ଝାରସୁଗୁଡ଼ା ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ନିଆଁ

ପୃଷ୍ଠା ୩

# ଭାଜପା ଦେବ ୩ ପ୍ରାର୍ଥୀ

**ରାଜ୍ୟ ସଭା ନିର୍ବାଚନ**

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନ ପାଇଁ ସମୟ ଯେତିକି ପାଖଉଛି, ଏହାକୁ ନେଇ ଚର୍ଚ୍ଚା ସେତିକି ବଢ଼ିବାରେ ଲାଗିଛି। ବିଜେଡି ପକ୍ଷରୁ ୩ୟ ଏବଂ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଆଗୁଆ ଦେଇ ଦିଆଯିବା ପରେ ଶାସକ ଭାଜପାର ରଣନୀତି କ'ଣ ହେବ ତାହାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ରାଜ୍ୟ ସଭାକୁ ନେଇ ଶାସକ ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ଏଭଳିସ୍ଥଳେ ସୋମବାର ଭାଜପା ବିଧାୟକ ଦଳ ବୈଠକ ପୂର୍ବରୁ ବିଧାୟକ ସନ୍ତୋଷ ଖଟୁଆ ୩ ଆସନରେ ପ୍ରାର୍ଥୀ ଦିଆଯିବ ଏବଂ ସବୁଥିରେ ଜିତିବ ବୋଲି କହିଛନ୍ତି। ବିଧାୟକମାନଙ୍କଠାରୁ ଦସ୍ତଖତ ନେବାର କାର୍ଯ୍ୟ ଶେଷ ହେବାପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଆଉ କେତେଜଣ ହାତଗଣତି ନେତାଙ୍କ ମଧ୍ୟରେ ଆଉ ଏକ ବୈଠକ କୁଆଡ଼େ ବସିଥିଲା ବୋଲି ଶୁଣିବାକୁ ମିଳିଛି। ୫ ତାରିଖରେ ନାମାଙ୍କନ ପାଇଁ ଶେଷ ତାରିଖ ରହିଛି। ଭାଜପାରୁ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କ ନାମାଙ୍କନ ଶେଷଦିନ କରାଯିବ ବୋଲି ଦଳର ବିଧାୟକମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ସବୁ ବିଧାୟକଙ୍କୁ ସୋମବାର ତାଙ୍କ ବାସଭବନକୁ ଡାକିଥିଲେ। ସେଠାରେ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ସବୁ ବିଧାୟକ ଖାଇବା ପିଇବା କରିବା ପରେ ରାଜ୍ୟ ସଭା ☞ପୃଷ୍ଠା-୨

# ଘନଉଛି ତୈଳ ସଙ୍କଟ

## ୨ ବୃହତ୍ ରିଫାଇନେରି ଉପରେ ଇରାନର ଆକ୍ରମଣ

ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ଦିନକୁ ଦିନ ବ୍ୟାପକ ରୂପ ଧାରଣ କରୁଛି। ଯୁଦ୍ଧ ଏବେ ଏହି ୨ ଦେଶ ମଧ୍ୟରେ ସୀମିତ ନ ରହି ଅନେକ ଦେଶକୁ ବ୍ୟାପିବାରେ ଲାଗିଛି। ଉପସାଗରୀୟ ପ୍ରମୁଖ ୫ଟି ଦେଶ ସମେତ ୟୁରୋପୀୟ ଦେଶରେ ରହିଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଇରାନ ଆକ୍ରମଣ କରିଥିବା ବେଳେ ବିଶ୍ୱର ଦୁଇ ପ୍ରମୁଖ ତୈଳ ଓ ଗ୍ୟାସ୍ ରିଫାଇନେରି ଉପରେ ଆକ୍ରମଣ ଘଟଣା ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳକୁ ବହୁଭାବରେ ପ୍ରଭାବିତ କରିବା ଆଶଙ୍କା ବଢ଼ାଇଛି। ତୈଳ ଯୋଗାଣ ବିଶୃଙ୍ଖଳ ଏବଂ ଭୂ-ରାଜନୈତିକ ଅସାମଞ୍ଜସ୍ୟ ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିବ।

ତେହରାନ୍,୨।୩

ଇରାନ-ଆମେରିକା ଯୁଦ୍ଧ କ୍ରମଶଃ ଗମ୍ଭୀର ହେବାରେ ଲାଗିଛି। ସୋମବାର ତୃତୀୟ ଦିନରେ ଉଭୟ ପକ୍ଷ ଆକ୍ରମଣ ଜାରି ରଖିଥିଲାବେଳେ କ୍ଷୟକ୍ଷତି ମଧ୍ୟ ବଢ଼ିବାରେ ଲାଗିଛି। ଆମେରିକା ଟାର୍ଗେଟରେ କେବଳ ଇରାନ ରହିଛି। କିନ୍ତୁ ଆମେରିକା ବିରୋଧରେ ଉପସାଗରୀୟ ଅଞ୍ଚଳର ୬ ପ୍ରମୁଖ ଦେଶ ସମେତ ସାଇପ୍ରସ୍ ଭଳି କେତେକ ୟୁରୋପୀୟ ରାଷ୍ଟ୍ରରେ ରହିଥିବା ଆମେରିକୀୟ ସାମରିକ ଘାଟି ☞ପୃଷ୍ଠା-୨

# 'କମନ୍' ପ୍ରାର୍ଥୀ ଦତ୍ତେଶ୍ୱରଙ୍କୁ ରାଜ୍ୟ କଂଗ୍ରେସର ସମର୍ଥନ

**କଂଗ୍ରେସର ରାଜ୍ୟ ସଭା ମନ୍ଥନ; ରମେଶ, ସୋଫିଆ ଅନୁପସ୍ଥିତ**

ଭୁବନେଶ୍ୱର,୨।୩(ରବିନାରାୟଣ ଜେନା)

ଆସନ୍ତା ମାର୍ଚ୍ଚ ୧୬ରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ ୫ ତାରିଖ ହେଉଛି ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଶାସକ ଭାଜପା ପ୍ରଥମ ଓ ଦ୍ୱିତୀୟ ଆସନରେ ଏବଂ ବିଜେଡି ୩ୟ ଆସନରେ ବିଜୟୀ ହେବା ପ୍ରାୟ ନିଶ୍ଚିତ। ୪ର୍ଥ ଆସନ ପାଇଁ କାହାରି ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ଏଥିନିମନ୍ତେ ବିଜେଡି ଗତ ଶନିବାର ଡା. ଦତ୍ତେଶ୍ୱର ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ☞ପୃଷ୍ଠା-୨









## ଆଜି ଚନ୍ଦ୍ର ଗ୍ରହଣ

### ସୂର୍ଯ୍ୟୋଦୟରୁ ପାକତ୍ୟାଗ

ଭୁବନେଶ୍ୱର,୨।୩ (ସୁଚିସ୍ମିତା ସାହୁ): ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମଙ୍ଗଳବାର ସଂଘଟିତ ହେବ। ଅପରାହ୍ନ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ୍ ରହିବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ସୂର୍ଯ୍ୟୋଦୟରୁ ହିଁ ପାକତ୍ୟାଗ ହେବ। ଏହି ସମୟରେ ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ କରିବା ଅନୁଚିତ ବୋଲି ଶାସ୍ତ୍ରୀୟ ମାନ୍ୟତା ରହିଛି। ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସଂଘଟିତ ହେବ।

# ଆଜି କ'ଣ କେଉଁଠି

**ସମ୍ବଲପୁର**
- ଗୁଣ୍ଡିଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ହୋଲି ମିଳନ ଓ ସଙ୍ଗୀତ ସନ୍ଧ୍ୟା, ସ୍ଥାନ : ମାରୱାଡି ପଞ୍ଚାୟତ ଧର୍ମଶାଳା, ସମୟ : ରାତି ୮ଟା।
- ସମ୍ବଲପୁର ସେଲେବ୍ରିଟି ଲିଗ୍‌ର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ପାପିଲୋମାଭାଇରସ୍ ଭେକ୍‌ସିନେଶନ୍ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲାଇସିଂହାରେ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସାପ୍ତାହିକ ବଜାର ପଡ଼ିଆ, ଲୋଇସିଂହା, ସମୟ: ରାତି ୯ଟା।

**ରାଉରକେଲା**
- ୩୧ତମ ନାମଯଜ୍ଞ ଓ ଅଷ୍ଟପ୍ରହର ସମାପନ, ସ୍ଥାନ: ସେକ୍ଟର-୧୯ ଗଜପତି ମାର୍କେଟ, ସମୟ: ଭୋର୍ ୫ଟା
- କାନଭାସ ପକ୍ଷରୁ ରାଉରକେଲା ଦିବସ ପାଇଁ ଗଣଦୌଡ଼, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସକାଳ ୬ଟା।
- ସରସ ସ୍ୱଦେଶୀ ମେଳା, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ମିଳନ, ସ୍ଥାନ: ସେକ୍ଟର-୨୦, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ:ସକାଳ ୯ଟା।
- ଲୋକ ଅଧିକାର ଯାତ୍ରା ଖବରଦାତା ସମ୍ମିଳନୀ, ସ୍ଥାନ:ସମତା ଭବନ, ବରଗଡ଼, ସମୟ: ସକାଳ ୯ଟା।
- ନୃସିଂହନାଥ ମନ୍ଦିର ପାଇଁ ଡିଜିଟାଲ ପୋଟାଲ ଆପ ଉଦ୍‌ଘାଟନ, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଫଗୁ ଯାତ୍ରା ଉପଲକ୍ଷେ ଦୋଳ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମୀ ଉପଲକ୍ଷେ ରାଧାକୃଷ୍ଣ ପୂଜା, ହୋଲି ଦହନ ଓ ପୂର୍ଣ୍ଣାହୁତି, ସ୍ଥାନ: କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଆଞ୍ଚଳିକ ଯାଦବ ଭବନ ପରିସର, ସମୟ: ରାତ୍ର ୯ଟା।
- ହୋଲି ଉତ୍ସବ ଅବସରରେ କଳସ ଯାତ୍ରା, ସ୍ଥାନ: ରାଧାକୃଷ୍ଣ ପୂଜା କମିଟି ବଡ଼ଛତ୍ରଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ରାଜ୍ୟସ୍ତରୀୟ ଦୋଳ ମହୋତ୍ସବ, ସ୍ଥାନ: ଭୀମ ପାହାଡ କେଳାକଟା ଖେଳ ପଡିଆ, ହରଭଙ୍ଗା, ବୌଦ୍ଧ, ସମୟ: ସକାଳ ୯ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ଖଇରା ପଞ୍ଚାୟତ ଦାବେରୀ ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସରଗାଦୀ ଗାଁ ଗଉନ୍ତିଆପଡ଼ା, ସମୟ: ସକାଳ ୭ଟା ୦୧।
- ବିଶ୍ୱଶାନ୍ତି ଚବିଶ ପ୍ରହର ନାମଯଜ୍ଞର ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡା ସଦର ବ୍ଲକ ଖଇରାନୀ ଗାଁ, ସମୟ: ପ୍ରାତଃ ୫ଟା ୧୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଭୀମାପଦର ଗାଁ, ସମୟ: ପ୍ରାତଃ ୫ଟା ୪୫।
- ଷୋହଳ ପ୍ରହର ଆଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ହୋଲିକା ଦହନ, ସ୍ଥାନ: କୋମନା ବ୍ଲକ ପ୍ରାୟ ଗାଁ, ସମୟ: ମଧ୍ୟ ରାତ୍ର ୧୨ଟା।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ସରଗାଦୀ ଗାଁ ଗଉନ୍ତିଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ଝାରସୁଗୁଡ଼ା**
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଅଭିନବ ଗୌରାଙ୍ଗ ମନ୍ଦିର, ବିଜୁନଗର, ଝାରସୁଗୁଡ଼ା, ସମୟ: ସକାଳ ୬ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପୂଜାରୀପାଲି ଖେଳପଡିଆ, ସମୟ: ସକାଳ ୯ଟା।

**ବାଲେଶ୍ୱର**
- ରଙ୍ଗ ଖେଳି ଉତ୍ସବ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳଦାନ ଶିବିର, ସ୍ଥାନ: ପିଞ୍ଛାବଣିଆ ଦୋଳ ମେଳନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ପିଞ୍ଛାବଣିଆ ଦୋଳ ମେଳା, ସ୍ଥାନ: ଦୋଳ ମେଳନ ପଡ଼ିଆ, ପିଞ୍ଛାବଣିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ଦୋଳ ବିମାନ ଶୋଭାଯାତ୍ରା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ରାତି ୧୧ଟା।
- ଦୋଳ ମହୋତ୍ସବ, ସ୍ଥାନ: ବ୍ରାହ୍ମଣଗାଁ, ବାସୁଦେବପୁର, ସମୟ: ରାତି ୩ଟା।

**କେନ୍ଦୁଝର**
- ପିଢ଼ପୋଖରୀରେ ପ୍ରଥମ ରାସ ଉତ୍ସବ ଅନୁଷ୍ଠିତ, ସ୍ଥାନ: ବଡ଼କାଳିମାଟି ପଞ୍ଚାୟତ ପିଢ଼ପୋଖରୀ, ଯୋଡ଼ା, ସମୟ: ସକାଳ ୯ଟା।
- ଜିଲା ଗୋଣ୍ଡ ସାଂସ୍କୃତିକ ସମାଜ, ସାଧାରଣ ଅଧିବେଶନ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ମଣ୍ଡୁଆ, ସମୟ: ପୂର୍ବାହ୍ନ ୧୦ଟା।
- ପିସିସି ସଭାପତିଙ୍କ ଗସ୍ତକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଦୋଳ ମହୋତ୍ସବ ଅବସରରେ ନାମ ସଙ୍କୀର୍ତ୍ତନ, ସ୍ଥାନ: ତାଳପଦା, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ୪୦ତମ ହୋଲି ଉତ୍ସବ,ସ୍ଥାନ:ବେଲଡିହା ଦୋଳ ପଡ଼ିଆ, କପ୍ତିପଦା,ସମୟ:ପୂର୍ବାହ୍ନ ୧୦ଟା ୩୦।

# ମଧ୍ୟପ୍ରାଚ୍ୟରେ ଫସି ରହିଛନ୍ତି ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ

## ଫେରିବା ବାଟ ଚାହିଁ ବସିଛନ୍ତି ପରିବାର ଲୋକେ

**ପାରଳାଖେମୁଣ୍ଡି,୨।୩(ଗିରିଧାରୀ ପରିଚ୍ଛା)**

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା, ଇରାନ, ଇସ୍ରାଇଲ ମଧ୍ୟରେ ଏବେ ଯୁଦ୍ଧ ଚାଲିଛି। ଏହି ସ୍ଥିତି ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଅନେକ ପ୍ରବାସୀ ଭାରତୀୟ କାତାର, ଇରାନ, ଇରାକ, ଆବୁଧାବୀ, ବେହେରାନ୍ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ରହି ଆସୁଥିଲେ। ସେମାନେ ଏବେ ଭାରତକୁ ଏବଂ ନିଜ ଗାଁକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଫେରି ନ ପାରି ଫସି ରହିଛନ୍ତି। ଏହି ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ଗଜପତି ଜିଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଏବଂ ବଡକଟୁରୁ ଗ୍ରାମର ୫୦ରୁ ଅଧିକ ପରିବାରର ସଦସ୍ୟ ରହିଛନ୍ତି। ସେମାନେ ଦାଦନ ଖଟିବାକୁ ଉପରୋକ୍ତ ଅଞ୍ଚଳକୁ ଯାଇ ରହିଛନ୍ତି। ସମ୍ପୃକ୍ତ ପରିବାରର ଲୋକେ ଗାଁରେ ସେମାନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। କେଉଁ ପରିବାରର ଭାଇ ତ କେଉଁ ପରିବାରର ସ୍ୱାମୀ, କାହାର ପୁଅ କାହାର ପୁତୁରା ଓ କାହାର ଭଣଜା ଯାଇ ସେଠାରେ ଅଛନ୍ତି।

ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଏଲ ମିଡିଆରେ ଯୁଦ୍ଧ ସମ୍ପର୍କିତ ବିଭିନ୍ନ ଫଟୋ ଓ ଭିଡିଓ ଦେଖି ପ୍ରବାସୀ ଓଡ଼ିଆଙ୍କ ପରିବାର ଲୋକେ ସର୍ବଦା ଚିନ୍ତାରେ ରହୁଛନ୍ତି। ଜଙ୍ଗଲପାଡୁ ଗ୍ରାମର ଅଧିକାଂଶ ପରିବାରର ଲୋକେ ଜୀବନ ଜୀବିକା ପାଇଁ ବାହାର ଦେଶକୁ ଯାଇ କାମ କରୁଛନ୍ତି। ଏହି ଗ୍ରାମର ଲୋକେ ନିଜ ପ୍ରିୟଜନଙ୍କ ସହ ଫୋନ୍‌ରେ କଥା ହେଉଛନ୍ତି ସତ, ମାତ୍ର ସେମାନଙ୍କ ମନରେ ଖୁସି ନାହିଁ। ମଧ୍ୟପ୍ରାଚ୍ୟର ଦେଶଗୁଡିକରେ ରହୁଥିବା ପରିବାରଗୁଡିକର ଲୋକଙ୍କୁ ସୁରକ୍ଷାର ସହ ଭାରତକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଜଙ୍ଗଲପାଡୁ ଗ୍ରାମର ଶାନ୍ତିଲତା ଜେନାଙ୍କ ଦୁଇ ପୁଅ ଆବୁଧାବିରେ ରହିଥିବା ବେଳେ ତାଙ୍କ ପୁତୁରା ଓ ଭଣଜା କାତାର ଏବଂ ଇରାନରେ ରହିଛନ୍ତି। ସେହିଭଳି କଲ୍ୟାଣୀ ସାମଲଙ୍କ ପୁଅ ଦୁବାଇରେ ଗୋଟିଏ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ପୁଷ୍ପା ନାୟକଙ୍କ ସ୍ୱାମୀ ଦୁବାଇରେ କୌଣସି କମ୍ପାନୀରେ କାମ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାପଗ୍ରହଯୁକ୍ତ ଚନ୍ଦ୍ର କୋଣଭାବରେ ରହିଥିବାରୁ ପାରିବାରିକ ସ୍ତରରେ ସାଧାରଣ ବ୍ୟତିକ୍ରମ ବେଶି କ୍ଷଣ ତିଷ୍ଠିରହିବ ନାହିଁ। କଥା ପ୍ରସଙ୍ଗରେ ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ଶ୍ରବଣ କରି ସାମୟିକ ବ୍ୟସ୍ତତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଗୃହ ଭୂମି ସମ୍ପର୍କିତ ଆଲୋଚନା ପ୍ରାୟତଃ ଅନୁକୂଳ ରହିବ।

**ବୃଷ**
କର୍ମଭାବର ଶୁଭତ୍ୱ ଆପଣଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ପୂର୍ବକ ସମ୍ମାନ୍‌ଜନକ ସ୍ଥିତିରେ ଅବସ୍ଥାପିତ କରାଇବ। ସ୍ୱାୟବିକ ଦୁର୍ବଳତା ଅନୁଭବ ସହ ସୁଯୋଗ ପାଇଲେ ମଧ୍ୟ ସଦୁପଯୋଗ କରିବା କଷ୍ଟକର ହୋଇପାରେ। ଦୂରଯାତ୍ରା, ଶିଳ୍ପ ଏବଂ ବାଣିଜ୍ୟ, ବ୍ୟବସାୟ ଓ ବିବାଦୀୟ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ବୁଧ କର୍ମାଧିପଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ପାଇପାରିବେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟାକୁ ନେଇ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ**
କର୍ମାଧିପ ଉଚ୍ଚସ୍ଥ ହୋଇ ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କିମ୍ବା ବିଳାସବ୍ୟସନ ଦିଗକୁ ମନ ଢଳିପାରେ। ପରିବାର ସହ ଆଲୋଚନାକ୍ରମେ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିବେ। ରାଜନୀତି, ସଂଗଠନ, ସଭାସମିତି ଏବଂ ବାଣିଜ୍ୟରେ ଉଚ୍ଚଫଳ ପ୍ରାପ୍ତି ହେବ।

**ସିଂହ**
ବ୍ୟୟାଧିପ ରାଶିସ୍ଥ ଯୋଗୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିପାରନ୍ତି। କାର୍ଯ୍ୟାରମ୍ଭ ସକାଶେ ପରିବାରର ସମର୍ଥନ ହାସଲ କରିବେ। ରାଶ୍ୟାଧିପ ଏକାଧିକ ଗ୍ରହଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆଶା ପୂରଣ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଜମିଜମା କାରବାର କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା**
କର୍ମସ୍ଥାନରେ ବୃହସ୍ପତି ରାଶ୍ୟାଧିପତିଙ୍କୁ ଅବଲୋକନ କରୁଥିବାରୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ତୀର୍ଥାଟନ ସକାଶେ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ସ୍ୱସ୍ଥାନହନ୍ତା ବୃହସ୍ପତି ଭ୍ରାତୃ ସମ୍ପର୍କ ହାନି, ପଡ଼ୋଶୀଙ୍କ ସହ କଳହ, ଏବଂ ଦୁଃସାହସିକ କାମରେ ପ୍ରବୃତ୍ତ କରାଇବ। ସମ୍ପର୍କୀୟଙ୍କ ନିକଟରୁ ଧୋକା ଖାଇପାରନ୍ତି।

**ତୁଳା**
ଧନ ସପ୍ତମାଧିପତି ମଙ୍ଗଳ କୋଣଭାବସ୍ଥ ଯୋଗୁ ଉନ୍ନତ ବ୍ୟବସାୟିକ ସ୍ଥିତି ଏବଂ ଜମିଜମା କାରବାରରେ ଉନ୍ନତ ଫଳ ପାଇବେ। ସଭାସମିତିରେ ଯୁକ୍ତିତର୍କ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସମର୍ଥନରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ବିଛା**
ବୃହସ୍ପତିଙ୍କ ଧନସ୍ଥାନ ପ୍ରତି ଦୃଷ୍ଟି ଆପଣଙ୍କ ଆଶା ଓ କାମନାକୁ ପୂରଣ କରିବାରେ ସାହାଯ୍ୟ କରିବ। କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଧାରି ନେଇ ସଫଳତା ପାଇପାରିବେ। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ସୂଚନା ରହିଛି।

**ଧନୁ**
ତୃତୀୟସ୍ଥ ଗ୍ରହ ପ୍ରଭାବରୁ ପଡ଼ୋଶୀଙ୍କ ସ୍ନେହ, ଆଦର ଏବଂ ସହକର୍ମୀଙ୍କ ସୌଜନ୍ୟତା ମନୋବଳ ବୃଦ୍ଧିରେ ସହାୟକ ହେବ। ଆଜି ବକେୟା ଅର୍ଥ, ମିଷ୍ଟାନ୍ନ ଭୋଜନ, ବସ୍ତ୍ର ଭୂଷଣାଦି ଲାଭ କରିବାର ସୌଭାଗ୍ୟ ଅର୍ଜନ କରିବେ। କୌଣସି ଆଗନ୍ତୁକଙ୍କ ସହ ତର୍କବିତର୍କ ଜନିତ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ।

**ମକର**
ଆଜିର ଗ୍ରହସ୍ଥିତି ଶୁଭଖବର ଏବଂ ଅଭିଳାଷ ପୂରଣର ସୂଚନା ଦେବ। ଉଚ୍ଚସ୍ଥ ମଙ୍ଗଳ ଆପଣଙ୍କୁ ମାଙ୍ଗଳିକ କାମ, ଆନୁଷ୍ଠାନିକ ସହଯୋଗ, କାର୍ଯ୍ୟସିଦ୍ଧି ହେତୁକ ଶୁଭଫଳ ପ୍ରଦାନ କରିବ। ଶନି କ୍ଷେତ୍ରସ୍ଥ ରବି ଯେକୌଣସି ପରିସ୍ଥିତିକୁ ସୁଧାରି ନେବାରେ ସମର୍ଥ ହେବେ। ବନ୍ଧୁଙ୍କ ଅନୁରୋଧକ୍ରମେ ଜନହିତକର କାର୍ଯ୍ୟରେ ଲିପ୍ତ ରହିବେ।

**କୁମ୍ଭ**
ରାଶିରେ ପଞ୍ଚଗ୍ରହଙ୍କ ସ୍ଥିତି କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ପଦାର୍ପଣ କରାଇପାରନ୍ତି। ସରକାରୀ ସହାୟତା, ଉପରିସ୍ଥଙ୍କ ଅନୁକମ୍ପା ସ୍ଥଗିତ କାମକୁ ଅଗ୍ରଗାମୀ କରାଇବ। ଅତୀତକୁ ଧରିବସିଲେ ସୁବିଧା, ସୁଯୋଗ ହରାଇବାକୁ ପଡ଼ିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାର ସୁଯୋଗ ମିଳିବ।

**ମୀନ**
ଭାଗ୍ୟାଧିପ ଦ୍ୱାଦଶସ୍ଥ ଯୋଗୁ ଆଜି ଆପଣ ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। ଆଇନ ବିଭାଗର ଗ୍ରହ ଶନି ରାଶିରେ ରହିଥିବାରୁ କଚେରି ମାମଲାରେ ବାଇଦା ପଡ଼ିପାରେ। ଆଜିର ଯାତ୍ରା ଲକ୍ଷ୍ୟ ପୂରଣ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ।

ଆଜି ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ଦୋଳପୂର୍ଣ୍ଣିମା, ମଙ୍ଗଳବାର, ଦୋଳଯାତ୍ରା, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତରାସ, ବସନ୍ତ ଉତ୍ସବ, ଶ୍ରୀ ଚୈତନ୍ୟଙ୍କ ଜୟନ୍ତୀ। ରାଶିନକ୍ଷତ୍ର-ଦିବା ଘ.୦୭।୩୧ମି. ଗତେ ପୂର୍ବାଫାଲଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୩ମି. ଗତେ ଘ.୧୦।୪୮ମି. ମଧ୍ୟେ, ଘ.୦୧।୦୮ମି. ଗତେ ଘ.୦୧।୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨/୫୩ମି. ଗତେ ଘ.୦୪।୨୧ମି. ମଧ୍ୟେ ରାହୁକାଳ।

## ଭାଜପା ଦେବ...

ପ୍ରଥମ ପୃଷ୍ଠାରୁ...

ବିଷୟରେ ଆଲୋଚନା ହେଇଥିଲା। ସେଠାରେ ବିଧାୟକମାନଙ୍କ ଦସ୍ତଖତ ରାଜ୍ୟ ସଭା ନିର୍ବାଚନ ଲାଗି ଆଗୁଆ ନିଆଯାଇଥିଲା। ବୈଠକ ବସିବା ଆଗରୁ ରାଜ୍ୟ ସଭା ନିର୍ବାଚନ ନିମନ୍ତେ ଦଳର ୫ ଜଣ ବିଧାୟକ ଯାଇ ୧୬ ସେଟ୍ ଫର୍ମ କିଣିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ, ଜଣେ ରାଜ୍ୟ ସଭା ପ୍ରାର୍ଥୀ ଚାହିଁଲେ, ସର୍ବାଧିକ ୪ ସେଟ୍ ଫର୍ମ ଦାଖଲ କରିପାରିବେ। ହେଲେ ଶାସକ ଦଳ ପ୍ରାର୍ଥୀ ଘୋଷଣା କରିବା ପାଇଁ କାହିଁକି ବିଳମ୍ବ କରୁଛି ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ମଧ୍ୟ ଉଠୁଛି।

ବିଜେଡି ପକ୍ଷରୁ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯିବା ପରେ ଭାଜପା ନିଷ୍ପତ୍ତି କ'ଣ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ବିଜେଡି ପକ୍ଷରୁ ଡାକ୍ତର ଦଡେଶ୍ୱର ହୋତାଙ୍କ ନାମ କମନ୍(ମିଳିତ) ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଅନେକ କିଛି ରାଜନୈତିକ ଘଟଣା କଂଗ୍ରେସ ଭିତରେ ମଧ୍ୟ ଦେଖିବାକୁ ମିଳୁଛି। ଦଡେଶ୍ୱର ସୋମବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ତାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବା ଲାଗି ନିବେଦନ କରିସାରିଛନ୍ତି। କଂଗ୍ରେସ ବିଧାୟକମାନଙ୍କ ଭିତରେ ଦଡେଶ୍ୱରଙ୍କୁ ସମର୍ଥନ କରିବା ନେଇ ସେଭଳି କିଛି ବିଶେଷ ଅସନ୍ତୋଷ ଥିବାର ଦୃଶ୍ୟ ଏଯାଏ ଲୋକଲୋଚନକୁ ସିଧାସଳଖ ଆସିନାହିଁ। ଏଭଳି ଘଟଣା ଶାସକ ଭାଜପାକୁ ଅଡୁଆରେ ପକାଇବା ସ୍ୱାଭାବିକ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ପକ୍ଷରୁ ଦାବି କରାଯାଇଥିଲା, ଯଦି ଦଡେଶ୍ୱର ସ୍ୱାଧୀନ ଭାବେ ଭାଜପା ବିରୋଧରେ ପ୍ରାର୍ଥୀ ହେବାକୁ ସ୍ଥିର କରାଯିବ ତା'ହେଲେ ତାଙ୍କ ଦଳର ସମର୍ଥନ ରହିବ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ବୈଠକ ଶେଷ ହେବାପରେ ମଧ୍ୟ ଦଡେଶ୍ୱର ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପଟେ ସିପିଆଇ(ଏମ୍)ର ଜଣେ ବିଧାୟକ ବର୍ତ୍ତମାନ ବିଧାନସଭାରେ ଅଛନ୍ତି।

ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ବିରୋଧୀ ବିଜେଡି, କଂଗ୍ରେସର ଆଭିମୁଖ୍ୟ ଗଣତନ୍ତ୍ର ପ୍ରତି ସୁସ୍ଥ ପରମ୍ପରା ନୁହେଁ। ବିରୋଧୀ ଦଳ ସବୁ ରାଜନୈତିକ ଦଳ ସହ ଆଲୋଚନା କରିବା ଉଚିତ ଥିଲା ବୋଲି ସେ କହିଛନ୍ତି। ଏଥିରୁ ଗୋଟେ କଥା ବୁଝାପଡୁଛି, ନବୀନ ସ୍ୱାଧୀନ ପ୍ରାର୍ଥୀ ଦେବା ଏବଂ କଂଗ୍ରେସ ସମର୍ଥନ ମିଳିବା ପରେ ରାଜ୍ୟ ସଭା ଆସନରେ ପ୍ରାର୍ଥୀ ଚୟନଠାରୁ ଆରମ୍ଭକରି ଭୋଟିଂ ସରିବା ପର୍ଯ୍ୟନ୍ତ ଶାସକ ଦଳ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ରାଜ୍ୟ ସଭାରେ ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ୧୩୩ ଏମ୍‌ପି ରହିଛନ୍ତି। ସେଥିରୁ ଭାଜପା ପାଖରେ କେବଳ ୧୦୩ ଜଣ ଏମ୍‌ପି ଅଛନ୍ତି। ଇଣ୍ଡିଆ ମେଣ୍ଟ ପାଖରେ ବର୍ତ୍ତମାନ ୮୭ ଏମ୍‌ପି ରହିଛନ୍ତି। ତେଣୁ ରାଜ୍ୟ ସଭାରେ ଗୋଟିଏ ଏମ୍‌ପି ଆସନ କମ୍ ମିଳୁ, ଏକଥା ଶାସକ ଦଳର କେନ୍ଦ୍ରୀୟ ନେତାମାନେ ଚାହିଁବେ ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଭାଜପାର ବୈଠକ ସମୟରେ କେତେଜଣ ବିଧାୟକଙ୍କୁ କୁଆଡ଼େ କୁହାଯାଇଥିଲା ଯେ, ଯଦି ସେମାନଙ୍କ ସହିତ ଅନ୍ୟ ଦଳର ବିଧାୟକମାନଙ୍କ ସମ୍ପର୍କ ଭଲ ଅଛି, ତେବେ ତାହା ଆଗକୁ ବଢାଇବା ଦରକାର। ଯିଏ ଯାହାସ୍ତରରେ ସବୁ ପ୍ରକାର ଚେଷ୍ଟା କର ବୋଲି କୁହାଯାଇଛି।

ଏ ପରିସ୍ଥିତିରେ ବିଜେଡି ଏବଂ କଂଗ୍ରେସ ଯଦି ମିଳିତ ଭାବେ ପ୍ରାର୍ଥୀ ଦେଇ ଆଗକୁ ବଢିବେ, ତେବେ ବିଜେଡିର ଗୋଟିଏ ପ୍ରାର୍ଥୀ ନିର୍ଦ୍ଦ୍ୱନ୍ଦ୍ୱରେ ବିଜୟୀ ହୋଇସାରିବା ପରେ ୪ର୍ଥ ଆସନ ଲାଗି କଂଗ୍ରେସ, ସିପିଆଇ(ଏମ୍)ର ୧୫ ଏବଂ ବିଜେଡିର ୧୮ ବିଧାୟକଙ୍କ ସମର୍ଥନ ସହିତ ସଂଖ୍ୟା ୩୩ ରହିବ। ଜଣେ ରାଜ୍ୟ ସଭା ଯିବା ପାଇଁ ୩୦ ଖଣ୍ଡ ଭୋଟ ଆବଶ୍ୟକତ। ଭାଜପା ୨ଜଣ ପ୍ରାର୍ଥୀଙ୍କୁ ନିର୍ଦ୍ଦ୍ୱନ୍ଦ୍ୱରେ ଜିତାଇ ସାରିବା ପରେ ଶାସକ ଦଳ ପାଖରେ ୩ୟ ଆସନ ଲାଗି ୨୨ ଖଣ୍ଡ ଭୋଟ ରହିବ। ତେବେ କିଭଳି ଭାଜପା ଆଉ ୮ଟି ଭୋଟ ଯୋଗାଡ଼ କରି ୪ର୍ଥ ଆସନଟିକୁ ହାତେଇବ ସେନେଇ ନାନା ଆକଳନ କରାଯାଉଛି। ଅନ୍ୟପଟେ ଶୁଣିବାକୁ ମିଳିଛି, ଦଡେଶ୍ୱର ହୋତା ରବିବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲିକାର୍ଜୁନ ଖାର୍ଗେଙ୍କୁ ଭେଟିବାର ଥିଲା। ହେଲେ ଶେଷ ସମୟରେ ଖାର୍ଗେ ଡାକିବା ବେଳକୁ ଦଡେଶ୍ୱର କୁଆଡ଼େ ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଆଉ ଭେଟିନ ଥିଲେ। ତେଣୁ କେଉଁ ଅଦୃଶ୍ୟ ଶକ୍ତି ଦଡେଶ୍ୱରଙ୍କ ଉପରେ ଚାପ ପକାଇଲା ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

## ଘନଉଛି ତୈଳ...

ଉପରେ ଇରାନର ଆକ୍ରମଣ ଭୂ-ରାଜନୈତିକ ସ୍ଥିତିକୁ ଜଟିଳ କରିଛି। ଏଭଳି ସ୍ଥିତି ପରୋକ୍ଷରେ ବୈଶ୍ୱିକ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ବଢ଼ିଛି। ଇରାନ ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଉପରେ ଆକ୍ରମଣ ଜାରି ରଖିଛି। କିନ୍ତୁ ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ରିଫାଇନେରି ସାଉଦି ଆରବର ଆରାମ୍‌କୋ ଏବଂ କାତାର୍‌ର ପ୍ରମୁଖ ଏଲଏନ୍‌ଜି ଗ୍ୟାସ୍ ଉତ୍ପାଦନକାରୀ ସଂସ୍ଥା ଉପରେ ସୋମବାର ଇରାନର ଆକ୍ରମଣ ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏଭଳି ସ୍ଥିତିରେ ସାଉଦି ଆରବ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ସେହିପରି ୟୁଏଇର ପ୍ରମୁଖ ଭିତ୍ତିଭୂମି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ସ୍ଥିତିକୁ ଜଟଳ କରିଥିଲା ବେଳେ ୟୁଏଇ ମଧ୍ୟ ଇରାନ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଛି। ଗୋଟିଏ ପଟେ ହୋର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନ ପ୍ରତିବନ୍ଧକ ଲଗାଇଥିବାରୁ ୟୁଏଇ, କାତାର୍, କୁଏତ୍, ଓମାନ ଏବଂ ବାହାରିନ୍ ଆଦି ଦେଶଗୁଡ଼ିକର ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଇରାନ ବିରୋଧରେ ସାଉଦି ଆରବ ଏବଂ ୟୁଏଇ ଆଦି ଦେଶ ଯଦି ଆକ୍ରମଣ ଆରମ୍ଭ କରନ୍ତି, ତେବେ ଉପସାଗରୀୟ ଅଞ୍ଚଳରୁ ଅନ୍ତର୍ଜାତୀୟ ବଜାରକୁ ତୈଳ ଯୋଗାଣ ଏକପ୍ରକାର ଠପ୍ ହୋଇଯିବ ବୋଲି ଆଶଙ୍କା ବଢ଼ିଛି। ଏଭଳି ସ୍ଥିତିରେ ସୋମବାର ବୈଶ୍ୱିକ ପୁଞ୍ଜି ବଜାରଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ତୈଳ ବଜାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୬ ପ୍ରତିଶତ ବୃଦ୍ଧି ଘଟି ବ୍ୟାରେଲ୍ ପିଛା ମୂଲ୍ୟ ୭୭.୦୮ ଡଲାର ଛୁଇଁଛି। ସେହିପରି ଡବ୍ଲ୍ୟୁଟିଆଇ( ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍) ମୂଲ୍ୟ ମଧ୍ୟ ୫.୫ ପ୍ରତିଶତ ବୃଦ୍ଧିରେ ବ୍ୟାରେଲ ପିଛା ମୂଲ୍ୟ ୭୦.୭୧ ଡଲାରରେ ପହଞ୍ଚିଛି। ବର୍ତ୍ତମାନ ସ୍ଥିତିକୁ ନେଇ ଆଗାମୀ ସପ୍ତାହକ ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦେଶୀ ପୁଞ୍ଜି ନିବେଶକାରୀ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକରୁ ସୋମବାର ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏହାଦ୍ୱାରା ବୈଶ୍ୱିକ ସ୍ତରରେ ନିବେଶ କ୍ଷେତ୍ର ମଧ୍ୟ ଭାରି ମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ସେପଟେ ସୁନା ଏବଂ ରୁପା ମୂଲ୍ୟ ମଧ୍ୟ ପୁଣି ଆକାଶଛୁଆଁ ହେବା ଆଶଙ୍କା ବଢ଼ାଇଛି। ନିବେଶକମାନେ ଯୁଦ୍ଧ ପ୍ରଭାବିତ ଷ୍ଟକ୍‌ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଏବେ ସୁନା ଏବଂ ରୁପାରେ ନିବେଶ କରିବାକୁ ଶ୍ରେୟ ମଣୁଥିବାରୁ ଏହି ଦୁଇଟି ଧାତୁର ଚାହିଦା ବଢ଼ିଛି। ସୋମବାର ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ସୁନା ମୂଲ୍ୟ ଅନ୍ୟୂନ ୫ ପ୍ରତିଶତ ବୃଦ୍ଧି ଘଟିଛି।

ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଆମେରିକା ଏବଂ ଇସ୍ରାଏଲର ଲକ୍ଷ୍ୟ ସାଧନ ହୋଇସାରିଥିବା ଆକଳନ କରାଯିବା ସହିତ ଯୁଦ୍ଧ ବିରତି ପାଇଁ ବାଟ ଖୋଲିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ଆମେରିକା ସେନା ଆହୁରି ୪ ସପ୍ତାହ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇସାରିଥିବା କଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ସେପଟେ ଇରାନ ମଧ୍ୟ ନିଜ ଆଭିମୁଖ୍ୟରୁ ହଟିବା ଦେଖାଯାଉ ନାହିଁ। ଖାମେନେଇଙ୍କ ଅବର୍ତ୍ତମାନରେ ମଧ୍ୟ ଇରାନ ଆମେରିକା ବିରୋଧରେ ଗୋଟିଏ ପରେ ଗୋଟିଏ ଦେଶକୁ ଟାର୍ଗେଟ କରିଚାଲିଛି। ଏଭଳି ସ୍ଥିତି ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଭୟଙ୍କର ସଙ୍କଟ ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି।

## 'କମନ୍' ପ୍ରାର୍ଥୀ...

ଦଡେଶ୍ୱରଙ୍କୁ ସବୁ ଦଳ ସମର୍ଥନ କରନ୍ତୁ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ। ଉକ୍ତଦିନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଏହାକୁ ସମର୍ଥନ ଜଣାଇଥିଲେ। ସୋମବାର ରାଜ୍ୟ କଂଗ୍ରେସ ଏନେଇ ସ୍ୱଷ୍ଟ ଭାବେ ସମର୍ଥନ ଜଣାଇଛି। ଏହାପୂର୍ବରୁ ଦିନତମାମ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଦଳ ପକ୍ଷରୁ ବୈଠକ ବସି ମାନସମନ୍ଥନ ହେବା ପରେ ଡା. ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ବିଜେଡି ଓ କଂଗ୍ରେସ ପକ୍ଷରୁ ଦଡେଶ୍ୱରଙ୍କୁ ମିଳିତ ପ୍ରାର୍ଥୀ ଘୋଷଣା ହେବା ପରେ ଏବେ ରାଜ୍ୟ ରାଜନୀତି ରୋଚକ ମୋଡ଼ ନେଇଛି। ସଂଖ୍ୟା ଗଣିତରେ ବିଜେଡିର ୫୦ଜଣ ବିଧାୟକଙ୍କ ମଧ୍ୟରୁ ୨ଜଣ ନିଲମ୍ବନ ହୋଇଥିବାବେଳେ ହାତରେ ୪୮ ବିଧାୟକ ରହିଛନ୍ତି। ସେହିପରି କଂଗ୍ରେସର ନିଜସ୍ୱ ୧୪ଜଣ ବିଧାୟକ ରହିଥିବାବେଳେ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ କଂଗ୍ରେସ ସମର୍ଥକ ରହିଛନ୍ତି। ଯଦି ସମସ୍ତ ବିଧାୟକଙ୍କୁ ମିଶାଯାଏ ତେବେ ସହଜରେ ଦଡେଶ୍ୱର ନିର୍ବାଚିତ ହୋଇପାରିବେ। ହେଲେ କଥା ଏଇଠାରେ ଶେଷ ହେଉନାହିଁ ବୋଲି ମନେ ହେଉଛି। କାରଣ ସୋମବାର ବୈଠକରେ ପିସିସି ସଭାପତି ଦାସଙ୍କ ଉପସ୍ଥିତିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଧ୍ୟକ୍ଷତା କରିଥିବାବେଳେ ବିଧାୟକ ରମେଶ ଚନ୍ଦ୍ର ଜେନା ଏବଂ ସୋଫିଆ ଫିର୍‌ଦୋସ୍ ଉପସ୍ଥିତ ନ ଥିଲେ। ଏହାସହ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବୈଠକରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ବୈଠକ ପରେ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗଙ୍କ ପ୍ରତିକ୍ରିୟା ଦଳରେ ଅସନ୍ତୋଷକୁ ପଦାରେ ପକାଉଛି। ଗମାଙ୍ଗ କହିଛନ୍ତି, ରାଜ୍ୟ ସଭା ପ୍ରାର୍ଥୀ କିଏ ଚିହ୍ନିନାହିଁ। ବର୍ତ୍ତମାନ ସୁଦ୍ଧା କିଛି 'କ୍ଲିୟର ପିକ୍ଚର' ନାହିଁ। ଯେତେବେଳେ ନୋଟିଫିକେଶନ ହେବ ଏବଂ ଦଳ ଆମକୁ କହିବ ଯେ ଇଏ ଆମର ପ୍ରାର୍ଥୀ, ତାଙ୍କୁ ଭୋଟ ଦିଅନ୍ତୁ, ତା'ପରେ ଆମେ ମାନିବୁ। ପିସିସି ଯାହା ନିଷ୍ପତ୍ତି ନେବ। ଏ ପର୍ଯ୍ୟନ୍ତ ଜାଣିନାହିଁ ଯେ, ଦଡେଶ୍ୱର ଆମର ରାଜ୍ୟ ସଭା ପ୍ରାର୍ଥୀ ହେବେ କି କ'ଣ ବୋଲି ଗମାଙ୍ଗ କହିଛନ୍ତି। ବିଧାୟକମାନଙ୍କୁ ନେଇ ରାଜ୍ୟ ସଭା ନିର୍ବାଚନ ଆଲୋଚନାର ଆରମ୍ଭ ଦିନରୁ ଏଭଳି ଭିନ୍ନ ମତକୁ ଲକ୍ଷ୍ୟ କରାଯାଇଛି।

ବୈଠକରେ ପିସିସି ସଭାପତି ଓ କାଡ଼ାମଙ୍କ ସମେତ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଏଆଇସିସି ସମ୍ପାଦକ ମୟୂର ଜୟକୁମାର, ବିଧାୟକ ତାରାପ୍ରସାଦ ବାହିନୀପତି, ଡା. ସି. ଏସ୍. ରାଜନ୍ ଏକ୍କା, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ପବିତ୍ର ସାଉଁତା, ଅଶୋକ ଦାସ, କାଡ୍ରାକା ଅପାଲସ୍ୱାମୀ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନୀ, ସତ୍ୟଜିତ ଗମାଙ୍ଗ ଓ ନୀଳମାଧବ ହିକକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଡା. ଦଡେଶ୍ୱର ହୋତା ମଧ୍ୟ ବୈଠକରେ ଉପସ୍ଥିତ ରହିବା ସହ ଭୋଜନରେ ଆପ୍ୟାୟିତ ହେଉଥିବା ଦେଖିବାକୁ ମିଳିଛି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ଆଜିର ବୈଠକରେ ରାଜ୍ୟ ସଭା ନିର୍ବାଚନକୁ ନେଇ ଶାନ୍ତିପୂର୍ଣ୍ଣ ଆଲୋଚନା ହୋଇଛି। କଂଗ୍ରେସ ପ୍ରଥମରୁ ୫ଜଣ ନିର୍ବିବାଦୀୟ ପ୍ରାର୍ଥୀଙ୍କୁ ଛିଡ଼ା କରିବାପାଇଁ ଆଗଭର ହୋଇଥିଲା। ସେଥିରେ ଦଡେଶ୍ୱରଙ୍କ ନାମ ମଧ୍ୟ ରହିଥିଲା। ତେବେ କଂଗ୍ରେସ ଏକ ଜାତୀୟ ଦଳ। ପ୍ରାର୍ଥୀ ଘୋଷଣା ହେବା ପୂର୍ବରୁ ବିଜେଡି ଦଡେଶ୍ୱରଙ୍କ ଭଳି ଜଣେ ଅନ୍ତର୍ଜାତୀୟ ଚିକିତ୍ସକଙ୍କୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଆଜିର ବୈଠକର ନିଷ୍ପତ୍ତିକ୍ରମେ ଦଡେଶ୍ୱରଙ୍କୁ କଂଗ୍ରେସ ମଧ୍ୟ କମନ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି। ତେବେ ବିଧାୟକ ରମେଶ ଜେନା ଏବଂ ବିଧାୟିକା ସୋଫିଆଙ୍କ ଜରୁରୀ କାର୍ଯ୍ୟ ଥିବାରୁ ସେମାନେ ଅନୁପସ୍ଥିତି ଥିଲେ। କିନ୍ତୁ ସେମାନଙ୍କର ଦଡେଶ୍ୱରଙ୍କ ପ୍ରତି ସମର୍ଥନ ରହିଥିବା ଦାସ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା କାଡାମ କହିଛନ୍ତି, ଆଜିର ବିଧାୟକ ଦଳ ବୈଠକରେ ଦଡେଶ୍ୱର ଯୋଗଦେଇ ସମର୍ଥନ ମାଗିଥିଲେ। ସେ ଜଣେ ସୁନାମଧନ୍ୟ ଚିକିତ୍ସକ ହୋଇଥିବାରୁ ପିସିସି ସଭାପତି ତାଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାବାଦ୍ ଏଆଇସିସିର ମଧ୍ୟ ସମ୍ମତି ରହିଛି। ତେଣୁ ଦଡେଶ୍ୱର କଂଗ୍ରେସର 'କମନ' ପ୍ରାର୍ଥୀ ହେବେ। ତାଙ୍କର ନାମାଙ୍କନ ପତ୍ର ଦାଖଲ ଦିନ ଏବଂ ନିର୍ବାଚନରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ ଦଳ ପକ୍ଷରୁ କୁହାଯାଇଛି। ବିଧାୟକ ରମେଶ ଜେନା ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ପହଞ୍ଚି ପିସିସି ସଭାପତିଙ୍କୁ ଭେଟି ତାଙ୍କ ସମ୍ମତି ଜଣାଇବେ ବୋଲି କାଡ଼ାମ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ପରେ କମନ ପ୍ରାର୍ଥୀ ଡା. ଦଡେଶ୍ୱର ହୋତା କହିଛନ୍ତି, 'ସମସ୍ତ ସଦସ୍ୟଙ୍କୁ ଭେଟିବାର ସୁଯୋଗ ପାଇଲି। କଂଗ୍ରେସ ହାଇକମାଣ୍ଡ ଓ ଦଳ ପାଖରେ ମତେ ପକ୍ଷ ରଖିବାର ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବି। ମୋର ବିଶ୍ୱାସ ଅଛି, ନିବେଦନ କରୁଛି, ହେଲେ ନିଷ୍ପତ୍ତି ତାଙ୍କର। ପେସାରେ ଡାକ୍ତର, ସୁଯୋଗ ମିଳିଲେ ସେବା କରିବି।'

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଡ଼ା ଗାଈ ଧରଷ**
**ମା' ହୋଇଛି ନା ବାପ ହୋଇଛି**
**ଜାଣିବି ଦେହ ପରାସ ।**

ପିତାମାତା ବହୁ କଷ୍ଟ କରି ପିଲାଙ୍କ ଲାଳନପାଳନ କରିଥାନ୍ତି। ପିଲାଙ୍କୁ ଛୋଟରୁ ବଡ଼ କରାଇବାରେ ବହୁ କଷ୍ଟ ସହିଥାନ୍ତି। ତାଙ୍କ ଅଳିଅର୍ଦ୍ଦଳି ପୂରଣ କରାଇବାରେ ଦିନ ରାତି ଏକ କରି ଦେଇଥାନ୍ତି। ପିଲାଙ୍କୁ ସମ୍ଭାଳିବା ଏକ ଦାୟିତ୍ୱର କାର୍ଯ୍ୟ ହୋଇଥାଏ। ପରୋକ୍ଷରେ ଯିଏ ଦାୟିତ୍ୱ ମୁଣ୍ଡାଏ ସେ ହିଁ କେବଳ କଷ୍ଟ କ'ଣ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦିଆ ଗୋସେଇଁ**
**ଚାଳ ସନ୍ଧିରୁ କଥା କାଢ଼ନ୍ତି ।**

କେତେଜଣ ଲୋକ ଦେବା ନାଁ କଥା ଶୁଣିଲେ ମୁହଁ ଫୁଲାଇଥାନ୍ତି। କ'ଣ କେମିତି କଲେ ଏଥିରୁ ବର୍ତ୍ତିଯାଇହେବ ସେନେଇ ପ୍ରସ୍ତୁତି ଚଳେଇଥାନ୍ତି। ଦେବାର ମନୋବୃତ୍ତି ରଖୁ ନ ଥିବା ଲୋକ କୌଣସି ଛଳର ଆଶ୍ରୟ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩ /୨୦୨୬ Bhubaneswar, Tuesday, March 3/2026 | ପୃଷ୍ଠା-୩



**ରଙ୍ଗ ଭରିଦେଲା ପରୀକ୍ଷା ଖୁସି:** ସୋମବାର ମାଟ୍ରିକ ପରୀକ୍ଷା ଶେଷ ଦିନ ଭୁବନେଶ୍ୱରସ୍ଥିତ ୟୁନିଟ୍-୧ କ୍ୟାପିଟାଲ ହାଇସ୍କୁଲ କେନ୍ଦ୍ର ବାହାରେ ପରୀକ୍ଷାର୍ଥୀମାନେ ପରସ୍ପରକୁ ରଙ୍ଗ ବୋଳି ହୋଲି ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)

# ବିଟେକ୍ ପାଠ ଛାଡ଼ି ସିମ୍ ବକ୍ସ କାରବାର

## ଭୁବନେଶ୍ୱରରୁ ୧୨ ସିମ୍ ବକ୍ସ ଜବତ, ୨କେରଳୀ ଯୁବକ ଗିରଫ

- **ଚାଇନାର ହାର୍ଡୱେର ହୋଇଥିବାବେଳେ ବାଂଲାଦେଶର ସଫ୍ଟୱେର**
- **ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ପରିବର୍ତ୍ତନ କରୁଥିଲେ**
- **ବଏଜ ହଷ୍ଟେଲରେ ଘର ଭଡ଼ା ନେଇ ରହି ଚଳାଉଥିଲେ ନେଟ୍‌ୱର୍କ**

**ଭୁବନେଶ୍ୱର,୨।୩ (ତ୍ରିନାଥ ମହାନ୍ତି)**

ରାଜଧାନୀର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ସୋମବାର ଏକ ସାଇବର ର୍‍ୟାକେଟ ଠାବ କରାଯାଇଛି। ବିଟେକ୍ ପାଠ ଅଧାରୁ ଛାଡ଼ି ସିମ୍ ବକ୍ସ କାରବାରରେ ସାମିଲ ଥିବା ୨କେରଳ ଯୁବକଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨ଟି ସିମ୍ ବକ୍ସ, ୩ ହଜାରରୁ ଊର୍ଦ୍ଧ୍ୱ ସିମ୍, ଲାପ୍‌ଟପ୍, ୱାଇଫାଇ ରାଉଟର, ମୋଡେମ ଏବଂ କନେକ୍ଟର ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଉମର ଏମ୍ ଏବଂ ସିଆଉଲ୍ ହକ୍। ପଟିଆ ସୁଜର ପ୍ଲାଜା ପଛରେ ଥିବା ଏକ ବଏଜେ ହଷ୍ଟେଲରେ ଗତ ୪ ମାସ ହେଲା ଉମର ଏବଂ ସିଆଉଲ୍ ରୁମ୍ ଭଡ଼ା ନେଇ ସିମ୍ ବକ୍ସ ର୍‍ୟାକେଟ ଚଳାଉଥିଲେ। ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ଟିମ୍, ଚନ୍ଦଶେଖରପୁର ପୋଲିସ ଏବଂ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଚଢ଼ାଉ କରିଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଜବତ ସିମ୍ କାର୍ଡଗୁଡ଼ିକ ଆସାମ ଏବଂ ଆନ୍ଧ୍ରପ୍ରଦେଶରେ ରେଜିଷ୍ଟ୍ରେଶନ ରହିଛି। ସମସ୍ତ ସିମ୍‌କାର୍ଡକୁ ଉମର ଏବଂ ସିଆଉଲ୍ ବେଆଇନ ଭାବେ ଆଣିଥିବା ତଦନ୍ତରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଏହି ପୂରା ନେଟ୍‌ୱର୍କ ଚାଇନାରୁ ଅପରେଟ୍ ହେଉଥିଲା। ଚାଇନା ହାର୍ଡୱେର ଭାରତକୁ ପଠାଉଥିବାବେଳେ ବାଂଲାଦେଶ ସଫ୍ଟୱେରରେ ଚାଲୁଥିଲା। ଭିଓଏସ୍ ୩ହଜାର ଆପ୍ଲିକେଶନ ମାଧ୍ୟମରେ ସିମ୍ ବକ୍ସ ପୁରା ନେଟ୍‌ୱର୍କ କାମ କରୁଥିଲା। ଭିଓଏସ୍ ୩୦୦୦ ସଫ୍ଟୱେରକୁ ଲାପ୍‌ଟପ୍‌ରେ ଇନ୍‌ଷ୍ଟଲ କରିବା ପରେ ଏହି ସିମ୍‌ବକ୍ସକୁ କଣ୍ଟ୍ରୋଲ କରାଯାଉଥିଲା। ଏହି ସିମ୍ ବକ୍ସ ମାଧ୍ୟମରେ ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ବାଇପାସ୍ କରାଯାଉଥିଲା। ଗୋଟିଏ ସିମ୍ ବକ୍ସରେ ୯୦ରୁ ଊର୍ଦ୍ଧ୍ୱ ସିମ୍ ପଡ଼ି ପାରୁଥିଲା। ଓଡ଼ିଶାରେ ରହି ବେଆଇନ ଭାବେ ଆମେରିକା, ୟୁରୋପଠୁ ଆରମ୍ଭ କରି ବିଭିନ୍ନ ଦେଶ ସହ ଯୋଗାଯୋଗ କରାଉଥିଲେ। ବେଆଇନ ଭାବେ ☞ପୃଷ୍ଠା-୧୩



ଜବତ ସିମ୍‌ବକ୍ସ, ସିମ୍ ସହ ଗିରଫ ୨ ଅଭିଯୁକ୍ତ ।

# ସରିଲା ମାଟ୍ରିକ୍ ପରୀକ୍ଷା, ୧୯ରୁ ଖାତାଦେଖା

### ମେ' ୨ୟ ସପ୍ତାହ ସୁଦ୍ଧା ପରୀକ୍ଷାଫଳ

**କଟକ,୨।୩ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଏହି ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁସାରେ, ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ଆସନ୍ତା ୧୯ରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତି କରିବାକୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଖାତାଦେଖା ଶେଷ ହେବା ପରେ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପ୍‌ଲୋଡ୍ କରାଯିବ। ଏତଦ୍ୱାରା ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ପହଞ୍ଚି ପାରିବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇସାରିଛି। ଅନ୍ୟପକ୍ଷରେ ମେ' ୨ୟ ସପ୍ତାହ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ନିମନ୍ତେ ଚେଷ୍ଟା କରାଯାଉଥିବା ବୋର୍ଡ ସଭାପତି ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷାର୍ଥୀ ☞ପୃଷ୍ଠା-୧୩

# ଝାରସୁଗୁଡ଼ା ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ନିଆଁ



ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ଲାଗିଥିବା ନିଆଁ।

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ସମ୍ମୁଖ କୁଟି ଜଙ୍ଗଲ ଓ ବୁଦାରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଜଙ୍ଗଲରେ ଥିବା ଶୁଖିଲା ଗଛ ଜଳିଯାଇଛି। ଅଗ୍ନିଶମ କର୍ମଚାରୀମାନେ ୫ଟି ଦମକଳ ଗାଡ଼ି ସହାୟତାରେ ପ୍ରାୟ ୪ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ କେହି ଦୁର୍ବୃତ୍ତ ସିଗାରେଟ୍ ଟାଣି ଫିଙ୍ଗିଦେଇଥିବାରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ବିମାନବନ୍ଦର ନିକଟ ତଥା ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ଡିପୋଠାରୁ ଅଳ୍ପ ଦୂର କୁଟି ଜଙ୍ଗଲ ଓ ବୁଦାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ନିଆଁ ଲାଗିଯାଇଥିଲା। ଧୀରେ ଧୀରେ ଏହି ନିଆଁ ଚାରିଆଡ଼େ ବ୍ୟାପିବାରୁ ଭୟଙ୍କର ରୂପ ଧାରଣ କରିଥିଲା। ଖବରପାଇ ଝାରସୁଗୁଡ଼ା ଅଗ୍ନିଶମ କେନ୍ଦ୍ରର ୨ଟି, ବିମାନବନ୍ଦରର ଗୋଟିଏ ଏବଂ ବେଦାନ୍ତ କମ୍ପାନୀର ୨ଟି ଦମକଳ ଗାଡ଼ି ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ପରିଶ୍ରମକରି ଅପରାହ୍ନ ପ୍ରାୟ ୩ଟାରେ ନିଆଁକୁ ☞ପୃଷ୍ଠା-୧୩

# ୩୮ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର,୨।୩ (ବନ୍ଦନା ସେଠୀ)**

ରାଜ୍ୟରେ ଦିନକୁ ଦିନ ଖରା ପ୍ରକୋପ ବଢ଼ିବାରେ ଲାଗିଛି। ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ କରିଥିବାବେଳେ ଏବେଠୁ ଏପରି ସ୍ଥିତି ଅନୁଭବ ହେଲାଣି। ମାର୍ଚ୍ଚ ଆରମ୍ଭରୁ ହିଁ ରାଜ୍ୟରେ ପାରଦ ୩୬ ଡିଗ୍ରୀ ଛୁଇଁଥିବାବେଳେ ଅଧିକାଂଶ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ରବିବାର ୧୨ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବାବେଳେ ସୋମବାର ୧୧ ସହରର ତାପମାତ୍ରା ୩୬ ଡିଗ୍ରୀ ଟପିଥିଲା। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ଝାରସୁଗୁଡାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହେବା ସହ ଏହା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏହା ପଛକୁ ଭୁବନେଶ୍ୱର ୩୭.୫ ଡିଗ୍ରୀ ସହିତ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ଉଭା ହୋଇଛି। ☞ପୃଷ୍ଠା-୧୩






ଯୀଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା– ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ– ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ।–ଶ୍ରୀଅରବିନ୍ଦ

-ଦୋଳ ପୂର୍ଣ୍ଣିମା, ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ, ଶ୍ରୀଜୀଉଙ୍କ ରାଜାଧିରାଜ ବେଶ ଓ ଚନ୍ଦ୍ର ଗ୍ରହଣ



# ତେଲ ମାରିଲା

ଇରାନ ଉପରେ ଆମେରିକା–ଇସ୍ରାଏଲର ମିଳିତ ଆକ୍ରମଣ ପରେ ଯୁଦ୍ଧର ପରିସର ବ୍ୟାପକ ହୋଇଛି। କେତେକ ସୂତ୍ର ଇରାନ୍‌ରେ ୫୫୦ ମୃତାହତ କହୁଥିବା ବେଳେ ଆଉ କିଛି ସୂତ୍ର ୮୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚାଉଛନ୍ତି। ଏହି ସଂଖ୍ୟା ମାତ୍ର ୩ ଦିନ ଯୁଦ୍ଧରେ ଘଟିଛି। ଆମେରିକାର ୩ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଥିବା ବେଳେ ଉପସାଗରୀୟ ରାଷ୍ଟ୍ରରେ ଇରାନ୍ ଆକ୍ରମଣରେ ୧୦ରୁ ୧୧ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଜ କ୍ଷତିକୁ ଆମେରିକା ଭଳି ରାଷ୍ଟ୍ର ସ୍ୱୀକାର କରିଛି। ଯୁଦ୍ଧରେ ପ୍ରତିଟି ପକ୍ଷର କ୍ଷତି ଘଟିବା ଥୟ। ଅନେକ ସମୟରେ କିଛି ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଇ ସତକୁ ସ୍ୱୀକାର କରି ନ ଥାଆନ୍ତି। ଆଜିର ସୁପର ପ୍ରଯୁକ୍ତି ପ୍ରଦର୍ଶନ ଯୁଗରେ କୌଣସି ବିଷୟକୁ ଲୁଚାଇ ରଖିହେବ ନାହିଁ। ବ୍ୟକ୍ତିର ଆଖିକୁ ଉଚ୍ଚ ପ୍ରଯୁକ୍ତି ଜ୍ଞାନକୌଶଳ ମାଧ୍ୟମରେ ପଢ଼ି ହେଉଥିବାରୁ ଯାହାକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଉଛି, ତାହା ଠିକ୍ ସ୍ଥାନରେ ବାଜିବା ସୁନିଶ୍ଚିତ। ତାହାକୁ ଇଂଲିଶରେ ପ୍ରିସିଶନ ବା ତ୍ରୁଟିଶୂନ୍ୟତା ବୋଲି କୁହାଯାଉଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଯେଭଳି ଭାବେ ଏକାଥରେ ଟାର୍ଗେଟ କରି ମାରିଦିଆଗଲା ସେଥିରୁ ବୁଝିବାକୁ ହେବ ଯେ, ଯୁଦ୍ଧ ଆଉ ଅନୁମାନ ନୁହେଁ ଯଥାର୍ଥ ଜାଗାରେ ବାଜି କ୍ଷତି କରିପାରୁଛି। ଗତ କିଛିବର୍ଷର ଯୁଦ୍ଧ ପରିସରକୁ ଦେଖିଲେ ରୁଷିଆ–ୟୁକ୍ରେନ୍, ଇସ୍ରାଏଲ–ହମାସ ଯୁଦ୍ଧ ପରେ ଏବର ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଅନ୍ତର୍ଜାତୀୟ ଆର୍ଥିକ ଦୁନିଆକୁ ଦୋହଲାଇ ଦେଇଛି। ଯୁଦ୍ଧର ଶାରୀରିକ କ୍ଷତି ଲଢ଼େଇ ହେଉଥିବା ରାଷ୍ଟ୍ର ଭିତରେ ସୀମିତ ରହୁଥିବା ବେଳେ ଆର୍ଥିକ କ୍ଷତି ବିଶ୍ୱ ଭୋଗିବା ଜଳଜଳ ଦିଶୁଛି।

ଇରାନ ବିରୋଧରେ ଆମେରିକା–ଇସ୍ରାଏଲ ଯୁଦ୍ଧର ତୃତୀୟ ଦିନରେ ତେଲ ଦର ଗୁରୁତର ଭାବେ ବୃଦ୍ଧି ପାଇଛି। ଏହା ଜଣାଶୁଣା ଯେ, ତେଲ ପ୍ରଗତିର ସଙ୍କେତ ଦେଇଥାଏ। କାରଣ ଏହା ଶକ୍ତି କ୍ଷେତ୍ରକୁ ପ୍ରତିନିଧିତ୍ୱ କରେ। ବିଶ୍ୱରେ ତେଲର ମାନକ ଖୋଜିଲେ ଏକାଧିକ ଥିବା ବେଳେ ମୁଖ୍ୟତଃ ତିନୋଟି ଉପରେ ବ୍ୟବସାୟ କେନ୍ଦ୍ରିତ ହୋଇଥାଏ। ସେଗୁଡ଼ିକ ହେଉଛି ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ), ବ୍ରେଣ୍ଟ କ୍ରୁଡ୍ ଏବଂ ମିଡିୟମ୍ ସାୱାର କ୍ରୁଡ୍। ଡବ୍ଲ୍ୟୁଟିଆଇ ହେଉଛି ଆମେରିକା ଦ୍ୱାରା ଉଚ୍ଚ ଗୁଣବତ୍ତାର ଅଶୋଧିତ ତୈଳ। ଏହା ବୈଶ୍ୱିକ ତେଲ ବଜାରରେ ବିଶେଷ ଭାବେ ଆମେରିକା ତୈଳର ମୂଲ୍ୟ ପାଇଁ ଏକ ପ୍ରମୁଖ ମାନକ ରୂପେ ଉପଯୋଗ କରାଯାଏ। ବୈଷୟିକ ଭାଷାରେ ଏହାକୁ ଲାଇଟ୍ ସୁଇଟ୍ ଅଶୋଧିତ ତେଲ ଭାବେ ଗଣାଯାଏ। ବ୍ରେଣ୍ଟ କ୍ରୁଡ୍ ହେଉଛି ଅନ୍ୟତମ ତୈଳ ବୈଶ୍ୱିକ ମାନକ। ସାଧାରଣତଃ ବ୍ୟବସାୟଭିତ୍ତିକ ତେଲର ପ୍ରାୟ ୭୫ ପ୍ରତିଶତ ମୂଲ୍ୟ ଏହା ନିର୍ଦ୍ଧାରଣ କରେ। ବିଶେଷକରି ୟୁରୋପ ଓ ଆଫ୍ରିକାର ବେଞ୍ଚମାର୍କ ଭାବେ ବ୍ୟବହାର କରାଯାଏ। ଦୁବାଇ–ଓମାନ୍ ମାନକ ସାଧାରଣତଃ ମିଡିୟମ୍ ସାୱାର କ୍ରୁଡ୍ ଅଏଲ୍ ବା ମଧ୍ୟମ ଅଶୋଧିତ ତୈଳକୁ ସୂଚିତ କରେ, ଯାହା ବିଶେଷକରି ମଧ୍ୟପ୍ରାଚ୍ୟରୁ ଏସିଆକୁ ଆସୁଛି। ଇତିମଧ୍ୟରେ ବିଶ୍ୱର ପ୍ରମୁଖ ତୈଳ ବିଶୋଧନାଗାର ସାଉଦି ଆରାମ୍‌କୋ ଓ କ୍ୱାତାରି ଅଏଲ୍ ରିଫାଇନାରି ଉପରେ ଇରାନର ଡ୍ରୋନ୍ ଆକ୍ରମଣ ସହ ଗଲ୍ଫ ଅଫ୍ ଓମାନରେ ତୈଳ ଟ୍ୟାଙ୍କର କ୍ଷତିଗ୍ରସ୍ତ ହେବା ତେଲ ଦର ବୃଦ୍ଧିକୁ ଇନ୍ଧନ ଯୋଗାଇଛି। ବର୍ତ୍ତମାନର ସ୍ଥିତି ଦେଖିଲେ ଡବ୍ଲ୍ୟୁଟିଆଇ ୬ ପ୍ରତିଶତ ବଢ଼ି ବ୍ୟାରେଲ ପିଛା ୭୭.୦୮ ଡଲାର ହୋଇଥିବା ବେଳେ ବ୍ରେଣ୍ଟ ୫.୩୫ ପ୍ରତିଶତ ବଢ଼ି ୭୮.୨୫ ଡଲାର ଛୁଇଁଛି। ସେହିପରି ଦୁବାଇ–ଓମାନ୍ ମିଡିୟମ୍ ସାୱାର କ୍ରୁଡ୍ ଅଏଲ୍ ପ୍ରାୟ ୯ ପ୍ରତିଶତ ବଢ଼ି ବ୍ୟାରେଲ ପିଛା ୭୯.୩୦ ଡଲାର ଯାଏ ବଢ଼ିଛି। ଯୁଦ୍ଧର ଗତି ଓ ଆକାର ବଢ଼ିଚାଲିଲେ ସପ୍ତାହକ ମଧ୍ୟରେ ଆଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିବ ବୋଲି ତୈଳ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏହା ହେଲେ ତୈଳ ଆମଦାନୀ ଉପରେ ବିଶେଷ ନିର୍ଭର କରୁଥିବା ଭାରତ ସମେତ ଅନେକ ଦେଶ ଅତ୍ୟଧିକ କ୍ଷତିଗ୍ରସ୍ତ ହେବେ। ଆଉ ଏକ ସମସ୍ୟା ହେଲା ଅନ୍ତର୍ଜାତୀୟ ଆର୍ଥିକ ଅସ୍ଥିରତାକୁ ଦେଖି ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ପୁଞ୍ଜିବଜାରରୁ ଅର୍ଥ ଉଠାଇ ନେଇ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍) ଯଥା ସୁନା ଆଦିରେ ନିବେଶ କରିବାରେ ଲାଗିଲେଣି। ଫଳରେ ସୁନା ଦର ବହୁମାତ୍ରାରେ ବଢ଼ିବା ସହ ଭାରତୀୟ ପୁଞ୍ଜିବଜାର ଅତ୍ୟଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ।

ଏଭଳି ଏକ ସ୍ଥିତିରେ ଭାରତ ଯେଭଳିଭାବେ ଇସ୍ରାଏଲ ସହ ମିଶି ଏକ ନୂଆ ପର୍ଯ୍ୟାୟ ଆରମ୍ଭ କରିବାକୁ ଚେଷ୍ଟା କରୁଥିଲା ତାହା ସମ୍ଭବତଃ ତ୍ରୁଟିପୂର୍ଣ୍ଣ ବୋଲି ସମୟ ଦର୍ଶାଇ ଦେଇଛି। ଅନ୍ତର୍ଜାତୀୟ ରାଜନୀତିରେ ସମୟ ହେଉଛି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହି ଖେଳରେ ବାରମ୍ବାର ପଛୁଆ ପଡ଼ିଯାଉଥିବା ଭଳି ମନେହେଉଛି। ବିଶେଷକରି ନିକଟ ଅତୀତରେ ରୁଷିଆଠାରୁ, ଆମେରିକା ଚାପରେ, ଭାରତ ତୈଳ କିଣିବା ହ୍ରାସ କରିଦେଇଛି। ମଧ୍ୟପ୍ରାଚ୍ୟରୁ କିଣିବାକୁ ଗଲାବେଳକୁ ଯୁଦ୍ଧ ପରିସ୍ଥିତି ଜନ୍ମ ନେଲା। ପୁନର୍ବାର ରୁଷିଆର ଦ୍ୱାରସ୍ଥ ହେବା କେତେଦୂର ପର୍ଯ୍ୟନ୍ତ ସମ୍ଭବପର ତାହା କହିବା ଏବେ କଷ୍ଟକର। ଅପରପଟେ ଚାଇନା ମଧ୍ୟ ଇରାନଠାରୁ ତାହାର ଚାହିଦାର ୧୩.୫ ପ୍ରତିଶତ ତେଲ କିଣୁଥିଲା। ଏବେ ସେହି ପରିମାଣର ତେଲ ରୁଷିଆଠାରୁ କିଣି ପାରିବ। ଏହା ବ୍ୟତୀତ ଚାଇନା ତା'ର ତୈଳ ବ୍ୟବହାରର ପ୍ରାୟ ୫ ପ୍ରତିଶତ କମାଇବାରେ ସଫଳ ହୋଇପାରିଛି। ଏହା ସମ୍ଭବପର ହୋଇଛି ଇଲେକଟ୍ରିକ୍ ଗାଡ଼ି ଓ ଯାନବାହନ ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ ଆଣିକରି। ମଧ୍ୟପ୍ରାଚ୍ୟର ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବବୋଲି କହିବା ସମ୍ଭବପର ନୁହେଁ। କିନ୍ତୁ ଭାରତ ତା'ର ଆଭ୍ୟନ୍ତରୀଣ ଶକ୍ତି ସୃଷ୍ଟି କରିବା ଉପରେ ଅଧିକ ଗୁରୁତ୍ୱ ଦେଇପାରିଲେ ଅନ୍ତର୍ଜାତୀୟ ସ୍ତରରେ ଶକ୍ତିଶାଳୀ ଦେଶ ଭାବେ ପରିଗଣିତ ହେବାର ସ୍ୱପ୍ନ ସାକାର ସମ୍ଭାବନା ରହିଛି। ନଚେତ୍ ଫମ୍ପା ଧ୍ୱନିରେ ଏମିତି ଦୁର୍ବଳ ହୋଇ ଏହି ଦେଶ ରହିଯିବ।

## su | do | ku

Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | |
| 3 | | 9 | 1 | | 5 | | | 6 |
| 8 | | 2 | | 7 | | | | |
| 4 | | | 6 | 2 | | | 3 | 9 |
| 2 | | | 4 | | | 6 | | 8 |
| | 1 | 6 | | 3 | 8 | | | 5 |
| | | | 8 | 1 | | 3 | | 2 |
| 6 | | 7 | | 9 | 2 | | 4 | |
| | | | | | 4 | 5 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 2 | 9 | 1 | 8 | 7 | 6 |
| 8 | 1 | 2 | 6 | 7 | 3 | 9 | 5 | 4 |
| 9 | 6 | 7 | 4 | 8 | 5 | 2 | 3 | 1 |
| 4 | 8 | 6 | 7 | 5 | 2 | 3 | 1 | 9 |
| 2 | 7 | 3 | 9 | 1 | 4 | 5 | 6 | 8 |
| 1 | 5 | 9 | 3 | 6 | 8 | 7 | 4 | 2 |
| 3 | 2 | 8 | 5 | 4 | 6 | 1 | 9 | 7 |
| 6 | 9 | 5 | 1 | 2 | 7 | 4 | 8 | 3 |
| 7 | 4 | 1 | 8 | 3 | 9 | 6 | 2 | 5 |

ଗତକାଲିର ଉତ୍ତର

# ଆଧୁନିକ ଭସ୍ମାସୁର



ନିରଞ୍ଜନ ସାହୁ

ଭସ୍ମାସୁର ଗପ ଆମେ ସମସ୍ତେ ପଢ଼ିଛନ୍ତି ପିଲାବେଳେ କିମ୍ବା ଶୁଣିଛନ୍ତି ଗୁରୁଜନଙ୍କ ପାଖରୁ। ଭାରତୀୟ ପୁରାଣ ସାହିତ୍ୟରେ ଥିବା ରାଶିରାଶି ଗଳ୍ପରାଜି ଭିତରୁ ଏହା ଏକ ପ୍ରତୀକାତ୍ମକ ପ୍ରସଙ୍ଗ। ଜଣେ ଅସୁର ବହୁ ସାଧନା କରି ଶିବଙ୍କଠାରୁ ଗୋଟିଏ ବର ପାଇଥିଲା, ବରଟି ଥିଲା ଏମିତି ଯେ ଅସୁର ଯେକୌଣସି ବ୍ୟକ୍ତିର ମୁଣ୍ଡକୁ ଛୁଇଁଦେବା ମାତ୍ରେ ତା'ର ମୁଣ୍ଡ ପାଉଁଶରେ ପରିଣତ ହୋଇଯାଉଥିଲା। ଏଇ ବର ପାଇବା ପରେ ସଂପୃକ୍ତ ଅସୁରଟି ତା'ର ଶତ୍ରୁମାନଙ୍କୁ ବିନାଶ କରିବାର ସହଜସାଧ୍ୟ ଉପାୟଟିଏ ପାଇଗଲା, କ୍ରମେ ତା'ର ଗୋଟିଏ ନାଁ ହୋଇଗଲା ଭସ୍ମାସୁର । ତା'ର ଅହଂକାର ଏତେ ବଢ଼ିଗଲା ଯେ ସେ ଚାହିଁଲା ସେଇ ବରକୁ ବରଦାତା ଶିବଙ୍କ ଉପରେ ପ୍ରୟୋଗ କରିବ। ଶିବ ଏହା ଜାଣିପାରିଲେ, ସେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ କାଳବିଳମ୍ବ ନ କରି ନିଜକୁ ଜଣେ ସୁନ୍ଦରୀ ନୃତ୍ୟାଙ୍ଗନା ଭାବରେ ରୂପ ବଦଳେଇ ଦେଲେ ଏବଂ ଭସ୍ମାସରକୁ କହିଲେ ସେ ଯଦି ନୃତ୍ୟରେ ତାଙ୍କୁ ପରାଜିତ କରିପାରିବେ ତା'ହେଲେ ତାଙ୍କର ପାଣିଗ୍ରହଣ କରିବାକୁ ସେ ରାଜି। ଭସ୍ମାସୁର ଭାବିଲା ସେ ବି ନୃତ୍ୟରେ ସେଇ ନର୍ତ୍ତକୀକୁ ପରାସ୍ତ କରିପାରିବ। ତେଣୁ ସେ ନୃତ୍ୟ ପଟ୍ଟିୟସୀକୁ ଅନୁକରଣ କରି ନାଚିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ସେଇ ନର୍ତ୍ତକୀ (ମୋହିନୀ : ବିଷ୍ଣୁଙ୍କ ପ୍ରତିରୂପୀ) ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ଏଇ ଆତ୍ମ ପ୍ରଶଂସାରେ ଖୁସି ଥିବାବେଳେ ମୋହିନୀ ନିଜ ମୁଣ୍ଡକୁ ଛୁଇଁ ଦେବାରୁ ଭସ୍ମାସୁର ଅନୁରୂପ ଅଭିନୟ କରିବାକୁ ଆଗେଇ ଆସିଲେ ଏବଂ କିଛି ବୁଝିବା ପୂର୍ବରୁ ଭସ୍ମାସୁର ନିଜେ ଭସ୍ମ ହୋଇ ସାରିଥିଲା। ପୁରାଣର ଏଇ କଥାବସ୍ତୁକୁ ପୁନର୍ବାର ଅଧ୍ୟୟନ କଲା ପରେ ଆଉ କ'ଣ ବୁଝିବାକୁ ବାକି ରହିବ ଯେ ଅନ୍ୟ କେହି ମଣିଷ ଛଡ଼ା ଭସ୍ମାସୁରର ଅଭିନୟ କରିପାରିବ? ଏହା କୌଣସି ନାଟକର ଅଭିନୟ ନୁହେଁ ଏହା ହେଉଛି ସତସତିକା ଅଭିନୟ, ଯାହା ମଣିଷ କରି ଚାଲିଛି।

ମଣିଷ ଯେଉଁ ବରଦାନ ପାଇ ନିଜକୁ କ୍ଷମତାଶାଳୀ ବୋଲି ଭାବୁଛି ସେ ସବୁ ପ୍ରକୃତିରୁ ନୁହେଁ କି? ସେ ଖାଦ୍ୟ ହେଉ ବା ପାନୀୟ, ହେଉ ସେ ବସ୍ତ୍ର ଅଥବା ବାସଗୃହ – ସବୁକିଛି ସେ ପାଉଛି ସେଇ ପ୍ରକୃତିରୁ। ଅଥଚ ପ୍ରକୃତିକୁ କାବୁ କରି ତାକୁ ଧ୍ୱଂସ କରିବାକୁ ଚାହୁଁଛି ପ୍ରତିନିୟତ। ତା'ର ଧାରଣା ହୁଏତ ସେଇ ପୌରାଣିକ ଚରିତ୍ର ଭସ୍ମାସୁରର ଚିନ୍ତାର ଅନୁରୂପ – ସେ ଯଦି ବରଦାତା ଶିବଙ୍କୁ ଧ୍ୱଂସ କରିପାରିବ, ତାହେଲେ ସିନା ସେ ଶିବଙ୍କଠାରୁ ଅଧିକ କ୍ଷମତାଶାଳୀ ବୋଲି ବିବେଚିତ ହେବ । ଏଇ କ୍ଷମତା ଆହରଣ ଓ ତା'ର ପ୍ରମାଣ ଭିତରେ ନିମଜ୍ଜମାନ ମଣିଷ ଆଧୁନିକ ଭସ୍ମାସୁର ନୁହେଁ ତ ଆଉ କ'ଣ!



ଆପଣଙ୍କୁ ଅବିଶ୍ୱାସ୍ୟ ଲାଗିଲେ ବି ସତ ଯେ ସଦ୍ୟ ପ୍ରକାଶିତ ୟୁଏନ୍‌ଇପି (ୟୁନାଇଟେଡ ନେସନ୍ସ ଏନଭାଇରନମେଣ୍ଟ ପ୍ରୋଗ୍ରାମ)ରିପୋର୍ଟରେ ଦର୍ଶାଇଛି ଯେ, ସାରା ବିଶ୍ୱରେ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ଏକ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏହାକୁ ଧ୍ୱଂସ କରିବା ପାଇଁ ୩୦ ଡଲାର ଖର୍ଚ୍ଚ କରାଯାଉଛି। ଅର୍ଥାତ୍ ଧ୍ୱଂସ ପାଇଁ ଖର୍ଚ୍ଚ ସଂରକ୍ଷଣର ୩୦ଗୁଣ। ମିଳିତ ଜାତିସଂଘର ପର୍ଯ୍ୟାବରଣ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଙ୍ଗର ଆଣ୍ଡରସନ୍‌ଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସାରା ବିଶ୍ୱ ୨୦୨୩ ମସିହାରେ ୭.୩ ଟ୍ରିଲିୟନ ଡଲାର ପର୍ଯ୍ୟାବରଣକୁ କ୍ଷତି କରୁଥିବା ପଦକ୍ଷେପରେ ବିନିଯୋଗ କରିଛି। ତନ୍ମଧ୍ୟରୁ ବ୍ୟକ୍ତିଗତ ଉଦ୍ୟୋଗ ମାଧ୍ୟମରେ ୪.୯ ଟ୍ରିଲିଅନ ଡଲାର ବିନିଯୋଗ ହୋଇଛି ମୁଖ୍ୟତଃ ଶିଳ୍ପ ସ୍ଥାପନରେ, ଇନ୍ଧନ ଖୋଜିବାରେ ବା ଖଣିଖାଦାନରେ। ଏହା ଛଡ଼ା ବିଭିନ୍ନ ଦେଶ ରାଷ୍ଟ୍ରୀୟ ଅର୍ଥ ଖର୍ଚ୍ଚ କରିଛନ୍ତି ପ୍ରାୟ ୨.୪ ଟ୍ରିଲିୟନ ଡଲାର, ଯାହାର ବିନିଯୋଗ ହୋଇଛି ଫସିଲ ଫୁଏଲ ସବ୍‌ସିଡି, କୃଷି, ଜଳ, ଗମନାଗମନ ଏବଂ ନିର୍ମାଣ କାର୍ଯ୍ୟରେ। ଏହି ଅର୍ଥର ତିରିଶ ଭାଗରୁ ଭାଗେ ଖର୍ଚ୍ଚ ହୋଇଛି ପ୍ରକୃତିର ସଂରକ୍ଷଣଜନିତ ବିଭିନ୍ନ କାର୍ଯ୍ୟକ୍ରମରେ। ଆମର କାର୍ଯ୍ୟକ୍ରମ ସୂଚେଇ ଦେଉଛି ଆମେ କେମିତି ଧ୍ୱଂସ ଦିଗରେ ଅଗ୍ରସର ହେଉଛନ୍ତି।

କାହାକୁ ଅଜଣା ନାହିଁ ଯେ ୨୦୦୦ ମସିହାରେ ସହସ୍ରାବ୍ଦର ବିକାଶ ଲକ୍ଷ୍ୟ ସମ୍ବଳିତ ଏକ ଶପଥ ପତ୍ର ମିଳିତ ଜାତିସଂଘ ତରଫରୁ ଜାରି କରାଯାଇଥିଲା। ଏହାକୁ ସଂକ୍ଷେପରେ ଏମ୍‌ଡିଜି (ମିଲେନିୟମ ଡେଭଲପ୍‌ମେଣ୍ଟ ଗୋଲ୍ସ) ବୋଲି କୁହାଯାଉଥିଲା। ସେତେବେଳେ ଆଠଗୋଟି ଲକ୍ଷ୍ୟ ପୂରଣ କରିବାକୁ ସହଯୋଗୀ ରାଷ୍ଟ୍ରମାନେ ଅଙ୍ଗୀକାରବଦ୍ଧ ହୋଇଥିଲେ ଏବଂ ଦୁଇହଜାର ପନ୍ଦର ସୁଦ୍ଧା ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂରଣ ହୋଇ ନ ପାରିବାରୁ ୨୦୧୫ରେ ଏକ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ହାତକୁ ନିଆଗଲା ଯାହା ୨୦୩୦ ସୁଦ୍ଧା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହାକୁ ଏସ୍‌ଡିଜି ବା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ସ ବୋଲି କୁହାଯାଏ। ଏଥିରେ ସତର ଗୋଟି ଲକ୍ଷ୍ୟ ଲିପିବଦ୍ଧ ହୋଇଥିଲା। ସିଧା ସଳଖ ଭାବରେ ପାଞ୍ଚଟି ଏହା ଭିତରୁ ପର୍ଯ୍ୟାବରଣର ବିକାଶ ସହିତ ସଂଯୁକ୍ତ। ମାତ୍ର ପରୋକ୍ଷ ବିଚାରକୁ ଗଣିଲେ ସବୁତକ ପରିବେଶ ସମ୍ପର୍କିତ।

ପରିବେଶ ଅନୁକୂଳ ବିକାଶର ନକ୍ସା ଦିନକୁ ଦିନ ରୁଗ୍‌ଣ ହେବାର ମୁଖ୍ୟ କାରଣ ହେଲା ଯେଉଁ ଦେଶମାନେ ସମୃଦ୍ଧ ତାଲିକାରେ ଅଛନ୍ତି ସେମାନେ ସଂପୃକ୍ତ କାର୍ଯ୍ୟ ପାଇଁ ବ୍ୟୟ ବରାଦ କରିବାକୁ ଅନିଚ୍ଛୁକ। ୨୦୧୫ରେ ପ୍ୟାରିସ୍ ବୁଝାମଣା ନାଁରେ ଗୋଟିଏ ନିର୍ଦ୍ଧାରଣ ପତ୍ର ପାରିତ ହୋଇଥିଲା ବିଶ୍ୱର ରାଷ୍ଟ୍ରମାନଙ୍କ ଦ୍ୱାରା। ଏଥିରେ ବିଶ୍ୱତାପନ ପ୍ରଭାବକୁ ନ୍ୟୂନତମ ସ୍ତରକୁ ନେବା ପାଇଁ ବିବିଧ ବ୍ୟବସ୍ଥା ରହିଥିଲା। ୨୦୧୭ ରେ ଆମେରିକାର ସେତେବେଳର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଇ ରାଜିନାମାରୁ ଯୁକ୍ତରାଷ୍ଟ୍ର ଓହରିଗଲା ବୋଲି ଘୋଷଣା କଲେ । ତାଙ୍କର ଯୁକ୍ତି ଥିଲା ଏହା ଫଳରେ ଆମେରିକାକୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିବ ଏବଂ ଆମେରିକା ଅର୍ଥନୀତି କ୍ଷତିଗ୍ରସ୍ତ ହେବ। ପରବର୍ତ୍ତୀ ସମୟରେ ପୂର୍ବତନ ରାଷ୍ଟ୍ରପତି ବାଇଡ଼େନ୍ ଏହି ଚୁକ୍ତିକୁ ସମର୍ଥନ କରିଥିଲେ ମଧ୍ୟ ପୁନର୍ବାର ଟ୍ରମ୍ପ ନିର୍ବାଚିତ ହେଲା ପରେ ଏହି ରାଜିନାମାକୁ ଶକ୍ତ ଧକ୍କା ଲାଗିଛି।

ବିକଶିତ ଦେଶର ଲୋକମାନେ ବୋଧହୁଏ ଅନୁଭବ କରିପାରନ୍ତି ନାହିଁ ଯେ ସେମାନଙ୍କ ଦ୍ୱାରା ପୃଥିବୀର କେତେ ଅଧିକ ଶକ୍ତି ଉପଯୋଗ ହୁଏ। ଆମେରିକାର ପ୍ରତି ପରିବାରରେ ବହୁ ସଂଖ୍ୟକ ଦାମୀ ଗାଡ଼ି ଥାଏ ଏବଂ ସେମାନେ ବହୁ କୋଠରି ବିଶିଷ୍ଟ ଘରେ ବସବାସ କରନ୍ତି । ସେହି ଘରଗୁଡ଼ିକୁ ଉଷୁମ ରଖିବାକୁ ଏବଂ ଗାଡ଼ିଗୁଡ଼ିକୁ ଚଳନକ୍ଷମ କରିବା ପାଇଁ ଯାହା ଖର୍ଚ୍ଚ ହୁଏ ତାହାର ଆକଳନ ସାଧାରଣଠାରୁ ଯଥେଷ୍ଟ ଅଧିକ। ସେମାନଙ୍କର ଉର୍ଜା ବ୍ୟବହାରକୁ ଲକ୍ଷ୍ୟ କଲେ ଅନୁଭବ ହୋଇପାରେ, ପୁରାଣରେ ଆଲୋଚିତ କୁମ୍ଭକର୍ଣ୍ଣ ପରି ଅସୁରଠାରୁ ସେମାନେ ଜଣେ ଜଣେ କମ୍ ନୁହନ୍ତି।

ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରକୃତିର ପରିଧି। ଜଳକୁ ଆମର ଜୀବନ କୁହାଯାଏ। ପାନୀୟ ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ । ମାତ୍ର ବିଶ୍ୱରେ ଯେତିକି ଜଳ ଅଛି ତାହା ମଧ୍ୟରୁ ମାତ୍ର ଏକ ପ୍ରତିଶତ କେବଳ ପାନୀୟ ଜଳ ପାଇଁ ଉପଯୋଗୀ। ଜଳଉତ୍ସଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ଜାଣିପାରନ୍ତି ନାହିଁ କାରଣ ଆମର ଭୁଲ୍ ଧାରଣା ଯେ ଆମର ସାଗର ମହାସାଗରଗୁଡ଼ିକ ଅଛନ୍ତି। ମାତ୍ର ସାଗରର ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରିବା ପାଇଁ ଏତେ ଖର୍ଚ୍ଚ ହେବ ତାହାର କଳନା କରାଯାଇପାରିବ ନାହିଁ।

ଆମର ବାୟୁମଣ୍ଡଳ ଏବେ ପ୍ରଦୂଷିତ। ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଆମେ ମାଟି ଉପରେ ନିର୍ଭରଶୀଳ, ମାତ୍ର ମୃତ୍ତିକାକ୍ଷୟ ବିପଜ୍ଜନକସ୍ତରରେ। ବାୟୁକୁ ଆହୁରି ବିଷାକ୍ତ କରୁଛି ଯୁଦ୍ଧର ବିଭୀଷିକା। ଏସବୁକୁ ଲକ୍ଷ୍ୟ କଲେ ଲାଗିବ ମଣିଷ ଭସ୍ମାସୁର ପାଲଟିଯାଇଛି ଏବଂ ସେ ନିଜକୁ ମାରିବା ପାଇଁ ଯେମିତି ଉତ୍ସାହରେ ଆଗେଇ ଚାଲିଛି। ବିକାଶ ଧାରା ପ୍ରକାରାନ୍ତରେ ପାଲଟିଛି ବିନାଶର ଜୟଯାତ୍ରା। ଏଥିରୁ କ'ଣ ମୁକ୍ତି ମିଳିବ?

**ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ**

ମୋ: ୯୪୩୮୪୮୨୯୧୧

# ପ୍ରେମ ଓ ଫଲ୍‌ଗୁର ଯାତ୍ରା



ଡ. ଅରୁନ୍ଧତୀ ଦେବୀ

ଆଜକୁ ୮୦୦ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳନ ହୋଇଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏବଂ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥା'ନ୍ତି। ପୁରାଣବିତ୍‌ଙ୍କ ମତରେ, ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଏହାର ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ୍ ଶ୍ରୀନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ୍ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜି ଯାଉଥିଲେ ତ ପୁଣି କେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳନ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରା ପାଞ୍ଚଦିନ ପାଇଁ ପାଳନ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ଘଟାଇଥାଏ। ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜନ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୁଏ। ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅବିର ଅର୍ପଣ କରାଯାଇଥାଏ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବମୁଖର ହୋଇଉଠିଥାଏ। ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦନ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚିଯାଆନ୍ତି। ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦନ କରିଥା'ନ୍ତି, ଠିକ୍ ସେହିପରି ଶ୍ରୀକୃଷ୍ଣ ଭକ୍ତମାନଙ୍କଠାରୁ ଭୋଗ ନେବା ପାଇଁ ଦୋଳ ଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥା'ନ୍ତି। ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ–ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ, ଯାହାର ନାମ ଦୋଳମଣ୍ଡପ। ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅବିର ଅର୍ପଣ କରିଥାନ୍ତି।



ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ। ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି। ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖିଛନ୍ତି ''ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଇମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ। ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ।'' ଦୋଳପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ। ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତ୍ତାକର୍ଷକ। ପାଟପଟୁଆର, ରୋଶଣି, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି। ଓଡ଼ିଶାର ବିଭିନ୍ନ ମେଳଣ ଭିତରେ ଧର୍ମଶାଳାର ମୁନ୍‌ସିମେଳଣ, ପଞ୍ଚପାଣ୍ଡବ ସନ୍ନିକଟ ଓଳକଣା ମେଳଣ ଓ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଳଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନମୋହନଙ୍କୁ ନେଇ ଆୟୋଜନ ହୁଏ ଭୂୟାଁ ମେଳଣ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗଖେଳ। ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା।

ଦୋଳଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିତା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀମାନଙ୍କୁ ଶୁଭାଶୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା।

**ନିର୍ଦ୍ଦେଶିକା ଓ ସମ୍ପାଦିକା, ଅନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**

ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ଏକାଗ୍ରତାର ସହ ଚେଷ୍ଟା କରାଗଲେ ସଫଳତା ମିଳିଥାଏ, ଯାହା ପ୍ରମାଣ କରିଛନ୍ତି କଶ୍ମୀରର ଶବନମ୍ ବଶିର। ସେ କଶ୍ମୀର ବାନ୍ଦିପୋରର ପାହାଡ଼ିଆ ଅଞ୍ଚଳରେ ଆଢୁଆଳରେ ରହିଯାଇଥିବା ଅନେକ ଛୋଟ ଭ୍ୟାଲି ବା ସମତଳ ଜାଗାକୁ ଲୋକଲୋଚନକୁ ଆଣିପାରିଛନ୍ତି। କେବଳ ସେତିକି ନୁହେଁ, ସେଠାରେ ହୋମ୍‌ଷ୍ଟେର ବ୍ୟବସ୍ଥା ମଧ୍ୟ କରାଇଛନ୍ତି। ସମୟ ଏମିତି ଥିଲା–ହାତରେ ମୋବାଇଲ ଓ ଏକ ଡାଏରୀ ଧରି ସବୁଦିନ ପାହାଡ଼ ଚଢୁଥିବା ଜଣେ ଝିଅ(ଶବନମ୍)କୁ 'ତୁ କୁଆଡ଼େ ଏକୁଟିଆ ଯାଉଛୁ' ବୋଲି ଲୋକେ ପଚାରୁଥିଲେ। ହେଲେ ସେ କାହା କଥା ନ ଶୁଣି ନୀରବରେ ଆଗକୁ ଚାଲୁଥିଲେ ତାଙ୍କ ଲକ୍ଷ୍ୟପଥରେ। ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳରେ ସୁନ୍ଦର ସ୍ଥାନର ସନ୍ଧାନ ଥିଲା ତାଙ୍କ ମୁଖ୍ୟ ଲକ୍ଷ୍ୟ। ସେହି ଲକ୍ଷ୍ୟ ତାଙ୍କର ପୂରଣ ହୋଇଛି ଏବଂ ସେ ୧୬ଟି ଲୁକ୍କାୟିତ ଭ୍ୟାଲିକୁ ସାମ୍ନାକୁ ଆଣି ସେଠାରେ ୪୦ଟି ହୋମ୍‌ଷ୍ଟେ ବ୍ୟବସ୍ଥା କରାଇପାରିଛନ୍ତି। ଏବେ ବାହାରୁ ପର୍ଯ୍ୟଟକ ଆସି ସେଠାରେ ରହି ଭ୍ୟାଲିଗୁଡ଼ିକର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଗୁଜର ବକ୍ରୱାଲ ସମ୍ପ୍ରଦାୟର ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୭୭

- ନିର୍ବାଚନ ବ୍ୟବସ୍ଥା ତଦାରଖ କରିବା ନିମନ୍ତେ ଏକ ସର୍ବଦଳୀୟ ନିର୍ବାଚନ କମିଟି ଗଠନ କରାଯିବା ଲାଗି ବାମପନ୍ଥୀ ଦଳର ଦାବିକୁ ମୁଖ୍ୟ ନିର୍ବାଚନ କମିଶନର ସ୍ୱାମୀନାଥନ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।
- ବୈଦେଶିକ ମନ୍ତ୍ରୀ ୱାଇ. ବି. ଚଭନଙ୍କ ବ୍ୟକ୍ତିଗତ ସେକ୍ରେଟାରୀ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ।

## ପାଠକ ଶ୍ରେଷ୍ଠ ବିଚାରକ

### ଭକ୍ତକବିଙ୍କ ପ୍ରତି ଅବମାନନା

ମହାଶୟ,

ଶିଶୁମାନଙ୍କ ଓଡ଼ିଆ ବର୍ଣ୍ଣ ଶିକ୍ଷାର ପ୍ରଥମ ପୁସ୍ତକ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ବର୍ତ୍ତମାନ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ବିଭିନ୍ନ ଆକାର(ସାନ ଓ ବଡ଼) ଏବଂ ବିଭିନ୍ନ ରୂପ(ରଙ୍ଗିନ, କଳାଧଳା)ରେ ପ୍ରକାଶିତ ହୋଇ ବିପଣୀସ୍ଥ ହୋଇଛି। ଏହି ବହିରେ କେତେଜଣ ପ୍ରକାଶକ ଭକ୍ତକବିଙ୍କ ନାମ ଉଲ୍ଲେଖ କରି ପ୍ରକାଶ କରିଛନ୍ତି ତ ଆଉ କେତେଜଣଙ୍କର କେବଳ ବର୍ଣ୍ଣବୋଧ ନାମରେ ପ୍ରକାଶ ପାଇଛି। ଏହାସହ ସମସ୍ତେ ନିଜ ନିଜ ପ୍ରକାଶିତ ଏହି ଶିଶୁ ପୁସ୍ତକଟିକୁ ଭକ୍ତକବିଙ୍କ ରଚିତ ମୂଳ ବର୍ଣ୍ଣବୋଧର ଅବିକଳ ନକଲ ବୋଲି ଦାବିକରି ବିକ୍ରି କରିଚାଲିଛନ୍ତି। ସୂଚନାଥାଉ କି, ଏହି ପତ୍ରପ୍ରେରକ ଶିଶୁ ଶ୍ରେଣୀରେ ବିଲେଇ ଚିତ୍ର ମଲାଟ ଥିବା ଛବିଳ ମଧୁ ବର୍ଣ୍ଣବୋଧ ଓ ଦୀପ ମଲାଟ ଚିତ୍ର ଥିବା ବର୍ଣ୍ଣବୋଧ ପଢ଼ିଥିଲେ। ଏଇ ନିକଟରେ ପରିବାରର ଜଣେ ଶିଶୁର ଅକ୍ଷର ଶିକ୍ଷା ନିମନ୍ତେ ବର୍ଣ୍ଣବୋଧ ଖଣ୍ଡିଏ ଆଣିବା ପାଇଁ ଆମେ ସ୍ଥାନୀୟ ବଜାରର ଏକ ବଡ଼ ପୁସ୍ତକ ଦୋକାନ ଯାଇ ସେଠାରେ ଉପଲବ୍ଧ(୨୦୨୫, ଡିସେମ୍ବର ସୁଦ୍ଧା) ଛଅ ପ୍ରକାରର ବିଭିନ୍ନ ପରିପାଟୀ ଓ ମଲାଟର ବର୍ଣ୍ଣବୋଧ ଦେଖିଲୁ। ସେଥିରୁ କିଛି ଖୁବ୍ ସୁନ୍ଦର ପରିପାଟୀର ଥିଲେ ମଧ୍ୟ ଦାମ୍ ଅତ୍ୟଧିକ ଥିଲା। ତେବେ ହଠାତ୍ ଆଗ୍ରହ ସୃଷ୍ଟିହେବାରୁ ଆମ୍ଭେ ଇଣ୍ଟରନେଟ୍‌ରୁ ଭକ୍ତକବିଙ୍କ ରଚିତ ୧୮୯୫ ଓ ୧୯୦୧ ମସିହାରେ ପ୍ରକାଶିତ ଦୁଇଟି ମୂଳ ବର୍ଣ୍ଣବୋଧ ସହ ଉପରୋକ୍ତ ଛଅ ପ୍ରକାର ବର୍ଣ୍ଣବୋଧ ବହିକୁ ମିଳାଇଲୁ। ମାତ୍ର କେଉଁଟି ଭକ୍ତକବିଙ୍କ ମୂଳ ବର୍ଣ୍ଣବୋଧ ନ ଥିଲା। ଆଜିପର୍ଯ୍ୟନ୍ତ ପ୍ରକାଶକମାନେ କିପରି ପ୍ରହସନ କରି ଭକ୍ତକବିଙ୍କ ମୂଳ ପୁସ୍ତକ ବୋଲି ଦାବିକରି ନିଜ ନିଜ ବର୍ଣ୍ଣବୋଧ ବିକ୍ରି କରିଚାଲିଛନ୍ତି। ଏହା ଭକ୍ତକବିଙ୍କ ପ୍ରତି ଘୋର ଅବମାନନା ନୁହେଁ ତ।

**–ଧନେଶ୍ୱର ବାରିକ, ଏରେଇଁ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ତଥାପି କାହିଁ ତ ନ ଲଭେ ପରାଣ ତୃପତି
ସବୁ ପାଇ
ବୁଝାଇ ନିଜକୁ କରିଥିଲି କେତେ ଯୁକତି
ମନେ ନାହିଁ ।
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ରାସାୟନିକ ରଙ୍ଗକୁ ନା



ଭୁବନେଶ୍ୱର,୨।୩
(ସୌମ୍ୟରଞ୍ଜନ ରାଉତ)

ବର୍ଷକ ପରେ ପୁଣି ଆସିଛି ରଙ୍ଗର ପର୍ବ ହୋଲି। ବୁଧବାର ହୋଲି ପାଳନ ପାଇଁ ଗାଁଠୁ ସହର, ଛୋଟରୁ ବଡ଼ ପୂରା ପ୍ରସ୍ତୁତ। ପରସ୍ପରକୁ ରଙ୍ଗ ବୋଳି ଦେହ, ମନ, ପରିବେଶକୁ ରଙ୍ଗିନ କରିବା ସହ ଭାଇଚାରା ବନ୍ଧନକୁ ଆହୁରି ଦୃଢ଼ କରିବାକୁ ସମସ୍ତେ ଉତ୍ସାହିତ। ବିଶେଷକରି ସ୍ୱାସ୍ଥ୍ୟ ସଚେତନ ଲୋକମାନେ ରାସାୟନିକ ରଙ୍ଗ ବଦଳରେ ହର୍ବାଲ ରଙ୍ଗରେ ହୋଲି ଖେଳିବାକୁ ଯାଉଛନ୍ତି।

ଓଡ଼ିଆଙ୍କ ଅନ୍ୟତମ ପ୍ରମୁଖ ଗଣପର୍ବ ହେଉଛି ହୋଲି। ଏଥିପାଇଁ ଦୋଳପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଯାଏ ପ୍ରସ୍ତୁତି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ହୋଲିକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ସହରସାରା ଫଗୁ ରଙ୍ଗ, ପିଚ୍‌କାରି, ମୁଖା, ରଙ୍ଗ ବେଲୁନ୍ ଆଦିର ପସରା ମେଳିଛି। ଦୋଳ ପୂର୍ଣ୍ଣିମାର ପାରମ୍ପରିକ ଭୋଗ ଚଣା, ସାକର ଲୋକମାନେ କିଣି ନେଉଛନ୍ତି। ବିଭିନ୍ନ ଗ୍ରାମ୍ୟ କମିଟି ପକ୍ଷରୁ ଦୋଳମେଳଣ ଆୟୋଜନ ହେଉଥିବାବେଳେ ଫଗୁ ଖେଳରେ ପରିବେଶ ରଙ୍ଗିନ ହେବାରେ ଲାଗିଛି। ଦୋଳ ଓ ହୋଲି ୨ଦିନ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟ ଛୁଟି ରହୁଥିବାରୁ ହୋଲି ପର୍ବର ଦିନକ ପୂର୍ବରୁ ରଙ୍ଗ ଖେଳରେ ଯୁବପିଢ଼ି ମସ୍‌ଗୁଲ ହୋଇଛନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସାମୂହିକ ରଙ୍ଗ ଖେଳର ଆୟୋଜନ କରାଯାଇଛି। ସମସ୍ତେ ପରସ୍ପରକୁ ହୋଲିର ଶୁଭେଚ୍ଛା ଜଣାଉଛନ୍ତି।

### ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ଉଚିତ



ହୋଲିରେ କେମିକାଲ ରଙ୍ଗ ବ୍ୟବହାର ବସନ୍ତର ଏହି ଉତ୍ସବକୁ ଏକ ଗୁରୁତର ପରିବେଶ ତଥା ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ କରିଛି। ଆଧୁନିକ ସିନ୍ଥେଟିକ୍ ରଙ୍ଗ ହେଉଛି ଶିଳ୍ପଗତ ରାସାୟନିକ ବିପଦ। ଲେଡ୍ ଅକ୍ସାଇଡ, କପର୍ ସଲ୍‌ଫେଟ ଏବଂ ମର୍କ୍ୟୁରୀ ସଲ୍‌ଫାଇଟ୍ ଭଳି ଭାରି ଧାତୁଗୁଡ଼ିକ ମୂଳ ଯୌଗିକ ଭାବରେ ନିୟମିତ ରୂପେ ବ୍ୟବହୃତ ହେଉଛି। ଏଗୁଡ଼ିକ ଚର୍ମ ଓ ଶ୍ୱାସକ୍ରିୟାରେ ତୀବ୍ର ସମସ୍ୟା ସୃଷ୍ଟି କରିବାରେ ସକ୍ଷମ। ବିଷାକ୍ତ ରାସାୟନିକ ପଦାର୍ଥର ଏହି ଅନିୟନ୍ତ୍ରିତ ବିକ୍ରି ଭାରତୀୟ ସମ୍ବିଧାନର ଧାରା ୨୧ର ମୂଳ ଭାବନାକୁ ସିଧାସଳଖ ଉଲ୍ଲଂଘନ କରୁଛି। ବର୍ତ୍ତମାନ ଜୈବିକ ତଥା ପରିବେଶ ଅନୁକୂଳ ରଙ୍ଗକୁ ଫେରିବା ନିତାନ୍ତ ଆବଶ୍ୟକ। ଶିଳ୍ପଗତ କସ୍‌ମେଟିକ୍ ରଙ୍ଗ ବିରୋଧରେ ଆମକୁ କଠୋର ବଜାର ନିୟମାବଳୀର ଆବଶ୍ୟକତା ରହିଛି। ତେଣୁ ଆମେ ସଭିଏ ପ୍ରାକୃତିକ ରଙ୍ଗରେ ହୋଲିକୁ ମନେଇବା ଦରକାର।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଛାତ୍ରୀ, ଏନ୍‌ଆଇଟି ରାଉରକେଲା

### ପରୀକ୍ଷା ଥିବାରୁ ଘରେ ହୋଲି ଖେଳିବୁ



ମୁଁ ଏବେ ଘରେ ଅଛି। ପରୀକ୍ଷା ଥିବାରୁ ପାଠ ପଢ଼ାରେ ବ୍ୟସ୍ତ ରହୁଛି। ମାତ୍ର ପରିବାର ସହ ହୋଲି ନିହାତି ପାଳନ କରିବି। ଆମ ଘରେ ହୋଲି ଦିନ ପିଠାପଣା ବହୁତ ହୋଇଥାଏ। ବହୁତ ମଜା ମସ୍ତି ବି ହୁଏ। ଘର ଲୋକଙ୍କ ସହ ହୋଲି ପାଳିବା ବେଶି ଖୁସି ଦେଇଥାଏ। ମୋ ସାଙ୍ଗମାନେ ମଧ୍ୟ ଘରକୁ ଆସନ୍ତି। ଆମେ ମିଶିକି ରଙ୍ଗ ଖେଳୁ। ଏଥର ପାଠପଢ଼ା ସହ ହୋଲି ଖେଳ ମଧ୍ୟ ହେବ। ଆମେ କେମିକାଲ୍ ରଙ୍ଗକୁ ଛାଡ଼ି ହର୍ବାଲ୍ ରଙ୍ଗରେ ଖେଳିବୁ।

- ଜୟଦେବ ଜେନା, ଛାତ୍ର, କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ

### ରାଧାକୃଷ୍ଣଙ୍କ ଲାସ୍ୟମୟ ପ୍ରେମର ପ୍ରତୀକ ହେଉଛି ହୋଲି



ଫଗୁଣ ଆସିଲେ ରଙ୍ଗ ଆସେ। ଦେହ, ମନରେ ରଙ୍ଗ ଲାଗିଲେ ସଭିଏ ସବୁ ତିକ୍ତତାକୁ ଭୁଲି ଜୀବନକୁ ରଙ୍ଗରେ ସଜାନ୍ତି। ପ୍ରାଚୀନ କାଳରୁ ଏହି ଉତ୍ସବର ଏକ ଅନନ୍ୟ ପରମ୍ପରା ରହି ଆସିଛି। ରାଧାକୃଷ୍ଣଙ୍କ ଲାସ୍ୟମୟ ପ୍ରେମର ପ୍ରତୀକ ହେଉଛି ଏହି ହୋଲିପର୍ବ। ହୋଲିରେ ଖେଳା ଯାଉଥିବା ରଙ୍ଗର ଏକ ବିଜ୍ଞାନସମ୍ମତ କାରଣ ହେଉଛି, ବିଭିନ୍ନ ପ୍ରାକୃତିକ ପଦାର୍ଥରୁ ତିଆରି ରଙ୍ଗ ଦ୍ୱାରା ଶରୀରର ଯତ୍ନ ନେବା। ହଳଦୀ, ନିମ୍ବ, ନାଲି ମନ୍ଦାର, ବିଟ୍ ଇତ୍ୟାଦି ଚର୍ମ ପାଇଁ ଖୁବ ଉପଯୋଗୀ ହୋଇଥିବାରୁ ଏହି ସବୁରୁ ପ୍ରସ୍ତୁତ ରଙ୍ଗ ଆମେ ବ୍ୟବହାର କରିବା ଦରକାର। ଆଜିକାଲି କିନ୍ତୁ ସିନ୍ଥେଟିକ ବା ରାସାୟନିକ ରଙ୍ଗ ଚର୍ମ ପାଇଁ କେତେ କ୍ଷତିକାରକ ଜାଣି ମଧ୍ୟ ଆମେ ଏହାର ବହୁଳ ବ୍ୟବହାର କରୁଛୁ। ପିଲାମାନେ ସଚେତନତା ଅଭାବରୁ ବିପଦଜନକ ରାସାୟନିକ ରଙ୍ଗ ପ୍ରତି ବେଶି ଆକର୍ଷିତ ହେଉଛନ୍ତି। ତେଣୁ ସମସ୍ତେ ପ୍ରାକୃତିକ ରଙ୍ଗରେ ନିଜ ପରିଜନଙ୍କ ସହ ଏହି ପ୍ରେମର ଉତ୍ସବ ପାଳନ କରନ୍ତୁ।

- ଶୁଭ୍ରାଭାନୁ ମହାନ୍ତି, ଜଗତ୍‌ସିଂହପୁର

### ବିଷାକ୍ତ କେମିକାଲ୍ ରଙ୍ଗକୁ ଛାଡ଼ିବା



ଆମର ପବିତ୍ର ହୋଲିକୁ ବିଷାକ୍ତ ଚାଇନା ରଙ୍ଗ ଅକ୍ତିଆର କରୁଥିବାରୁ ବହୁତ କଷ୍ଟ ହୁଏ। ଆଜିବି ମନେ ଅଛି ଯେତେବେଳେ ଆମ ରାସ୍ତାଗୁଡିକ ପଳାଶ ଫୁଲ ସହିତ କମଳା ରଙ୍ଗର ହୋଇଯାଉଥିଲା, ପବନରେ ଶୁଦ୍ଧ ହଳଦୀର ବାସ୍ନା ଆସୁଥିଲା। ସେଗୁଡ଼ିକ ପୃଥିବୀର ଆଶୀର୍ବାଦ ଥିଲା, ଯାହା ଆମ ଶରୀରକୁ ସୁସ୍ଥ ରଖୁଥିଲା। ଏବେ କୃତ୍ରିମ ରଙ୍ଗଗୁଡ଼ିକରେ ପ୍ରାୟତଃ ସୀସା, ପାରଦ ଏବଂ କାଚ ପାଉଡର ଥାଏ। ଫଳରେ ଗୁରୁତର ଚର୍ମ ରୋଗ, ଆଖି ଆଘାତ ଏବଂ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି ହୁଏ। ତେଣୁ ଆସନ୍ତୁ ବିଷାକ୍ତ ରଙ୍ଗକୁ ପଛରେ ଛାଡ଼ି ମାଟି, ଗେଣ୍ଡୁ ଏବଂ ନିମ୍ବରୁ ତିଆରି ରଙ୍ଗ ସହ ହୋଲି ଉତ୍ସବ ମନେଇବା।

- ଅଭିଦତ୍ତ ବରାଳ, କୁଶୁନପୁର, କଟକ

## ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ

# ବିଶ୍ୱ ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କ ଭୂମିକା ଉଲ୍ଲେଖନୀୟ



ମନୁଷ୍ୟ ଯୋଗୁ ହିଁ ଆଜି ବିଶ୍ୱର ବନ୍ୟପ୍ରାଣୀ ସଙ୍କଟରେ। ବନ୍ୟପ୍ରାଣୀଙ୍କ ଅନୁପସ୍ଥିତି ପୃଥିବୀର ପରିବେଶ ସମ୍ବନ୍ଧୀୟ ସନ୍ତୁଳନକୁ ବିଗାଡ଼ିଦେବ। ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କ ଉଲ୍ଲେଖନୀୟ ଭୂମିକା ରହିଛି। ତେଣୁ ସେମାନଙ୍କ ସୁରକ୍ଷା ନିହାତି ଜରୁରୀ। ତେବେ ବନ୍ୟପ୍ରାଣୀ ପରିଭାଷା କେବଳ ପ୍ରାଣୀରେ ସୀମିତ ନୁହେଁ, ବରଂ ଏଥିରେ ସମସ୍ତ ବନ୍ୟପ୍ରାଣୀ ଉଭିଦ ଓ ପ୍ରାଣୀ ଅନ୍ତର୍ଭୁକ୍ତ। ସେଥିମଧ୍ୟରେ ଔଷଧୀୟ ଉଭିଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେଣୁ ଏହାର ଗୁରୁତ୍ୱକୁ ଅଧିକ ବୁଝିବା, ଜାଣିବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୩ରେ 'ବିଶ୍ୱ ବନ୍ୟପ୍ରାଣୀ ଦିବସ' ପାଳନ କରାଯାଉଛି। ଔଷଧୀୟ ଏବଂ ସୁଗନ୍ଧିତ ଉଭିଦ (ଏମ୍‌ଏପିଏସ୍)କୁ ଆନୁଷ୍ଠାନିକ ଭାବରେ 'ବନ୍ୟପ୍ରାଣୀ'ର ଅଂଶ ଭାବରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଚଳିତବର୍ଷ ଏହି ଦିବସ ପାଳନର ଥିମ୍ ରହିଛି 'ଔଷଧୀୟ ଏବଂ ସୁଗନ୍ଧିତ ଉଭିଦ: ସ୍ୱାସ୍ଥ୍ୟ, ଐତିହ୍ୟ ଏବଂ ଜୀବିକା ସଂରକ୍ଷଣ'।

### ଜୈବ ବିବିଧତା ବାସ୍ତବ ସମ୍ପତ୍ତି



କୌଣସି ରାଷ୍ଟ୍ରର ବାସ୍ତବ ସମ୍ପତ୍ତି ସୁନା ରୂପା ବା ଟଙ୍କାରେ ନ ଥାଏ, ବରଂ ତାହାର ଜୈବ ବିବିଧତାରେ ରହିଥାଏ। ଆମ ଆଖପାଖରେ ଥିବା ଉଭିଦର ସୁରକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ଆଜି ଆମେ ଏହାକୁ ସୁରକ୍ଷା ଦେଲେ ଆମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁନିଶ୍ଚିତ ହୋଇପାରିବ। ଏହି ବିଶ୍ୱ ବନ୍ୟପ୍ରାଣୀ ଦିବସରେ ଆମ ଜୈବ ବିବିଧତାରେ ଅବଦାନ ରଖୁଥିବା ଔଷଧୀୟ ଏବଂ ସୁଗନ୍ଧିତ ଉଭିଦଗୁଡିକୁ ସୁରକ୍ଷା କରିବା ପାଇଁ ସମସ୍ତେ ଆଗେଇ ଆସିବା ଦରକାର।

- ସୁଶାନ୍ତ ନନ୍ଦ, ପୂର୍ବତନ ପିସିସିଏଫ୍

### ବନ୍ୟ ଉଭିଦଙ୍କ ସୁରକ୍ଷାରେ ସୁରକ୍ଷିତ ପରିସଂସ୍ଥା ସମ୍ଭବ



ସମଗ୍ର ଜୀବଜଗତ ତିଷ୍ଠି ରହିବା ପାଇଁ ଆମ ଚାରିପାଖର ବିଭିନ୍ନ ପରିସଂସ୍ଥା ସୁରକ୍ଷିତ ରହିବା ଜରୁରୀ। ବନ୍ୟପ୍ରାଣୀ ତଥା ବନ୍ୟ ଉଭିଦଙ୍କ ସୁରକ୍ଷାରେ ହିଁ ସୁରକ୍ଷିତ ପରିସଂସ୍ଥା ସମ୍ଭବ। ସ୍ତନ୍ୟପାୟୀ, ସରୀସୃପ ଏବଂ ପକ୍ଷୀ ବନ୍ୟପ୍ରାଣୀଙ୍କ ସମେତ ବନ୍ୟ ଉଭିଦରାଜିଗୁଡିକ ମଧ୍ୟ ସୁରକ୍ଷିତ ରହିବା ଅତି ଜରୁରୀ। କାରଣ ଉଭୟ ପ୍ରାଣୀ ଓ ଉଭିଦ ବଂଶ ଦ୍ୱାରା ହିଁ ପରିସଂସ୍ଥାର ସୃଷ୍ଟି। ଏହି କାରଣରୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ରେ ଅନେକ ଗୁରୁତ୍ୱପୂର୍ଣ୍ଣ ବନ୍ୟ ଉଭିଦକୁ (ସଂକଟାପନ୍ନ) ସ୍ଥାନ ଦିଆଯାଇଛି। ବିଶେଷକରି ବିଲୁପ୍ତପ୍ରାୟ ଔଷଧୀୟ ବନ୍ୟ ଉଭିଦଗୁଡିକର ଚୋରାଚାଲାଣକୁ ରୋକିବା ଏବଂ ଜୀବନଜୀବିକା ପାଇଁ ସ୍ଥାନୀୟ ଗ୍ରାମବାସୀ ଜାତୀୟ ଜୈବବିବିଧତା ଆଇନ ୨୦୦୨ ଏବଂ ଓଡିଶା ଜୈବବିବିଧତା ନିୟମ ୨୦୧୨କୁ ବ୍ୟବହାର କରିପାରିବେ।

- ସିଦ୍ଧାର୍ଥ ପ୍ରଧାନ, ସଭାପତି, ସାଥୀ ପରିବାର

– ବନ୍ଦନା ସେଠୀ, ଭୁବନେଶ୍ୱର

# ଏପ୍ରିଲ ୧ ଯାଏ ଅଗ୍ନିପଥ, ସାଧାରଣ କ୍ୟାଡର ପରୀକ୍ଷା ଫର୍ମପୂରଣ

## ଉପକୂଳ ୧୦ ଜିଲା ପାଇଁ ସେନାରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

କଟକ,୨।୩(କାର୍ତ୍ତିକ ସାହୁ)

ଭାରତୀୟ ସେନାରେ ଅଗ୍ନିପଥ ଯୋଜନା ଓ ସାଧାରଣ କ୍ୟାଡରରେ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ୍‌ରେ ଅନୁଷ୍ଠିତ ହେବ। ଏ ସମ୍ପର୍କିତ ନିର୍ଦ୍ଦିଷ୍ଟ ତାରିଖ ପରବର୍ତ୍ତୀ ସମୟରେ ବିଜ୍ଞପିତ ହେବ। ଏଥିପାଇଁ ଗତ ଫେବୃଆରୀ ୧୩ରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ ଫର୍ମ ପୂରଣ ପ୍ରକ୍ରିୟା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶେଷକରି ଓଡ଼ିଶାର ୧୦ଟି ଉପକୂଳ ଜିଲାର ଆଶାୟୀ ଯୋଗ୍ୟ ପ୍ରାର୍ଥୀମାନଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ ରହିଛି। ସେଗୁଡ଼ିକ ହେଲେ କଟକ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ନୟାଗଡ଼ ଓ ପୁରୀ। ଯୋଗ୍ୟ ପ୍ରାର୍ଥୀମାନେ www.joinindianarmy,nic.in ୱେବ୍‌ସାଇଟ୍ ମାଧ୍ୟମରେ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ନାମାଙ୍କନ ଓ ଆବେଦନ କରିବାର ପ୍ରକ୍ରିୟା ସମ୍ବନ୍ଧୀୟ ଭିଡିଓଗୁଡ଼ିକ ଉକ୍ତ ୱେବ୍‌ସାଇଟ୍ ଏବଂ କଟକସ୍ଥିତ ଆର୍ମି ରିକ୍ରୁଟିଂ ଅଫିସର ହ୍ୱାଟ୍ସଆପ୍ ଚ୍ୟାନେଲରେ ଉପଲବ୍ଧ ରହିଛି। ପ୍ରାର୍ଥୀମାନେ ପ୍ରବେଶିକା ପରୀକ୍ଷା ଫର୍ମ ପୂରଣ ବେଳେ ୨୫୦ ଟଙ୍କାର ଶୁଳ୍କ ଦେବାକୁ ପଡ଼ିବ। ଉପରୋକ୍ତ ଜିଲାର ପ୍ରାର୍ଥୀମାନେ କଟକସ୍ଥିତ ଆର୍ମି ରିକ୍ରୁଟିଂ ଅଫିସ ସହ ମୋବାଇଲ ନଂ. ୯୪୩୭୧୬୨୨୮୦ କିମ୍ବା ଟେଲିଫୋନ୍ ନମ୍ବର ୦୬୭୧-୨୩୦୫୮୮୦ରେ ଯୋଗାଯୋଗ କରିପାରିବେ। ଅଥବା କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଆର୍ମି ରିକ୍ରୁଟିଂ ଅଫିସକୁ ଯାଇ ସମ୍ପର୍କ କରିପାରିବେ ବୋଲି ଆର୍ମି ରିକ୍ରୁଟିଂ ଅଫିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୩ ସନ୍ତାନ ପାଇଁ ପଦ ହରାଇଲେ ସରପଞ୍ଚ

ନବରଙ୍ଗପୁର,୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚିତ୍ତାବେଡା ସରପଞ୍ଚ ତୁଳାବତୀ ସାନ୍ତା ୩ଟି ସନ୍ତାନ ପାଇଁ ପଦ ହରାଇଛନ୍ତି। ଏହି ମାମଲାର ବିଚାର କରି ଜିଲାପାଳ ମହେଶ୍ୱର ସ୍ୱାଇଁ ତୁଳାବତୀଙ୍କ ସରପଞ୍ଚ ପଦକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏନେଇ ଝରିଗାଁ ବିଡିଓ ଓ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ୨୦୨୨ ପଞ୍ଚାୟତ ନିର୍ବାଚନରେ ଝରିଗାଁ ବ୍ଲକ ଜାମଦୋଡା ଗାଁର ତୁଳାବତୀ ସାନ୍ତା ଚିତ୍ତାବେଡ଼ା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ତୁଳାବତୀ ୩ଟି ସନ୍ତାନର ଜନନୀ ହୋଇଥିବାବେଳେ ପଞ୍ଚାୟତ ଆଇନକୁ ଉଲ୍ଲଙ୍ଘନ କରିଥିବା ନେଇ ଜିଲାପାଳଙ୍କ ଅଦାଲତରେ ମାମଲାର ଦାଏର ହୋଇଥିଲା। ଏହି ମାମଲାର ବିଚାର କରି ପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜିଲାପାଳ ତୁଳାବତୀଙ୍କୁ ସରପଞ୍ଚ ପଦରୁ ଅସିଦ୍ଧ ଘୋଷଣା କରିଛନ୍ତି।

# ବୋଲେରୋରୁ ୨୧୩ କଇଁଛ ଜବତ

କାଲିମେଲା, ୨।୩
(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବନାଞ୍ଚଳ ଅଧୀନ ଉଣ୍ଡୁରକୋଣ୍ଡା ଫରେଷ୍ଟ ବିଟ୍ ଏମ୍‌ଭି -୪୮ ଗ୍ରାମ ନିକଟରୁ କାଲିମେଲା ବନ ବିଭାଗ ଏକ କଇଁଛ ବୋଝେଇ ବୋଲେରୋ ଜବତ କରିଛି। ବୋଲେରୋରେ ୧୦ଟି ଅଖାରେ ପ୍ରାୟ ୨୧୩ କଇଁଛକୁ ଭର୍ତ୍ତି କରି ଆନ୍ଧ୍ରପ୍ରଦେଶରୁ ଏମ୍‌ଭି ୬୨ ଗ୍ରାମକୁ ବିକ୍ରି ପାଇଁ ଅଣାଯାଇଥିଲା। ବନ ବିଭାଗ କୌଣସି ସୂତ୍ରରୁ ଖବରପାଇ ଏମ୍‌ଭି -୪୮ ଗ୍ରାମକୁ ଯାଇ ବୋଲେରୋରୁ ସମସ୍ତ କଇଁଛକୁ ଜବତ କରିଥିଲେ।ଏହି ସମୟରେ ଗାଡି ଛାଡି କଇଁଛ କାରବାରରେ ସମ୍ପୃକ୍ତ ଥିବା ବ୍ୟବସାୟୀ ଓ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜବତ କଇଁଛର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି।

ପ୍ରକାଶ ଥାଉକି, କୁର୍ତ୍ତୀ ଜଙ୍ଗଲ ବିଭାଗର ବନପାଳ ଅଲି ମହମ୍ମଦ ଖାନଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଜବତ କଇଁଛଗୁଡିକୁ କାଲିମେଲା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ରଖାଯାଇଛି। କଇଁଛଗୁଡିକର ଡାକ୍ତରୀ ପରୀକ୍ଷା କରାଇ ମଧୁର ଜଳରେ ଛଡ଼ାଯିବ ବୋଲି ସହକାରୀ ବନ ସଂରକ୍ଷକ ମନସୁନ୍ ଖେମୁଡୁ କହିଛନ୍ତି। ବନ ବିଭାଗ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।


## ଚକ୍ରଧରପୁର ମଣ୍ଡଳରେ ବିଭିନ୍ନ ପରିସମ୍ପତ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ମଣ୍ଡଳରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/**ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: **ନିଲାମ ଆରମ୍ଭ ସମୟ: ୧୨.୦୦ ଘଣ୍ଟିକା** (କ୍ର.ସଂ. ୧ରୁ ୫ ପାଇଁ) । **କ୍ର.ସଂ.; ବର୍ଗ କାଟାଲଗ୍ ନଂ.; ନିଲାମର ତାରିଖ ଓ ନିଲାମ ବନ୍ଦ ହେବାର ସମୟ** ଯଥାକ୍ରମେ: **(୧); ବିବିଧ;** ମୋବଷ୍ଟୋର୍‌ଟାଟା-୨୬; ୧୦-୦୩-୨୦୨୬, ୧୨.୩୦ ଘଣ୍ଟିକାରେ; **(୨) ବିବିଧ;** ମୋବଷ୍ଟୋର୍-ଆରଓୟୁ-୨୬; ୧୧-୦୩-୨୦୨୬, ୧୨.୩୦ ଘଣ୍ଟିକାରେ। **(୩); ପାର୍ସଲ;** ପାର୍ସଲଏସ୍‌ଏଲ୍‌ଆର୍-ସିକେପି-୨; ୧୧-୦୩-୨୦୨୬, ୧୩.୧୦ ଘଣ୍ଟିକାରେ । **(୪) ବିବିଧ;** ଏମ୍‌ଏସ୍‌ଏସ୍-ମୋବକିଓସ୍କସିକେପି; ୧୩-୦୩-୨୦୨୬, ୧୨.୩୦ ଘଣ୍ଟିକାରେ । **(୫); ବିବିଧ;** ଇଏମ୍‌ଆର୍-ସିକେପିଡିଆଇଭି-୩; ୧୪-୦୩-୨୦୨୬, ୧୩.୦୦ ଘଣ୍ଟିକାରେ । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ବିଷୟରେ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1252) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS 2026007, ତା.24.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପର ନୂଆ B.G. ଲାଇନର ବୁଗୁଡ଼ା-ବାଣୀଗୋଛା-ଆଡେଣିଗଡ଼ ସେକ୍ସନ ମଧ୍ୟରେ ରେଳଗୁଡ଼ିକର କଟିଙ୍ଗ (ଯେଉଁଠାରେ ଆବଶ୍ୟକ) ସହିତ ମୋବାଇଲ ଫ୍ଲାଶ ବଟ୍ ୱେଲ୍ଡିଙ୍ଗ ପ୍ଲାଣ୍ଟ ବ୍ୟବହାର କରି ସାଇଟରେ (SITU/CESS ରେ) ସମସ୍ତ ରେଲ ସେକ୍ସନଗୁଡ଼ିକ (ନିଉ/SH)ର 20 ରେଲ ପ୍ୟାନେଲ / ଫ୍ରି ରେଲ / 2 ରେଲ ପ୍ୟାନେଲ / 3 ରେଲ ପ୍ୟାନେଲଗୁଡ଼ିକର ଫ୍ଲାଶ ବଟ୍ ୱେଲ୍ଡିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 73.68 ଲକ୍ଷ, **EMD :** ₹ 1,47,400/-, କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.03.2026ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-284/CI/25-26



No.34001/139/2526

## OFFICE OF THE ENGINEER-IN-CHIEF (CIVIL), ODISHA

NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
E-mail ID:cebuildings_orissa@yahoo.co.in, cebuildings@rediffmail.com, Tel. -(0674)- 2391523
File No.- B-I-Rev.-30/2025 6868 / Bhubaneswar, the 25th Feb., 2026

**Invitation for Bids**
**1st Corrigendum**

Tender Reference No. C.E. (B) - 49 / 2025-26
Name of the Works : (1) "Upgradation of Dharmasala Stadium at Jaraka, Jajpur District (Football Field, Basketball Court, Volleyball Court, Gallery etc)". (2) "Construction of Residential Block Professors Quarter (4BHK) of Government Medical College at Sundargarh"

The following changes have been made in Bid Identification No. C.E. (B) - 49 / 2025-26
1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.17.03.2026 to 17.00 hours of dt.06.04.2026** instead of dt.25.02.2026 to dt.12.03.2026 for ONLINE BIDDING respectively.
2. Online bids shall be received till **17.00 hours of dt.06.04.2026** instead of dt.12.03.2026.
3. The technical bids will be opened at **11.30 A.M. of dt.07.04.2026** instead of dt.13.03.2026.

All other terms and conditions remain unchanged.

Sd./- Chief Engineer, Buildings-I, Odisha, Bhubaneswar
OIPR-34001/34117/1/25-26/0031



## Government of Madhya Pradesh
### Office of the Engineer-in-Chief, Water Resources Department, Jal Sansadhan Bhawan, Tulsi Nagar, Bhopal (M.P.)

Email Id : ce.tender.wrdmp@gmail.com, Tel : 0755-2767635, Fax : 0755-2552406
**N.I.T. No. 1205/2025-26/E-in-C/e-tendering** **Bhopal, Dated 20.02.2026**

Bids for following works are invited on website https://www.mptenders.gov.in. Last Date of purchase/download of Bid Document and submission of bid is 09.03.2026 17:30 hrs. Any amendment/ modification can be seen only on the website. Detailed N.I.T. and other details can be viewed on above mentioned website.

| Sl. No. | Tender No. | Work | District | Amount (Lakhs) |
|---|---|---|---|---|
| 1. | 2026_WRD_479987 | Construction of 132 KV DCSS Line of 21.243 Km. from 132 KV Substation Malhargarh for power supply to pressurized Micro Lift Irrigation Project and 01 No. 132 KV Feeder Bay at 132 KV substation Malhargarh. | Mandsaur | 1506.09 |

**G-26739/25** **Sd./- Chief Engineer (Procurement)**



## GOVERNMENT OF ODISHA
## PANCHAYAT SAMITI, GUDARI

E-Mail - ori-gudari@od.gov.in
**IDENTIFICATION NO. 02/2025-26 of PANCHAYAT SAMITI, GUDARI**
**CORRIGENDUM - 01**
**No. 344 /2026, (GPLF) Dev Dated 20.02.2026**

**No.19001/60/2526** : It is to inform all concerned that, due to some unavoidable circumstances the date of commencement of the Tender Call Notice No.02/2025-26 published vide this office Letter No.344 dated 20.02.2026 has been rescheduled from 12.03.2026 to 26.03.2026 in place of 02.03.2026 to 16.03.2026 and the date of opening of tenders has also been rescheduled to be held on 30.03.2026 at 11.00 AM in place of 18.03.2026 at 11.00 AM.

Sd./- Block Development Officer GUDARI
OIPR-19001/19045/1/25-26/0002



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏସ୍‌ଜି-ଓଟି-୨୫-୨୬-ଆର୍‌ଏମ୍‌ପିୟୁ୧; କାର୍ଯ୍ୟର ନାମ:** କୋଚିଂ ମେଣ୍ଟେନାନ୍ସ ଡିପୋ (ସାନ୍ତ୍ରାଗାଛି, ଶାଳିମାର ଓ ପଦ୍ମପୁକୁର)ଠାରେ ତିନି (୩) ବର୍ଷ ଅବଧି ପାଇଁ ଏଲ୍‌ଏଚ୍‌ବି/ଏସ୍‌ଜି ଏସି କୋଚ୍‌ଗୁଡ଼ିକର ରୁଫ୍ ମାଉଣ୍ଟେଡ୍ ପ୍ୟାକେଜ୍ ୟୁନିଟ୍ (ଆର୍‌ଏମ୍‌ପିୟୁ)ଗୁଡ଼ିକର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ସିଏଏମ୍‌ସି); **ଟେଣ୍ଡର ମୂଲ୍ୟ: ₹୧୫,୦୮,୪୯,୭୪୧.୦୭; ଇଏମ୍‌ଡି/ବିଡ୍ ଅମାନତ: ₹୯,୦୪,୩୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୩।୨୦୨୬ରିଖ ୧୧.୦୦ ଘଣ୍ଟିକା; ଯୋଗ୍ୟ ଠିକାଦାରମାନଙ୍କୁ କେବଳ **www.ireps.gov.in** ୱେବ୍‌ସାଇଟ୍‌ରେ ଏଥିପାଇଁ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜକୁ ଧ୍ୟାନପୂର୍ବକ ପଢ଼ନ୍ତୁ । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ **www.ireps.gov.in** ରେ ଉପଲବ୍ଧ । (PR-1255)



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBSTELE-032026-CCTV

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୟାର୍ଡ ନିରୀକ୍ଷଣ ସହିତ 45 (ଖୋର୍ଦ୍ଧା ରୋଡ୍ - 32, ସମ୍ବଲପୁର - 10 ଏବଂ ୱାଲ୍ଟିୟର - 03) D&E ଶ୍ରେଣୀ ଷ୍ଟେସନ ଠାରେ CCTVର ବ୍ୟବସ୍ଥା।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ (₹): 7,87,98,928.03, EMD (₹) : 5,44,000.00, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.03.2026ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ସହାୟକ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P-I), ଭୁବନେଶ୍ୱର
PR-283/CI/25-26



ଇଣ୍ଡିୟନ ବୈଂକ Indian Bank ALLAHABAD

## ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ପରିଶିଷ୍ଟ-୪ [ରୁଲ୍-୮(୧)]
## ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ପୁରୀ ମୁଖ୍ୟ ଶାଖା/ ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ରଣଗ୍ରହୀତାମାନେ: ୧) ମେସର୍ସ ୟୁ କି ସେଲ୍ସ (ପାର୍ଟନରସିପ୍ ଫାର୍ମ), ସା: ଅବକାଶ ଲେନ୍, ଭୁବନେଶ୍ୱରୀ ମନ୍ଦିର ସମ୍ମୁଖ, ପୁରୀ-୭୫୧୦୦୨, ୨) ଶ୍ରୀମତୀ ଯମୁନା ମିଶ୍ର(ମୃତକ ଗୋବିନ୍ଦ ମିଶ୍ରଙ୍କ ଆଇନଗତ ଉତ୍ତରାଧିକାରୀ, ଅଂଶୀଦାର/ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା), ସା: ଜିବରାମ ପଲ୍ଲୀ, ଲୋକନାଥ ରୋଡ୍, ପୁରୀ-୭୫୨୦୦୧, ୩) ଶ୍ରୀ ବିକ୍ରମ ମହାନ୍ତି(ଅଂଶୀଦାର, ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା), ସା: ବାସୁଦେବବଲ୍ଲଭ, ଶାସନ, ଦାମୋଦରପୁର, ପୁରୀ-୭୫୨୦୦୨, ୪) ଶ୍ରୀମତୀ ଯମୁନା ମିଶ୍ର(ଗ୍ୟାରେଣ୍ଟିଦାତା), ସ୍ୱାମୀ: ଗୋବିନ୍ଦ ମିଶ୍ର, ସା: ଜିବରାମ ପଲ୍ଲୀ, ଲୋକନାଥ ରୋଡ୍, ପୁରୀ-୭୫୨୦୦୧ | ଟ.୩୯,୯୫,୬୬୧.୩୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୬.୧୧.୨୦୨୫ / ୨୬.୦୨.୨୦୨୫ | ସମ୍ପତି - ୧: ଶ୍ରୀମତୀ ଦୁର୍ଗା ସୁବୁଦ୍ଧି, ସ୍ୱାମୀ: କିଶୋର ସୁବୁଦ୍ଧି ଏବଂ ମିସ୍ ସୁମିତ୍ରା ସୁବୁଦ୍ଧି, ମାର୍ଫତ: ଲକ୍ଷ୍ମଣ ସୁବୁଦ୍ଧିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୯/୭୭, ଖାତା ନଂ.: ୫୭/୪୬୭, କ୍ଷେତ୍ର: ଏକର୦.୦୧୫ଡିସିମିଲି, ମୌଜା: ହରଚଣ୍ଡୀ ସାହି, ୟୁନିଟ୍: ୭, ଥାନା: ପୁରୀ ସଦର, ତହସିଲ/ଜିଲ୍ଲା: ପୁରୀ, (ପାୱାର ଅଫ୍ ଆଟର୍ଣ୍ଣି ହୋଲ୍ଡର: ଶ୍ରୀମତୀ ଯମୁନା ମିଶ୍ର, ସ୍ୱାମୀ: ଗୋବିନ୍ଦ ମିଶ୍ର), ପ୍ଲଟର ଚାରିପାର୍ଶ୍ୱରେ ଉତ୍ତର: ବି.ପି. ନଂ.: ୫୭, ଦକ୍ଷିଣ: ବି.ପି. ନଂ.: ୫୬/୧, ପୂର୍ବ: ଫକୀର ମହାସୁଆର, ପଶ୍ଚିମ: ରାସ୍ତା। ସମ୍ପତି - ୨: ଗୌରମଣୀ ମହାନ୍ତି, ପୁତ୍ର: ବିକ୍ରମ ମହାନ୍ତିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪, ପ୍ଲଟ୍ ନଂ.: ୨୭୨(ଏକର୦.୨୨୦ଡିସିମିଲି), ୨୬୦(ଏକର୦.୪୦ଡିସିମିଲି), ୨୫୯(ଏକର୦.୦୮୦ଡିସିମିଲି), ୨୫୮(ଏକର୦.୦୫୦ଡିସିମିଲି), ୧୧୮(ଏକର୦.୦୧୦ଡିସିମିଲି), ୧୧୭(ଏକର୦.୪୯୦ଡିସିମିଲି), ୨୭୩(ଏକର୦.୦୫୦ଡିସିମିଲି), ମୌଜା: ତୋଟାବାଡ, ନରସିଂହପୁର, ଏସ୍‌ଆରଓ: ପୁରୀ, ତହସିଲ: ପୁରୀ, ଥାନା: ପୁରୀ ସଦର, ସମୁଦାୟ କ୍ଷେତ୍ର: ଏକର୦.୯୪୦ଡିସିମିଲି, ପ୍ଲଟର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ନିଜ ଜମି, ପୂର୍ବ: ଭୀମ ମିଶ୍ର, ପଶ୍ଚିମ: ରମାକାନ୍ତ ମହାନ୍ତି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୩.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗନ୍ଧିପାଲ୍ଲୀ, ମାଲକାନଗିରି
## ODISHA ADARSHA VIDYALAYA GONDHIPALLY, MALKANGIRI

DIST. : MALKANGIRI, ODISHA, PIN CODE - 764045
Advertisement No- 01/2026, Dt : 02.03.2026

**ADVERTISEMENT FOR EMPANELMENT OF PART-TIME CONTRACTUAL TEACHERS**

Applications from eligible candidates are invited for the empanelment of teachers (TGTs & PGTs) for different OAVS of Malkangiri district, **on purely part-time contractual basis** to fill the existing vacancies/ posts likely to be vacant for the academic session 2026-27. Interested candidates can apply in prescribed format to this office by registered post/ speed post. The last date for receiving the application forms is **17.03.2026**. For details (Eligibility, Qualification, Age, Remuneration, Application Form etc.), please visit the district website: **www.malkangiri.odisha.gov.in** and school website: **https://oav.edu.in/OAVGPY**. Selection will be done in accordance with the guidelines as given by OAVS. Candidates are instructed to be present in the vidyalaya on **24.03.2026 at 10.00 am** with all their original documents for document verification. No TA/DA will be given for attending the document verification.

**TGT Posts**: Mathematics, Science, Social Science, English, Hindi, Odia, Computer Teacher
**PGT Posts**: Physics, Chemistry, Biology, Mathematics, English, IT, Accountancy, Business Studies, Economics.
**Salary**: PGTs 30,000/month, TGTs: 25,000/month (Consolidated)

Sd./- NODAL PRINCIPAL
OAV, Gondhipally, Malkangiri

# ଉତ୍ତମ ପଡ଼ୋଶୀ

**ଯଦି ଆପଣଙ୍କର ପଡ଼ୋଶୀ ଭଲ, ତେବେ ଆପଣ ଭାଗ୍ୟବାନ୍। ପଡ଼ୋଶୀ ଆପଣଙ୍କର ଧ୍ୟାନ ରଖି ମାନସିକ ସୁରକ୍ଷା କେବଳ ଦେଇ ନ ଥା'ନ୍ତି, ଏହାଦ୍ୱାରା ସକାରାତ୍ମକ ପରିବେଶ ଦେବା ସହିତ ସୁସ୍ଥ ଏବଂ ପ୍ରସନ୍ନ ରଖିଥା'ନ୍ତି। ଏଥିପାଇଁ ସବୁବେଳେ ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ରଖନ୍ତୁ...**



ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରହିଲେ ତାହା ନିଜ ତଥା ନିଜ ପରିବାର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ପଡ଼ୋଶୀ ସୁଖଦୁଃଖରେ ପାଖରେ ଠିଆ ହୋଇଥାଆନ୍ତି। ଅସମୟରେ କିଛି ଦରକାର ପଡ଼ିଲେ ସେମାନଙ୍କର ସାହାଯ୍ୟ ଲୋଡ଼ା ପଡ଼ିଥାଏ। ଏମାନଙ୍କ ସହ ସମ୍ପର୍କ ଯେତେ ନିବିଡ଼ ରହିବ, ସେତେ ଭଲ। କେବଳ ସାଧାରଣ ଜୀବନରେ ନୁହେଁ, ବିଭିନ୍ନ ପର୍ବପର୍ବାଣି ପାଳନ, ଉତ୍ସବ, ବିବାହ, ବ୍ରତଘର ଆଦିରେ ସେମାନେ ସହଯୋଗର ହାତ ବଢ଼ାଇଥାଆନ୍ତି। ଯଦି ସେମାନଙ୍କ ସହ ସମ୍ପର୍କ ଠିକ୍ ନ ଥାଏ, ତେବେ ଠିକ୍ ସମୟରେ ସେମାନଙ୍କର ସହଯୋଗ ଆଶା କରିବା ବୃଥା। ତେବେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିଲେ ତାହାର କେତୋଟି ସୁପ୍ରଭାବ ଦେଖିବାକୁ ମିଳିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ମାନସିକ ସୁସ୍ଥତା**

ଆଜି ଯାହାକୁ ଦେଖିବ ସେମାନେ ଅବସାଦଗ୍ରସ୍ତ। ଏହାର ବହୁତ ବଡ଼ କାରଣ ହେଲା ଏକୁଟିଆ ରହିବା। ଏଥିରୁ ବାହାରିବାକୁ ହେଲେ ଆମକୁ ସାମାଜିକ ରୂପରେ ମଜବୁତ ହେବା ଆବଶ୍ୟକ। ଯାହାଫଳରେ ସାମାଜିକ ଏବଂ ଶାରୀରିକ ଗତିବିଧିକୁ ପ୍ରୋତ୍ସାହିତ କରିଥିବା ଲୋକମାନଙ୍କର ଭୂମିକା ମୁଖ୍ୟ ହୋଇଯାଇଥାଏ। ପାଖପଡ଼ିଶାଙ୍କ ସୁସ୍ଥ ବାତାବରଣ ଆମ ଜୀବନରେ ଅନେକ ପ୍ରକାର ପ୍ରଭାବ ପକାଇଥାଏ। ଏକୁଟିଆ ରହିବା, ନିଜ ପଡ଼ୋଶୀମାନଙ୍କ ସହିତ କଥା ନ ହେବା, ମାନସିକ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ। ଦୂର ସମ୍ପର୍କୀୟଙ୍କ ସହିତ ଭଲ ସମ୍ପର୍କ ରଖିବା ଠିକ୍। କିନ୍ତୁ ଯଦି ଆପଣଙ୍କ ଆଖପାଖରେ ଥିବା ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିଲା, ଏହା କୌଣସି ବରଦାନଠୁ କମ୍ ନୁହେଁ। ଏହାର ଗୋଟିଏ ନୁହେଁ, ଅନେକ ଫାଇଦା ରହିଛି। ଆମକୁ ଏହା ନିଶ୍ଚିତ ଜାଣିବା ଜରୁରୀ।

**ବୟସ ବୃଦ୍ଧି**

ମନୋବିଜ୍ଞାନୀଙ୍କ ମତରେ, ଖୁସି ରହିବା ଏବଂ ବ୍ୟସ୍ତ ରହିବା ଲମ୍ବା ଆୟୁଷ ପାଇଁ ଜରୁରୀ। କାହିଁକି ନା ଆପଣଙ୍କ ଭିତରେ ଥିବା ଆଗ୍ରହ ଏବଂ ଉତ୍ସୁକତା ବଢ଼ିଥାଏ। ଏହାଦ୍ୱାରା ଆପଣ ଦୀର୍ଘାୟୁ ହୋଇଥା'ନ୍ତି। ଏଥିପାଇଁ ଆମର ପଡ଼ୋଶୀ ବହୁତ ସାହାଯ୍ୟକାରୀ ହୋଇଥାଆନ୍ତି। ପାଖ ପଡ଼ିଶାଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ହେଲେ ଦେଖାହେଲେ ହସିଦେବା, ଗୁରୁଜନ ବ୍ୟକ୍ତି ହୋଇଥିଲେ ତାଙ୍କୁ ନମସ୍କାର କରିବା, ସାହାଯ୍ୟ ମାଗିବା, ପଡ଼ିଶାଙ୍କ ସହ ମିଳିମିଶା ବଢ଼ାଇବା। ଲୋକଙ୍କ ସହିତ ସଂକ୍ଷିପ୍ତ ବାର୍ତ୍ତାଳାପ ତାଙ୍କୁ ଖୁସି ଦେଇଥାଏ।

**ସମସ୍ତଙ୍କୁ ମିଳିଥାଏ ଖୁସି**

ଭଲ ଏବଂ ସୁସ୍ଥ ପରିବେଶ ସମସ୍ତଙ୍କ ପାଇଁ ଜରୁରୀ। ଏଥିରେ ପଡ଼ୋଶୀଙ୍କର ଭୂମିକା ବେଶି ରହିଥାଏ। ଭଲ ପଡ଼ିଶାର ମହତ୍ତ୍ୱ ଆମେ ସବୁଠାରୁ ଅଧିକ କରୋନା ସମୟରେ ଅନୁଭବ କରୁଥିଲେ। ଯେଉଁ କାରଣରୁ ପଡ଼ିଶା ଲୋକମାନେ ଏକୁଟିଆ ରହିବା ଅବସାଦରୁ ଦୂରେଇ ରହି ପାରୁଥିଲେ।

**ମିଳିଥାଏ ସୁରକ୍ଷା**

ଆଖପାଖ ପଡ଼ୋଶୀ ସମ୍ପର୍କ ସୁରକ୍ଷା ଦୃଷ୍ଟିକୋଣରୁ ଭଲ ହେବା ଆବଶ୍ୟକ। କାହିଁକି ନା ଯେତେବେଳେ ଆପଣଙ୍କ ପଡ଼ିଶା ସହିତ ଭଲ ସମ୍ପର୍କ ରହିବ, ପଡ଼ିଶା ବି ଆପଣଙ୍କ ଘର ଉପରେ ନଜର ରଖିଥା'ନ୍ତି। ଯଦି ଆପଣ କୁଆଡ଼େ ବୁଲିବାକୁ ଯାଉଛନ୍ତି, ତେବେ ପଡ଼ୋଶୀଙ୍କୁ ଏ ବିଷୟରେ ଖବର ଦେଇଥା'ନ୍ତୁ ଯେ ଆମ ଘର ଉପରକୁ ଟିକେ ନଜର ରଖିଥିବେ। କୌଣସି ଅଜଣା ସନ୍ଦିଗ୍ଧ ବ୍ୟକ୍ତିଙ୍କ ବିଷୟରେ ତୁମମାନଙ୍କୁ ସୂଚନା ଦେଇଥା'ନ୍ତି। ଆପଣଙ୍କ ଅନୁପସ୍ଥିତିରେ ଅବାଞ୍ଛିତ ଗତିବିଧି ଉପରେ ନଜର ରଖି ପୋଲିସ୍‌କୁ ଖବର ଦେଇଥା'ନ୍ତି। ଫଳରେ ଆପଣଙ୍କୁ ଅସୁବିଧା ସମୟରେ ସାହାଯ୍ୟ କରିଥା'ନ୍ତି। ଖରାପ ସମୟରେ ବନ୍ଧୁ ପରିଜନଙ୍କ ପୂର୍ବରୁ ପଡ଼ୋଶୀମାନେ ହିଁ ସହାୟତା କରିଥା'ନ୍ତି।

**ମିଳିଥାଏ ସ୍ୱାସ୍ଥ୍ୟବର୍ଦ୍ଧକ ସକାରାତ୍ମକତା**

ଯଦି ଆପଣଙ୍କୁ ସ୍ନେହୀ ମିତ୍ରବାନ୍ ପଡ଼ୋଶୀ ମିଳିଛନ୍ତି, ଏହା କୌଣସି ଆଶୀର୍ବାଦଠୁ କମ୍ ନୁହଁ। କାହିଁକି ନା ଶତ୍ରୁତାପୂର୍ଣ୍ଣ ପଡ଼ୋଶୀ ସହିତ ରହିବା ଦ୍ୱାରା ନକାରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ। ଏହାର ପ୍ରଭାବ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡ଼ିପାରେ। କଳ୍ପନା କରନ୍ତୁ ଗୁରୁତ୍ୱପୂର୍ଣ୍ଣ ପରିବେଶ ଏବଂ କଠିନ ସମୟ କାମ ପରେ ଘରକୁ ଆସିଲେ ଯଦି ଆପଣଙ୍କର ଏପରି ପଡ଼ୋଶୀ ସହିତ ସାମ୍ନାସାମ୍ନି ହୋଇଯାଏ, ତେବେ ଆପଣଙ୍କ ମୁଡ୍ ବଦଳିବାକୁ ବେଶି ସମୟ ଲାଗିବ ନାହିଁ। ଏହାର ଓଲଟା ଯଦି ଆପଣ ଭଲ ପଡ଼ୋଶୀ ସହ ଭେଟ ହୁଏ, ତେବେ ତାଙ୍କ ସହ କଥା ହେବା ଦ୍ୱାରା କୌଣସି ଚିନ୍ତା ନଥାଏ। ଏହାଦ୍ୱାରା ମୁଡ୍ ଭଲ ରହିବ।





ଫ୍ୟାଶନ

## ହୋଲି ପାର୍ଟି ଲାଗି ପ୍ରସ୍ତୁତ ହେଉଥିଲେ...

**ରଙ୍ଗର ପର୍ବ ହୋଲି। ଦିନକ ପରେ ପ୍ରାୟ ସମସ୍ତେ ଏହି ପର୍ବକୁ ବେଶ୍ ଧୁମ୍‌ଧାମରେ ପାଳନ କରିବେ। ହୋଲି ପାର୍ଟି ପାଇଁ କିପରି ପ୍ରସ୍ତୁତ ହେବେ, ସେ ନେଇ ନିଶ୍ଚୟ ପ୍ରସ୍ତୁତି ଆରମ୍ଭ କରିଦେବେଣି। ତେବେ ଏହି ସମୟରେ କେଉଁ ପୋଷାକ ପିନ୍ଧିବେ, ସେ ନେଇ ନିଶ୍ଚୟ ପ୍ଲାନିଂ କରୁଥିବେ। ତେବେ ଏହି ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇପାରନ୍ତି....**



➤ହୋଲି କେବଳ ରଙ୍ଗର ପର୍ବ ନୁହେଁ। ଖୁସି ମନାଇବା, ସାଙ୍ଗମାନଙ୍କ ସହିତ ଏବଂ ପରିବାର ସହିତ ମିଶି ମସ୍ତି କରିବା ଲାଗି ଏହା ହେଉଛି ଉପଯୁକ୍ତ ଦିନ। ଯଦି ଆପଣ ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଦେଖାଯିବାକୁ ଚାହାନ୍ତି, ତେବେ ସେହି ଅନୁଯାୟୀ ପୋଷାକ ଚୟନ କରନ୍ତୁ।

➤ହୋଲିରେ ଧଳା ଡ୍ରେସ୍ ପିନ୍ଧିବା ଟ୍ରେଣ୍ଡର ଚାହିଦା ଅଧିକ। ଯେତେବେଳେ ଧଳା ଡ୍ରେସ୍‌ରେ ରଙ୍ଗ ଲାଗିଲେ, ତାହା ଆହୁରି ସୁନ୍ଦର ଦେଖାଯାଇଥାଏ। ଆପଣ ଧଳା ଚିକନ୍‌କାରୀ କୁର୍ତ୍ତି, ଏହା ସହିତ ବ୍ଲୁ ଜିନ୍ସ କିମ୍ବା ହ୍ୱାଇଟ୍ ପ୍ଲାଜୋ ପିନ୍ଧିପାରିବେ। ଯଦି ଚାହୁଁଛନ୍ତି ଏହାସହିତ ରଙ୍ଗ ବେରଙ୍ଗର ଦୁପଟ୍ଟା ପକାଇପାରିବେ। ଯଦ୍ୱାରା ଆପଣଙ୍କ ଲୁକ୍ ଆହୁରି ଫ୍ରେଶ୍ ଲାଗିବ। ଏହି ଆଉଟ୍‌ଫିଟ୍ ସିମ୍ପଲ, ସୁନ୍ଦର ଏବଂ ପ୍ରତ୍ୟେକ ବୟସ୍କ ମହିଳାଙ୍କ ଲାଗି ପରଫେକ୍ଟ।

➤ଯଦି ଆପଣ ସମ୍ପୂର୍ଣ୍ଣ ଟ୍ରାଡିସିନାଲ କପଡ଼ା ପିନ୍ଧିବାକୁ ନ ଚାହାନ୍ତି, ତେବେ ଏକ ସିମ୍ପଲ ହ୍ୱାଇଟ୍ ଟି' ଶର୍ଟ ସହିତ ଜିନ୍ସ ଏବଂ ତା' ଉପରେ ରଙ୍ଗିନ ଏଥନିକ୍ ଜ୍ୟାକେଟ୍ ପିନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ଲୁକ୍ ଅଧିକ ହେଭି ଲାଗିବନି ଆଉ ସାଧାରଣ ଲାଗିବ। ଏହି ଷ୍ଟାଇଲ୍ ଅଫିସ୍, ପାର୍ଟି କିମ୍ବା କଲେଜ ହୋଲି ସେଲିବ୍ରେଶନ୍ ପାଇଁ ବହୁତ ଭଲ। ଏହାସହିତ ଫ୍ଲାଟ୍ସ କିମ୍ବା ସ୍ନିକର୍ସ ପିନ୍ଧନ୍ତୁ, ଯାହା ଫଳରେ ଆପଣ ଆରାମରେ ରଙ୍ଗ ଖେଳିପାରିବେ।

➤ସରାରା ସବୁବେଳେ ଫେଷ୍ଟିଭ୍ କପଡ଼ାରେ ପସନ୍ଦ କରାଯାଏ। କିନ୍ତୁ ଆପଣ ଏହାକୁ ଶର୍ଟ ଟପ୍ ହାଲୁକା ପେଷ୍ଟଲ ଶର୍ଟ ସହିତ ପିନ୍ଧିପାରିବେ। ଏହା ବହୁତ ଟ୍ରେଣ୍ଡି ଲାଗିଥାଏ। ଏହି ଆଉଟ୍‌ଫିଟ୍‌ରେ ଆପଣ ଷ୍ଟାଇଲିଶ୍ ଦେଖାଯିବେ । ଏହା ମଧ୍ୟ ପିନ୍ଧିବା ଲାଗି ଆରାମଦାୟକ ହୋଇଥାଏ।

– ଯଦି ଆପଣ ଆକର୍ଷଣୀୟ ଆଉଟଫିଟ୍ ପିନ୍ଧିବାକୁ ଚାହୁଁଛନ୍ତି, ତେବେ ଇଣ୍ଡୋ –ୱେଷ୍ଟର୍ନ ଜମ୍ପସୁଟ୍ ଟ୍ରାଏ କରିପାରିବେ। ଜମ୍ପସୁଟ୍ ଏମିତିରେ ୱେଷ୍ଟର୍ନ ଆଉଟ୍‌ଫିଟ୍। କିନ୍ତୁ ଯଦି ଏଥିରେ ହାଲୁକା ଏଥ୍‌ନିକ୍ ପ୍ରିଣ୍ଟ ରହିଛି, ତାହା ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଏହି ଆଉଟ୍‌ଫିଟ୍ ଖାସ୍ ଏଥିପାଇଁ ଯେ, ଏଥିରେ ଅଧିକ ଆସେସରିଜ୍ ଆବଶ୍ୟକତା ପଡି ନ ଥାଏ। ହାଲୁକା ଜୁଏଲାରି ଏବଂ ଫ୍ଲାଟ୍ ଫୁଟ୍‌ୱେର ସହିତ ଆପଣ ଆରାମରେ ପୂରା ହୋଲି ପାର୍ଟିକୁ ଏଞ୍ଜୟ କରିପାରିବେ।

➤ଏଥନିକ୍ ପ୍ରିଣ୍ଟେଡ୍ ସ୍କର୍ଟ ସହିତ ଧଳା ଶର୍ଟ ପିନ୍ଧିବା ଏକ ବହୁତ ଷ୍ଟାଇଲିଶ୍ ଫ୍ୟୁଜନ୍ ଲୁକ୍ ଦେଇଥାଏ। ଆପଣ ଚାହିଁଲେ ଏଥିରେ ଟକ୍‌ଇନ୍ କରି ବେଲ୍ଟ ଲଗାଇ ପାରିବେ। ଏହା ସହିତ ଷ୍ଟେଟ୍‌ମେଣ୍ଟ ନେକ୍‌ଲେସ୍ କିମ୍ବା ବଡ଼ ଝୁମୁକା ପିନ୍ଧିପାରିବେ। ଏହି ଲୁକ୍‌ରେ ଆପଣ ଆହୁରି ସ୍ମାର୍ଟ ଦେଖାଯିବେ। ଅଫିସ୍ ହୋଲି ପାଇଁ ଏହା ପରଫେକ୍ଟ ଚଏସ୍ ହେବ।

➤ହୋଲିରେ ଫୁଲ୍ ସ୍ଲିଭ୍ ଏବଂ ଢିଲା କପଡ଼ା ପିନ୍ଧନ୍ତୁ, ଯାହାଫଳରେ ସ୍କିନ୍ ଅଧିକ ସୁରକ୍ଷିତ ରହିବ। କଟନ୍, ଲିନେନ ଭଳି ହାଲୁକା ଫ୍ରାବ୍ରିକ୍ ଚୟନ କରନ୍ତୁ, କାରଣ ଏହା ଓଦା ହେଲେ ଜଲ୍‌ଦି ଶୁଖିଯାଇଥାଏ। ପାଦରେ ଆରାମଦାୟକ ଫୁଟ୍‌ୱେର ପିନ୍ଧନ୍ତୁ, କାହିଁକି ନା ହୋଲିରେ ଖସିବାର ସମ୍ଭାବନା ରହିଛି। ଆଖିର ସୁରକ୍ଷା ଲାଗି ସନ୍‌ଗ୍ଲାସ ପିନ୍ଧନ୍ତୁ।

ଖାଦ୍ୟରୁଚି

## ହୋଲି ସ୍ପେଶାଲ ମଲାଇ ଲସି

**ଆବଶ୍ୟକ ସାମଗ୍ରୀ**

୨ କପ୍ ବସାଦହି, ୩–୪ ଚାମଚ ଚିନି, ୨ ଚାମଚ ମଲାଇ, ଏକ ଚତୁର୍ଥାଂଶ ଇଲାଇଚି ପାଉଡର, ୪–୫ଟି ଆଇସ୍ କ୍ୟୁବ୍, ୨–୩ ଚାମଚ ଥଣ୍ଡା କ୍ଷୀର, ସଜାଇବା ଲାଗି ଡ୍ରାଏ ଫ୍ରୁଟ୍ସ।

**ପ୍ରସ୍ତୁତି ପ୍ରଣାଳୀ**

ମିଲାଇ ଲସି ବନାଇବାକୁ ହେଲେ ଦହି ଗାଢ଼ା ଏବଂ ତାଜା ହେବା ନିହାତି ଆବଶ୍ୟକ। ଏକ ବଡ଼ ବାଓଲରେ ଦହି ପକାନ୍ତୁ ଏବଂ ତାକୁ ଗୋଳାଇବା ଲାଗି ମିକ୍ସଚରରେ ପକାନ୍ତୁ। ଦହିକୁ ସେପର୍ଯ୍ୟନ୍ତ ମିକ୍ସ କର, ଯେ ପର୍ଯ୍ୟନ୍ତ ଦହିରେ ଏକ ଲେୟାର ଆସି ନ ଯାଇଛି। ଭଲ ପେସା ହୋଇଥିବା ଦହିର ଲସି କ୍ରିମ୍ ଟେକ୍ସଚର ଦେଇଥାଏ। ଫେଣ୍ଟା ହୋଇଥିବା ଦହିରେ ସ୍ୱାଦ ଅନୁସାରେ ଚିନି ପକାନ୍ତୁ। ଏହା ସହିତ ସେଥିରେ ତାଜା ମଲାଇ ପକାଇ ଦିଅନ୍ତୁ। ମଲାଇ ପକାଇଦେଲେ ଏସିର ସ୍ୱାଦ ଆହୁରି ରିଚ୍ ହୋଇଯାଏ। ଏବେ ଏହି ମିଶ୍ରଣକୁ ଭଲଭାବେ ମିକ୍ସଚରରେ ମିଶାଇ ଦିଅନ୍ତୁ। ଏହାଦ୍ୱାରା ଚିନି ଭଲଭାବେ ମିଶିଯିବ। ଏବେ ଏଥିରେ ଇଲାଇଚି ପାଉଡର, ଯାହା ଲସିକୁ ଭଲ ଅଲଗା ଫ୍ଲେବର ଦେଇଥାଏ। ଯଦି ଲସି ଅଧିକ ବହଳିଆ ଲାଗୁଛି, ଏଥିରେ ଅଳ୍ପ କ୍ଷୀର ପକାନ୍ତୁ। ଏବେ ଏଥିରେ ଆଇସ୍ କ୍ୟୁବ୍ ପକାଇ ବ୍ଲେଡରରେ ମିଶାଇ ଦିଅନ୍ତୁ। ଏହାଦ୍ୱାରା ଲସି ପୂରା ଫ୍ରେଶ୍ ଲାଗିବ। ଏବେ ଏଥିରେ କଟାହୋଇଥିବା ଡ୍ରାଏ ଫ୍ରୁଟ୍ସ ପକାଇ ଗାର୍ନିସିଂ ଲୁକ୍ ଦେଇପାରିବେ।



ସୌନ୍ଦର୍ଯ୍ୟ

## ରଙ୍ଗ ଖେଳିବା ବେଳେ ତ୍ୱଚାର ଯତ୍ନ



**ହୋଲିରେ ଶୁଖିଲା ରଙ୍ଗ ଏବଂ କେମିକାଲ ସ୍କିନ୍‌ରେ ବିଭିନ୍ନ ପ୍ରକାର ସମସ୍ୟା ବଢ଼ାଇ ଦିଏ। ହୋଲି ଖେଳିବା ପୂର୍ବରୁ ସ୍କିନ୍‌ରେ ନଡିଆ ତେଲ,ବାଦାମ ତେଲ ଏବଂ ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ରଙ୍ଗ ଖେଳିବା ସମୟରେ ତ୍ୱଚାକୁ କିପରି ସୁରକ୍ଷିତ ରଖିବେ ସେ ସମ୍ପର୍କରେ ଟିପ୍ସ...**

➤ହୋଲି ଖେଳ ପରେ ରଙ୍ଗ ଛଡାଇବା ଲାଗି ସାବୁନ୍ ବ୍ୟବହାର ନ କରି ଦହି, ଆଲୋଭେରା ଏବଂ ମହୁ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାବ୍ୟତୀତ ବେସନ ଏବଂ କ୍ଷୀରମିଶ୍ରିତ ପେଷ୍ଟ ସାହାଯ୍ୟରେ ରଙ୍ଗ ଛଡାଇପାରିବେ।

➤ରଙ୍ଗ ଖେଳିବା ପୂର୍ବରୁ ସ୍କିନ୍‌ରେ ନଡ଼ିଆ ତେଲ, ବାଦାମ ତେଲ ଲଗାଇ ନିଅନ୍ତୁ। ଫଳରେ ଯଦି ଶରୀରରେ ରଙ୍ଗ ଲାଗିଲେ ଏହା ସହଜରେ ଛାଡ଼ି ଯାଇଥାଏ।

➤ବାହାରକୁ ଯିବା ପୂର୍ବରୁ ତ୍ୱଚାରେ ହେଭି ମଶ୍ଚରାଇଜର ଏବଂ ଏସ୍‌ପିଏଫ୍‌ଯୁକ୍ତ ସନ୍ ସ୍କିନ୍ ଲୋଶନ୍ ଲଗାନ୍ତୁ। ଏହା ଆପଣଙ୍କୁ ସୂର୍ଯ୍ୟକିରଣ ଏବଂ ରସାୟନିକ ରଙ୍ଗଠାରୁ ସୁରକ୍ଷିତ ରଖିବ।

➤ଓଠରେ ଭଲ ଭାବେ ଲିପ୍ ବାମ୍ ଲଗାନ୍ତୁ।

➤ହୋଲି ଖେଳିବା ପରେ ତ୍ୱଚାକୁ ବେଶୀ ନ ରଗଡ଼ି ହଳଦୀ ଏବଂ ଦହିର ମିଶ୍ରଣ ଦ୍ୱାରା ମୁହଁ ଏବଂ ଶରୀରରେ ଲାଗି ଥିବା ରଙ୍ଗକୁ ସହଜରେ ଛଡ଼ାଇପାରିବେ।

➤ରଙ୍ଗ ଲାଗିବା ପରେ ଯଦି ଶରୀର ଜଳାପୋଡ଼ା ହୁଏ ତେବେ ଦହି, ମହୁ ଏବଂ ହଳଦୀର ପ୍ୟାକ୍ ଲଗାନ୍ତୁ। ଏଥିରୁ କେତେକାଂଶରେ ଉପଶମ ମିଳିବ।

➤ରଙ୍ଗ ଛଡ଼ାଇବା ପରେ ମଧ୍ୟ ମଶ୍ଚରାଇଜର ଏବଂ ନଡ଼ିଆ ତେଲ ଶରୀରରେ ଲଗାନ୍ତୁ। ଫଳରେ ସ୍କିନ୍ ନମନୀୟତା ବଜାୟ ରହିଥାଏ।



## ଘର ଜିନିଷକୁ କିପରି ସୁରକ୍ଷିତ ରଖିବେ

ହୋଲି ରଙ୍ଗଠାରୁ ଘରର ଆସବାବପତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ଦରକାର। ରଙ୍ଗ ଖେଳିବା ସମୟରେ ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ଏଗୁଡ଼ିକୁ ରକ୍ଷା କରିବା ଲାଗି କିଛି ସହଜ ଉପାୟ ରହିଛି। ନିମ୍ନଲିଖିତ ଉପାୟକୁ ଅନୁସରଣ କରି ଆପଣ ହୋଲିରୁ ଏସବୁ ଜିନିଷକୁ ସୁରକ୍ଷିତ ରଖିପାରିବେ।



**ଘର ଜିନିଷକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ**

ହୋଲି ରଙ୍ଗଠାରୁ ଘରର ଜିନିଷକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରଥମେ ଘରର ସମସ୍ତ ଜିନିଷକୁ କୌଣସି ମୋଟା ପ୍ଲାଷ୍ଟିକ୍ ଜରି ସାହାଯ୍ୟରେ ଢାଙ୍କି ଦିଅନ୍ତୁ। ଫଳରେ ରଙ୍ଗ ଦ୍ୱାରା ଜିନିଷର କୌଣସି କ୍ଷତି ହେବ ନାହିଁ।

**ପ୍ଲାଷ୍ଟିକ୍ ସିଟ୍ କିମ୍ବା ଖବରକାଗଜ ଲଗାନ୍ତୁ**

ରଙ୍ଗ ଦ୍ୱାରା ଘରର ଜିନିଷ ଯେପରି ନଷ୍ଟ ନ ହୁଏ, ଏଥିପାଇଁ ଘରର କବାଟ, ଝରକା ଆଦିରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ଖବରକାଗଜ ଲଗାଇ ଦିଅନ୍ତୁ। ଏହାଦ୍ୱାରା ଏସବୁ ସହଜରେ ଖରାପ ହେବ ନାହିଁ।

➔ଘରର ଚଟାଣ ଯେପରି ଖରାପ ନ ହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏଥିପାଇଁ ଚଟାଣରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ଦରି ପକାନ୍ତୁ।

➔ହୋଲି ପାଇଁ ଘରର ସମସ୍ତ ଜିନିଷକୁ ଢାଙ୍କିବା ସତ୍ତ୍ୱେ ଯଦି ଅସାବଧାନତାରୁ କୌଣସି ସ୍ଥାନରେ ରଙ୍ଗ ପଡ଼ିଯାଇଛି, ତେବେ ପ୍ରଥମେ ସେହି ସ୍ଥାନକୁ ଶୁଖିଲା କପଡ଼ାରେ ଝାଡ଼ିଦିଅନ୍ତୁ। ଏହାପରେ ଜିନିଷକୁ ସଫା କରିବାକୁ ପାଣି ଏବଂ ଡିଟରଜେଣ୍ଟ ବ୍ୟବହାର କରିପାରିବେ।


ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣକୁ ନିନ୍ଦା କରି କେରଳର କୋଚି ସହରରେ ଲୋକେ ସୋମବାର ବିକ୍ଷୋଭ କରୁଛନ୍ତି।

# ବିଚାରପତି ଏଆଇ ପ୍ରସ୍ତୁତ ରାୟ ଆଧାରରେ ନିଷ୍ପତ୍ତି ନେବା ଅପବ୍ୟବହାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୩(ପି.ଟି.)**

ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ସୃଷ୍ଟ ନକଲି ରାୟ ଉପରେ ନିମ୍ନ ଅଦାଲତ ନିର୍ଭର କରିବାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ଏଭଳି ଭିତ୍ତିହୀନ ରାୟ ଆଧାରରେ ନିଷ୍ପତ୍ତି ନେବା କେବଳ ଭୁଲ୍ ନୁହେଁ ବରଂ ଏହା ବୃତ୍ତିଗତ ଅପବ୍ୟବହାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଆଲୋକ ଆରାଢ଼େଙ୍କ ଖଣ୍ଡପୀଠ ଉକ୍ତ ମାମଲାକୁ ସବିଶେଷ ଅନୁଧ୍ୟାନ କରିବେ ବୋଲି କହିବା ସହ ଅର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାରେ ସହାୟତା ପାଇଁ ଅଦାଲତ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନଙ୍କୁ ନିଯୁକ୍ତ କରିଛନ୍ତି। ଏଭଳି ରାୟ ଦେବା ଅସଦାଚରଣ ଏବଂ ଏଥିପାଇଁ ଆଇନଗତ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଜାନୁଆରୀ ରାୟକୁ ଚ୍ୟାଲେଞ୍ଜକରି ଦାଏର ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଉପରୋକ୍ତ ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲେ। ମାମଲାର ମେରିଟ୍ ଉପରେ ନିଆଯାଇଥିବା ନିଷ୍ପତ୍ତି ପାଇଁ ନୁହେଁ, ବରଂ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ନେଇ ଆନୁଷ୍ଠାନିକ ଉଦ୍‌ବେଗର ବିଷୟ



ହୋଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଏକ ସମ୍ପତ୍ତି ବିବାଦ ଉପରେ ନିମ୍ନ ଅଦାଲତ ଗତବର୍ଷ ଅଗଷ୍ଟରେ ପକ୍ଷଙ୍କ ଅଭିଯୋଗକୁ ଅଗ୍ରାହ୍ୟକରି ଏକ ନିର୍ଦ୍ଦିଷ୍ଟ ରାୟ ଆଧାରରେ ନିଷ୍ପତ୍ତି ନେଇଥିଲେ। ତଳକୋର୍ଟର ରାୟକୁ ଆବେଦନକାରୀ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଯେଉଁ ରାୟ ଆଧାରରେ ନିମ୍ନ ଅଦାଲତ ରାୟ ଦେଇଛନ୍ତି ତାହା ଜାଲ୍ ଏବଂ ତାହାର କୌଣସି ଅସ୍ତିତ୍ୱ ନାହିଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଆପତ୍ତି ଅଭିଯୋଗକୁ ବିଚାର କରିବା ପରେ ରାୟ ଏଆଇ ପ୍ରସ୍ତୁତ ବୋଲି ଜାଣିବାକୁ ପାଇଥିଲେ। ହାଇକୋର୍ଟ ଏନେଇ ସତର୍କ କରାଇବା ସହ ମାମଲାର ମେରିଟ୍‌କୁ ବିଚାର କରି ସିଭିଲ୍ ରିଭିଜନ ପିଟିଶନକୁ ଖାରଜ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଆକ୍ରମଣ ଜୋର୍‌ଦାର**

# ଇରାନ୍‌ରେ ମୃତ୍ୟୁସଂଖ୍ୟା ୫୫୫

## ବେରୁଟ୍‌ରେ ଇସ୍ରାଏଲ୍ ଆକ୍ରମଣ: ୩୧ ମୃତ


ତେହରାନ୍‌ର ଏକ ବିଲ୍ଡିଂରେ ଏୟାରଷ୍ଟ୍ରାଇକ୍ ପରେ ଧୂଆଁ ଉଠୁଛି।

**ତେହରାନ୍, ୨।୩**

ଇରାନ୍‌ରେ ଆମେରିକା ଓ ଇସ୍ରାଏଲ୍ ସୋମବାର ଜୋର୍‌ଦାର ଆକ୍ରମଣ କରିଥିବାବେଳେ ମୃତ୍ୟୁସଂଖ୍ୟା ୫୫୫ରେ ପହଞ୍ଚିଥିବା ଇରାନୀୟ ରେଡ୍ କ୍ରିସେଣ୍ଟ ସୋସାଇଟି ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଇରାନ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଇସ୍ରାଏଲ୍ ଓ ଆମେରିକାର ସାମରିକ ବେସ୍ ଉପରେ ଆକ୍ରମଣ କରିଛି। ସୋମବାର ସକାଳେ ଇରାନର ଫାର୍ସ ପ୍ରଦେଶରେ ଆକ୍ରମଣ ଘଟି ଅନ୍ୟୁନ ୩୫ ଜଣ ନିହତ ହୋଇଥିବାବେଳେ ତେହରାନର ନିଲୁଫାର ସ୍କୋୟାରରେ ୨୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ସାନାନ୍ଦଜ ସହରରେ ବହୁ ବିଲ୍ଡିଂ ଧ୍ୱଂସ ହୋଇଥିବାବେଳେ ଅତିକମ୍‌ରେ ୨ ଜଣ ପ୍ରାଣ ହରାଇଥିବା ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି। ସହରର ବିଭିନ୍ନ ସ୍ଥାନରେ ଆମେରିକା ଏବଂ ଇସ୍ରାଏଲୀ ସେନା ୬ଟି ମିଶାଇଲ୍ ମାଡ଼ କରିଥିଲେ। ଇରାନର କେନ୍ଦ୍ରୀୟ ସହର କେର୍ମାନଶାହସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ବିଲ୍ଡିଂଗୁଡ଼ିକରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି। ଆମେରିକା ଏବଂ ଇସ୍ରାଏଲ୍ ରବିବାର ଇରାନ୍‌ର ନାତାଞ୍ଜ ଆଣବିକ ସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)କୁ ଇରାନ ରାଷ୍ଟ୍ରଦୂତ ରେଜା ନଜାଫି ଜଣାଇଛନ୍ତି।

ଲେବାନନ୍ ରାଜଧାନୀ ବେରୁଟ୍‌ରେ ଇସ୍ରାଏଲ୍ ଯୁଦ୍ଧବିମାନରୁ ବୋମାମାଡ଼ କରାଯିବାରୁ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪୯ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ଉତ୍ତର ଭାଗରେ ଥିବା ହାଇଫାସ୍ଥିତ ସାମରିକ ଘାଟିରେ ହେଜ୍‌ବୋଲ୍ଲା ଡ୍ରୋନ୍ ଏବଂ ରକେଟ୍ ଆକ୍ରମଣ କରିବାରୁ ଏହାର ଜବାବରେ ଇସ୍ରାଏଲ୍ ବେରୁଟ୍‌ରେ ଆକ୍ରମଣ କରିଛି। ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟାର ଜବାବରେ ତେହରାନ୍ ସମର୍ଥିତ ଲେବାନନ୍‌ର ସଶସ୍ତ୍ର ସଂଗଠନ ହେଜ୍‌ବୋଲ୍ଲା ଇସ୍ରାଏଲ୍‌ର ସାମରିକ ଘାଟିକୁ ଟାର୍ଗେଟ କରିଥିଲା ବୋଲି କହିଛି। ହେଜ୍‌ବୋଲ୍ଲାକୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ କହିଛନ୍ତି। ଯିଏ ଖାମେନେଇଙ୍କ ପଥ ଅନୁସରଣ କରିବ ତାଙ୍କର ଅନୁରୂପ ଦଶା ହେବ ବୋଲି କାଟ୍‌ଜ ଚେତାବନୀ ଦେଇଛନ୍ତି।

## ଇରାନ୍‌ର ନାତାଞ୍ଜ ଆଣବିକ ସ୍ଥଳରେ ଆକ୍ରମଣ

### ତେଜସ୍କ୍ରିୟ ବିକିରଣ ଆଶଙ୍କା କଲା ଆଇଏଇଏ

**ତେହରାନ୍, ୨।୩**

ଇରାନ୍‌ର ନାତାଞ୍ଜ ଆଣବିକ ସ୍ଥଳ ଉପରେ ଆମେରିକା ଏବଂ ଇସ୍ରାଏଲ୍ ରବିବାର ଆକ୍ରମଣ କରିଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)କୁ ତେହରାନ୍ ଜଣାଇଛି। ସୋମବାର ଆଇଏଇଏର ୩୫ ରାଷ୍ଟ୍ର ଗଭର୍ନର ବୋର୍ଡ ବୈଠକ ବେଳେ ଇରାନ ରାଷ୍ଟ୍ରଦୂତ ରେଜା ନଜାଫି ଖବରଦାତାମାନଙ୍କୁ ଏହା କହିଛନ୍ତି। ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ନେଇ ଉତ୍ତେଜନାରୁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଇରାନ ଅଣୁଅସ୍ତ୍ର ବିକଶିତ କରୁଥିବା ନେଇ ଗତ ଜୁନ୍‌ରେ ଆମେରିକା ଏହାର ଆଣବିକ ସ୍ଥଳ ଉପରେ ଆକ୍ରମଣ କରିଥିଲା। ଇରାନ୍ ଏହାର ଆଣବିକ ଭିତ୍ତିଭୂମିର ପୁନଃ ନିର୍ମାଣ କରିବ ବୋଲି ଏହାର ରାଷ୍ଟ୍ରପତି ମାସୁଦ୍ ପେଜେଶ୍‌କିଆନ୍ କହିଛନ୍ତି। ବିଲ୍ଡିଂ ଏବଂ କାରଖାନାକୁ ଧ୍ୱଂସ କରିବା ଆମ ପାଇଁ ସମସ୍ୟା ସୃଷ୍ଟିକରିବ ନାହିଁ, ଆମେ ସେଗୁଡ଼ିକୁ ପୁନର୍ବାର ନିର୍ମାଣ କରିଦେବୁ ବୋଲି ପେଜେଶ୍‌କିଆନ ସରକାରୀ ଗଣମାଧ୍ୟମକୁ କହିଛନ୍ତି। ତେବେ ଦେଶ ଆଣବିକ ଅସ୍ତ୍ର ଚାହେଁ ନାହିଁ। ଇରାନୀୟମାନଙ୍କ ସମସ୍ତ ସମସ୍ୟାର ସମାଧାନ ଆମର ଲକ୍ଷ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଜୁନ୍‌ରେ ଧ୍ୱଂସ ହୋଇଥିବା ଆଣବିକ ସ୍ଥଳର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ତେହରାନ୍ ଉଦ୍ୟମ କଲେ ସାନି ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସ୍ଥିତିକୁ ନେଇ ଆଇଏଇଏ ମହାନିର୍ଦ୍ଦେଶକ ରାଫାଏଲ୍ ମାରିଆନୋ ଗ୍ରୋସି ଚିନ୍ତାବ୍ୟକ୍ତ କରିବା ସହ ଆଣବିକ କେନ୍ଦ୍ରରୁ ତେଜସ୍କ୍ରିୟ ବିକିରଣ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ, ଯାହାର ପରିଣାମ ଭୟାବହ ହେବ ବୋଲି କହିଛନ୍ତି। ଆଣବିକ ସ୍ଥଳ ଉପରେ ଯଦି ଆକ୍ରମଣ ହୋଇଥାଏ, ତେବେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଲୋକଙ୍କୁ ଖାଲି କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

## ଆମେରିକାର ୩ ଯୁଦ୍ଧବିମାନକୁ ଖସାଇଲା କୁଏଟ୍ ଏୟାର ଡିଫେନ୍ସ

**ୱାଶିଂଟନ, ୨।୩**

କୁଏଟ୍‌ର ଏୟାର ଡିଫେନ୍ସ ଦ୍ୱାରା ଅଲଗା ଅଲଗା ବନ୍ଧୁତ୍ୱପୂର୍ଣ୍ଣ ଫାୟାରିଂରେ ଆମେରିକାର ୩ଟି ଏଫ୍-୧୫ଇ 'ଷ୍ଟ୍ରାଇକ୍ ଇଗଲ' ଯୁଦ୍ଧବିମାନ ଖସିଛି। ଇରାନରେ ଆମେରିକା-ଇସ୍ରାଏଲ୍ ମିଳିତ ସାମରିକ ଅଭିଯାନର ନିର୍ଦ୍ଦେଶନା ଦେଉଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ଏହା କୁହାଯାଇଛି। ତେବେ ଯୁଦ୍ଧବିମାନରେ ଥିବା ୬ ଜଣ ପାଇଲଟ୍ ସୁରକ୍ଷିତ ଅବତରଣ କରିଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। କୁଏଟ୍ ମଧ୍ୟ ଘଟଣାକୁ ସ୍ୱୀକାର କରିଛି। ଆମେରିକା ଓ ଇସ୍ରାଏଲ୍‌ର ମିଳିତ ସାମରିକ ଅଭିଯାନ ଅପରେଶନ ଏପିକ୍ ଫ୍ୟୁରିରେ ସାମିଲ ଥିବା ୩ ଆମେରିକୀୟ ଯୁଦ୍ଧବିମାନ ରବିବାର ରାତି ୧୧ଟା ୩ ମିନିଟ୍ ସମୟରେ କୁଏଟ୍ ଉପରେ ଉଡୁଥିବାବେଳେ ଆପାତତଃ ବନ୍ଧୁତ୍ୱପୂର୍ଣ୍ଣ ଫାୟାରିଂରେ ଖସିପଡ଼ିଥିଲେ। ଆମେରିକାର କେତେକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏହାର ସେଣ୍ଟ୍ରାଲ କମାଣ୍ଡ କହିଛି। ଗୋଟିଏ ଏଫ୍-୧୫ଇ ବିମାନ ଆକାଶରୁ ଖସୁଥିବାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। କିଛି ସେକେଣ୍ଡ ମଧ୍ୟରେ ସେଥିରୁ ପାଇଲଟ୍ ବାହାରି ଆସିଥିଲେ।

## ଆକ୍ରମଣରେ ଖାମେନେଇଙ୍କ ୨ ସମ୍ଭାବ୍ୟ ଉତ୍ତରାଧିକାରୀ ନିହତ: ଟ୍ରମ୍ପ

**ତେହରାନ୍, ୨।୩**

ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ଶନିବାର ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିଲେ। ଏଥିସହିତ ସୁପ୍ରିମ ଲିଡରଙ୍କ ଉତ୍ତରାଧିକାରୀ ହେବାର ସମ୍ଭାବନା ଥିବା ୨ ନେତାଙ୍କର ମଧ୍ୟ ଆକ୍ରମଣରେ ମୃତ୍ୟୁ ଘଟିଥିବା ଆମେରିକା ଚିହ୍ନଟ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଫଳରେ ଇସ୍‌ଲାମିକ୍ ରିପବ୍ଲିକ୍‌ର ପରବର୍ତ୍ତୀ ନେତୃତ୍ୱ କିଏ ନେବେ ସ୍ପଷ୍ଟ ଚିତ୍ର ଜଣାପଡୁନାହିଁ। ଆମେରିକାର ଚ୍ୟାନେଲ୍ ଏବିସି ନ୍ୟୁଜ୍‌ର ମୁଖ୍ୟ ୱାଶିଂଟନ ଖବରଦାତା ଜୋନାଥନ କାର୍ନଲ୍‌ଙ୍କୁ ରବିବାର ରାତିରେ ଟେଲିଫୋନ୍ ଯୋଗେ ସାକ୍ଷାତ୍‌କାର ଦେଇ ଟ୍ରମ୍ପ ଏହା କହିଛନ୍ତି। ଆକ୍ରମଣ ଏତେ ସଫଳ ଥିଲା ଯେ, ଏହା ଅଧିକାଂଶ ପ୍ରାର୍ଥୀଙ୍କୁ ମାଡ଼ କରିଥିଲା। ଖାମେନେଇଙ୍କ ପରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ନେତା ନିହତ ହୋଇଥିବା ଟ୍ରମ୍ପ କହିଛନ୍ତି।

# ଆଶଙ୍କାରେ ନିବେଶକାରୀ, ୧୦୪୮ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୨।୩**

ଇରାନ-ଆମେରିକା ଯୁଦ୍ଧ ପଶ୍ଚିମ ଏସିଆ ସମେତ ବିଶ୍ୱ ସମୁଦାୟକୁ ପ୍ରଭାବିତ କରିଛି। ଗୋଟିଏ ପଟେ ଯୁଦ୍ଧବିରତି ପରିବର୍ତ୍ତେ ଆଗକୁ ଆହୁରି ଜଟିଳ ରୂପ ନେବା ଏବଂ ଅନ୍ୟପଟେ ଆରବସମୂହ ରାଷ୍ଟ୍ରଗୁଡିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ଘଟଣା ନିବେଶକାରୀଙ୍କୁ ଆଶଙ୍କିତ କରିଦେଇଛି। ଏହାକୁ ନେଇ ଭାରତୀୟ ଶେୟାର ବଜାର ସମେତ ବିଶ୍ୱର ପ୍ରମୁଖ ଶେୟାର ବଜାର ସୋମବାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି।

ସୋମବାର ମୁମ୍ବାଇ ଶେୟାର ବଜାରରେ କାରବାର ଆରମ୍ଭ ହେବା ମାତ୍ରେ ବିଭିନ୍ନ କ୍ଷେତ୍ରରୁ ନିବେଶକାରୀ ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରିଦେବାରୁ ବିଏସ୍‌ଇ ପ୍ରମୁଖ ସୂଚକାଙ୍କ ସେନ୍‌ସେକ୍ସ ଏବଂ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ସୂଚକାଙ୍କ ନିଫ୍ଟିରେ ଦ୍ରୁତ ହ୍ରାସ ଘଟିବା ଆରମ୍ଭ



ହୋଇଥିଲା। ମଧ୍ୟାହ୍ନ କାରବାର ସୁଦ୍ଧା ସେନ୍‌ସେକ୍ସରେ ୧୮୦୦ ପଏଣ୍ଟ ହ୍ରାସ ଘଟି ଏହା ୭୯,୭୦୦ ପଏଣ୍ଟକୁ ଖସି ଆସିଥିଲାବେଳେ ନିଫ୍ଟିରେ ୫୦୦ ପଏଣ୍ଟ ହ୍ରାସ ଘଟି ଏହା ୨୪,୬୫୦କୁ ଖସି ଆସିଥିଲା। ବିଶେଷକରି ସ୍ମଲ୍ କ୍ୟାପ୍ ଏବଂ ମିଡ୍‌କ୍ୟାପ୍ ଶେୟାର ଭାରି ମାତ୍ରାରେ ପ୍ରଭାବିତ ହୋଇଥିଲା। ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ସେନ୍‌ସେକ୍ସରେ ୧୦୪୮ ପଏଣ୍ଟ ହ୍ରାସ ଘଟି କାରବାର ଶେଷ ବେଳକୁ ଏହା ୮୦,୨୩୮ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟିରେ ୩୧୩ ପଏଣ୍ଟ ହ୍ରାସ ଘଟି ଏହା ୨୪,୮୬୫ ପଏଣ୍ଟରେ ବନ୍ଦ ରହିଛି।

# ଇପିଏଫ୍ ସୁଧ ୮.୨୫%ରେ ଅପରିବର୍ତ୍ତିତ

**ନୂଆଦିଲ୍ଲୀ,୨।୩(ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) କ୍ରମାଗତ ତୃତୀୟ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ସୁଧ ହାର ୮.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ୨୦୨୫-୨୬ ବର୍ଷରେ ହୋଇଥିବା ଜମା ଉପରେ ଏହି ହାରରେ ସୁଧ ମିଳିବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତିରେ କୁହାଯାଇଛି। ଗତବର୍ଷ ଫେବୃଆରୀରେ ଇପିଏଫ୍‌ଓ ୨୦୨୪-୨୫ ବର୍ଷ ପାଇଁ ଇପିଏଫ୍ ସୁଧହାର ୮.୨୫% ବଜାୟ ରଖିଥିଲେ। ୨୦୨୨-୨୩ରେ ସୁଧହାର ୮.୧୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷ ପାଇଁ ଏହାକୁ ୮.୨୫ ପ୍ରତିଶତକୁ ବଢ଼ାଇ ଦିଆଯାଇଥିଲା। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ ବସି ୨୦୨୫-୨୬ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ବାର୍ଷିକ ସୁଧହାର ୮.୨୫% ରଖିବା ପାଇଁ ସୁପାରିସ୍ କରାଯାଇଛି।

# ଭାରତ-କାନାଡା ମଧ୍ୟରେ ୟୁରାନିୟମ ଚୁକ୍ତିନାମା

### ୫୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ

**ନୂଆଦିଲ୍ଲୀ,୨।୩(ପି.ଟି.)**

ୟୁରାନିୟମ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଲାଗି ଭାରତ ଓ କାନାଡା ମଧ୍ୟରେ ସୋମବାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ନେଇ ଖୁବ୍‌ଶୀଘ୍ର ସହମତିରେ ପହଞ୍ଚିବାକୁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟ କାରବାର ୫୦ ବିଲିୟନ ଡଲାରରେ ପହଞ୍ଚାଇବା ସମେତ ସମ୍ପର୍କ ବଢ଼ାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ନୂଆ ଢାଞ୍ଚା ଚୂଡ଼ାନ୍ତ କରିଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଥିବା କାର୍ନିଙ୍କ ସହ ମୋଦି ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି, କ୍ଷୁଦ୍ର ଓ ମଡ୍ୟୁଲାର ଆଣବିକ ରିଆକ୍ଟର, ଶିକ୍ଷା, ପୁନଃ ନବୀକରଣଯୋଗ୍ୟ ଶକ୍ତି ଆଦି


ନୂଆଦିଲ୍ଲୀର ହାଇଦ୍ରାବାସ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କାନାଡ଼ା ପ୍ରତିପକ୍ଷ ମାର୍କ କାର୍ନିଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଚୁକ୍ତିନାମା ହସ୍ତାନ୍ତର ହେଉଛି।

କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ୨.୬ ବିଲିୟନ ଡଲାର ମୂଲ୍ୟର ୟୁରାନିୟମ ଯୋଗାଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବାରୁ ଭାରତର ବେସାମରିକ ଆଣବିକ ଶକ୍ତି ସେକ୍ଟର ପାଇଁ ଏହା ସହାୟକ ହେବାକୁ ଯାଉଛି। ବୈଶ୍ୱିକ ଶାନ୍ତି ଓ ସ୍ଥିରତା ପାଇଁ ଦୁଇ ଦେଶ ଏହିସବୁ ଚ୍ୟାଲେଞ୍ଜ ବିରୋଧରେ ପରସ୍ପରକୁ ସହଯୋଗ କରିବେ। ପଶ୍ଚିମ ଏସିଆରେ ସୃଷ୍ଟ ବିପଜ୍ଜନକ ସୁରକ୍ଷା ସ୍ଥିତିକୁ ନେଇ ମୋଦି ଓ କାର୍ନି ବିଚାରବିମର୍ଶ କରିଥିଲେ। ଆଲୋଚନା ଏବଂ କୂଟନୀତି ଜରିଆରେ ସମସ୍ତ ଦ୍ୱନ୍ଦ୍ୱର ସମାଧାନକୁ ଭାରତ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ହୋର୍ମୁଜ୍ ଷ୍ଟ୍ରେଟ୍: ସର୍ବବୃହତ୍ ଏନର୍ଜି କରିଡର

**ମୁମ୍ବାଇ ,୨।୩**

ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ ଓ ଓମାନ ମଝିରେ ରହିଥିବା ଏକ ସଂକୀର୍ଣ୍ଣ ସାମୁଦ୍ରିକ ପଥ ବା ପ୍ରଣାଳୀ 'ହୋର୍ମୁଜ୍ ଷ୍ଟ୍ରେଟ୍'ର ବିଶେଷତ୍ୱ ଏବେ ବୈଶ୍ୱିକ ତୈଳ ପରିବହନ କ୍ଷେତ୍ରରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ଇରାନ ଏବଂ ଓମାନ ଉପକୂଳ ସମେତ ୟୁଏଇ ଉପକୂଳକୁ ଲାଗି ରହିଥିବା ମାତ୍ର ୩୩ କି.ମି ଚଉଡ଼ା ବିଶିଷ୍ଟ ଏହି ସାମୁଦ୍ରିକ ପଥ ଉତ୍ତରରେ ପାରସ୍ୟ ସାଗର ଏବଂ ଦକ୍ଷିଣରେ ଆରବସାଗରକୁ ଯୋଡୁଛି। ଅନ୍ତର୍ଜାତୀୟ ତୈଳ ପରିବହନ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନେକ ଶହ ବର୍ଷ ତଳେ ଏହି ସାମୁଦ୍ରିକ ପଥ ଦେଇ ଚାଇନା ସମେତ ଅନ୍ୟ ବହୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଉପସାଗରୀୟ ଦେଶଗୁଡିକ ସହ ବାଣିଜ୍ୟ କାରବାର କରୁଥିଲେ। ହେଲେ ସାମ୍ପ୍ରତିକ ସମୟରେ ଏହି ସାମଦ୍ରିକ ପଥ ବିଶ୍ୱର ବୃହତ୍ ଏନର୍ଜି କରିଡର୍ ଭାବେ




ପ୍ରତିଷ୍ଠାଲାଭ କରିଛି। ବିଶ୍ୱର ପ୍ରମୁଖ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ସାଉଦି ଆରବ, ୟୁଏଇ, କାତାର୍, ଇରାକ୍, ଇରାନ, ବାହାରିନ୍ ଏବଂ କୁଏଟ୍‌ରୁ ଏହି ପଥ ଦେଇ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଓ ଗ୍ୟାସ୍ ପରିବହନ ହୋଇଥାଏ। ଏହି ପଥ ଦେଇ ବିଶ୍ୱର ୨୦ରୁ ୨୫ ପ୍ରତିଶତ ଅଶୋଧିତ ପେଟ୍ରୋଲିୟମ ପରିବହନ ହୋଇଥିଲା ବେଳେ ଦୈନିକ ୨୦ ନିୟୁତ ବ୍ୟାରେଲ୍‌ରୁ ଅଧିକ ତୈଳ ପରିହନ ହୋଇଥାଏ। ମାଲାକା ଷ୍ଟ୍ରେଟ୍ ହେଉଛି ବିଶ୍ୱର ସବୁଠାରୁ ବଡ଼ ସାମୁଦ୍ରିକ ପଥ, ଯେଉଁ ପଥ ଦେଇ ଦୈନିକ ୩.୩ ନିୟୁତ ବ୍ୟାରେଲ ତୈଳ ପରିବହନ ହୋଇଥାଏ। ଏହାପରେ ହୋର୍ମୁଜ୍ ହେଉଛି ଦ୍ୱିତୀୟ ବୃହତ୍ ସାମୁଦ୍ରିକ ପଥ, ଯେଉଁଠି ଉପରୋକ୍ତ ପରିମାଣର ତୈଳ ଓ ଗ୍ୟାସ୍ ପରିହବନ ହୋଇଥାଏ। କାତାର ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ରୂପେ ଏହାର ଶତପ୍ରତିଶତ ଗ୍ୟାସ୍ ଏହି ପଥ ଦେଇ ରପ୍ତାନି କରିଥାଏ। କାତାର ବ୍ୟତୀତ ଅନ୍ୟ ଦେଶର ଗ୍ୟାସ୍ ମଧ୍ୟ ଏହି ପଥ ଦେଇ ପରିବହନ ହୋଇଥିଲା ବେଳେ ବିଶ୍ୱର ଅନ୍ୟୁନ ୪୦ ଭାଗ ଉତ୍ପାଦିତ ଗ୍ୟାସ୍ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ପରିବହନ ହୋଇଥାଏ। ଫଳରେ ଏହି ସାମୁଦ୍ରିକ ପଥ ବୈଶ୍ୱିକ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା-ଇସ୍ରାଏଲ ଆକ୍ରମଣକୁ ନେଇ ଇରାନ ଏହା ଉପରେ ପ୍ରତିବନ୍ଧକ ଲଗାଇବା ସହ ଅନ୍ୟ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ କରିବା ଘଟଣା ହୋର୍ମୁଜ୍ ସାମୁଦ୍ରିକ ପଥ ଦେଇ ତୈଳ ଓ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହେବା ସହ ଅର୍ଥନୀତି ପରୋକ୍ଷରେ ପ୍ରଭାବିତ ହେବା ଆଶଙ୍କା ବଢ଼ାଇଛି।

# କୋର୍ଟକୁ ପୁଣି ବୋମା ଧମକ

କୋର୍ଟକୁ ପୁଣି ଧମକ୍। ବୋମା ପକାଇ ସମ୍ବଲପୁର, ବରଗଡ଼ କୋର୍ଟ ଉଡ଼ାଇ ଦେବାକୁ ଇ-ମେଲ୍‌ରେ ଧମକ ପରେ ସୋମବାର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସକାଳୁ ସମ୍ବଲପୁର ଓ ବରଗଡ଼ ଜିଲାରେ ସ୍ୱତନ୍ତ୍ର ପୋଲିସ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ, ଅନୁସନ୍ଧାନୀ କୁକୁର କୋର୍ଟ ପରିସରରେ ପହଞ୍ଚି ତନାଘନା କରିଥିଲେ। ଉଭୟ ଜିଲାରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ମଧ କରି ଦିଆଯାଇଛି। ସମ୍ବଲପୁର ଜିଲାଜଜ୍ ଓ ବରଗଡ଼ ସିଭିଲ କୋର୍ଟ ପରିସର ତନ୍ନତନ୍ନ ଯାଞ୍ଚ ପରେ ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବଥର ପରି ଏଥର ବି ଆସିଥିବା ମେଲ୍‌ର କୌଣସି ସତ୍ୟତା ନ ଥିବା ଜଣାପଡିଥିଲା। ତେବେ କିଏ ଏପରି ମେଲ୍ ପଠାଇଛନ୍ତି ତାହାର ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।



ବୋମା ଧମକ ପରେ ସମ୍ବଲପୁର ଅଦାଲତ ପରିସରରେ ପୋଲିସ ଅନୁସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରୁଛି।

■ବୋମା ପକାଇ ସମ୍ବଲପୁର, ବରଗଡ଼ କୋର୍ଟ ଉଡ଼ାଇ ଦେବାକୁ ଇ-ମେଲ୍

■ସମ୍ବଲପୁର, ବରଗଡ଼ରେ ପୋଲିସର ତନାଘନା

**ସମ୍ବଲପୁର/ବରଗଡ଼,୨।୩(ପ୍ରମୋଦ ବହିଦାର/ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁର ଜିଲାଜଜ୍‌ଙ୍କ ଅଦାଲତ (କୋର୍ଟ)କୁ ବୋମାରେ ଉଡ଼ାଇ ଦେବାକୁ ରବିବାର ବିଳମ୍ବିତ ରାତିରେ ଏକ ଧମକପୂର୍ଣ୍ଣ ଇ-ମେଲ୍ ରେଜିଷ୍ଟ୍ରାରଙ୍କୁ ମିଳିବା ପରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ସକାଳୁ କୋର୍ଟରେ ଅଦାଲତି କାର୍ଯ୍ୟ ବନ୍ଦ ରହିଥିଲା। ବୋମାସ୍କ୍ୱାଡ୍, ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ସହିତ ସନ୍ଧାନୀ କୁକୁର ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। କୋର୍ଟ ବାହାରେ ଥିବା ସମସ୍ତ ଗାଡ଼ି, ଗାଡ଼ିର ଡିକି, ସମସ୍ତ ସ୍ଥାନକୁ ଟିମ୍ ଯାଞ୍ଚ କରିଥିଲା। ସେହିପରି କୋର୍ଟ ପାଖରେ ଥିବା ଏସ୍‌ପିଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ, ଜିଲାପାଳଙ୍କ ସରକାରୀ ବାସଭବନକୁ ମଧ ଯାଞ୍ଚ କରାଯାଇଥିଲା। ଏହାକୁ ନେଇ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ୍ କହିଛନ୍ତି, ଗତ ୨ମାସ ହେଲା କେବଳ ସମ୍ବଲପୁରର ନୁହେଁ ରାଜ୍ୟ ଓ ଦେଶର ବିଭିନ୍ନ କୋର୍ଟକୁ ଏହିଭଳି ଧମକପୂର୍ଣ୍ଣ ମେଲ୍ ଆସୁଛି। ଫଳରେ ପ୍ରତିଷେଧାତ୍ମକ ବ୍ୟବସ୍ଥା ସ୍ୱରୂପ ପୋଲିସ ପକ୍ଷରୁ ବିଗତ କିଛିଦିନ ହେଲା ରୁଟିନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ମେଲ କେଉଁଠୁ ଆସିଛି ତାହାର ମଧ ତଦନ୍ତ ଚାଲିଥିବା ସେ କହିଛନ୍ତି। ତେବେ ଗତ ଜାନୁଆରୀ ୮ରେ ଯେଉଁ ଆଇଡିରୁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା ବର୍ତ୍ତମାନ ମଧ ସେହି ମେଲ୍ ଆଇଡିରୁ ଏଭଳି ମେଇ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ସମ୍ବଲପୁର କୋର୍ଟକୁ ବାରମ୍ବାର ବୋମା ଧମକ ମିଳିବା ଏକ ଷଡଯନ୍ତ୍ର ବୋଲି ବାର୍ ଆସୋସିଏଶନ ସଭାପତି ପ୍ରଦୀପ ବହିଦାର କହିଛନ୍ତି। ବରଗଡ଼ ସିଭିଲ କୋର୍ଟକୁ ମଧ ଇ-ମେଲ୍‌ରେ ଏଭଳି ଧମକ ଆସିଛି। ଏହା ଜଣାପଡିବା ପରେ ବିଭାଗୀୟ ବିଚାରପତି, କର୍ମଚାରୀ ଏବଂ ଓକିଲମାନେ କୋର୍ଟ ବାହାରକୁ ଆସିଥିବାବେଳେ ପୋଲିସ ତନାଘନା ଚଳାଇଛି। ପ୍ରକାଶ ଥାଉକି, ଗତମାସ ୬ତାରିଖ ମଧ ଏହି କୋର୍ଟକୁ ଏଭଳି ବୋମା ଧମକ ଆସିଥିଲା।

# ବୃଦ୍ଧଙ୍କୁ ଲଙ୍ଗଳ ଜୁଆଳିରେ ପିଟି ହତ୍ୟା

**ଝରିଗାଁ,୨।୩(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଇଛାପୁର ପଞ୍ଚାୟତ କର୍ଲାପଡା ଗ୍ରାମରେ ଜଣେ ଯୁବକଙ୍କ ଆକ୍ରମଣରେ ଗାଁର ଗୋବର୍ଦ୍ଧନ ମାଝୀ (୬୮)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଝରିଗାଁ ପୋଲିସ ସୋମବାର ଉକ୍ତ ଗ୍ରାମର ଅଭିଯୁକ୍ତ ଲଛମନ ମାଝୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସୂଚନା ପ୍ରକାରେ କର୍ଲାପଡ଼ା ଗ୍ରାମର ଜୟସିଂ ମାଝୀ ଓ ଶେଷମଲ ମାଝୀ ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଇଟାଭାଟି କରିଥିଲେ। ଭାଟିରେ ନିଆଁ ଲଗାଇବା କାମ ପାଇଁ ଲଛମନ ମାଝୀ, ପୁରୁଷୋତ୍ତମ ମାଝୀ, ଭଗବାନ ମାଝୀ,ପୀତବାସ ମାଝୀ, ଋଷିକେଶ ମାଝୀ ଓ ତାଙ୍କ ଜେଜେବାପା ଗୋବର୍ଦ୍ଧନ ମାଝୀଙ୍କୁ ସେମାନେ ଡାକିଥିଲେ। ରବିବାର ଅପରାହ୍ନ ୫ଟାରେ ସମସ୍ତେ ଇଟା ଭାଟି ନିକଟକୁ ଯାଇଥିଲେ। କାମ ସରିବା ପରେ ଜୟସିଂଙ୍କ ଅସ୍ଥାୟୀ କୁଡ଼ିଆରେ ରୋଷେଇ କରି ଖାଇଥିଲେ। ସନ୍ଧ୍ୟା ୭ଟାରେ ଋଷିକେଶ, ଭଗବାନ, ପୁରୁଷୋତ୍ତମ ଓ ପୀତବାସ ଭାଟି ଠାରୁ କିଛି ଦୂରରେ ବସିଥିବାବେଳେ ହଠାତ୍ ଅସ୍ଥାୟୀ କୁଡ଼ିଆରୁ ପାଟି ଶୁଭିଥିଲା। ସମସ୍ତେ ଦଉଡ଼ି ଯାଇ ଦେଖିବାବେଳକୁ ଗୋବର୍ଦ୍ଧନ ତଳେ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ। ଲଛମନ କୁଡ଼ିଆ ଭିତରେ ଥିବା ହଳ ଜୁଆଳିରେ ଗୋବର୍ଦ୍ଧନଙ୍କ ମୁଣ୍ଡକୁ ମାରିଥିବା ଶେଷମଲ ଓ ଜୟସିଂ କହିଥିଲେ। ଗୁରୁତର ଗୋବର୍ଦ୍ଧନଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କୁ ଘରକୁ ନିଆଯାଇଥିଲା। ଗୋବର୍ଦ୍ଧନ ରକ୍ତବାନ୍ତି କରିବାରୁ ପରିବାର ଲୋକେ ପୁଣି ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି। ଗୋବର୍ଦ୍ଧନଙ୍କ ନାତି ଋଷିକେଶ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ କାହିଁକି ଏବଂ କେଉଁ କାରଣରୁ ଗୋବର୍ଦ୍ଧନଙ୍କୁ ଲଛମନ ହତ୍ୟା କଲେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଗଞ୍ଜେଇ ବେପାର ସହ ବନ୍ଧୁକ କାରବାର

■୪କି.ଗ୍ରା. ୫୭୭ଗ୍ରାମ୍ ଗଞ୍ଜେଇ, ଦେଶୀବନ୍ଧୁକ, ଜୀବନ୍ତ ଗୁଳି ଜବତ

■୩ ଅଭିଯୁକ୍ତ ଗିରଫ

**ବାଲେଶ୍ୱର, ୨।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**



ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ଗଞ୍ଜେଇ ବେପାର ସହ ଦେଶୀବନ୍ଧୁକ ଓ ପିସ୍ତଲ କାରବାର ଚଳାଇଥିଲେ। ବାଲେଶ୍ୱର ସଦର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ତାମୁଲିଆ ପୋଲ ନିକଟରୁ ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ପରେ ଏହାର ସୁରାକ ମିଳିଛି। ଅଭିଯୁକ୍ତମାନେ ଗଞ୍ଜେଇ କାରବାର କରିବା ସହ ପିସ୍ତଲ ଓ ଦେଶୀ ବନ୍ଧୁକ ବାହାର ରାଜ୍ୟରୁ ଆଣି ଏଠାରେ ବିକ୍ରି କରୁଥିବା ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୪.୫୭୭ କିଲୋ ଗଞ୍ଜେଇ, ୩ଟି ପିସ୍ତଲ, ଗୋଟାଏ ଦେଶୀ ବନ୍ଧୁକ, ୧୪ ରାଉଣ୍ଡ ବୁଲେଟ, ୧୦ଟି ମୋବାଇଲ ଫୋନ, ୨ଟି ସ୍କୁଟି, ଗୋଟାଏ ମୋଟରସାଇକେଲ ଓ ୫ହଜାର ଟଙ୍କା ପୋଲିସ ଜବତ କରିଛି।

ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ସଦର ଥାନା ଏସ୍‌ଆଇ ଶଙ୍କର ମୁର୍ମୁ ଓ ତାଙ୍କ ପାଟ୍ରୋଲିଂ ଟିମ୍ ତାମୁଲିଆ ପୋଲ ନିକଟରେ ଚୋରା ଗଞ୍ଜେଇ କାରବାର ଚାଲିଥିବା ନେଇ ସୂଚନା ପାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଏସ୍‌ଆଇ ଶଙ୍କର ମୁର୍ମୁଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଗଞ୍ଜେଇ କାରବାରରେ ଜଡ଼ିତ ଥିବା ସଦର ଥାନା ଭୋଇସାହି ଅଞ୍ଚଳର ମନୋଜ ଦାସ (୨୭), ଖନ୍ତାପଡ଼ା ଥାନା ଡୁଣ୍ଡୁରା ଅଞ୍ଚଳର ଗଙ୍ଗାଧର ଦାସ (୩୮) ଓ ଭଗବାନ ପାଢ଼ୀ (୩୧)ଙ୍କୁ ପୋଲିସ କାବୁ କରିଥିଲା। ଏନେଇ ସଦର ଥାନାରେ ଏକ ମାମଲା (ନଂ.୧୩୬/୨୬) ରୁଜୁ ହେବା ସହ ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଭଗବାନ ପାଢ଼ୀଙ୍କ ନାମରେ ପୂର୍ବରୁ ସଦର ଓ ଶିଳ୍ପାଞ୍ଚଳ ଥାନାରେ ହତ୍ୟା ଉଦ୍ୟମ, ଡକାୟତି ଭଳି ସଙ୍ଗୀନ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଓ ସଦର ଥାନା ଅଧିକାରୀ ଅଜୟ ମୁର୍ମୁ ଉପସ୍ଥିତ ଥିଲେ।

# ୧ କେଜି ସୁନା, ୪ କେଜି ରୁପା ଅଳଙ୍କାର ଜବତ

## କେନ୍ଦ୍ରାପଡ଼ାରୁ ୪ ଗିରଫ, ଖସିଗଲେ ୨

**ଭଦ୍ରକ,୨।୩(ସନାତନ ରାଉତ)**



ଜବତ ସୁନା, ରୁପା ଅଳଙ୍କାର ଓ ନମ୍ବର ପ୍ଲେଟ୍।

ଭଦ୍ରକ ଟାଉନ ପୋଲିସ ଏକ ଚୋରି ଘଟଣାର ତଦନ୍ତ କରୁଥିବାବେଳେ ରବିବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ାରୁ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ଜଣ ଖସିଯାଇଛନ୍ତି। ୨ଟି ମାମଲାରେ ଗିରଫ ୪ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ତିଲଙ୍ଗ ଗ୍ରାମର ଦୈତାରୀ ଦାସ(୨୯), ପଟ୍ଟାମୁଣ୍ଡାଇ ଥାନା ଅଧୀନ ମାଟିଆ ଗ୍ରାମର ଟୁକୁନା ଦାସ(୨୮), କେନ୍ଦ୍ରାପଡ଼ା ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଉମେଶ ଦାସ(୪୦) ଓ କୁନା ଦାସ(୨୦)। ସେମାନଙ୍କଠାରୁ ୧ କେଜିରୁ ଉର୍ଦ୍ଧ୍ୱ ସୁନା ଓ ୪ କେଜି ରୁପା ଅଳଙ୍କାର ଜବତ କରାଯାଇଛି। ଜବତ ସୁନାର ମୂଲ୍ୟ ୧.୫ କୋଟି ଓ ରୁପାର ମୂଲ୍ୟ ୧୫ ଲକ୍ଷ ହେବ ବୋଲି ସୋମବାର ଅପରାହ୍ନରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି।

ଏସ୍‌ପି ସୂଚନା ଦେଇ କହିଛନ୍ତି, ଗତ ଫେବୃଆରୀ ୮ ରାତିରେ ଟାଉନ ଥାନା ଅଧୀନ ମଠସାହିର ଗୌରହରି ସାହୁଙ୍କ ଘରୁ ଝରକା ତାଡ଼ି ୯୦ ଗ୍ରାମ୍ ସୁନା ଓ ୧୦୦ ଗ୍ରାମ୍ ରୁପା ଚୋରି ହୋଇଥିଲା। ଏନେଇ ଗୌରହରିଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୧୧୦/୨୬) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ରମ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍‌ଟିମ୍ ଓ ଡଗ୍‌ସ୍କ୍ୱାଡ୍‌ର ସାହାଯ୍ୟ ନିଆଯାଇଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ବେଳେ ସମାନ ଢଙ୍ଗରେ ଝରକା ତାଡ଼ି ଅନ୍ୟାନ୍ୟ ସ୍ଥାନରେ ଚୋରି କରିଥିବା ଗ୍ୟାଙ୍ଗ୍‌ର ଦୈତାରୀ ଓ ଟୁକୁନାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଖସିଯାଇଛନ୍ତି। ସେହିପରି ୨୦୨୫ ଜୁଲାଇ ୨ ରାତିରେ ଟାଉନ ଥାନା ଅଧୀନ ଜଗନ୍ନାଥପୁର ନିଉ କଲୋନୀର ଅଶୋକ କୁମାର ଜେନାଙ୍କ ଘରୁ ତାଲା ଭାଙ୍ଗି ୧୦୦ ଗ୍ରାମ୍ ସୁନା ଓ ୧୫୦ ଗ୍ରାମ୍ ରୁପା ଚୋରି ନେଇ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା (ନଂ.୩୭୮/୨୫) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଉମେଶ ଓ କୁନାଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଖସିଯାଇଛନ୍ତି। ସେମାନଙ୍କଠାରୁ ଚୋରି ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ୧୫ରୁ ଅଧିକ ମାମଲା ରହିଛି। ସେମାନଙ୍କ ନିକଟରୁ ରାଜ୍ୟ ଓ ରାଜ୍ୟ ବାହାରର ୧୫ରୁ ଅଧିକ ଗାଡ଼ିର ନମ୍ବର ପ୍ଲେଟ୍ ମଧ ଜବତ କରାଯାଇଛି। ସମାନ ଢଙ୍ଗରେ ଏମାନେ ଚୋରି କରୁଥିବାବେଳେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବୟସ୍କ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରି ଲୁଟ୍ କରୁଥିଲେ।

## Business

# ପ୍ରକୃତ ବିକାଶ ଦକ୍ଷତା ଉପରେ ଆଧାରିତ




## ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ପୂର୍ବ ଭାରତ ପାଇଁ ଆୟୋଜିତ ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬ ସୋମବାର ଭୁବନେଶ୍ୱରସ୍ଥିତ ଏସ୍‌ଡିଆଇ ଅଡିଟୋରିୟମରେ ଉଦ୍‌ଯାପିତ ହୋଇଛି। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏବଂ ଜାତୀୟ କୌଶଳ ବିକାଶ ନିଗମ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ୨୦୦ରୁ ଅଧିକ ଦକ୍ଷ ଯୁବକ ଯୁବତୀ ୫୯ଟି କୌଶଳ ବର୍ଗରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଜୟନ୍ତ ଚୌଧୁରୀ କହିଛନ୍ତି, ପୂର୍ବ ଭାରତର ରାଜ୍ୟଗୁଡ଼ିକ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ପ୍ଲାଟ୍‌ଫର୍ମ ଶିଳ୍ପ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରତିଟି ଜିଲାର ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ପ୍ରକୃତ ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ଏହା ଦକ୍ଷତା ଉପରେ ଆଧାରିତ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିକଳ୍ପିତ ସ୍କିଲ୍ ଇଣ୍ଡିଆ ମିଶନ ଦକ୍ଷତା ବିକାଶକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛି। ଉଦ୍‌ଯାପନୀ ସମାରୋହରେ ମୋଟ ୧୩୨ ଜଣ କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି। ୫୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୪୮ ଜଣଙ୍କୁ ରୌପ୍ୟ ପଦକ ଏବଂ ୩୧ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି। ସେହିପରି ୩୭ ଜଣଙ୍କୁ ଉତ୍କର୍ଷ ପଦକ ଦିଆଯାଇଛି। କ୍ଲାଉଡ୍ କମ୍ପ୍ୟୁଟିଂ, ସିଏନ୍‌ସି ମେସିନିଂ, ମୋବାଇଲ ଆପ୍ ବିକାଶ, ୱେବ୍ ଟେକ୍ନୋଲୋଜି, ଫ୍ୟାଶନ ଟେକ୍ନୋଲୋଜି ଏବଂ ୱେଲ୍‌ଡିଂ ପରି ଅତ୍ୟାଧୁନିକ କୌଶଳରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ରାଜ୍ୟୱାରି ପ୍ରଦର୍ଶନରେ ଓଡ଼ିଶା ଶୀର୍ଷ ସ୍ଥାନରେ ଥିବାବେଳେ ଏହା ପଛକୁ ବିହାର ଏବଂ ପଶ୍ଚିମବଙ୍ଗ ରହିଛନ୍ତି। ଆଞ୍ଚଳିକ ସ୍ତରରେ ବିଜେତାମାନେ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

# ବିଏମ୍‌ସି, ଜିନ୍ଦଲ ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପଣ



**ଭୁବନେଶ୍ୱର,୨।୩ (ବନ୍ଦନା ସେଠୀ)**

ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନରେ ଭୁବନେଶ୍ୱର ମହାନଗର ନିଗମର ଏକ ପଦକ୍ଷେପ ସ୍ୱରୂପ ଟ୍ରକ ମାଉଣ୍ଟେଡ ଆଧୁନିକ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପିତ ହୋଇଛି। ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ୪ ସିଟ୍ ବିଶିଷ୍ଟ ଏହି ଭ୍ରାମ୍ୟମାଣ ଶୌଚାଳୟ ପ୍ରଦାନ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱ ବିଏମ୍‌ସିର ରହିବ। ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଭୁବନେଶ୍ୱରର ସ୍ୱଚ୍ଛତାକୁ ଆଗେଇ ନେବାରେ ଫାଉଣ୍ଡେଶନର ସହଯୋଗ ଜାରି ରହିବ। ଆଉ ୨ଟି ଟ୍ରକ ମାଉଣ୍ଟେଡ ଭ୍ରାମ୍ୟମାଣ ଶୌଚାଳୟ ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଫାଉଣ୍ଡେଶନକୁ ଅନୁରୋଧ କରାଯାଇଛି। ଏହି ଶୌଚାଳୟରେ ପୁରୁଷଙ୍କ ପାଇଁ ଗୋଟିଏ କମୋଡ୍ ଓ ଗୋଟିଏ ଇଣ୍ଡିଆନ ପାଇଖାନା, ୨ଟି ପରିସ୍ରାଗାର, ମହିଳାଙ୍କ ପାଇଁ ୨ଟି ଇଣ୍ଡିଆନ ପାଇଖାନା, ଗୋଟିଏ କମୋଡ୍ , ୬ଟି ଏଗ୍‌ଜଷ୍ଟ ଫ୍ୟାନ୍, ୨ଟି ହ୍ୟାଣ୍ଡୱାସ୍ ବେସିନ ରହିଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଜିନ୍ଦଲ ଷ୍ଟିଲର ଅଧକ୍ଷ ପ୍ରଶାନ୍ତ ହୋତା ଏବଂ ଭର୍ଚୁଆଲ ଭବେ ବିଏମସି କମିଶନର ଚଞ୍ଚଳ ରାଣା ଓ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର୍ ପାଣ୍ଠି ଉପାଧକ୍ଷ ଋଷି ପଠାନିଆ ଉପସ୍ଥିତ ଥିଲେ।

# ଲୋକଙ୍କ ପାଖରେ ରହିଛି ୫,୫୫୧ କୋଟିର ୨ ହଜାର ଟଙ୍କିଆ ନୋଟ୍

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

୨୦୦୦ ହଜାର ଟଙ୍କିଆ ନୋଟ୍ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରକାଶ କରିଛନ୍ତି। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୨୦୦୦ହଜାର ଟଙ୍କିଆ ନୋଟ୍ ଫେରସ୍ତ ପ୍ରକ୍ରିୟାର ସର୍ବଶେଷ ସ୍ଥିତି ଏବଂ ସାଧାରଣ ଲୋକଙ୍କ ପାଖରେ ରହିଥିବା ବଦଳ କିମ୍ବା ଜମା କରିବାର ବିକଳ୍ପ ବିଷୟରେ ବିସ୍ତୃତ ଭାବେ ଜଣାଯାଇଛି। ୨୦୨୩ ମେ ୧୯ରେ ଆର୍‌ବିଆଇ ୨୦୦୦ ଟଙ୍କିଆ ନୋଟ୍ ବିମୁଦ୍ରୀକରଣ ଘୋଷଣା କରିଥିବାବେଳେ ବଜାରରେ ମୋଟ ୩.୫୬ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନ ଥିଲା। ୨୦୨୬ ଫେବୃଆରୀ ୨୮ରେ ବ୍ୟବସାୟ ସମାପ୍ତି ପର୍ଯ୍ୟନ୍ତ ଏହି ପରିମାଣ ହ୍ରାସ ପାଇ ମାତ୍ର ୫,୫୫୧ କୋଟି ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ୯୮.୪୪%ରୁ ଅଧିକ ନୋଟ୍ ଫେରସ୍ତ ହୋଇସାରିଛି। ୨୦୨୩ ଅକ୍ଟୋବର ୭ ପର୍ଯ୍ୟନ୍ତ ସମସ୍ତ ବ୍ୟାଙ୍କ ଶାଖାରେ ନୋଟ ଜମା କରିବାର ସୁବିଧା ଥିଲା, ମାତ୍ର ଏବେ ବି ଦୁଇଟି ବିକଳ୍ପ ଉପଲବ୍ଧ ରହିଛି। ପ୍ରଥମତଃ ଦେଶର ୧୯ଟି ପ୍ରମୁଖ ସହରରେ ଥିବା ଆର୍‌ବିଆଇ ଇସ୍ୟୁ ଅଫିସରେ ଯାଇ ନୋଟ୍ ବଦଳାଇ କିମ୍ବା ବ୍ୟାଙ୍କଖାତାରେ ଜମା କରାଯାଇପାରିବ। ଏହି ସହରଗୁଡ଼ିକ ହେଉଛି ଅହମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁଭାନନ୍ତପୁରମ। ଦ୍ୱିତୀୟତଃ ଦେଶର ଯେକୌଣସି ପୋଷ୍ଟ ଅଫିସରୁ ଇନ୍ସ୍ୟୋର୍ଡ ପୋଷ୍ଟ ମାଧ୍ୟମରେ ନୋଟ୍ ସିଧାସଳଖ ଆର୍‌ବିଆଇ ଅଫିସକୁ ପଠାଇ ବ୍ୟାଙ୍କ ଖାତାରେ କ୍ରେଡିଟ୍ କରାଯାଇପାରିବ। ଆର୍‌ବିଆଇ ସ୍ପଷ୍ଟ କରିଛନ୍ତି, ୨୦୦୦ ଟଙ୍କିଆ ନୋଟ୍ ଏବେ ବି ଲିଗାଲ ଟେଣ୍ଡର ଭାବେ ବଳବତ୍ତର ରହିଛି। ଅର୍ଥାତ୍ ଏହାର ମୂଲ୍ୟ ଶେଷ ହୋଇନାହିଁ, କେବଳ ପ୍ରଚଳନରୁ ବାହାର କରିବାର ପ୍ରକ୍ରିୟା ଚାଲିଛି।

# ଗୁଜରାଟ ରେଳପଥରେ ୧୭,୩୬୬ କୋଟି ଟଙ୍କା ବ୍ୟୟ



**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଆଶ୍ୱିନୀ ବୈଷ୍ଣବ ୨ଦିନିଆ ଗୁଜରାଟ ଗସ୍ତକରି ଗାନ୍ଧୀନଗରରେ ଅନୁଷ୍ଠିତ ଗୁଜରାଟ ସେମିକଣ୍ଡକ୍ଟର କନ୍‌ଫରେନ୍ସରେ ଯୋଗଦେଇଥିଲେ। ଏ ଅବସରରେ ସେ କହିଥିଲେ, ରେଳ କ୍ଷେତ୍ରରେ ଗୁଜରାଟକୁ ଏହି ବର୍ଷ ଭାରତୀୟ ରେଳପଥ ଏକ ରେକର୍ଡ ୧୭,୩୬୬ କୋଟି ଟଙ୍କା ବ୍ୟୟ ବଣ୍ଟନ କରାଯାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟକୁ ବାର୍ଷିକ ହିସାବରେ କେବଳ ୫୮୯ କୋଟି ବ୍ୟୟ ମିଳୁଥିବା ବେଳେ ଏବେ ଏହା ଅଭୂତପୂର୍ବ ବୃଦ୍ଧି ପାଇଛି। ବର୍ତ୍ତମାନ ଗୁଜରାଟରେ ୧,୨୮,୭୪୮ କୋଟି ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଚାଲିଛି। ୮୭ଟି ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଚାଲୁ ରହିଥିବା ମଧ୍ୟରୁ ୨୦ଟି ଷ୍ଟେଶନ ସମ୍ପୂର୍ଣ୍ଣ ହୋଇସାରିଛି। ଅହମଦାବାଦ, ସୁରଟ, ଉଧନା ଓ ସୋମନାଥ ଭଳି ପ୍ରମୁଖ ଷ୍ଟେଶନରେ ଦ୍ରୁତ ବିକାଶ କାର୍ଯ୍ୟ ଜାରି ରହିଛି। ମୁମ୍ବାଇ-ଅହମଦାବାଦ ହାଇ-ସ୍ପିଡ୍ ରେଳ (ବୁଲେଟ ଟ୍ରେନ) ପ୍ରକଳ୍ପରେ ମଧ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହା ସମ୍ପୂର୍ଣ୍ଣ ହେବା ପରେ ମୁମ୍ବାଇରୁ ଅହମଦାବାଦ ଯାତ୍ରା କେବଳ ୧ ଘଣ୍ଟା ୫୭ ମିନିଟ୍‌ରେ ସମ୍ପନ୍ନ ହେବ ଏବଂ ୨୦୨୭ ସୁଦ୍ଧା ଏହା ଚାଲୁ ହେବାର ଲକ୍ଷ୍ୟ ରଖାଯାଇଛି। ସେମିକଣ୍ଡକ୍ଟର, ରେଳ ଓ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରରେ ଏହି ଐତିହାସିକ ନିବେଶ ଓ ପ୍ରକଳ୍ପ ମାଧ୍ୟମରେ ଭାରତ ଆତ୍ମନିର୍ଭରତା, ପ୍ରଯୁକ୍ତିଗତ ଅଗ୍ରଗତି ଏବଂ ଆଧୁନିକ ଭିତ୍ତିଭୂମି ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ମଞ୍ଜୁର ହୋଇଥିବା ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ମଧ୍ୟରୁ ୪ଟି ଏହି ୨୦୨୬ ବର୍ଷରେ ଉଦ୍‌ଘାଟନ ସହ ସେଠାରେ ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଗୋଟିଏ ପ୍ଲାଣ୍ଟ ଚାଲୁ ହୋଇସାରିଛି ଏବଂ ଅନ୍ୟ ୩ଟି ମଧ ଏହି ବର୍ଷ ଭିତରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଧୋଲେରାରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ ଏବଂ ଟାଟା ଫ୍ୟାବ୍ରିକେସନ ପ୍ଲାଣ୍ଟ (ଟାଟା ଫ୍ୟାବ୍) ଦେଶ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାଜିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି ଦିଗରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନେତୃତ୍ୱରେ ହୋଇଥିବା ପ୍ରୟାସକୁ ସେ ବିଶେଷ ପ୍ରଶଂସା କରିଥିଲେ।

# ବିଓଆଇ, ନାଲ୍‌କୋ ମଧ୍ୟରେ ଚୁକ୍ତି



**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲି. (ନାଲ୍‌କୋ)ର କର୍ମଚାରୀମାନଙ୍କର ବେତନ ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ରେ ଖୋଲିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ, ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଏସ୍ .କେ. ଦାସ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ରିସୋର୍ସ ତଥା ମାର୍କେଟିଂ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋର ଏ. କେ. ବେହୁରିଆ (ନିର୍ଦ୍ଦେଶକ, ଅର୍ଥ ବିଭାଗ), ମୁଖ୍ୟ ମହାପ୍ରବନ୍ଧକ ପି. କେ. ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ. ସାହୁ, ଉପ-ମହାପ୍ରବନ୍ଧକ ଆଲୋକ ତ୍ରିପାଠୀ, ଉପ-ମହାପ୍ରବନ୍ଧକ ଏ. ପାଢ଼ୀ ଏବଂ ଉପ-ମହାପ୍ରବନ୍ଧକ ଗଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିପତ୍ର ଅନୁଯାୟୀ ନାଲ୍‌କୋ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର କଷ୍ଟୋମାଇଜ୍ ବେତନ ଆକାଉଣ୍ଟଧାରୀମାନଙ୍କୁ ବ୍ୟାଙ୍କ ପକ୍ଷର ଦୁର୍ଘଟଣାଜନିତ (ମୃତ୍ୟୁ) ବୀମା କଭର ଏବଂ ମାଗଣା ଟର୍ମ ଇନ୍‌ସ୍ୟୁରାନ୍ସ ଆଦି ସୁବିଧା ଉପଲବ୍ଧ ରହିଛି।

## ବିଟେକ୍ ପାଠ ....

ନେଟ୍‌ୱର୍କ ଜମ୍ପିଂ କରି ଟଙ୍କା ଲୁଟୁଥିଲେ। ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ପରିବର୍ତ୍ତନ କରାଯାଉଥିବାରୁ ସରକାର ଏବଂ ଟେଲିକମ୍ ସଂସ୍ଥାର କ୍ଷତି ହେଉଥିଲା। ଯେଉଁଥିପାଇଁ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍(ଡିଓଟି) ଏହାର ଛାନ୍‌ଭିନ୍ କରୁଥିଲେ। ଯାଞ୍ଚ ପରେ ଓଡ଼ିଶାର ଭୁବନେଶ୍ୱରରେ ଏଭଳି ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲ୍ ମାଧ୍ୟମରେ ବାଇପାସ୍ କରାଯାଉଥିବା ଜଣାପଡ଼ିଥିଲା। ଏନେଇ ଡିଓଟି କମିଶନରେଟ୍ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରିବା ପାଇଁ ଡିସିପି ଜଗମୋହନ ମୀନା ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ ଦେଇଥିଲେ। ସ୍ପେଶାଲ ସ୍କ୍ୱାଡ୍ ଯାଞ୍ଚ କରିବାପରେ ଚନ୍ଦ୍ରଶେଖରପୁର ଥାନା ପଟିଆ ସୁରଜ ପ୍ଲାଜା ପଛରେ ଏକ ବଏଜ ହଷ୍ଟେଲରେ ର୍‍ୟାକେଟ ଚାଲୁଥିବା ସ୍ପଷ୍ଟ ହୋଇଥିଲା। ସୋମବାର ପ୍ରାୟ ୧୨ଟା ସମୟରେ ପୋଲିସ ଏବଂ ଡିଓଟି ବିଭାଗ ଚଢ଼ାଉ କରିଥିଲେ। ଉମର ଏବଂ ସିଆଉଲ୍ ବିଟେକ୍ ଅଧାରୁ ଛାଡ଼ିବା ପରେ ଏହି ସିମ୍ ବକ୍ସ ର୍‍ୟାକେଟରେ ସାମିଲ ହୋଇଥିଲେ। ସେମାନେ ଆସାମ, ଆନ୍ଧ୍ରପ୍ରଦେଶ, କେରଳର ବିଭିନ୍ନ ସହରଗୁଡ଼ିକରେ ସିମ୍ ବକ୍ସ ପକାଇ ମାସକୁ ଦେଢ଼ ଲକ୍ଷ ଟଙ୍କା ପାଉଥିଲେ। ହେଲେ ସେଠାରେ ୬ ମାସ ତଳେ ତାଙ୍କ ସହଯୋଗୀମାନେ ଗିରଫ ହେବାପରେ ଧରାପଡ଼ିଯିବା ଭୟରେ ଉମର ଏବଂ ସିଆଉଲ୍ ଭୁବନେଶ୍ୱରକୁ ପଳାଇ ଆସିଥିଲେ। ଏଠାରେ ସେମାନେ ୪ ମାସ ହେବ ପଟିଆ ଅଞ୍ଚଳରେ ଏକ ବଏଜ ହଷ୍ଟେଲରେ ଭଡ଼ା ନେଇ ରହୁଥିଲେ। କିନ୍ତୁ ଏଠାରେ ପ୍ରି-ଆକ୍ଟିଭ୍ ସିମ୍ ମିଳିବା କଷ୍ଟ ହେଉଥିବାରୁ ସେମାନେ ଆସାମ୍ ଏବଂ ଆନ୍ଧ୍ରପ୍ରଦେଶରୁ ସିମ୍ ଆଣି ସିମ୍ ବକ୍ସ ପକାଇଥିଲେ। ଆହୁରି ମଧ୍ୟ ଫେସ୍‌ବୁକ୍ ଏବଂ ଟେଲିଗ୍ରାମ୍ ମାଧ୍ୟମରେ ସିମ୍ ମଧ୍ୟ କିଣୁଥିବା ତଦନ୍ତରୁ ଜଣାପଡ଼ିଛି। ଗିରଫ ପରେ ଏହି ର୍‍ୟାକେଟରେ ସାମିଲ ଥିବା ଅନ୍ୟମାନଙ୍କୁ ଧରିବାକୁ ମଧ୍ୟ ଚଢ଼ାଉ ଜୋର୍‌ଦାର

## ଅବଶିଷ୍ଟାଂଶ

କରାଯାଉଛି। ରାଜଧାନୀରେ ଅନ୍ୟ ସ୍ଥାନରେ ମଧ୍ୟ ଏହି ସିମ୍ ବକ୍ସ ଲାଗିଥିବା ପୋଲିସ ତଦନ୍ତ କରୁଛି। ଗିରଫ ପରେ ୨ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କଲେ ର୍‍ୟାକେଟର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି। ୨୦୨୪ ଅଗଷ୍ଟ ୧୬ରେ ଲକ୍ଷ୍ମୀସାଗର ପୋଲିସ ମଙ୍ଗରାଜ ପଏଣ୍ଟ ଅଞ୍ଚଳରେ ଏକ ଘରେ ଚଢ଼ାଉ କରି ୭ଟି ସିମ୍ ବକ୍ସ ଜବତ କରିବା ସହ ରାଜୁ ମଣ୍ଡଳଙ୍କୁ ଧରିଥିଲା। ତାଙ୍କ ଘର କୋଲକାତାରେ ହୋଇଥିବାବେଳେ ଏଠାରେ ଲୁଗା ବେପାର କରିବାକୁ କହି ଘର ଭଡ଼ା ନେଇ ସେଠାରେ ସିମ୍ ବକ୍ସ ପକାଇଥିଲା। ଏଥିସହ ବାଂଲାଦେଶରୁ ମାଷ୍ଟରମାଇଣ୍ଡ ଏଠାକୁ ଆସି ସିମ୍ ବକ୍ସ ମେଣ୍ଟେନାନ୍ସ କରି ଯାଉଥିବା ପୋଲିସ କହିଥିଲା। ରାଜୁଙ୍କୁ ପଚରାଉଚରା କରିବା ପରେ ଝାଡ଼ଖଣ୍ଡ ରାଞ୍ଚିରେ ଏଭଳି ଏକ ଭଡ଼ା ଘରୁ ୩ଟି ସିମ ବକ୍ସ ଜବତ କରାଯାଇଥିଲା। ୨୦୧୬ରେ ବ୍ରହ୍ମପୁର ଅଞ୍ଚଳରେ ବେଆଇନ ସିମ୍‌ବକ୍ସ ଠାବ କରିଥିଲା ଗୋପାଳପୁର ଥାନା ପୋଲିସ। ଅପରାଧୀମାନେ ଏହି ସିମ୍ ବକ୍ସକୁ ବ୍ୟବହାର କରି ବ୍ୟବସାୟୀଙ୍କୁ ଦାଦାବଟି ମାଗୁଥିଲେ। ବିଦେଶରୁ ଫୋନ୍ କଲ ଆସୁଥିବା କାରଣରୁ ପୋଲିସ ଅଭିଯୁକ୍ତଙ୍କୁ ଧରିପାରୁନାହିଁ। କେବଳ ଏତିକି ନୁହେଁ ଆତଙ୍କବାଦୀ ଏବଂ ମାଓବାଦୀ ସଂଗଠନ ନେତାମାନେ ରାଜ୍ୟରେ ଥିବା ସେମାନଙ୍କ ସମର୍ଥକମାନଙ୍କ ସହ ସିମ୍ ବକ୍ସ ମାଧ୍ୟମରେ କଥା ହେଉଛନ୍ତି। ଫଳରେ ପୋଲିସ ସେମାନଙ୍କୁ ଟ୍ରାକ୍ କରିବାରେ ବିଫଳ ହେଉଛି।

## ସରିଲା ମାଟ୍ରିକ୍ ପରୀକ୍ଷା,...

ଫର୍ମପୂରଣ କରିଥିଲେ। ରାଜ୍ୟର ମୋଟ ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଣ୍ଟରରେ ଲାଇଭଷ୍ଟ୍ରିମିଂ ବ୍ୟବସ୍ଥା ମାଧ୍ୟମରେ ସେଗୁଡ଼ିକ ବୋର୍ଡ ମୁଖ୍ୟାଳୟ ସହ ଯୋଡ଼ି ହୋଇରହିଥିଲା। କୌଣସି ତ୍ରୁଟିବିଚ୍ୟୁତି ବୋର୍ଡ କର୍ତ୍ତୃପକ୍ଷ ତାହା ମାଧ୍ୟମରେ ଜାଣିପାରିଛନ୍ତି। ସେହିପରି ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ବୁକ୍‌ଲେଟ୍‌ର ପ୍ରତି ପୃଷ୍ଠା ତଥା ପ୍ରତି ନମ୍ବରରେ ୱାଟରମାର୍କ ମଧ୍ୟ ରହିଥିଲା।

## ୩୮ ଡିଗ୍ରୀ ସହ ...

ସେହିପରି ଭଦ୍ରକରେ ୩୭.୩ ଡିଗ୍ରୀ, ତାଳଚେର ୩୭ ଡିଗ୍ରୀ, ସମ୍ବଲପୁର ୩୬.୮ ଡିଗ୍ରୀ, ଢେଙ୍କାନାଳ ୩୬.୬ ଡିଗ୍ରୀ, ହୀରାକୁଦ ୩୬.୬ ଡିଗ୍ରୀ, ରାଉରକେଲା ୩୬.୩ ଡିଗ୍ରୀ, ପାରଳାଖେମୁଣ୍ଡି ୩୬.୨ ଡିଗ୍ରୀ, ଅନୁଗୋଳ ୩୬.୧ ଡିଗ୍ରୀ, ବାରିପଦା ୩୬ ଡିଗ୍ରୀ, ଟିଟିଲାଗଡ ୩୬ ଡିଗ୍ରୀ, ବାଲେଶ୍ୱର ୩୫.୯ ଡିଗ୍ରୀ, ବରଗଡ଼ ୩୫.୪ ଡିଗ୍ରୀ, ବଲାଙ୍ଗୀର ୩୫.୩ ଡିଗ୍ରୀ, ଚାନ୍ଦବାଲି ୩୫.୨ ଡିଗ୍ରୀ, କଟକ ୩୫.୨ ଡିଗ୍ରୀ, ସୋନପୁର ୩୫.୨ ଡିଗ୍ରୀ, ସୁନ୍ଦରଗଡ଼ ୩୫.୨ ଡିଗ୍ରୀ ଏବଂ ଭବାନୀପାଟଣା ୩୫ ଡିଗ୍ରୀ ଦିନ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଣିପାଗରେ କୌଣସି ପରିବର୍ତ୍ତନ ନ ଥିବାରୁ ଏଭଳି ଗରମ ଲାଗି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଝାରସୁଗୁଡ଼ା ବିମାନବନ୍ଦର ...

ଆୟତ୍ତ କରିଥିଲେ। ଖବରପାଇ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ତହସିଲଦାର କୁମ୍ଭାର କହିଛନ୍ତି, ନିଆଁ ଲାଗିବାର କାରଣ ଜଣାପଡିନାହିଁ। ହେଲେ ଲୋକଙ୍କ ସଚେତନତା ଅଭାବରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି। ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇ ନ ଥିଲେ ବିମାନବନ୍ଦର ଏବଂ ଆଇଓସିଏଲ୍ ଭଳି ସମ୍ବେଦନଶୀଳ ସ୍ଥାନରେ ବଡ଼ ବିପଦ ସୃଷ୍ଟି ହୋଇଥାନ୍ତା। ତେଣୁ ଆଗାମୀ ଦିନରେ ଲୋକମାନେ ଏଥିପ୍ରତି ସଚେତନ ରହିବା ପାଇଁ କୁମ୍ଭାର କହିଛନ୍ତି।

# ଡଙ୍ଗାପଥର ଘାଟିରେ ବସ୍ ଓଲଟିଲା: ୨୦ରୁ ଅଧିକ ଯାତ୍ରା କଳାକାର ଆହତ

ଦେବଗଡ଼,୨।୩ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଡଙ୍ଗାପଥର ଘାଟିରେ ସୋମବାର ପୂର୍ବାହ୍ନରେ ଏକ ବସ୍ ଓଲଟିପଡିଛି। ବସ୍‌ରେ ଥିବା ୨୦ରୁ ଅଧିକ କଳାକାର ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ଡଙ୍ଗାପଥର ଗ୍ରାମରେ ଯାତ୍ରା ସାରି କଳାକାରମାନେ ଉକ୍ତ ବସ୍‌ରେ ଆସୁଥିଲେ। ହେଲେ ଡଙ୍ଗାପଥର ଘାଟିରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟିପଡିଥିଲା। ବସ୍ ଭିତରେ ଥିବା ସମସ୍ତ କଳାକାର ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି କଂସର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରିଆମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



ଡଙ୍ଗାପଥର ଘାଟିରେ ଓଲଟି ପଡ଼ିଥିବା ବସ୍ ନିକଟରେ ଲୋକଙ୍କ ଭିଡ଼।

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍

## ଜଣେ ମୃତ, ୪ ଗୁରୁତର



ଦୁର୍ଘଟଣାଗ୍ରସ୍ତ କାର୍।

କରଞ୍ଜିଆ/ଠାକୁରମୁଣ୍ଡା,୨।୩ (କବିତା ମହାନ୍ତ/ ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ଗିଧିବାସ ଛକ ନିକଟରେ ସୋମବାର ସକାଳେ ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯଶୀପୁର ଥାନା ଭଣ୍ଡାରୀପୋଷି ଗ୍ରାମର ସରୋଜ ମୁଖି। ଗୁରୁତର ସେହି ଗ୍ରାମର ସାଗର ବେହେରା, ସୁଶାନ୍ତ ବେହେରା ଓ ଦେବେନ୍ଦ୍ର ବେହେରା ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଯଶୀପୁର ପୋଲିସ ତଦନ୍ତ ଜାରି ରଖିଛି। ମୃତାହତମାନେ କରଞ୍ଜିଆରୁ ଦୋଳ ମେଳଣ ଦେଖି କାର୍‌ରେ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କାର୍‌ଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 817 | 54/1174 | ଲୋଚନ ଧରୁଆ, ପି:କୈଳାଶ ଧରୁଆ, ଜା:ଗଣ୍ଡ, ବା:ଯାମକୁରୀ | 181/1161/2189 | ବେର୍ଣ୍ଣା ମାମୁଲି | 0.4650 | 0.4650 |
| | | | 341/1163 | ଘରବାରି | 0.0200 | 0.0200 |
| | | | 191/1162/2188 | ଆଟ ମାମୁଲି | 0.4850 | 0.4850 |
| | | | 159/1159/2190 | ଆଟ ମାମୁଲି | 0.3400 | 0.3400 |
| 818 | 54/1175 | ଲତିଲାସ ଧରୁଆ, ପି:ସୁଗ୍ରେସେନ ଧରୁଆ, ଜା:ଗଣ୍ଡ, ବା:ଯାମକୁରି | 181/1161/2193 | ବେର୍ଣ୍ଣା ମାମୁଲି | 0.4650 | 0.4650 |
| | | | 342/1164/2191 | ଘରବାରି | 0.0200 | 0.0200 |
| | | | 191/1162/2192 | ଆଟ ମାମୁଲି | 0.7350 | 0.7350 |
| | | | 159/1159/2194 | ଆଟ ମାମୁଲି | 0.2300 | 0.2300 |
| 819 | 54/1176 | ଗୋପିଲାସ ଧରୁଆ, ପି:ସୁଗ୍ରେସେନ ଧରୁଆ, ଜା:ଗଣ୍ଡ, ବା:ଯାମପୁରି | 181/1161 | ବେର୍ଣ୍ଣା ମାମୁଲି | 0.470 | 0.4700 |
| | | | 342/1164/2195 | ଘରବାରି | 0.020 | 0.0200 |
| | | | 191/1162/2196 | ଆଟ ମାମୁଲି | 0.130 | 0.1300 |
| | | | 159/1160 | ଆଟ ମାମୁଲି | 0.600 | 0.6000 |
| 820 | 54/1177 | ପୁଷ୍ପାଞ୍ଜଳୀ ଦଳପତି, ପି:କୈଳାସ ଧରୁଆ, ଜା:ଗଣ୍ଡ, ବା:ଯାମପୁରି | 191/1162/2197 | ଆଟ ମାମୁଲି | 0.100 | 0.1000 |
| 821 | 54/1178 | ରାଧା ଭୋଇ, ପି:କୈଳାଶ ଧରୁଆ, ଜା:ଗଣ୍ଡ, ବା:ଯାମପୁରି | 191/1162/2198 | ଆଟ ମାମୁଲି | 0.100 | 0.1000 |
| 822 | 54/1179 | ବନିତା ଧରୁଆ, ପି:କୈଳାଶ ଧରୁଆ, ଜା:ଗଣ୍ଡ, ବା:ଯାମକୁରି | 342/1164 | ଘରବାରି | 0.010 | 0.0100 |
| | | | 191/1162 | ଆଟ ମାମୁଲି | 0.050 | 0.0500 |
| 823 | 54/1180 | ଗୋପାଳ କରଣ, ପି:କେକଡ କରଣ, ଜଗଦୀଶ କରଣ, ପି:ଘାସି କରଣ, ଜା:ଡୁମାଲ, ବା:ପଟାମରା | 438/2199 | ଘରବାରି | 0.050 | 0.0500 |
| 824 | 54/1183 | ରାମ ପ୍ରକାଶ ମେହେର, ପି:ପୁରନ୍ଦର ମେହେର, ପୁରନ୍ଦର ମେହେର, ଟିକେରାମ ମେହେର, ପି:ଗୁରୁବାରୁ ମେହେର, ଜା:ଭୁଲିଆ, ବା:ଫଟାମରା | 491/1392/2201 | ଆଟ ମାମୁଲି | 0.070 | 0.0700 |
| 825 | 54/1185 | ଗୋପୀ ମେହେର, ପି:ବନ ମେହେର, ଜା:ଭୁଲିଆ, ବା:ଚନାବାହାଲ | 491/1392/2203 | ଆଟ ମାମୁଲି | 0.050 | 0.0500 |
| 826 | 54/1186 | ସାବିତ୍ରୀ ବାଗ, ସ୍ୱା:ଦଶରଥ ବାଗ, ଜା:ଗଉଡ, ବା:ଟେଙ୍ଗରା | 558/1865/1935/2001/2204 | ଘରବାରି | 0.050 | 0.0500 |
| 827 | 54/1187 | ସୋମୁ ହେମସ୍ରୀ, ସ୍ୱା:ଦୁର୍ଯୋଧନ କୁମ୍ଭାର, ବା:ବେଲପଡା | 558/1865/1935/2001/2205 | ଘରବାରି | 0.050 | 0.0500 |
| 828 | 54/1188 | ବଶିଷ୍ଠ ସାହୁ, ପି:ନିଳ ସାହୁ, ଜା:କୁଲତା, ବା:ଡଙ୍ଗାଘାଟ | 43/1022/1866/2206 | ଘରବାରି | 0.040 | 0.0400 |
| 829 | 54/1189 | ପ୍ରିନ୍ସ ବେହେରା, ପି:ପଞ୍ଚାନନ ବେହେରା, ଜା:ଶୁଣ୍ଢି, ବା:କଣ୍ଟାବାଞ୍ଜି | 558/1865/2209 | ଆଟ ମାମୁଲି | 0.100 | 0.1000 |
| 830 | 54/1190 | ଦେବଦତ୍ତ ପଧାନ, ପି:ସଞ୍ଜୟ କୁମାର ପଧାନ, ଜା:କୁଲତା, ବା:ଗଡଶଙ୍କର ଡୁଙ୍ଗୁରୀପାଲି | 156/2210 | ଆଟ ମାମୁଲି | 0.200 | 0.2000 |
| 831 | 54/1191 | ରାଜଲକ୍ଷ୍ମୀ ପଟ୍ଟନାୟକ, ସ୍ୱା:ବିକାଶ ପଟ୍ଟନାୟକ, ଜା:କରଣ, ବା:ପୋଟପାଲି | 598/1030/1613/2211 | ଘରବାରି | 0.050 | 0.0500 |
| 832 | 54/1192 | ବିନିତା ପୋଢ, ସ୍ୱା:ଲିଙ୍ଗରାଜ ପୋଢ, ଜା:ଗଉଡ, ବା:ପାଢେଲ | 598/1030/1613/2212 | ଘରବାରି | 0.050 | 0.0500 |
| 833 | 54/1193 | ରତ୍ନାଞ୍ଜଳୀ ବଗାର, ସ୍ୱା:ମନବୋଧ ପଧାନ, ଜା:ଡୁମାଲ, ବା:ସାରସମୁଣ୍ଡା | 598/1031/1614/2213 | ଘରବାରି | 0.050 | 0.0500 |
| 834 | 54/1194 | ହସମୁଖ ମହାନ୍ତି, ପି:ଲିଙ୍ଗରାଜ ମହାନ୍ତି, ଜା:କରଣ, ବା:ତେନ୍ତୁଲିଖୁଣ୍ଟି | 598/1031/1614/2214 | ଘରବାରି | 0.050 | 0.0500 |
| 835 | 54/1195 | ସାବିତ୍ରୀ ମହାକୁର, ସ୍ୱା:ଈଶ୍ୱର ମହାକୁର, ଜା:ଡୁମାଲ, ବା:ଦଙ୍ଗାବାହାଲ | 598/1031/1614/2215 | ଘରବାରି | 0.050 | 0.0500 |
| 836 | 54/1196 | ତ୍ରିବେଣୀ ପଧାନ, ସ୍ୱା:ସଞ୍ଜୟ କୁମାର ପଧାନ, ଜା:କୁଲତା, ବା:ଗଡଶଙ୍କର ଡୁଙ୍ଗୁରୀପାଲି | 156/2216 | ଆଟ ମାମୁଲି | 0.200 | 0.2000 |
| 837 | 54/1197 | ହେମସାଗର ସାହୁ, ପି:ମୁରଲୀ ସାହୁ, ଜା:ତେଲି, ବା:ଜାମପୁରୀ | 428/2218 | ବେର୍ଣ୍ଣା ମାମୁଲି | 0.370 | 0.3700 |
| | | | 431 | ଆଟ ମାମୁଲି | 0.170 | 0.1700 |
| | | | 427/701/2219 | ଆଟ ମାମୁଲି | 0.100 | 0.1000 |
| | | | 156/2217 | ଆଟ ମାମୁଲି | 0.700 | 0.7000 |
| 838 | 54/1198 | ସଞ୍ଜୟ କୁମାର ପ୍ରଧାନ, ପି:ରାମଚନ୍ଦ୍ର ପ୍ରଧାନ, ଜା:କୁଲତା, ବା:ଗଡଶଙ୍କର ଡୁଙ୍ଗୁରିପାଲି | 156/2220 | ଆଟ ମାମୁଲି | 0.200 | 0.2000 |
| 839 | 54/1199 | ନୀଳାମ୍ବର ସାହୁ, ପି:ମୁରଲୀ ସାହୁ, ଜା:ତେଲି, ବା:ଜାମପୁରୀ | 568/2222 | ବେର୍ଣ୍ଣା ମାମୁଲି | 0.705 | 0.7050 |
| | | | 156/2221 | ଆଟ ମାମୁଲି | 0.430 | 0.4300 |
| | | | 470 | ଆଟ ମାମୁଲି | 0.440 | 0.4400 |
| | | | 471 | ଆଟ ମାମୁଲି | 0.060 | 0.0600 |
| | | | 475 | ଆଟ ମାମୁଲି | 0.290 | 0.2900 |
| | | | 569 | ଅନ୍ୟାନ୍ୟ | 0.120 | 0.1200 |
| 840 | 54/1200 | ସୁପେତ ଷାଣ୍ଡ, ପି:ଗୋବର୍ଦ୍ଧ ଷାଣ୍ଡ, ଜା:ଗଉଡ, ବା:ଜାମପୁରୀ | 428 | ବେର୍ଣ୍ଣା ମାମୁଲି | 0.190 | 0.1900 |
| | | | 568 | ବେର୍ଣ୍ଣା ମାମୁଲି | 0.045 | 0.0450 |
| | | | 427/701 | ଆଟ ମାମୁଲି | 0.050 | 0.0500 |
| | | | 565 | ଆଟ ମାମୁଲି | 0.050 | 0.0500 |
| | | | 567 | ଆଟ ମାମୁଲି | 0.280 | 0.2800 |
| | | | 156 | ଆଟ ମାମୁଲି | 1.620 | 1.6200 |
| 841 | 54/1201 | ମହେନ୍ଦ୍ର ସା, ପି:ଭଲ ସା, ଜା:ତେଲି, ବା:ପଣ୍ଡାମୁଣ୍ଡା | 494/2223 | ମାଳ ମାମୁଲି | 0.040 | 0.0400 |
| 842 | 54/1202 | ନମିତା ସାହୁ, ସ୍ୱା:ନିରଞ୍ଜନ ସାହୁ, ଜା:ତେଲି, ବା:ମାୟାମଣ୍ଡା | 438/2224 | ଘରବାରି | 0.020 | 0.0200 |
| 843 | 54/1203 | ସୁରେଖା ସାହୁ, ପି:ରାମ ପଧାନ, ଜା:କୁଲତା, ବା:ବିରାଟକାନି | 43/1022/1866/2225 | ଘରବାରି | 0.040 | 0.0400 |
| 844 | 54/1204 | ନନ୍ଦ ସାହୁ, ପି:ରାମ ସାହୁ, ଜା:କୁଲତା, ବା:ବିରାଟକାନୀ | 43/1022/1866/2226 | ଘରବାରି | 0.040 | 0.0400 |
| 845 | 54/1205 | ବେଣୁଧର ଦଳବେହେରା, ପି:ଟଙ୍କଧର ଦଳବେହେରା, ଜା:ଖଣ୍ଡାୟତ, ବା:ସିଆଲବନ୍ଧ, ଜିତେନ୍ଦ୍ର ସାହା, ପି:ଉମେଶ ଚନ୍ଦ୍ର ସାହା, ଜା:ଓଡିଆ,ବା:ଖୁଣ୍ଟପାଲି | 43/1022/1866/2227 | ଘରବାରି | 0.060 | 0.0600 |
| 846 | 54/1206 | କଙ୍ଗାଲୁ ମନହୀରା, ପି:ଚକ୍ରଧର ମନହୀରା, ଜା:ଗଉଡ, ବା:କୁମ୍ଭେକେଲା | 646/2145/2228 | ଆଟ ମାମୁଲି | 0.050 | 0.0500 |
| 847 | 54/1207 | ସହଦେବ ପଟେଲ, ପି:ରୁଦ୍ର ପଟେଲ, ଜା:ଅଘରିଆ, ବା:କପିଳବାହାଲ | 646/2145/2229 | ଆଟ ମାମୁଲି | 0.050 | 0.0500 |
| 848 | 54/1208 | ବିଶେଷ ନାୟକ, ପି:ଲେଟ ବିନୟ ନାୟକ, ଜା:ଖଣ୍ଡାୟତ, ବା:ଗେଣ୍ଡ୍ରେଇକାଟେଣୀ | 42/2230 | ବେର୍ଣ୍ଣା ମାମୁଲି | 0.050 | 0.0500 |
| 849 | 54/1209 | ସୁଦାମ ସା, ପି:ଲେକ୍ଟୁରୁ ସା, ଜା:ତେଲି, ବା:ପାଟଣାଗଡ, ବଡପଡା | 494/2231 | ମାଳ ମାମୁଲି | 0.050 | 0.0500 |
| 850 | 54/1210 | ଶେଷଦେବ ରାଜପଲିଆ, ପି:ପଦ୍ମଲୋଚନ ରାଜପଲିଆ, ଜା:ଗଉଡ, ବା:ଟିକ୍ରାପଡା | 43/1022/1866/2232 | ଘରବାରି | 0.040 | 0.0400 |
| 851 | 54/1211 | ମଙ୍ଗଳ ମେହେର, ପି:ନରସିଂହ ମେହେର, ଜା:ଭୁଲିଆ, ବା:ଜାମକୁରୀ | 558/1865 / 1935 / 2001 / 2170 / 2233 | ଘରବାରି | 0.010 | 0.0100 |
| 852 | 54/1214 | ପରମାନନ୍ଦ ଭୋଇ, ପି:ଗୌର ଭୋଇ, ଦିଗାମ୍ବର ରାଏ, ପି:ସେବକ ରାଏ, ଜା:ଗଣ୍ଡ, ବା:କପିଳବାହାଲ | 491/1416/2236 | ଆଟ ମାମୁଲି | 0.100 | 0.1000 |
| 853 | 54/1215 | ପଞ୍ଚାନନ ଠାକୁର, ପି:ସୁଗ୍ରିସନ ଠାକୁର, ଜା:ରାଜପୁତ, ବା:କପିଳବାହାଲ | 491/1416/2237 | ଆଟ ମାମୁଲି | 0.100 | 0.1000 |
| 854 | 54/1216 | ଭୋଦେବ ବରିହା, ପି:ଧନସିଂ ବରିହା, ଜା:ବିଂଝାଲ, ବା:କପିଳବାହାଲ | 491/1416/2238 | ଆଟ ମାମୁଲି | 0.100 | 0.1000 |
| 855 | 54/1218 | ଶୁଭମ ତିୱାରୀ, ପି:ମଦନ ମୋହନ ତିୱାରୀ, ଜା:ବ୍ରାହ୍ମଣ, ବା:କୋମନା | 491/1438/2239 | ଆଟ ମାମୁଲି | 0.150 | 0.1500 |
| 856 | 54/1220 | ରଶ୍ମିତା ବେହେରା, ସ୍ୱା:ରବିନ୍ଦ୍ର କୁମାର ବେହେରା, ଜା:ଶୁଣ୍ଢି, ବା:ଛୁଇନରା, ପ୍ରୀତମ କୁମାର ବେହେରା, ପି:ମୁରଲୀଧର ବେହେରା, ଜା:ଶୁଣ୍ଢି, ବା:ନାନ୍ଦୁପଲ୍ଲା, ବବିତା ସାହୁ, ସ୍ୱା:ଧିରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଢି, ବା:ବଇତାରୀ, ବିଶ୍ୱମୟୀ ସାହୁ, ସ୍ୱା:ଫକୀର କୁମାର ସାହୁ, ଜା:ଶୁଣ୍ଢି, ବା:ଗଜବନ୍ଧ, ନମିତା ବେହେରା, ସ୍ୱା:ରାଜେଶ କୁମାର ସାହୁ, ଜା:ଶୁଣ୍ଢି, ବା:ଗଜବାହାଲ | 395/1586/1974 | ଘରବାରି | 0.160 | 0.1600 |
| 857 | 54/1221 | ନିରଜ କଲେତ, ପି:ବିନ୍ଦୁ କଲେତ, ଜା:ଗଣ୍ଡା, ବା:ବରପାଲି | 41/2141/2241 | ବେର୍ଣ୍ଣା ମାମୁଲି | 0.030 | 0.0300 |
| 858 | 54/1222 | ପୁଷ୍ପା ସାହୁ, କାହ୍ନୁ ସାହୁ, ଜା:ତେଲି, ବା:ଜାମପୁରୀ | 65/1864/2242 | ଆଟ ମାମୁଲି | 0.040 | 0.0400 |
| 859 | 54/1223 | ସଂଯୁକ୍ତା ବହିଦାର, ସ୍ୱା:ସୁଜିତ ବହିଦାର, ଜା:କରଣ, ବା:ରାଖିଉଦାର | 598/1030/1613/2243 | ଘରବାରି | 0.050 | 0.0500 |
| 860 | 54/1224 | କୁଞ୍ଜବିହାରୀ ମିଶ୍ର, ପି:ହେମରାଜ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ପି:ଦୁର୍ଯୋଧନ ଶତପଥି, ଜା:ବ୍ରାହ୍ମଣ, ବା:ଟିକପାଲି, ପାଟଣାଗଡ | 547/2244 | ଘରବାରି | 0.060 | 0.0600 |
| 861 | 54/1225 | ଶେଷଦେବ ପଧାନ, ପି:ବରୁଣ ପଧାନ, ଜା:କୁଲତା, ବା:ଗଡଶଙ୍କର ଡୁଙ୍ଗୁରିପାଲି | 65/1864/2245 | ଆଟ ମାମୁଲି | 0.050 | 0.0500 |
| 862 | 54/1227 | ରମାକାନ୍ତ ସାହୁ, ପି:ଅଲେଖ ସାହୁ, ଜା:ଥୋଟିଆ, ବା:ବରଗଡ | 438 | ଘରବାରି | 0.050 | 0.0500 |
| 863 | 54/1228 | ଶ୍ରୀଧର ତ୍ରିପାଠୀ, ପି:ଦାଶରଥି ତ୍ରିପାଠୀ, ଜା:ବ୍ରାହ୍ମଣ, ବା:ଗେର୍ଡା | 491/1438/2247 | ଆଟ ମାମୁଲି | 0.350 | 0.3500 |
| 864 | 54/1229 | ଝରଣା ପଧାନ, ସ୍ୱା:ଦଳ ପଧାନ, ଜା:କୁଲତା, ବା:ପଣ୍ଡରିପାଣି | 646/1078/2146/2248 | ଘରବାରି | 0.025 | 0.0250 |
| 865 | 54/1230 | ଅନିଲ କୁମାର ପଟେଲ, ପି:ମଧୁସୂଦନ ପଟେଲ, ଜା:ଅଘରିଆ, ବା:କୁଆଁରଗାଁ | 65/1864/2249 | ଆଟ ମାମୁଲି | 0.050 | 0.0500 |
| 866 | 54/1231 | ପୁରନ୍ଦର ରାଉତ, ପି:ଅନ୍ତର୍ଯାମୀ ରାଉତ, ଜା:ଅଘରିଆ, ବା:ଅନ୍ତପାଲି, ସନାତନ ପଟେଲ, ପି:ଜଗଦୀଶ ପଟେଲ, ଜା:ଅଘରିଆ, ବା:ମାଗୁରବେଡା | 65/1864/2250 | ଆଟ ମାମୁଲି | 0.100 | 0.1000 |
| 867 | 54/1232 | କୌଶଲ୍ୟା ସାହୁ, ସ୍ୱା:ଛବି ସାହୁ, ଜା:ତେଲି, ବା:ମୁଣ୍ଡାଗାଁ | 405/2251 | ବାହାଲ ମାମୁଲି | 0.050 | 0.0500 |
| 868 | 54/1233 | ରାଧାକାନ୍ତ ସାହୁ, ପି:ଦିଲ୍ଲୁ ସାହୁ, ଜା:ତେଲି, ବା:ଯୁବାମାଲ, ଲକ୍ଷ୍ମୀକାନ୍ତ ସାହୁ, ପି:ଡମ୍ବରୁଧର ସାହୁ, ଜା:ତେଲି, ବା:ଅମ୍ବାଡୋଲା | 489/1435/2252 | ଘରବାରି | 0.050 | 0.0500 |
| 869 | 54/1234 | ଦୁର୍ଯୋଧନ ସାହୁ, ପି:ଘନ ସାହୁ, ଜା:ତେଲି, ବା:ରେଙ୍ଗଟାସିଲ | 489/1435/1820/2253 | ଘରବାରି | 0.030 | 0.0300 |
| 870 | 54/1235 | ଲିଙ୍ଗରାଜ ନାଗ, ପି:ମକାରୁ ନାଗ, ଜା:ଗଉଡ, ବା:ଗୁଲୁମି, ତ୍ରିନାଥ ଗୁଆଲ, ପି:ବିରାଟ ଗୁଆଲ, ଜା:ଗଉଡ, ବା:ଖରଖରା | 489/1435/2254 | ଘରବାରି | 0.040 | 0.0400 |
| 871 | 54/1236 | ଉତ୍ତରା ମହାଲିଙ୍ଗ, ସ୍ୱା:ଗିରିଧାରୀ ମହାଲିଙ୍ଗ, ଜା:କେଉଟ, ବା:ଭରତବାହାଲ | 491/1416/2255 | ଆଟ ମାମୁଲି | 0.060 | 0.0600 |
| 872 | 54/1237 | ତ୍ରିପୁରା ସାହୁ, ସ୍ୱା:ଧନୁର୍ଦ୍ଧର ସାହୁ, ଜା:ତେଲି, ବା:ଜାମକୁରୀ, ଉପମା ସାହୁ, ପି:ଧନୁର୍ଦ୍ଧର ସାହୁ, ଜା:ତେଲି, ବା:ଯାମକୁରି | 405/1471/1722/2256 | ଘରବାରି | 0.060 | 0.0600 |
| 873 | 54/1238 | ମତି ମେହେର, ପି:ଋଷି ମେହେର, ଜା:ଭୁଲିଆ, ବା:ଦଲଦଲି | 109/1871/2257 | ଘରବାରି | 0.030 | 0.0300 |
| 874 | 54/1239 | ଯଦୁନାଥ ସା, ପି:ନୃପରାଜ ସା, ଜା:ତେଲି, ବା:ତାଳପୁରୀ, ରାହୁଲ କୁମାର ସାହୁ, ପି:ରେବନୀ ରମଣ ସାହୁ, ଜା:ତେଲି, ବା:ବଲାଙ୍ଗିର | 491/1416/2258 | ଆଟ ମାମୁଲି | 0.050 | 0.0500 |
| 875 | 54/1240 | ମହେନ୍ଦ୍ର ବାଗ, ପି:ଘାସିରାମ ବାଗ, ଜା:କେଉଟ, ବା:କପିଳବାହାଲ, ସୁଧାଂଶୁ ସେଠ, ପି:ଚାଣ୍ଡାଲ ସେଠ, ଜା:କେଉଟ, ବା:ଆଗଲପୁର | 491/1416/2259 | ଆଟ ମାମୁଲି | 0.100 | 0.1000 |
| 876 | 54/1241 | ରୁଦ୍ରାକ୍ଷ ଭୋଇ, ପି:ଦୟାନିଧି ଭୋଇ, ଜା:କୁଲତା, ବା:ସରସ୍ୱତୀନଗର, ବଲାଙ୍ଗିର | 489/1435/1820/2260 | ଘରବାରି | 0.030 | 0.0300 |
| 877 | 54/1242 | ମିତା ବେହେରା, ସ୍ୱା:ସହଦେବ ବେହେରା, ଜା:ଶୁଣ୍ଢି, ବା:ମାଟିଆଇଟା | 449 | ଘରବାରି | 0.060 | 0.0600 |
| 878 | 54/1243 | ଶୁଭକାନ୍ତୀ ପାତ୍ର, ପି:ଛବି ପାତ୍ର, ଜା:ରାଜପୁତ, ବା:ଥୁଆପାଲି | 65/1864/2261 | ଆଟ ମାମୁଲି | 0.050 | 0.0500 |
| 879 | 54/1244 | ଧ୍ରୁବ ବେହେରା, ପି:ହାତୀରାମ ବେହେରା, ଜା:ଥୁଡିଆ, ବା:ବେଲଗାଁ | 646/1078/2146/2262 | ଘରବାରି | 0.030 | 0.0300 |
| 880 | 54/1245 | ଛନ୍ଦାଚରଣ ସାହୁ, ପି:ମଧୁସୂଦନ ସାହୁ, ଜା:ତେଲି, ବା:ନୁନହାଡ | 489/1435/2264 | ଘରବାରି | 0.050 | 0.0500 |
| 881 | 54/1246 | ନୀଳମଣି ସାହୁ, ପି:ଶରତ ଚନ୍ଦ୍ର ସାହୁ, ଜା:ଗୁଡିଆ, ବା:ନୁନହାଡ | 489/1435/2265 | ଘରବାରି | 0.050 | 0.0500 |
| 882 | 54/1247 | ଟୁନା ସାହୁ, ପି:ଯୁଗଳ କିଶୋର ସାହୁ, ଜା:ଖଡରା, ବା:ବଙ୍ଗାମୁଣ୍ଡା | 489/1435/1820/2266 | ଘରବାରି | 0.050 | 0.0500 |
| 883 | 54/1248 | ମଦନ ମୋହନ ଭୋଇ, ପି:ରୁଦ୍ର ଭୋଇ, ଜା:ଗଣ୍ଡ, ବା:କପିଳବାହାଲ | 711/968 | ବେର୍ଣ୍ଣା ମାମୁଲି | 0.080 | 0.0800 |
| | | | 640 | ବେର୍ଣ୍ଣା ମାମୁଲି | 0.140 | 0.1400 |
| | | | 643/965 | ମାଳ ମାମୁଲି | 0.200 | 0.2000 |
| | | | 637/964 | ଆଟ ମାମୁଲି | 0.140 | 0.1400 |
| | | | 655/967 | ଆଟ ମାମୁଲି | 0.120 | 0.1200 |
| 884 | 54/1249 | ଓଁକାର ଭୋଇ, ପି:ପରମେଶ୍ୱର ଭୋଇ, ଜା:ଗଣ୍ଡ, ବା:କଖାଲ | 646/966/2267 | ଆଟ ମାମୁଲି | 0.070 | 0.0700 |
| 885 | 54/1250 | ଶ୍ରୀନିବାସ ସାହୁ, ପି:ଲକ୍ଷ୍ମଣ ସାହୁ, ଜା:ଥୁଡିଆ, ବା:ମିର୍ଦ୍ଧାପାଲି | 646/1078/2146/2268 | ଘରବାରି | 0.020 | 0.0200 |
| 886 | 54/1251 | କର୍ମେଶ୍ୱର ମଲ୍ଲିକ, ପି:ରାହାସ ମଲ୍ଲିକ, ଜା:ଗଣ୍ଡ, ବା:ଭାଲୁପିଟା | 646/966 | ଆଟ ମାମୁଲି | 0.150 | 0.1500 |
| 887 | 54/1252 | ସାନନ୍ଦ ପଧାନ, ପି:ହଜାରୁ ପଧାନ, ହଜାରୁ ପଧାନ, ପି:ସୁଜନ ପଧାନ, ଜା:କୁଲତା, ବା:ପଡିଆବାହାଲ, ମଦନ ବିଶ୍ୱାଳ, ପି:ଜବଦୁ ବିଶ୍ୱାଳ, ଜା:କୁଲତା, ବା:ସରଗାଡ | 156/1045/1746 | ଘରବାରି | 0.050 | 0.0500 |
| 888 | 54/1254 | ଫଗୁନି ସାହୁ, ସ୍ୱା:ଗଣେଶ ସାହୁ, ଜା:ତେଲି, ବା:ଯାମପୁରୀ | 56/2080/2269 | ବେର୍ଣ୍ଣା ମାମୁଲି | 0.040 | 0.0400 |
| 889 | 54/1255 | ପୁଷ୍ପାଞ୍ଜଳି ସାହୁ, ସ୍ୱା:ପାଣ୍ଡବ ସାହୁ, ଜା:ତେଲି, ବା:ଜାମବାହାଲ | 56/2080/2270 | ବେର୍ଣ୍ଣା ମାମୁଲି | 0.040 | 0.0400 |
| 890 | 54/1256 | ଲକ୍ଷ୍ମୀ ସାହୁ, ସ୍ୱା:ହେମନ୍ତ ସାହୁ, ଜା:ତେଲି, ବା:ଜାମପୁରୀ | 56/2080/2271 | ବେର୍ଣ୍ଣା ମାମୁଲି | 0.040 | 0.0400 |
| 891 | 54/1257 | ସୂର୍ଯ୍ୟ ସାହୁ, ସ୍ୱା:ବିରାଟ, ଜା:ତେଲି, ବା:ଜାମପୁରୀ | 56/2080/2272 | ବେର୍ଣ୍ଣା ମାମୁଲି | 0.040 | 0.0400 |
| 892 | 54/1258 | ସତ୍ୟ ନାରାୟଣ ପଟେଲ, ପି:ପଞ୍ଚାନନ ପଟେଲ, ଜା:ଅଘରିଆ, ବା:ବିଜାବାହାଲି | 646/2145/2273 | ଆଟ ମାମୁଲି | 0.050 | 0.0500 |
| 893 | 54/1259 | ରୋଜି ମହାପାତ୍ର, ସ୍ୱା:ପ୍ରକାଶ କୁମାର ମହାପାତ୍ର, ଜା:ମାଳି, ବା:ଭାପୁର | 65/1864/2274 | ଆଟ ମାମୁଲି | 0.050 | 0.0500 |
| 894 | 54/1260 | ନୀଳମଣି ଭୋଇ, ପି:ଯୋଗେଶ୍ୱର ଭୋଇ, ଜା:ଦଳ, ବା:ପାଟଣାଗଡ | 92/1677/1814/2275 | ଘରବାରି | 0.030 | 0.0300 |
| 895 | 54/1261 | ନବୀନ ପ୍ରସାଦ ବେମାଲ, ପି:ଭାସ୍କର ବେମାଲ, ଜା:ଗଉଡ, ବା:ଯାମକୁରୀ | 486/1843/2276 | ଘରବାରି | 0.100 | 0.1000 |
| 896 | 54/1262 | ମୀନା ସାହୁ, ସ୍ୱା:ପ୍ରମୋଦ ସାହୁ, ଜା:ତେଲି, ବା:ମରାଳ | 405/2277 | ବାହାଲ ମାମୁଲି | 0.050 | 0.0500 |
| 897 | 54/1263 | କିଶୋର ସାହୁ, ପି:ଜଗଦା ସାହୁ, ଜା:କୁଲତା, ବା:ସାଲେପାଲି | 489/1435/1820/2278 | ଘରବାରି | 0.020 | 0.0200 |
| 898 | 54/1266 | ନରହରି ସାହୁ, ପି:ମଦନ ସାହୁ, ଜା:ତେଲି, ବା:ନିଜଗାଁ | 646/1069/2281 | ଘରବାରି | 0.050 | 0.0500 |
| 899 | 54/1267 | ସୁଜିତ କୁମାର ସାହୁ, ପି:ଭଗବାନ ଚନ୍ଦ୍ର ସାହୁ, ଜା:ଖଣ୍ଡାୟତ, ବା:ଜାମପୁରୀ | 21/1376/1836 | ଘରବାରି | 0.050 | 0.0500 |
| 900 | 54/1268 | ପଞ୍ଚାନନ ପଟେଲ, ପି:ଜଳଧର ପଟେଲ, ଜା:ଅଘରିଆ, ବା:ବିଜାବାହାଲି | 646/2145/2282 | ଆଟ ମାମୁଲି | 0.060 | 0.0600 |
| 901 | 54/1269 | ଅନୁପମା ସାଏ, ସ୍ୱା:ମହେଶ୍ୱର, ଜା:ଅଘରିଆ, ବା:ବେଲବାହାଲି | 646/2145/2283 | ଆଟ ମାମୁଲି | 0.030 | 0.0300 |
| 902 | 54/1270 | ଘଇସାନ ସାହୁ, ସ୍ୱା:କ୍ଷିତସାଗର ସାହୁ, ଜା:କୁଲତା, ବା:କପସିପାଲି | 646/1078/2146/2284 | ଘରବାରି | 0.025 | 0.0250 |
| 903 | 54/1271 | ସୁକାନ୍ତି ପୁଟେଲ, ସ୍ୱା:ଦଧି ପୁଟେଲ, ଜା:ମାଳି, ବା:ଧଉଁରାଖମନ | 273/1665/2285 | ଆଟ ମାମୁଲି | 0.060 | 0.0600 |
| 904 | 54/1277 | ରାଧାକାନ୍ତ ସାହୁ, ପି:ଦିର୍ଯ୍ୟୁ ସାହୁ, ଜା:ତେଲି,ବା:ଯାମପୁରୀ | 486/1843/2291 | ଘରବାରି | 0.040 | 0.0400 |
| 905 | 54/1278 | ସଦାନନ୍ଦ ପଟେଲ, ପି:ନରେନ୍ଦ୍ର ପଟେଲ, ଜା:ଅଘରିଆ, ବା:କୁମେରପଟା | 646/2145 | ଆଟ ମାମୁଲି | 0.030 | 0.0300 |
| 906 | 54/1281 | ସମ୍ଭୁ ପ୍ରସାଦ ପଟେଲ, କମ୍ବୁପାଣି ପଟେଲ, ପି:ଧନୁଜ ପଟେଲ, ଜା:ଅଘରିଆ, ବା:ଥାଲବନ୍ଧ | 491/1438/2294 | ଆଟ ମାମୁଲି | 0.050 | 0.0500 |
| 907 | 54/1283 | ଧନସିଂ ଭୋଇ, ପି:ଚୁଡାମଣି ଭୋଇ, ଜା:ସହରା, ବା:ଜେଲରୋଡ, ଗାନ୍ଧୀନଗରପଡା, ବଲାଙ୍ଗିର | 491/1438/2296 | ଆଟ ମାମୁଲି | 0.100 | 0.1000 |
| 908 | 54/1284 | ଉଗ୍ରେସେନ ପଟେଲ, ପି:ନନ୍ଦଲାଲ ପଟେଲ, ଜା:ଅଘରିଆ, ବା:କୁରୁଲ | 489/1389 | ଆଟ ମାମୁଲି | 0.020 | 0.0200 |
| 909 | 54/1286 | ଦିଲୀପ କୁମାର ଭୋଇ, ପି:ଭାଗିରଥୀ ଭୋଇ, ଜା:ସହରା, ବା:ସୁଦପଡା,ବଲାଙ୍ଗିର | 491/1438/2298 | ଆଟ ମାମୁଲି | 0.150 | 0.1500 |
| 910 | 54/1287 | ଦିଲ୍ଲୀପ କୁମାର ଦନ୍ତା, ପି:କନ୍ଦର୍ପ ଦନ୍ତା, ଜା:ଡୁମାଲ, ବା:ସେମେଲପାଲି | 646/1069/2299 | ଘରବାରି | 0.050 | 0.0500 |
| 911 | 54/1288 | ରାମଗୋପାଳ ବାରିକ, ପି:ଚମରା ବାରିକ, ଜା:ଭଣ୍ଡାରି, ବା:ଗର୍ଜନ, ସ୍ୱାଧୀନ ବାରିକ, ପି:ଅକ୍ଷୟ ବାରିକ, ଜା:ଭଣ୍ଡାରି, ବା:ବ୍ରାହ୍ମଣୀପାଲି | 42/2300 | ବେର୍ଣ୍ଣା ମାମୁଲି | 0.040 | 0.0400 |
| 912 | 54/1297 | ନାରାୟଣ ସ୍ୱାଇଁ, ପି:କୃଷ୍ଣ ସ୍ୱାଇଁ, ରାଜେନ୍ଦ୍ର କୁମାର ସ୍ୱାଇଁ, ପି:କୃଷ୍ଣ ସ୍ୱାଇଁ, ଜା:ଥୁଡିଆ, ବା:ଅନ୍ତପାଲି | 273/1715/2309 | ଆଟ ମାମୁଲି | 0.200 | 0.2000 |
| 913 | 54/1298 | ବିଶ୍ୱାମିତ୍ର ତାଣ୍ଡି, ପି:ଅଂଗ୍ରେସ ତାଣ୍ଡି, ଆକାଶ ତାଣ୍ଡି, ପ୍ରକାଶ ତାଣ୍ଡି, ପି:ବିଶ୍ୱାମିତ୍ର ତାଣ୍ଡି,ଜା:ତାଣ୍ଡି, ବା:ନଟବରପୁର, ନରେନ୍ଦ୍ର ସୁନା, ପି:ରାମପତ ସୁନା, ଜା:ଗଣ୍ଡା, ବା:ଅନ୍ତପାଲି | 43/1022/1866/2310 | ଘରବାରି | 0.100 | 0.1000 |
| 914 | 54/1299 | ସ୍ୱାଗତ କୁମାର ସା, ପି:ସୁଶାନ୍ତ କୁମାର ସା, ଜା:ତେଲି, ବା:ବନଛୋରପାଲି | 137/1790/2311 | ଆଟ ମାମୁଲି | 0.020 | 0.0200 |
| 915 | 54/1300 | ନେପୁର ସାହୁ, ସ୍ୱା:ନାରାୟଣ ସାହୁ, ପି:ଚିନ୍ତାମଣି ସାହୁ, ଜା:ତେଲି, ବା:ସାରସପିଟା | 273/1665/2312 | ଆଟ ମାମୁଲି | 0.05 | 0.0500 |
| 916 | 54/1301 | ମନୋରମା ସାହୁ, ସ୍ୱା:ରବିନ୍ଦ୍ର ସାହୁ, ପି:ଦାଶରଥି ସାହୁ, ଜା:ତେଲି, ବା:କର୍ଲାପିଟା | 273/1665/2313 | ଆଟ ମାମୁଲି | 0.05 | 0.0500 |
| 917 | 54/1302 | ଦିଶାରାଣୀ ସାହୁ, ପି:ସୁଶାନ୍ତ କୁମାର ସା, ଜା:ତେଲି, ବା:ବନଛୋରପାଲି | 137/1790/2314 | ଆଟ ମାମୁଲି | 0.020 | 0.0200 |
| 918 | 54/1303 | ଭୋଳାନାଥ ବାରିକ, ପି:ଚମରା ବାରିକ, ଜା:ଭଣ୍ଡାରି, ବା:ଗର୍ଜନ,ରାଧାକାନ୍ତ ବାରିକ, ପି:ଶିବ ବାରିକ, ଜା:ଭଣ୍ଡାରି, ବା:ବଲାଙ୍ଗିର, ଲିଲୁ ବାରିକ, ପି:ପରମା ବାରିକ, ଜା:ଭଣ୍ଡାରି, ବା:ଦେଓଗାଁ, କଣ୍ଟାରପାଲି | 42/2315 | ବେର୍ଣ୍ଣା ମାମୁଲି | 0.030 | 0.0300 |
| 919 | 54/1304 | ବିଜନ କୁମାର ବାରିକ, ପି:ଦୀନବନ୍ଧୁ ବାରିକ, ଜା:ଭଣ୍ଡାରୀ, ବା:ବଲାଙ୍ଗିର, ନିବୃତ ରଞ୍ଜନ ବହିଦାର, ପି:ପ୍ରକାଶ କୁମାର ବହିଦାର, ଜା:କରଣ, ବା:ବଲାଙ୍ଗିର, ରାଧାରାଣୀପଡା | 42/2316 | ବେର୍ଣ୍ଣା ମାମୁଲି | 0.130 | 0.1300 |
| 920 | 54/1305 | ଦଶରଥ ରଣା, ପି:ଖଗେଶ୍ୱର ରଣା, ଜା:କୁମ୍ଭାର, ବା:ବିରାଟକାନି | 659/938/1928/2317 | ଘରବାରି | 0.040 | 0.0400 |
| 921 | 54/1306 | ଅଳକା ମେହେର, ସ୍ୱା:କିଶୋର ମେହେର, ଜା:ଭୁଲିଆ, ବା:ପାଟଣାଗଡ, ରାମପୁର | 487/1487/2318 | ଆଟ ମାମୁଲି | 0.030 | 0.0300 |
| 922 | 54/1307 | ଗୋଲାପ ମେହେର, ପି:ଟଙ୍କଧର ମେହେର, ଜା:ଭୁଲିଆ, ବା:କଣ୍ଟାବାଞ୍ଜି | 487/1487/2319 | ଆଟ ମାମୁଲି | 0.030 | 0.0300 |
| 923 | 54/1309 | ତୀର୍ଥରାଜ ବରିହା, ପି:ରୁଦ୍ରମଣି ବରିହା, ଜା:ବିଂଝାଲ, ବା:ଡୁମେରବାହାଲ | 159/1159/2321 | ଆଟ ମାମୁଲି | 0.100 | 0.1000 |
| 924 | 54/1310 | କହ୍ନେଇ ଚରଣ ଗଡତ୍ୟା, ପି:ନକୁଳ ଗଡତ୍ୟା, ଜା:ଗଣ୍ଡ, ବା:ବାନ୍ଧନଭାଡି | 159/1159/2322 | ଆଟ ମାମୁଲି | 0.100 | 0.1000 |
| 925 | 54/1311 | ରାଜେନ୍ଦ୍ର ପୁଟା, ପି:ପ୍ରସନ୍ନ ପୁଟା, ଜା:ଗଣ୍ଡ, ବା:ଖୁଟୁନାପାଣି | 159/1159 | ଆଟ ମାମୁଲି | 0.050 | 0.0500 |
| 926 | 54/1312 | ନାରା ସାହୁ, ପି:ମଗଶିର ସାହୁ, ଜା:ତେଲି, ବା:ଜାମପୁରୀ | 273/1666/2323 | ଘରବାରି | 0.020 | 0.0200 |
| 927 | 54/1313 | ନୀଳମଣି ପୁଟେଲ, କୁଳମଣି ପୁଟେଲ, ପି:ରାହାସ ପୁଟେଲ, ଜା:ମାଳି, ବା:କପିଳବାହାଲ, ରାମ ପୁଟେଲ, ପି:ଗୁପ୍ତେ ପୁଟେଲ, ଜା:ମାଳି, ବା:ବାନ୍ଧନଭାଡି | 563 | ଆଟ ମାମୁଲି | 0.060 | 0.0600 |
| 928 | 54/1314 | ତୁଳାମଣି ଷାଣ୍ଡ, ପି:କହ୍ନେଇ ଷାଣ୍ଡ, ଜା:ଗଉଡ, ବା:ମହୁଲପାଟି | 156/2217/2324 | ଆଟ ମାମୁଲି | 0.300 | 0.3000 |
| 929 | 54/1315 | ଗୌରଚନ୍ଦ୍ର ପଧାନ, ପି:ପରମା ପଧାନ, ଜା:କୁଲତା, ବା:ଗୁହିରାମୁଣ୍ଡା | 137/1790/2325 | ଆଟ ମାମୁଲି | 0.020 | 0.0200 |
| 930 | 54/1316 | ବେଲାଲ ସିଂ ପୁଟା, ପି:ଡୋଳାମଣି ପୁଟା, ଜା:ଗଣ୍ଡ, ବା:ପୁରେନା, ବରଗଡ | 159/1159/2194/2326 | ଆଟ ମାମୁଲି | 0.100 | 0.1000 |
| 931 | 54/1317 | ବିରଞ୍ଚି ନନ୍ଦ, ପି:ସିଦ୍ଧି ନନ୍ଦ, ଜା:ଗଣ୍ଡା, ବା:କୁଡାସିଂହା, ଦେଓଗାଁ, ଉମାକାନ୍ତ ସୁନା, ପି:ହାଡୁ ସୁନା, ଜା:ଗଣ୍ଡା, ବା:ବିଜାମାଗୁର, ପାଟଣାଗଡ | 104/1787/2327 | ଘରବାରି | 0.020 | 0.0200 |
| 932 | 54/1318 | ଭୀମସେନ ମେହେର, ପି:ଅନାଦି ମେହେର, ଜା:ଭୁଲିଆ, ବା:ଚନ୍ଦନଭାଟି | 473/2328 | ଘରବାରି | 0.020 | 0.0200 |
| 933 | 54/1320 | ଦେବଦତ୍ତ ପଧାନ, ପି:ଡିଙ୍ଗର ପଧାନ, ଜା:ଭୁଲିଆ, ବା:ବିରାଟକାନୀ | 659/938/1928/2329 | ଘରବାରି | 0.040 | 0.0400 |
| 934 | 54/1321 | ଡଗର ବିଶି, ପି:ଧନମାଳି ବିଶି, ଜା:ଗଉଡ, ବା:ପଥରଖଣ୍ଡି | 659/938/1928 | ଘରବାରି | 0.020 | 0.0200 |
| 935 | 54/1323 | ଜୀବରଧନ ଲେଙ୍କା, ପି:ଛବି ଲେଙ୍କା, ସୁମିତ କୁମାର ଲେଙ୍କା, ପି:ଜୀବର୍ଦ୍ଧନ ଲେଙ୍କା, ଜା:ଥୁଡିଆ, ବା:ବିଡିଘାଟ | 646/1078/2146/2331 | ଘରବାରି | 0.020 | 0.0200 |
| 936 | 54/1324 | ସାରଥୀ ରଣା, ଗୋବର୍ଦ୍ଧନ ରଣା, ପି:ଦେବାର୍ଚ୍ଚନ ରଣା, ଶଙ୍କର ରଣା, ପି:ରଥି ରଣା, ଜା:କୁମ୍ଭାର, ବା:ଖୁଣ୍ଟପାଲି | 646/1078/2146 | ଘରବାରି | 0.010 | 0.0100 |
| 937 | 54/1326 | ବିବେକାନନ୍ଦ ମିଶ୍ର, ପି:ଗିରିଶ ଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ବଲାଙ୍ଗିର | 273/1715/2333 | ଆଟ ମାମୁଲି | 0.04 | 0.0400 |
| 938 | 54/1327 | ଋଷଭ ପ୍ରଧାନ, ପି:ଧ୍ରୁବ ପ୍ରଧାନ, ଜା:କୁଲତା, ବା:ବାହାବଲ | 474/706 | ଘରବାରି | 0.03 | 0.0300 |
| 939 | 54/1336 | ମଧୁସୂଦନ ପଣ୍ଡା, ପି:ହରି ପ୍ରସାଦ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ | 33/2342 | ଘରବାରି | 0.12 | 0.1200 |
| | | | 32/2341 | ଘରବାରି | 0.26 | 0.2600 |
| 940 | 54/1337 | ରମାକାନ୍ତି ପଣ୍ଡା, ସ୍ୱା:ପଞ୍ଚାନନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ | 33/2344 | ଘରବାରି | 0.13 | 0.1300 |
| | | | 32/2343 | ଘରବାରି | 0.22 | 0.2200 |
| 941 | 54/1338 | ଚିତ୍ତରଞ୍ଜନ ପଣ୍ଡା, ପି:ହରି ପ୍ରସାଦ ପଣ୍ଡା,ଜା:ବ୍ରାହ୍ମଣ, ବା:ନିଜଗାଁ | 33 | ଘରବାରି | 0.09 | 0.0900 |
| | | | 32/2345 | ଘରବାରି | 0.26 | 0.2600 |
| 942 | 54/1339 | ଜ୍ୟୋସ୍ନା ପାଢୀ, ସ୍ୱା:ମନୋରଞ୍ଜନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ | 32 | ଘରବାରି | 0.35 | 0.3500 |
| | | | | | Total | 285.9002 |

Sd./- Special Land Acquisition & Rehabilitation Officer
ULIP, Belpaa

OIPR-32001/32557/3/25-26/0005

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ପ୍ରିୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





# ବାହାର ରାଜ୍ୟ କମ୍ପାନୀ ହାତେଇଲେ ୩ ଖଣି

**ଯୋଡ଼ା, ୨।୩(ମାନସ ମହାନ୍ତି)**

ଓଡ଼ିଶାର କିଛି ବୃହତ ଖଣିର ନିଲାମ ଗତ ୨୮ ତାରିଖରେ ହୋଇଯାଇଛି। ସମୁଦାୟ ୧୧ଟି ଖଣିର ନିଲାମ ହେବାକୁ ଥିବା ବେଳେ ୩ଟି ଖଣିର ନିଲାମ ବହୁ ମୂଲ୍ୟ ଡାକଦେଇ ୩ଟି ବାହାର ରାଜ୍ୟର କମ୍ପାନୀ ଖଣି ହାତେଇଛନ୍ତି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳର ପଶ୍ଚିମ ଅଳାଘାଟ ଖଣିର ନିଲାମ ୧୨୦.୨୫ ପ୍ରତିଶତରେ ଆର୍ସେଲର ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ହାତେଇଛି। ସୁନ୍ଦରଗଡ଼ ଜିଲା ପାଟମୁଣ୍ଡା (କ) ମାଙ୍ଗାନିଜ ଏବଂ ଆଇରନ ଖଣିକୁ ସର୍ବାଧିକ ୧୪୨.୩୦ ପ୍ରତିଶତରେ ଆନ୍ଧ୍ର ପ୍ରଦେଶର ଈଶ୍ୱରାଭାକା ଭେଙ୍କଟକ୍ରୀଷ୍ଣ ନେଲୋର ହାତେଇଛି। ସେହିପରି ସୁନ୍ଦରଗଡ଼ ଜିଲା ପଶ୍ଚିମ କେଡେସାଲା ଲୁହାପଥର ଓ ଆଲୁମିନ ସଲେଟେରାଇଟ୍ ଖଣିକୁ ଟନ୍ ପିଛା ୧୧୫.୦୦ ପ୍ରତିଶତରେ ଡାକ ଦେଇ ଛତିଶଗଡ଼ ରାୟପୁରା ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ଇସ୍ପାତ ଲିମିଟେଡ୍ ହାତେଇଛନ୍ତି। ନିଲାମରେ ହାତେଇ ଥିବା ଖଣି କମ୍ପାନୀଗୁଡ଼ିକ ଲୁହାପଥର ଟନ୍ ପିଛା ବିକ୍ରି ମୂଲ୍ୟ ଉପରେ ଏହି ନିଲାମରେ ଡାକ ଦେଇଥିବା ଧାର୍ଯ୍ୟ ପ୍ରତିଶତକୁ ସରକାରଙ୍କୁ ଦେବେ। ଅନ୍ୟପକ୍ଷେ ବାକି ୮ଟି ଖଣିର ନିଲାମ ହୋଇ ନ ଥିବାରୁ ଏହାର ସୂଚନା ହସ୍ତଗତ ହୋଇପାହିଁ। ତେବେ ନିଲାମ ହୋଇଥିବା ୩ ଖଣିରୁ ଏହା ବୁଝାପଡୁଛି ଯେ, ସୁନ୍ଦରଗଡ଼ ଜିଲା ଓ କୋଇଡ଼ା ଖଣି ମଣ୍ଡଳରେ ଉଚ୍ଚମାନର ଲୁହାପଥର ଖଣି ନିଲାମରେ ଏକ ବଡ଼ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଦେଖିବାକୁ ମିଳିଛି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ଅନୁପାଳନର ହେବ ସମୀକ୍ଷା

**ଭୁବନେଶ୍ୱର, ୨।୩ (ରବିନାରାୟଣ ଜେନା)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଂରାଜୀ ନବବର୍ଷ ଅବସରରେ ଦେଇଥିବା ୧୫ଟି ନିର୍ଦ୍ଦେଶନାମାକୁ ବିଭାଗୀୟ ସଚିବମାନେ କେତେଦୂର କାର୍ଯ୍ୟକାରୀ କରିଛନ୍ତି ସେନେଇ ମାର୍ଚ୍ଚ ୫ରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିବେ। ଏହାସହ ରାଜ୍ୟ ସରକାରଙ୍କ ଚଳିତବର୍ଷ(୨୦୨୫-୨୬)ର ବଜେଟ ଅର୍ଥରୁ କେଉଁ ବିଭାଗ କେତେ ଖର୍ଚ୍ଚ କରିଛି ଏବଂ କେତେ ରାଜସ୍ୱ ବିଭିନ୍ନ ଉତ୍ସରୁ ଆଦାୟ ହୋଇଛି ମଧ୍ୟ ସମୀକ୍ଷାହେବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ମାର୍ଚ୍ଚ ୫ରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନର ୮ମ ମହଲାରେ ପୂର୍ବାହ୍ନ ୧୦ଟା୩୦ରେ ଅନୁଷ୍ଠିତ ହେବ ବୋଲି ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ତେବେ 'ମୁଖ୍ୟମନ୍ତ୍ରୀ ମିଶନ ପାୱାର' ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତେଣୁ ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ କିଭଳି ହେବ ଏବଂ ସେନେଇ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ କେତେଦୂର ଅଗ୍ରଗତି ହୋଇଛି ତା'ର ସମୀକ୍ଷା କରାଯିବ। ଏହାସହ ସବୁ ଗାଁକୁ ବିଦ୍ୟୁତ୍ ସଂଯୋଗ ଏବଂ ରାସ୍ତା କିଭଳି ହୋଇପାରିବ ତାହା ଉପରେ ବୈଠକରେ ଆଲୋଚନା ହେବାକୁ ରହିଛି। ଏହାସହ ପ୍ରତ୍ୟେକ ବିଭାଗ ପକ୍ଷରୁ ଭିଜନ ଓଡ଼ିଶା-୨୦୩୬ ଏବଂ ୨୦୪୭ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ବିଭାଗରେ କେତେ ଅପାରଗ କର୍ମଚାରୀଙ୍କୁ ବିଦାକରାଯାଇଛି ତା'ର ମଧ୍ୟ ସମୀକ୍ଷା ହେବ ବୋଲି ସୂଚନା ମିଳିଛି।

### ୫ରେ ସଚିବସ୍ତରୀୟ ବୈଠକ


## ଦ୍ୱାଦଶ ଜନ୍ମବାର୍ଷିକୀ ଶୁଭେଚ୍ଛା



**ପ୍ରିୟାଂଶୁ ସ୍ୱାଇଁ**

ଧନରେ, ଆଜି ପବିତ୍ର ଦୋଳ ଚତୁର୍ଦ୍ଦଶୀରେ ତୋର ଜନ୍ମଦିନ ଅବସରରେ ସମଗ୍ର ସ୍ୱାଇଁ ପରିବାର ଆନନ୍ଦିତ। ଏହି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତଜନନୀ ମା' ଶାରଳାଙ୍କ ପାଖରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସଙ୍ଗେ ଦୀର୍ଘ ଜୀବନ କାମନା କରୁଛୁ।

ଇତି:- ତୋର ଜେଜେମା', ଜେଜେବାପା ଓ ପାପା, ମାମା।

ଧ-୩୪୯୩


# ଇଚ୍ଛା ମୃତ୍ୟୁ ଦାବିକରି ଧାରଣାରେ ଦିବ୍ୟାଙ୍ଗ ଯୁବତୀ

**ବାଲେଶ୍ୱର, ୨।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସଦର ଥାନା ନୋଡିପାଟଣା ଗ୍ରାମର ଚମ୍ପାବତୀ ପଣ୍ଡା ନାମ୍ନୀ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ଘରକୁ ଯାତାୟାତ ରାସ୍ତାକୁ ପଡ଼ୋଶୀ ଅବରୋଧ କରି ରଖିଛନ୍ତି। ଯୁବତୀ ନିଜ ଘରୁ ବାହାରିପାରୁନାହାନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଯୁବତୀଜଣକ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ପୋଲିସ, ଜିଲାପାଳ, ବିଧାୟକ, ଏମ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଗୁହାରି କରି ନ୍ୟାୟ ପାଇନାହାନ୍ତି। ଏଥିରେ ଅତିଷ୍ଠ ହୋଇ ସୋମବାର ପୂର୍ବାହ୍ନରେ ଚମ୍ପାବତୀ ନିଜର ଇଚ୍ଛାମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଦାବି କରି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ତରଫରୁ ସିଟି ଡିଏସ୍‌ପି ନିର୍ମଳା ଗୋଛାୟତ ଧାରଣାସ୍ଥଳକୁ ଆସି ଚମ୍ପାବତୀଙ୍କୁ ଧାରଣାରୁ ଓହରିବା ପାଇଁ ବୁଝାଇଥିଲେ ବି, ସେ ଖବରଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିଥିଲେ। ଚମ୍ପାବତୀ ଅଭିଯୋଗ କରିଛନ୍ତି ଯେ, ଠାକୁର ନାମରେ ନାମିତ ଘରୋଇ ଇଜିମାଲି ରାସ୍ତାକୁ ପଡ଼ୋଶୀ ଅବରୋଧ କରି ରଖିଥିଲେ। ଚମ୍ପାବତୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ଦ୍ୱାରା ଅବରୋଧ ହଟାଇ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇଥିଲା। ପରେ ପୁଣି ସମ୍ପୃକ୍ତ ପଡ଼ୋଶୀ ସେହି ରାସ୍ତାକୁ ଅବରୋଧ କରିବାରୁ ଚମ୍ପାବତୀ ସ୍ଥାନୀୟ ବିଧାୟକ, ଏମ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଗୁହାରି କରିଥିଲେ। ହେଲେ ତାଙ୍କ ସମସ୍ୟାର ସମାଧାନ ହୋଇ ନ ଥିଲା। ଶେଷରେ ସୋମବାର ସେ ନିଜର ଇଚ୍ଛା ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା।




ଧାରଣାକାରୀଙ୍କ ସହ ସିଟି ଡିଏସ୍‌ପି ଆଲୋଚନା କରୁଛନ୍ତି।

# ପ୍ରଶଂସା ସାଉଁଟୁଛନ୍ତି କିଆରା

**ମୁମ୍ବାଇ:** ଆସନ୍ତା ୧୯ରେ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଟକ୍ସିକ୍'। ଯଶଙ୍କ ଏହି ଚଳଚ୍ଚିତ୍ର ରଣବୀର ସିଂହଙ୍କ ଧୁରନ୍ଧର-୨ ସହିତ କଡ଼ା ଟକ୍କର ଦେବ। ଯାହା ୨୦୨୫ର ସର୍ବାଧିକ ଆୟକାରୀ ଚଳଚ୍ଚିତ୍ର ଧୁରନ୍ଧରର ସିକ୍ୱେଲ। ଧୁରନ୍ଧର-୨ ଅପେକ୍ଷା ଯଶ, କିଆରା ଆଡଭାନୀ, ନୟନତାରା, ତାରା ସୁତାରିଆ ଏବଂ ରୁକ୍ମିଣୀ ବସନ୍ତଙ୍କ ଅଭିନୀତ 'ଟକ୍ସିକ'କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ଏହିସମୟରେ ନିର୍ମାତା ଟକ୍ସିକର ପ୍ରଥମ ଗୀତ 'ତବାହି' ରିଲିଜ କରିଛନ୍ତି। ଯାହା ରିଲିଜ ପରେ ପ୍ରଶଂସକଙ୍କ ପ୍ରିୟ ହୋଇପାରିଛି। ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଯଶଙ୍କୁ ନେଇ ନିର୍ମାତା ଏକ ପୋଷ୍ଟର ଶେୟାର କରିଛନ୍ତି। ଯାହା ପ୍ରଶଂସକମାନଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛି। ନିର୍ମାତା ଚଳଚ୍ଚିତ୍ରରେ ଅକ୍ଷୟ ଓବରାୟ ଏବଂ ସୁଦେବ ନାୟାର ନଜର ଆସିବେ ବୋଲି ଘୋଷଣା କରିଛନ୍ତି। ଅକ୍ଷୟ ଓବେରୟ ଟୋନି ଭୂମିକାରେ ନଜର ଆସିବେ। ଯଶଙ୍କ ଚଳଚ୍ଚିତ୍ର ଟକ୍ସିକ, କେଭିଏନ ପ୍ରଡକ୍ସନ୍ସ ଏବଂ ମନ୍‌ଷ୍ଟାର ମାଇଣ୍ଡ କ୍ରିଏସନ୍ସ ବ୍ୟାନରରେ ଭେଙ୍କଟ କେ. ନାରାୟଣ ଏବଂ ଯଶଙ୍କ ଦ୍ୱାରା ପ୍ରଯୋଜିତ। 'ଟକ୍ସିକ' କନ୍ନଡ ଏବଂ ଇଂରାଜୀରେ ଏକକାଳୀନ ଶୁଟିଂ କରାଯାଇଛି, ଯେତେବେଳେ ଡବିଂ ସଂସ୍କରଣଗୁଡ଼ିକ ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟଲମ ସମେତ ଅନେକ ଭାଷାରେ ମୁକ୍ତିଲାଭ କରିବ।




# Classified Everyday

**0674-2580101, 9692975378**



## REAL ESTATE

### SALE

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ଫ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ଫ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

## CONSTRUCTION

Construct your home with Colour Tile Plaster, Electrical, PHD, Door Complete 1350/-. 9827152441. D-3508

## HEALTH CARE

Newly opening full body massage best therapist. Contact- 7608935949. D-3504

All types of physiotherapy and massage contact 9556924059 / 7656969134. D-3523

## LOST

I, Snehalata Bag, W/o.- Sitaram Bag, R/o. At- Ward No. 09, N.A.C, P.O./P.S.- Khariar, District- Nuapada (Odisha) have lost the original registered sale deed bearing document No. 11431701576 dated 28.07.2017 (Khata No.448/1171, Mouza- Gadramunda) on the way near Guru Nanak Chowk on 25.02.2026. Despite of my best efforts, I could not trace out the same. D-3538

ଏଠାରେ ଜଣାଇ ଦିଆଯାଉଛି ଯେ ଲଳିତା ଦାଶ @ ତ୍ରିପାଠୀଙ୍କ ଦ୍ୱାରା ୦୭।୧୨।୨୦୧୨ ରେ ଯୋସେଫ ନାରାୟଣ ସାହୁଙ୍କ ସପକ୍ଷରେ ସମ୍ପାଦିତ ମୂଳ ପଞ୍ଜୀକୃତ ବିକ୍ରୟ ଡିଡ୍ ନମ୍ବର-୧୧୬୨୧୨୦୨୬୭୪, ମୁଁ ୨୮।୦୨।୨୦୨୬ ଦିନ ଅପରାହ୍ନ ୩.୩୦ ସମୟରେ ମୋ ପୁଅ ବିଶ୍ୱକର୍ମା ଶୁଭାଂଶୁ ଚନ୍ଦ୍ରଶେଖରଙ୍କ ଘରକୁ AT- ଶିଭୋମ କଲୋନି, P.O.- ବୁଢ଼ାରାଜା, P.S.- ଅଇଁଠାପାଲି, ଜିଲ୍ଲା- ସମ୍ବଲପୁର, PIN- ୭୬୮୦୦୪ ମୋ ବାସଭବନ AT/P.O.- ବୁଢ଼ାରାଜା, P.S.- ଅଇଁଠାପାଲି ଜିଲ୍ଲା- ସମ୍ବଲପୁର, PIN- ୭୬୮୦୦୪ ରୁ ଯିବା ବାଟରେ ହଜିଯାଇଛି। ଯଦି ମିଳେ ତେବେ ମୁଁ ଆପଣଙ୍କୁ ମୋତେ ହସ୍ତାନ୍ତର କରିବାକୁ ଏବଂ ଅପବ୍ୟବହାର ନ କରିବାକୁ ଅନୁରୋଧ କରୁଛି।
ଅସିସ୍ କୁମାର ପଟ୍ଟନାୟକ,
ମୋବାଇଲ: ୯୪୩୮୦୮୬୭୭୫
ଧ-୩୫୪୧

ମୁଁ, ସୁନିଲ କୁମାର ପରିଜା, ପିତା- ମଥୁରା ନନ୍ଦ ପରିଜା, ସା.- କମଳା ନେହେରୁ କଲେଜ, ଅଶୋକ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଏତଦ୍ୱାରା ଜଣାଉଅଛିକି ହିନ୍ଦୋଳ ରୋଡ୍ ବଜାରରେ ବୁଲିବା ସମୟରେ ମୋର ପାସ୍‌ପୋର୍ଟଟି କେଉଁଠାରେ ହଜିଯାଇଛି। ମୁଁ ଏ ସମ୍ପର୍କରେ ହିନ୍ଦୋଳ ରୋଡ୍ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀଙ୍କ ପାଖରେ F.I.R. Lodge କରିଅଛି। F.I.R. No. 4 dtd. 29.01.26 ଅଟେ। Passport No. E8865246. D-3536

## AFFIDAVIT

I, Tanushree Das, W/o.- Ambika Prasad Das, Resident of House No. 69E-003, Sriram Nagar, Chandi Colony, Khordha, Odisha 752055 declare by this affidavit No.- 79AA390848, Dated 25.11.2025 before Executive Magistrate, Bhubaneswar, Odisha. That now onwards I shall be known as Tanushree Pattanaik for all future purpose. D-3528

I, T. Sonam Rani Patro, W/o.- Asish Patra, aged 29, residing at Plot No. 930, Madhusudan Nagar have changed my name from T. Sonam Rani Patro to Sonam Patra via affidavit No. 15AA 530985 dated 27.03.2025 issued by Executive Magistrate, Bhubaneswar. Henceforth, I shall be known as Sonam Patra for all future purposes. D-3537

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, Date- 31 October 2025, I, ANWESHA PURI, At- New Colony, Sector- 7, Bramhapur, 42 Mouza, P.O.- Bentkar, P.S.- Cuttack Sadar, Dist.- Cuttack, PIN- 754112 declare that I have changed my name from FARHA AHMED to ANWESHA PURI. Henceforth, I shall be known as ANWESHA PURI for all purposes.
ANWESHA PURI
D-3529

By virtue of an affidavit sworn before Notary Public, dated 27th Feb. 2026 I, Praska Lakhmiamma, Address At: Silitiguda Village: Kotapeta, P.O.-Kotapeta, Dist.: Rayagada, Odisha, 765017, declare that I have changed my name from Saraka Lakhmiamma to Praska Lakhmiamma. Henceforth, I shall be known as Praska Lakhmiamma for all purposes.
Praska Lakhmiamma
D-3532

I, Madhusmita Pattnaik, W/o.- Sunil Kumar Parija, resident of At- Uttaramunda Muhan, Janla, P.S.- Infovalley, Dist.- Khordha, PIN- 752054 declared by this affidavit No.- 15AA 201177, dtd.- 28.02.2026 that now onwards I shall be known as Madhusmita Parija for all future purposes. D-3535

By virtue of an affidavit sworn before the Executive Magistrate, Boudh, No. 822, Dtd.- 16.05.2025, I, Ashok Kumar Behera, R/o. Village/P.O./P.S.- Baunsuni, Dist.- Boudh, Odisha, PIN- 762015 declare that I have changed the name of my daughter from Purnam Behera to Punam Behera. Henceforth, she shall be known as Punam Behera for all purposes.
Ashok Kumar Behera
D-3539

By virtue of an affidavit sworn before the Notary Public, Saintala, dtd.- 27.02.2026, I, Bhakta Rout, S/o.- Late Kuladhar Bhoi, R/o. Village- Penderamal, P.O.- Gandapatrapali, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Bhakta Bhoi to Bhakta Rout. Henceforth, I shall be known as Bhakta Rout for all purposes.
Bhakta Rout
D-3530

By virtue of an affidavit sworn before the Notary Public, Saintala, dtd.- 27.02.2026, I, Jyoti Bhushan Mahakur, S/o.- Upendra Mahakur, R/o. Village- Gandapatrapali, P.O.- Gandapatrapali, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Jyotibhushan Mahakur to Jyoti Bhushan Mahakur. Henceforth, I shall be known as Jyoti Bhushan Mahakur for all purposes.
Jyoti Bhushan Mahakur
D-3531

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂ ରବିନାରାୟଣ ମିଶ୍ର**

ଭୁବନ ଶାସନ, ଏନ୍ ଏ ଏସି ୱାର୍ଡ ନଂ.୦୪, ଢେଙ୍କାନାଳ

ଆବିର୍ଭାବ: ୨୫।୦୧।୧୯୪୯

ତିରୋଧାନ: ୧୩।୦୩।୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ବନ୍ଧୁ ଓ ପରିବାରବର୍ଗ ।

ଧ-୩୫୪୨

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି (୦୪।୦୩।୨୬)



**ଂ ଶ୍ରୀ ପୁରୁଷୋତ୍ତମ ପରିଡ଼ା**

ଜଗତ୍‌ପୁର, କଟକ

ଆବିର୍ଭାବ- ୦୮।୦୨।୧୯୫୦

ତିରୋଧାନ- ୨୨।୦୨।୨୦୨୬

ତୁମର ଅପ୍ରତ୍ୟାଶିତ ବିୟୋଗରେ ଆମ୍ଭେ ଗଭୀର ମର୍ମାହତ ଓ ଦୁଃଖିତ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

-:ଶୋକସନ୍ତପ୍ତ:-

ପରିଡ଼ା ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

ଧ-୩୫୩୩

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ଂ ବାଇଧର ବେହେରା**

କୁସ୍ତିରା, ଅଣ୍ଡିଆ, ଧର୍ମଶାଳା

ଆବିର୍ଭାବ- ୦୭।୦୮।୧୯୪୪

ତିରୋଧାନ- ୨୨।୦୨।୨୦୨୬

ତୁମ ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ପତ୍ନୀ- ଉର୍ମିଳା ବେହେରା, ପୁତ୍ର-ପୁତ୍ରବଧୂ: ବେଣୁଧର- ଅନ୍ନ, ମାନସ- ରିଙ୍କି, ଝିଅ- ଜ୍ୱାଇଁ, ନାତି- ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୩୫୪୪

### ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ସଂକ୍ଷେପରେ

### ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଦାବିପତ୍ର

**ନୂଆପଡ଼ା,୨।୩ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ଛତିଶଗଡ ସୀମାନ୍ତ ତୁଳାଭାଟ ପଞ୍ଚାୟତ ଗଙ୍ଗାଦିଗଡ ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସୋମବାର ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଏହି ଗାଁ ତୁଳାଭାଟ ପଞ୍ଚାୟତର ରାଜସ୍ୱ ଗାଁ ପଣ୍ଡରିପାଣି ଅଧୀନରେ ରହିଛି। ଗଙ୍ଗାଦିଗଡ ଗାଁରେ ୭ ପଡା ରହିଛି । ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ୩୮୦ ପରିବାର ଗଙ୍ଗାଦିଗଡ ଗାଁରେ ବସବାସ କରିଆସୁଛନ୍ତି। ସେଥିମଧ୍ୟରୁ ୩ ଶହ ଆଦିବାସୀ ପରିବାରର ହୋଇଥିବା ବେଳେ ୨୫ ପରିବାର ଅନୁସୂଚିତ ଜନଜାତି ଓ ୫୫ ପରିବାର ସାଧାରଣ ବର୍ଗର ରହିଛନ୍ତି। ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ସୀମାନ୍ତ ନୂଆପଡା ଜିଲାର ଶେଷରେ ରହୁଥିବାରୁ ଗାଁର ବିକାଶ ହୋଇପାରୁ ନାହିଁ। ରାଜସ୍ୱ ଗ୍ରାମର ମାନ୍ୟତା ଦେଲେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇପାରିବ ବୋଲି ସେମାନେ କହିଛନ୍ତି। ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏହି ସମୟରେ ପଦ୍ମନ ମାଝି, ବଜର ମାଝି, ହିରନ ମାଝି, ମଦନ ମାଝି, କ୍ରିଷ୍ଣା ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

### ସରିଲା ମାଟ୍ରିକ ବୋର୍ଡ ପରୀକ୍ଷା
### କପି ମୁକ୍ତ ହେଲା କଳାହାଣ୍ଡି

**ଭବାନୀପାଟଣା, ୨।୩ (ଉତ୍ତମ କୁମାର ଦାଶ):** ରାଜ୍ୟରେ ଗତ ଫେବୃଆରୀ ୧୯ରୁ ଚାଲିଥିବା ମାଟ୍ରିକ ବୋର୍ଡ ପରୀକ୍ଷା ସୋମବାର ଶେଷ ହୋଇଛି। ଚଳିତଥର କପି କରି କେହି ଛାତ୍ରୀଛାତ୍ର ଧରା ପଡିନାହାନ୍ତି। ଫଳରେ କପି ମୁକ୍ତ ହୋଇଛି କଳାହାଣ୍ଡି। ତେବେ ଶେଷ ଦିନରେ ଗଣିତ ପରୀକ୍ଷାରେ ୪୪୫ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଜିଲାରେ ୧୪ଟି ନୋଡାଲ ସେଣ୍ଟର ସହ ୧୩୦ଟି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରୀକ୍ଷା ପରିଚାଳନା ପାଇଁ ୧୩୧ ଜଣ ପର୍ଯ୍ୟବେକ୍ଷକ, ୩ଟି ସ୍କ୍ୱାଡ୍, ଗୋଟିଏ ବୋର୍ଡ ସ୍କ୍ୱାଡ୍ ଓ ଜିଲା ପ୍ରଶାସନର ଗୋଟିଏ ସ୍କ୍ୱାଡ୍ କପି ରୋକିବା ପାଇଁ ନିୟୋଜିତ ରହିଥିଲେ। ସମସ୍ତ ନୋଡାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ସିସିଟିଭି ଲଗାଯାଇଥିଲା। କପି ରୋକିବା ଓ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ଏଆଇ କ୍ୟାମେରା ନିୟୋଜିତ ରହିଥିଲା। ଫଳସ୍ୱରୂପ କେହି ଛାତ୍ରୀଛାତ୍ର କପି କରି ପାରି ନ ଥିଲେ। ଚଳିତବର୍ଷ ରେଗୁଲାରରେ ୨୧,୦୩, ଏକ୍ସ ରେଗୁଲାରରେ ୧୦୬ଜଣ, କରେସପଣ୍ଡେନ୍ସ କୋର୍ସରେ ୩୪ ଓ ରାଜ୍ୟମୁକ୍ତ ସ୍କୁଲ ଅଧୀନରେ ୨୬୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ।

### ପୁସ୍ତକ ଉନ୍ମୋଚନ

**ଖଡ଼ିଆଲ,୨।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲ ପାଟଣା କ୍ଷତ୍ରିୟ ସମାଜ ଭବନଠାରେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟର୍ଜୀଙ୍କ ରଚିତ ପୁସ୍ତକ 'ଛପନ ଭୋଗ' ଉନ୍ମୋଚିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଏହାକୁ ଉନ୍ମୋଚନ କରି ଏହି ପୁସ୍ତକ ସାହିତ୍ୟକୁ ଏକ ଅନନ୍ୟ ଉପହାର ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଅଧ୍ୟକ୍ଷତା କରିଥିବା ବେଳେ ସମୀକ୍ଷକ ଭାବରେ ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସାମୁଏଲ ଦାନୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ନନ୍ଦକାଲ ବାରିକ, ଶ୍ରୀକାନ୍ତ ଚାଟର୍ଜୀଙ୍କ ସହଧର୍ମିଣୀ ସବିତା ଚାଟାର୍ଜୀ ମଞ୍ଚାସୀନ ଥିଲେ। ନିମନ୍ତ୍ରିତ ଅତିଥି ଭାବେ ଡ. ସୁଶାନ୍ତ କୁମାର ବିଶି, ପ୍ରାଧ୍ୟାପକ ଡ଼. ପଦ୍ମଲୋଚନ ବର୍ମା, ଡ. ସୁଶାନ୍ତ କୁମାର ବିଶି ପ୍ରମୁଖ ଯୋଗ ଦେଇଥିଲେ।

# ଯୋଜନାର ଅଗ୍ରଗତି, ସଫଳତା ଉପରେ ସମୀକ୍ଷା

## ଦିଶା କମିଟି ବୈଠକ

**ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)**


ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କଳାହାଣ୍ଡି ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା ସମିତି (ଦିଶା) ବୈଠକ ସୋମବାର ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଉପନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅତିରିକ୍ତ ଜିଲାପାଳ ଦରୱାନ ସମସ୍ତଙ୍କୁ ସ୍ୱାଗତ କରି ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବାକୁ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ଅନୁରୋଧ କରିଥିଲେ। ସାଂସଦ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ଓ ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଏହାସହ ଜନ ପ୍ରତିନିଧିଙ୍କ ବିଭିନ୍ନ ଅଭିଯୋଗ ଉପରେ ତଥ୍ୟ ରଖିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ, ଆର୍‌ଡ଼ି, ପିଡବ୍ଲ୍ୟୁଡି, ଜଳସେଚନ, ବିଦ୍ୟୁତୀକରଣ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଖାଦ୍ୟ ଯୋଗାଣ, ଖାଦ୍ୟ ସୁରକ୍ଷା ଯୋଜନାର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ। ସେହିପରି ଜିଲାର ବିକାଶ ପାଇଁ ଅଧିକାରୀ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଲୋକଙ୍କ ଆବଶ୍ୟକତା ମୁତାବକ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ସାଂସଦ ଦେବୀ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକର ଅଧ୍ୟକ୍ଷ, ସହରାଞ୍ଚଳ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧଙ୍କୁ ଦଳିମାରିଲା ହାତୀ

**ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)**

## ୨ ମାସରେ ଗଲାଣି ୨ ଜୀବନ

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବାଗପୁର ଗ୍ରାମରୁ ସୋମବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏହି ଗ୍ରାମର ଗଣ୍ଡି ମାଝୀ (୬୧) ନାମକ ବୃଦ୍ଧଙ୍କୁ ଦନ୍ତା ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ସବୁଦିନ ଭଳି ଗଣ୍ଡି ସକାଳୁ ଗାଁ ମୁଣ୍ଡରେ ରହିଥିବା ନିଜ ଜମିକୁ ଯାଇ କାମ କରୁଥିଲେ। ଏହି ସମୟରେ ହଠାତ୍ ଏକ ହାତୀ ନିକଟ ଜଙ୍ଗଲରୁ ଆସି ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ବାଗପୁର ସରପଞ୍ଚ ଗୋପାଳ ହାତୀ, ଫରେଷ୍ଟର ଭବାନୀ ନାଏକ ଓ କର୍ମଚାରୀ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ସରକାରୀ ସ୍ତରରେ ଯାହାକିଛି ସୁବିଧା ରହିଛି ତାହା ମୃତକଙ୍କ ପରିବାରକୁ ଯୋଗାଇ ଦିଆଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଗତ ୧୩ ତାରିଖରେ ହାତୀ ଆକ୍ରମଣରେ ଜିଲାର ଭବାନୀପାଟଣା ବ୍ଲକ ଚାଙ୍ଗେର ପଞ୍ଚାୟତ ଅନ୍ତର୍ଗତ ପରଡ଼ଙ୍ଗଗୁଡା ଗ୍ରାମର ଲୟା ମାଝୀ (୫୧) ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା।

# କଲେଜର ୧୮ ତମ ବାର୍ଷିକ ଉତ୍ସବ


ଉତ୍ସବରେ ପତ୍ରିକା ଉନ୍ମୋଚନ କରୁଛନ୍ତି ଅତିଥି।

**ଖଡ଼ିଆଲ,୨।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଗଡ୍ରାମୁଣ୍ଡସ୍ଥିତ ଲୋକଦୃଷ୍ଟି କଲେଜ ଅଫ ଆଡ୍‌ଭାନ୍ସ ଟେକ୍ନୋଲୋଜି ଓ ଲୋକଦୃଷ୍ଟି ଯୁକ୍ତ ୩ ସାଇନ୍ସ କଲେଜର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ସଭାପତି ଅବନୀ ମୋହନ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଖଡିଆଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। କଣ୍ଟାବାଞ୍ଜି କଲେଜର ଅବସରପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଯୋଶୀ ମୁଖ୍ୟ ବକ୍ତା ଓ ଖଡିଆଲ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଡ. ମେଜର ରାମଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କଲେଜର ପ୍ରଥମ ପତ୍ରିକା ଶ୍ରେୟସ୍କରୀର ଲୋକାର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷା, କଳା ଓ କ୍ରୀଡା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରଯାଇଥିଲା।

# ବ୍ଲକସ୍ତରୀୟ ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ

## ଜରାୟୁ ଗ୍ରୀବା କର୍କଟ ରୋକିବାକୁ ଅଭିନବ ପଦକ୍ଷେପ

**ଲାଞ୍ଜିଗଡ଼,୨।୩(ରମେଶ ଚନ୍ଦ୍ର ନାୟକ)**


ଟିକାକରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ବ୍ଲକସ୍ତରୀୟ ଏଚ୍‌ପିଭି (ଜରାୟୁ ଗ୍ରୀବା କର୍କଟ) ଟିକାକରଣ ଅଭିଯାନର ଶୁଭାରମ୍ଭ ହୋଇଛି। ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭବାନୀ ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ବ୍ଲକ ସ୍ୱାସ୍ଥ୍ୟ ସମିତି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ପୂର୍ବତନ ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ଭାଜପା ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ପୂର୍ବତନ ଭାଜପା ବ୍ଲକ ସଭାପତି ତ୍ରିନାଥ ପାତ୍ର, ବିଶ୍ୱନାଥପୁର ମଣ୍ଡଳ ସମ୍ପାଦକ ଗୌତମ ନାଗ, ଲାଞ୍ଜିଗଡ ମଣ୍ଡଳ ସମ୍ପାଦକ ସଞ୍ଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୧ରୁ ଆସନ୍ତା ୩ ମାସ ଯାଏ ଏହି ଏଚ୍‌ପିଭି ଟିକାକରଣ ବିଶେଷ ଅଭିଯାନ ଆରମ୍ଭ କରାଯାଉଛି। ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ୧୪ ବର୍ଷ ବୟସ୍କ କନ୍ୟାମାନଙ୍କୁ ଏଚ୍‌ପିଭି ସଂକ୍ରମଣରୁ ସୁରକ୍ଷା ଦେବା। ଏଚ୍‌ପିଭି ଭାଇରସ୍ ମହିଳାମାନଙ୍କ ମଧ୍ୟରେ ଗର୍ଭାଶୟ କ୍ୟାନ୍‌ସରର ପ୍ରମୁଖ କାରଣ। ଏହି ଟିକା ନେଲେ ଭବିଷ୍ୟତରେ ଏଭଳି ରୋଗରୁ ରକ୍ଷା ମିଳିବ। ପ୍ରଥମ ପର୍ଯ୍ୟାୟରେ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକର ଚୟନ କରାଯାଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଅଭିଯାନ ଆରମ୍ଭ ହେବ। ବ୍ଲକର ୮୪୩ ଜଣ ହିତାଧିକାରୀଙ୍କୁ ଏହି ଟିକା ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଦିନରେ ୨୮ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଲେଙ୍କା ସୂଚନା ଦେଇଛନ୍ତି।

# ଝରିଆଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ

**ବୋଡ଼େନ,୨।୩ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବୁଢାପଡ଼ାଠାରେ ଏକ ବୈଠକ କରାଯାଇ ଝରିଆଯାଦବ ସମାଜ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପରମେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାରିଗଡ଼ ଝରିଆ ଯାଦବ ସଭାପତି ପିରିତରାମ ଦିଣ୍ଡା ମୁଖ୍ୟଅତିଥି, ଜିଲା ସଭାପତି ଡମବୁଢା ଗୁଆଲ ମୁଖ୍ୟବକ୍ତା, କୋମନା ବ୍ଲକ ସଭାପତି ଲଳିତମୋହନ ଦିଣ୍ଡା, ଖଡିଆଲ ବ୍ଲକ ସଭାପତି ଚଇତୁ ଭଏସାଲ, ସମ୍ପାଦକ ପଦ୍ମନାଭ ଷଣ୍ଢ, ଦିବ୍ୟଲୋଚନ ଷଣ୍ଢ, ଟଙ୍କଧର ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଝରିଆ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ପରମେଶ୍ୱର ରାଉତ, ଉପସଭାପତି ଭକ୍ତ ଶବର, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଗୁଆଲ, ସହସମ୍ପାଦକ ବିରବଲ ଗୁଆଲ, କୋଷାଧ୍ୟକ୍ଷ ଭାବେ ପରମାନନ୍ଦ ଭଏସାଲ ଚୟନ ହୋଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୪ ଗ୍ରାମର ଝରିଆ ଯାଦବ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଭାଙ୍ଗିଲା ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି


ଭାଙ୍ଗିପଡ଼ିଥିବା ପ୍ରତିମୂର୍ତ୍ତି।

**ନୂଆପଡ଼ା,୨।୩(ମକାରୁ ବେମାଲ):** ନୂଆପଡ଼ା ସଦର ମହକୁମା ଏକତା ଛକଠାରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମଝିଙ୍କ ପ୍ରତିମୂର୍ତ୍ତି ସୋମବାର ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଛି। ସୂଚନା ଅନୁଯାୟୀ ସକାଳେ ଏକ ଟ୍ରକ୍ ପଦ୍ମପୁର ପଟୁ ଆସି ଖଡ଼ିଆଳ ଅଭିମୁଖେ ଯାଉଥିଲା। ଏକତା ଛକ ଅତିକ୍ରମ ସମୟରେ ଟ୍ରକ୍‌ର ପଛଭାଗ ପ୍ରତିମୂର୍ତ୍ତିରେ ପିଟିହେବାରୁ ତାହା ଭାଙ୍ଗିଯାଇ ତଳେ ପଡିଛି। ସୂଚନାଯୋଗ୍ୟ ନୂଆପଡ଼ା ସହର ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥ ସହ ଏକତାଛକ ନିକଟରେ ରାଉରକେଲା ଜଗଦଲପୁର ବିଜୁ ଏକ୍ସପ୍ରେସ ଯୋଡିହେଉଛି। ଏହି ଛକଦେଇ ଅନେକ ଭାରିଯାନ ଚଳାଚଳ କରିଥାଏ। ଅଣଓସାରିଆ ରାସ୍ତା ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟିବାରେ ଲାଗିଛି। ସେଠାରେ ସ୍ୱୟଂ ଚଳିତ ଟ୍ରାଫିକ ସିଗ୍‌ନାଲ ଲାଗିଥିଲେ ମଧ୍ୟ ଲୋକେ ଅନୁପାଳନ କରୁ ନ ଥିବାରୁ ଦୁର୍ଘଟଣା ଘଟୁଥିବା କୁହାଯାଉଛି। ଖବର ପାଇ ନୂଆପଡ଼ା ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଚାଳକଙ୍କୁ ଥାନାରେ ଅଟକ ରଖିଛି।

# କଂଗ୍ରେସ, ବିଜେଡିର ୩ ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ

## ଭାଜପାର ମିଶ୍ରଣ ପର୍ବ

**ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)**


ମିଶ୍ରଣ ପର୍ବରେ ଭାଜପାରେ ସାମିଲ କାର୍ଯ୍ୟକର୍ତ୍ତାଙ୍କ ସହ ଦଳୀୟ ନେତୃବୃନ୍ଦ।

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଜିଲାର ୫ ନିର୍ବାଚନ ମଣ୍ଡଳୀରୁ ୩୦୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ ସମର୍ଥିତ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ସାମାଜିକ ସଙ୍ଗଠନ, ଯୁବ ସଂଗଠନର କାର୍ଯ୍ୟକର୍ତ୍ତା ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନହିତକର କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାର ସାମିଲ ହୋଇଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ପ୍ରଭାରୀ ତଥା ରାଜ୍ୟ ଉପସଭାପତି ଶିବାଜି ମହାନ୍ତି, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ପୂର୍ବତନ ବିଧାୟକ ଅନାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ତଥା ମିଡିଆ ସେଲ ସଂଯୋଜକ ନରହରି ପଟ୍ଟନାୟକ ଓ ଜିଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ।

# ଥୁଆମୂଳ ରାମପୁରରେ ପାନୀୟ ଜଳ ଯୋଗାଣ ଠପ୍

**ଥୁଆମୂଳ ରାମପୁର, ୨।୩ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରେ ୨ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ବସ୍ତିବାସିନ୍ଦା ଓ ବିଭିନ୍ନ ପଡ଼ାରେ ରହୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ, ୨୦୨୫-୨୬ ଆର୍ଥିକ ବର୍ଷରେ ଥୁଆମୂଳ ରାମପୁର ପଞ୍ଚାୟତର ପ୍ରାୟ ୪.୫ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ ବାକି ରହିଛି। ବିଦ୍ୟୁତ ବିଭାଗ ଯନ୍ତ୍ରୀ ଶୁଭଜିତ ଜେନା କହିଛନ୍ତି ଯେ, ବକେୟା ବିଲ ସମ୍ପର୍କରେ ସରପଞ୍ଚ ବିଜୟା ମାଝୀ ଓ ପିଇଓ ଟଙ୍କଧର ସାହୁଙ୍କୁ ସୂଚନା ଦିଆଯାଇଥିଲା। ଏପରି କି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବିଲ ପୈଠ କରାଯାଇ ନ ଥିଲା। ଶେଷରେ ବାଧ୍ୟ ହୋଇ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏ ସମ୍ପର୍କରେ ମତାମତ ପାଇଁ ସରପଞ୍ଚ ଓ ପିଇଓଙ୍କୁ ଫୋନ କରିଥିଲେ ହେଁ ସେମାନେ ଗ୍ରହଣ କରି ନ ଥିଲେ। ତୁରନ୍ତ ବକେୟା ବିଲ ପୈଠ କରି ଜଳଯୋଗାଣ ସ୍ୱାଭାବିକ ନ କଲେ ଆଗାମୀ ଦିନରେ ଅଞ୍ଚଳବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଘାଟିରେ ଓଲଟିଲା ପାଉଡ଼ର ବୋଝେଇ ଟ୍ରକ୍

**କୋକସରା,୨।୩ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି - ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଏପି୧୬ଟିଜେ-୧୮୭୭ ନମ୍ବରର ଏକ ପାଉଡର ବୋଝେଇ ଟ୍ରକ୍ ଓଲଟି ପଡିଛି। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିଜୟୱାଡାରୁ ପାଉଡର ବୋଝେଇ ହୋଇଥିବା ଟ୍ରକ୍ ଆସାମ ଅଭିମୁଖେ ଯାଉଥିଲା। ଦୁର୍ଘଟଣା ପରେ ଗାଡ଼ିର ଆଗପଟ ଭାଙ୍ଗି ଚୁରମାର ହୋଇଯାଇଛି। ଆହତ ଚାଳକ ଓ ହେଲପରଙ୍କୁ ଆମପାଣି ମେଡିକାଲରେ ଭର୍ତ୍ତି କରାଯାଇଛି। ଆମପାଣି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଧର୍ମଗଡ଼ରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

**ଧର୍ମଗଡ଼, ୨।୩ (ଘାସିରାମ ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡରେ ନୂତନ ଏସ୍‌ଡିପିଓ ଭାବେ ଆଇପିଏସ୍ ଭର୍ଷିଥା ଅଡେପୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟରତ ଏସ୍‌ଡିପିଓ ଡୋଳାମଣି ଭୋଇ ପଦୋନ୍ନତି ପାଇ ଭବାନୀପାଟଣାକୁ ଅତିରିକ୍ତ ଏସ୍‌ପି ଭାବେ ବଦଳି ହେବା ପରେ ତାଙ୍କ ସ୍ଥାନରେ ଭର୍ଷିଥା ଯୋଗ ଦେଇଛନ୍ତି। ତେଲେଙ୍ଗାନା ରାଜ୍ୟର ୨୦୨୧ ବ୍ୟାଚ୍‌ର ଆଇପିଏସ୍ ଅଡେପୁ ଏଥି ପୂର୍ବରୁ ଅନୁଗୋଳ ଜିଲାରେ ପ୍ରୋବେସନ ଭାବେ କାର୍ଯ୍ୟରତ ଥିଲେ। ଏହି ଅବସରରେ ଧର୍ମଗଡ଼ ବ୍ୟବସାୟୀ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସଭାପତି ବିଦ୍ୟାଧର ସାହୁ, ଉପସଭାପତି ଯଶୋବନ୍ତ ମେହେର, ସମ୍ପାଦକ ଅରୁଣ କୁମାର ତାୟଲ, ସହ ସମ୍ପାଦକ ଶ୍ରବଣ କୁମାର ଅଗ୍ରୱାଲ ପ୍ରମୁଖ ନୂତନ ଏସ୍‌ଡିପିଓଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ଡୋଳାମଣି ଭୋଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥଲେ। ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ସୁଦୃଢ଼ ପାଇଁ ଏସ୍‌ଡିପିଓ ଅଡେପୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ନକଲି ବିଦେଶୀ ମଦ ଜବତ, ୩ ଅଣଓଡ଼ିଆ ଗିରଫ

**ଧର୍ମଗଡ଼,୨।୩(ଘାସିରାମ ଜଗତ)**


ଗିରଫ ୩ ଅଭିଯୁକ୍ତ, ଜବତ ମଦ।

କଳାହାଣ୍ଡି ଜିଲା ଧର୍ମଗଡ଼ ଜଗନ୍ନାଥପଡାର ଏକ ଭଡା ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ସୂଚନା ପାଇ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୩୫ ଲିଟର ନକଲି ବିଦେଶୀ ମଦ, ୬୨ଟି ବୋତଲ,୮୨୦ଟି ଠିପି ଓ ୧୫୫ଟି ଲେବଲ ଜବତ ସହ ସମ୍ପୃକ୍ତ ୩ଜଣ ଅଣଓଡ଼ିଆଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିହାରର ପବନ କୁମାର ଓ ଶୈଳେନ୍ଦ୍ର ସିଂ ଏବଂ ଝାଡ଼ଖଣ୍ଡର ଅଜୟ କୁମାର। ଏ ନେଇ ଅବକାରୀ ବିଭାଗ ଏକ ମାମଲା (ନଂ.୨୧୭/୨୫-୨୬) ରୁଜୁ କରି ତିନି ଜଣଙ୍କୁ କୋର୍ଟ ଚାଲାଣ କରିଛି। ଭବାନୀପାଟଣା ସଦର ଅବକାରୀ ଇନ୍ସପେକ୍ଟର ହେମକାନ୍ତ ସୁନାଙ୍କ ନେତୃତ୍ୱରେ ଧର୍ମଗଡ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଶୀ, ଭବାନୀପାଟଣା ମୋବାଇଲ ୟୁନିଟ ଅବକାରୀ ଅଧିକାରୀ ବିଜୟ ଭୂଷଣ ନାୟକ, ଧର୍ମଗଡ଼ ଅବକାରୀ ଅଧିକାରିଣୀ ପ୍ରତିମା ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପ୍ରକାଶ ଯେ, ଗତ ଫେବୃଆରୀ ୨୪ରେ ଜୁନାଗଡ଼ରେ ୨ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୩୩ ଲିଟର ନକଲି ବିଦେଶୀ ମଦ ସହ ଖାଲି ବୋତଲ ଜବତ କରାଯାଇଥିଲା।

# ଜମି ମାଫିଆଙ୍କୁ ତୁରନ୍ତ ଗିରଫ କର

**ନୂଆପଡ଼ା,୨।୩ (ମକାରୁ ବେମାଲ)**


ଅତିରିକ୍ତ ଜିଲାପାଳ ଓ ଥାନା ଅଧିକାରୀ ଆଲୋଚନା କରୁଛନ୍ତି।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନୀ ଗାଁ ବିଦ୍ୟାଳୟ ଖେଳପଡିଆ ଜମି ଓ ଅନ୍ୟ ଚାଷୀଙ୍କ ଦଖଲରେ ଥିବା ଜମି ଜାଲିଆତି କରି ନିଜ ନାମରେ ପଟ୍ଟା କରାଇ ନେଇଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜାତୀୟ କଂଗ୍ରେସ କମିଟି ଜିଲା ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଗ୍ରାମବାସୀ ଜାଲିଆତି କରିଥିବା ଜମି ମାଫିଆଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅଡି ବସିଥିଲେ। ଅତିରିକ୍ତ ଜିଲାପାଳ ଏହା ଉପରେ ତଦନ୍ତ ହେବ। ସତ୍ୟାସତ୍ୟ ଜଣାପଡିଲା ପରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସୂଚନା ଅନୁଯାୟୀ, ଏହି ଜମି ଜାଲିଆତି ନେଇ ଗ୍ରାମବାସୀ ନୂଆପଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ନ ମିଳିବାରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜାଲିଆତି କରି ପଟ୍ଟା କରାଇ ନେଇଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ଜମି ପଟ୍ଟା ରଦ୍ଦ କରାଯାଇ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପଟେ ସମ୍ପୃକ୍ତ ଜମି ମାଫିଆଙ୍କ ଉପରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଥାନା ଅଧିକାରୀ ଗଙ୍ଗାଧର ମେହେର କହିଛନ୍ତି। ଏହି ସମୟରେ ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, କଂଗ୍ରେସ କମିଟି ଜିଲା ସାଧାରଣ ସମ୍ପାଦକ ସୁଧିର ମିଶ୍ର, ହରି ମାଝି ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ବୃଦ୍ଧ ମୃତ

ବରପାଲି,୨।୩(ଚିତ୍ତରଞ୍ଜନ ସାହୁ): ବରପାଲି ନିକଟସ୍ଥ ଭଟିଗାଁ ନିକଟରେ ଟ୍ରେନ୍‌ରେ କଟି ରବିବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତ ଘଟିଛି। ସନ୍ଧ୍ୟା ପ୍ରାୟ ୬ଟାରେ ବରପାଲି ଦେଇ ଯାଉଥିବା ନାଗାବଳୀ ଟ୍ରେନ୍‌ରେ ଭଟି ଗାଁ ମୁନୁପାଲି ନିକଟରେ ବୃଦ୍ଧ ଜଣକ ଟ୍ରେନରେ କଟିଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲା। ମୃତକଙ୍କ ପରିଚୟ ମିଳିପାରି ନଥିବା ବେଳେ ସେ ଧୋତି ଓ ଧଳା ସାର୍ଟ ପିନ୍ଧି ଥିବା ଦେଖିବାକୁ ମିଳିଛି। ମୃତକଙ୍କ ନିଟକରେ ଏକ ସାଇକେଲ ପଡ଼ିଛି।

### ଘାଟିରେ ଓଲଟିଲା ପାଉଡର ବୋଝେଇ ଟ୍ରକ୍

କୋକସରା,୨।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି – ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଏପି୧୬ଟିଜେ-୧୮୭୭ ନମ୍ବରର ଏକ ପାଉଡର ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିଜୟୱାଡାରୁ ପାଉଡର ବୋଝେଇ ହୋଇଥିବା ଟ୍ରକ୍ ଆସାମ ଅଭିମୁଖେ ଯାଉଥିଲା। ଦୁର୍ଘଟଣା ପରେ ଗାଡ଼ିର ଆଗପଟ ଭାଙ୍ଗି ଚୁରମାର ହୋଇଯାଇଛି।



ବୌଦ୍ଧ ଜିଲା ମହାନଦୀ ବଞ୍ଚାଅ କମିଟି ଶାଖା ପକ୍ଷରୁ ବିକ୍ଷୋଭ କରାଯାଉଛି।

# ବୌଦ୍ଧରେ ମହାନଦୀ ବଞ୍ଚାଅ ଆନ୍ଦୋଳନ

ବୌଦ୍ଧ,୨।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ମହାନଦୀ ସୁରକ୍ଷା କମିଟି ପକ୍ଷରୁ ବୌଦ୍ଧ ଜିଲା ସଂଗ୍ରହାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ରାଜ୍ୟ ଓଡ଼ିଶାର ଜୀବନ ରେଖା ମହାନଦୀରେ କ୍ରମାଗତ ଭାବେ ସଂଖ୍ୟାଧିକ ବେଆଇନ ବ୍ୟାରେଜ ନିର୍ମାଣ କରି ଏହାର ଜଳକୁ ଅଟକାଇ ମହାନଦୀକୁ ମାରିଦେଲେଣି। ବର୍ତ୍ତମାନ ଓଡ଼ିଶା ଗସ୍ତରେ ଥିବା ମହାନଦୀ ଟ୍ରିବ୍ୟୁନାଲ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତେଣୁ ଏହି ଟ୍ରିବ୍ୟୁନାଲର ଗସ୍ତକୁ ବୌଦ୍ଧ ଜିଲା ମହାନଦୀ ବଞ୍ଚାଅ କମିଟି ଶାଖା ପକ୍ଷରୁ ବୌଦ୍ଧ ଜିଲା ସଂଗ୍ରହାଳୟ ସମ୍ମୁଖରେ ଦୃଢ଼ ପ୍ରତିବାଦ କରାଯାଇଛି। ଏଥିରେ ଅଣ ମୌସୁମୀ ଋତୁରେ ଛତିଶଗଡ଼ ସରକାର ମହାନଦୀକୁ ପାଣି ଛାଡ଼ିବାକୁ ପ୍ରତିବାଦକାରୀମାନେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଶାଖାରୁ ବିଶ୍ୱଜିତ କୁମାର ମିଶ୍ର, ପୌଲସ୍ତି ପ୍ରଧାନ, ପଙ୍କଜ କର୍ଣ୍ଣ, ରୋହିତାଶ ବେହେରା, ଉଦୟ ନାଥ ଶର୍ମା, ପ୍ରଦୀପ ଦାସ, ରାଜେନ୍ଦ୍ର କୁମାର ମେହେର, ବେଣୁଧର ମେହେର, ବୁଦ୍ଧଦେବ ପ୍ରଧାନ, ସମରେନ୍ଦ୍ର ମହାକୁଲ, ସମରେଶ ମିଶ୍ର ପ୍ରମୁଖ ସଭ୍ୟ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ୫୦ ହଜାର ଠକେଇ ଅଭିଯୋଗରେ ୨ ଗିରଫ

ପଦ୍ମପୁର,୨।୩(ପ୍ରଦୀପ୍ତ ଦାଶ)



୫୦ ହଜାର ଠକେଇ କରିବା ଅଭିଯୋଗରେ ମେଲଛାମୁଣ୍ଡା ଥାନା ପୋଲିସ ସୋମବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁଡେନ ଥାନା ଚକମକଜୁରି ଗ୍ରାମର ସୁରେଶ ସୁନା ଓ ସାହାଜପାଣି ଗ୍ରାମର ପଲାସରାମ ଭୋଇ। ଅଭିଯୁକ୍ତମାନଙ୍କଠାରୁ ୪୨,୫୦୦ଟଙ୍କା, ଗୋଟିଏ ପ୍ଲାଷ୍ଟିକ ବାଲଟି, କିଛି କାଚ ଟୁକୁଡ଼ା ଓ ରଙ୍ଗ ପାଉଡର ଜବତ ହୋଇଛି। ରାହାସ ବିହାରୀ ବିଶିଙ୍କ ଏତଲା ଅଧାର କରି ପୋଲିସ ନଂ.୨୮/୨୬ରେ ଏକ ମାମଲା ରୁଜୁ କରିଛି। ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା କେର୍ମେଳି ଗ୍ରାମର ରାହାସ ବିହାରୀ ବିଶି (୫୦) ଜଣେ ଦିନ ମଜୁରିଆ। ସେ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ସଞ୍ଚୟ କରି ରଖିଥିଲେ। ଅଭିଯୁକ୍ତ ପଲାସରାମ ଭୋଇ ତାଙ୍କର ଦୁରର ସମ୍ପର୍କୀୟ ଥିଲେ ଏବଂ ରାହାସଙ୍କ ପାଖରେ ଟଙ୍କା ଥିବା ବିଷୟରେ ଅଭିଯୁକ୍ତ ଜାଣିଥିଲେ। ଏଥିପାଇଁ ସୁରେଶ ସୁନାଙ୍କ ସହ ମିଶି ଅଭିଯୁକ୍ତ ପଲାସରାମ ଟଙ୍କା ଦୁଇଗୁଣା କରିଦେବା ଲୋଭ ଦେଇ ଠକେଇର ଚକ୍ରାନ୍ତ ରଚିଥିଲେ। ପରେ ପଲାସରାମ ଭୋଇ ଫୋନ ଯୋଗେ ଅଭିଯୋଗକାରୀଙ୍କୁ ତାଙ୍କର ଜଣେ ସାଙ୍ଗ ମାଧ୍ୟମରେ ଟଙ୍କା ଦୁଇଗୁଣ କରାଯିବ ବୋଲି କହିଥିଲେ। ଝିଅ ବିବାହ ପାଇଁ ଅଧିକ ଟଙ୍କାର ଆବଶ୍ୟକତା ଥିବାରୁ ସେମାନେ ଏହି ପ୍ରଲୋଭନରେ ପଡ଼ିଯାଇଥିଲେ। ପରେ ସୁରେଶ ସୁନା କିଛି କାଗଜ ଓ ରଙ୍ଗୀନ କେମିକାଲ ନେଇ କେର୍ମେଳି ଗ୍ରାମକୁ ଆସି ୫୦ ହାଜର ଟଙ୍କା ଗ୍ରହଣ କରି ଟଙ୍କା ଦୁଇଗୁଣ କରିବାର ନାଟକ କରିଥିଲେ। କିଛି ସମୟ ପରେ କେମିକାଲ ଶେଷ ହୋଇଯାଇଛି ବୋଲି କହି ସେ ଦୀପ୍ତିପୁରରୁ ଆଣିବାକୁ କହି ଟଙ୍କା ସହିତ ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ପରେ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ମୁଖ୍ୟ ଅଭିଯୁକ୍ତ ସୁରେଶ ସୁନା ପୂର୍ବରୁ ମଧ୍ୟ ବୁଡେନ ଓ ଡୁଙ୍ଗୁରିପାଲି ଥାନାର ଚୋରି, ଧମକ ଓ ମାରପିଟ ଆଦି ମାମଲାରେ ଜଡ଼ିତ ରହିଛନ୍ତି।

## ଜିଲାସ୍ତରୀୟ ଜାତୀୟ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ

ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ଜିଲା ସ୍ୱାସ୍ଥ୍ୟ ସମିତି ବରଗଡ଼ ଆନୁକୁଲ୍ୟରେ ଜିଲା ସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (ଏଚପିଭି)ଟିକାକରଣର ଅଭିଯାନ ଶୁଭାରମ୍ଭ ସୋମବାର ହୋଇଛି। ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼ଠାରେ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଗୋୟଲଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଉଦ୍‌ଘାଟିତ ସମରୋହରେ ଉପସ୍ଥିତ ଥିଲେ। ଏମ୍‌ପି ପ୍ରତିନିଧି ସୁରେଶର ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱଜିତ ଯୋଶୀ, ଡ. ସୁବାଷ ଅଗ୍ରୱାଲ ଓ ବିଭାଗୀୟ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିଲାପାଳ କହିଥିଲେ, ହ୍ୟୁମାନ ପାପୀଲୋମା ଭାଇରସ ଟିକକରଣ ପାଇଁ ୧୪ ବର୍ଷର ଝିଅମାନଙ୍କୁ ଏହି ଟିକା ଦେବା ପାଇଁ ଶୁଭାରମ୍ଭ ହୋଇଛି। ବରଗଡ଼ ଜିଲାରେ ୧୨୮୪ ଜଣ ଝିଅ ଏହି ଟିକା ନେବା ପାଇଁ ଯୋଗ୍ୟ ଅଛନ୍ତି। ଉକ୍ତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଆଶା ଦିଦି, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣୀ ଦିଦିମାନେ ସମସ୍ତେ ସଭାରେ ଉପସ୍ଥିତ ଥିଲେ।

## ସମସ୍ୟା ସମାଧାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ


ଶିବିରରେ ଲୋକେ ଜିଲାପାଳଙ୍କଠାରେ ଅଭିଯୋଗ କରୁଛନ୍ତି।

ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୫୪ ଅଭିଯୋଗ ମଧ୍ୟରୁ ୪୬ ବ୍ୟକ୍ତିଗତ ଏବଂ ୮ ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଅତାବିରା,୨।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଟୋପ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ବାଳମୁକୁନ୍ଦ ସାହୁଙ୍କ ସେବା ନିବୃତ୍ତି ଅବସରରେ ବିଦ୍ୟାଳୟ ପରିସରରେ ସୋମବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭକ୍ତ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଭେଡେନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହୁଙ୍କ ଶିକ୍ଷାଦାନ ଶୈଳୀ ଏବଂ ବିଦ୍ୟାଳୟ ପ୍ରତି ତାଙ୍କର ନିଷ୍ଠାକୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ବିଦ୍ୟାଳୟର ପ୍ରଥମ ସମ୍ପାଦକ ବଳରାମ ମେହେର, ପ୍ରଥମ ସଭାପତି କୁଶ ସାହୁ, ଓଷ୍ଟା ରାଜ୍ୟ ସହ ସମ୍ପାଦକ ଆଶୁତୋଷ ରଥ, ଓଷ୍ଟା ଜିଲା ସମ୍ପାଦକ ସଞ୍ଜୟ ସିଂ, ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠା ସମୟର ସଂଘର୍ଷ ଏବଂ ସାହୁଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ବେହେରା ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏବଂ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶିକ୍ଷକ ସାହୁଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହର ମୁଖ୍ୟ ଆକର୍ଷଣ ଥିଲା ଭବ୍ୟ ପଟୁଆରରେ ସାହୁଙ୍କୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ।

## କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ

ବରପାଲି, ୨।୩(ଚିତ୍ତରଞ୍ଜନ ସାହୁ)

**ବରପାଲିର ତଳି ପଡ଼ା ନାମ ଯଜ୍ଞ**

ବରପାଲିର ତଳି ପଡ଼ା ନାମ ଯଜ୍ଞର ଚଳିତ ବର୍ଷ ପଚାଶ ବର୍ଷ ହେଉଥିବାରୁ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉଛି। ଗତ ରବିବାର ଅଧିବାସ ହୋଇଥିବା ବେଳେ ସୋମବାର ମହିଳାଙ୍କ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିବା ବେଳେ ଘଣ୍ଟ ବାଦ୍ୟ ସହ ନଗର ପରିକ୍ରମା କରି ଯଜ୍ଞ ମଣ୍ଡପକୁ ପହଞ୍ଚିଥିଲେ। ଏହା ପରେ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଟୁନା ସାହୁ ଓ ଚମ୍ପାବତି ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରଥମ ଦିନ ରାତ୍ରରେ ପାଲା ଅନୁଷ୍ଠିତ ହୋଇଥିବା ବେଳେ ପନ୍ଦରଟି ସଙ୍କୀର୍ତ୍ତନ ଦଳ ଯୋଗ ଦେବେ ବୋଲି କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ଚନ୍ଦ୍ର ଗ୍ରହଣ ଥିବାରୁ ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ହେବ। ଏହି ଅଷ୍ଟ ପ୍ରହରୀ ନାମ ଯଜ୍ଞ ଦର୍ଶନ କରିବା ପାଇଁ ଆଖ ପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳୁଛି।


ବରପାଲିର ତଳି ପଡ଼ା ନାମ ଯଜ୍ଞ

## ହୋଲି ପର୍ବ ପ୍ରସ୍ତୁତି ପାଇଁ ସଦ୍‌ଭାବନା ବୈଠକ

ସୋହେଲା,୨।୩(ଅଶ୍ୱିନୀ କୁମାର ପାତ୍ର)

ସୋହେଲାରେ ଆଗାମୀ ହୋଲି ଉତ୍ସବ ଓ ମୁସଲିମ ସମ୍ପ୍ରଦାୟର ରମଜାନ ମାସକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବରଗଡ଼ ଜିଲା ଆରକ୍ଷୀଙ୍କ ନିର୍ଦ୍ଦେଶ କ୍ରମେ ସୋହେଲା ଥାନା ଅଧିକାରୀ ହରି ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ସୋହେଲା ଥାନା ପରିସରରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସୋହେଲା ନାଗରିକ କମିଟି ସଭାପତି ପ୍ରମୋଦ ଚନ୍ଦ୍ର ଦେବତା, ଖବରଦାତା ଅଶ୍ୱିନୀ ପାତ୍ର, ମହମ୍ମଦ ଇଦ୍ରିଶ, ଇନାୟତ ଖାନ୍, ମହମ୍ମଦ ଗୁଲାମ୍, ବିଶ୍ୱହିନ୍ଦୁ ପରିଷଦ ଯୁବ ସଦସ୍ୟ ରୁଦ୍ର ପ୍ରତାପ ସାହୁ, ସାମାଜିକ କର୍ମୀ ରମେଶ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖରେ ପାଳନ ହେବାକୁ ଥିବା ପାରମ୍ପରିକ ପର୍ବ ହୋଲି କିପରି ଶାନ୍ତି ଶୃଙ୍ଖଳା ପାଳିତ ହୋଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ହୋଲି ଦିନ କୌଣସି ଗୋଷ୍ଠୀ ରାଜ ରାସ୍ତାରେ ଡିଜେ ବଜାଇ ଶୋଭାଯାତ୍ରା କରିପାରିବେ ନାହିଁ। ମାଦକ ଦ୍ରବ୍ୟ ବ୍ୟବହାର କରି ଦ୍ରୁତ ଗତିରେ କାର୍, ବାଇକ୍ ଚାଳନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୋହେଲାର ସମସ୍ତ ଛକରେ ପୋଲିସ ମୃତୟନ କରାଯିବା ସହ ନିଶା ସେବନ କରି ଉତ୍ପାତ କରୁଥିବା ଲୋକଙ୍କୁ କାବୁ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।


ବୈଠକରେ ଆଲୋଚନା ଚାଲିଛି।

## ହରଦିକୁ ହରାଇ ଚଣ୍ଡୀଭଟା ଦଳ ଚାମ୍ପିୟନ

ଝାରବନ୍ଧ,୨।୩(ଦେବେନ୍ଦ୍ର ସାହୁ)

**ଏକଦିବାସୀୟ ଭଲିବଲ ଟୁର୍ନାମେଣ୍ଟ**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ଚଣ୍ଡୀଭଟା ଲାୟନ୍ସ ସ୍ପୋର୍ଟିଂ ତରଫରୁ କେଶବ ମେମୋରିଆଲ ପ୍ରଥମ ଏକ ଦିବାସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେଶବ ପ୍ରଧାନଙ୍କ ପରିବାର ତରଫରୁ ଅଲେଖ ପ୍ରଧାନ ଯୋଗଦାନ କରି ତାଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଗଣ୍ଡପାଲି, ସାପଲହର, ମହଗାଁ, ତିଳେଇଦାଦର, କୁରକୁଟି, ସରାଇପତ୍ରା, ଲହଙ୍ଗେର, ବରପାଲି, ହରଦି, ଖଟଖଟି, ଚଣ୍ଡୀଭଟା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଚଣ୍ଡୀଭଟା ଓ ହରଦି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚଣ୍ଡୀଭଟା ଦଳ ହରଦି ଦଳକୁ ଲଗାତର ଭାବରେ (୨୫-୨୦) (୨୫-୨୨)ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ନନ୍ଦଲାଲ ନାୟକ, ବାସୁଦେବ ପ୍ରଧାନ, କିଶୋର ବାରିକ ଅତିଥିଭାବେ ଯୋଗଦାନ କରି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏହି ଖେଳକୁ ଶରତ ପ୍ରଧାନ, ଦୟାସାଗର ନାୟକ, ପ୍ରଦୀପ ସେଟ, ଭରତ ପ୍ରଧାନ ରେଫରୀ ଭାବରେ ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଖେଳାଳି।

## ଦେଶୀ ବିହନ ଦେଶୀ ସାର, ପନିପରିବା ପ୍ରଦର୍ଶିତ

**ସୁରୁଙ୍ଗିଦାଦରଠାରେ କୃଷକ ମେଳା ଉକିଆ**

ପାଇକମାଳ,୨।୩(ବଡ଼ ଶତପଥୀ)

ପାଇକମାଳ ବ୍ଲକ ବରଂଡୁଣ୍ଡା ପଞ୍ଚାୟତ ସୁରୁଙ୍ଗିଦାଦରଠାରେ ବିପର୍ଯ୍ୟୟ ମୁକାବିଲା ମହାସଂଘ ଦ୍ୱାରା ମାସ ଅନୁଷ୍ଠାନ ସହଯୋଗରେ ସୋମବାର ଦେଶୀ ବିହନ ଓ ଖତ ସାର ଯାତ୍ରା ଉକିଆ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୨୮ ଖଣ୍ଡ ଗ୍ରାମର କୃଷକ ସଂଘ, ଜଙ୍ଗଲ ଅଧିକାର କମିଟି, ମହିଳା ସଙ୍ଘର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେବା ସହିତ ବିଭିନ୍ନ ପ୍ରକାର ଦେଶୀ ବିହନ ଦେଶୀ ସାର ଓ ପନିପରିବା ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ରୂପେ ବନାଞ୍ଚଳ ଅଧିକାରୀ, ହୃଦାନନ୍ଦ ମିଶ୍ର, ପାଇକମାଳ ସିଡିପିଓ ବାସନ୍ତୀ ପୂର୍ତ୍ତି, ଆୟୁର୍ବେଦିକ କଲେଜ ଅଧ୍ୟକ୍ଷ ପ୍ରଫେସର ଜଗବନ୍ଧୁ ମିଶ୍ର, ପ୍ରକୃତିବନ୍ଧୁ ବିଭୁତି ମୁଣ୍ଡ, ମାଣ୍ଡୋସିଲ ଡିଗ୍ରୀ କଲେଜ ଓଡ଼ିଆ ପ୍ରଫେସର ସନ୍ତୋଷ ସିଂ ଠାକୁର, ସାମାଜିକ କର୍ମୀ ବଡ଼ ଶତପଥୀ, ସମ୍ବାଦଦାତା ସୁରଥ ସାହୁ ଅତିଥି ରୂପେ ଯୋଗ ଦେଇ ଜୈବିକ କୃଷି ଓ ପରିବେଶ ସୁରକ୍ଷା ବିଷୟରେ ମତ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଚାଷୀମାନେ ବିଭିନ୍ନ ଦେଶୀ ବିହନ ସାଙ୍ଗରେ ଧରି ଏକ ପଦ ଯାତ୍ରାରେ ବାହାରି ସୁରୁଙ୍ଗିଦାଦର ମେଳା ପଡ଼ିଆଠାରେ ପହଞ୍ଚିଥିଲେ। ପରେ ସେଠାରେ ବିହନ ପୂଜା ସହିତ ଅଥିତିମାନଙ୍କ ଦ୍ୱରା ଉକିଆ ୨୦୨୬ ପତାକା ଉତୋଳନ କରି ମେଳାକୁ ଉଦ୍‌ଘାଟନ କରଥିଲେ। ସଭାରେ ମାସର କାର୍ଯ୍ୟକ୍ରମ ସଂଯୋଜ ଆଦିକନ୍ଦ ବିଶ୍ୱାଳ ମେଳାର ଉଦ୍ଦେଶ୍ୟ ବିଷୟରେ କହିଥିବା ବେଳେ ଅତିଥିମାନେ ସଫଳ ଚାଷୀ ସୀତାରାମ ମାଝୀ, ଖରାମାଲ, କ୍ଷୀର ପଟେଲ, କୁରାଢ଼ୀଫସା, ଗୋବିନ୍ଦ ବନଛୋର, ବଡ଼ିବାହାଲ ଗ୍ରାମର ଚାଷୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରଥିଲେ। ଶେଷରେ କୁନି କୁନି ଝିଅମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ କରାଯାଇଥିଲା।


ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଉଛି।

**ଲେଫ୍ରିପଡ଼ାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**

**ସୁନ୍ଦରଗଡ଼ (ଜୟ ନାରାୟଣ ମେଣ୍ଟୁଳି):** ଲେଫ୍ରିପଡା ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା.ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୬ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଏବଂ ୫୧ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା।

## ଜେସିବି ଚଢ଼ି ମହିଳା ମୃତ

ବଡ଼ଗାଁ,୨।୩(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବନଶିକାର ଗ୍ରାମ ନିକଟରେ ଜେସିବି ଚଢ଼ି ଯିବାରୁ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ମଞ୍ଜୁଳା ବିଲୁଙ୍ଗ(୫୦)। ଏନେଇ ବଡ଼ଗାଁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମଞ୍ଜୁଳା ସୋମବାର ସନ୍ଧ୍ୟାରେ ରାସ୍ତା ପାର୍ଶ୍ୱ ମହୁଲ ଗଛରୁ ଫୁଲ ଗୋଟାଉଥିବା ବେଳେ ଏକ ଜେସିବି ଭାରସାମ୍ୟ ହରାଇ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ୩୦ ହଜାର ଅଫିମ ଗଛ ନଷ୍ଟ

ଲହୁଣୀପଡା,୨।୩(ଦାଶରଥି ପଣ୍ଡା)

■ ୫୦ ଡିସିମିଲ ଜମିରେ ହୋଇଥିଲା ଚାଷ
■ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଚୋରଧରା ପଞ୍ଚାୟତ ଅନ୍ତର୍ଗତ ନୂଆ ତନ୍ତରା ଗ୍ରାମ କୁରାଡ଼ୀ ନାଳ ନିକଟରେ ସୋମବାର ବେନିୟମ ଅଫିମ ଚାଷ ଉପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ନଙ୍ଗଲା ମୁଣ୍ଡା(୫୬)। ବେନିୟମ ଭାବେ ୫୦ ଡିସିମିଲ ଜମିରେ ଚାଷ କରାଯାଇଥିବା ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଅଫିମ ଗଛକୁ ମାଜିଷ୍ଟ୍ରେଟ ତଥା କୋଇଡା ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କା ହେବ ବୋଲି ବିଭାଗପକ୍ଷରୁ ଆକଳନ କରାଯାଇଛି। ସୂଚନାରୁ ପ୍ରକାଶ ଯେ, କୁରାଡ଼ୀ ନାଳ ନିକଟରେ ୫୦ ଡିସିମିଲ ଜମିରେ ଅଫିମ ଚାଷ କରାଯାଇଥିବା କୌଣସି ସୂତ୍ରରୁ ସୂଚନା ପାଇ ସୋମବାର ସକାଳେ କେ. ବଲାଙ୍ଗ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗଛ ବଢି ଫୁଲ ଫୁଟି ସାରିଥିବା ବେଳେଆଉ କିଛି ଦିନ ପରେ ସେଥିରେ ଫଳ ଧରି ଥାନ୍ତା। ଚଢ଼ାଉ ସମୟରେ କେ. ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା,ସବ ଇନ୍ସପେକ୍ଟର ରୁଷଭ କୁମାର ପଣ୍ଡା ଓ ଥାନା କର୍ମଚାରୀ, ଅବକାରୀ ବିଭାଗ ଅଧିକାରୀ ହେମନ୍ତ ମହାନନ୍ଦିଆ ଓ କର୍ମଚାରୀ ଏବଂ ବଣାଇଁ ଅବକାରୀ ରେଞ୍ଜର କର୍ମଚାରୀ ସାମିଲ ହୋଇଥିବା ଜଣାପଡିଛି। ପୂର୍ବରୁ କୋଇଡା ଅଞ୍ଚଳରେ ଅଫିମ ଚାଷ ଠାବ କରି ନଷ୍ଟ କରାଯାଇଥିବା ବେଳେ ଏବେ ମଧ୍ୟ କୋଇଡା ବ୍ଲକର ନୂଆ ତନ୍ତରା ଗ୍ରାମର କୁରାଡ଼ୀ ନାଳ ନିକଟରୁ ଅଫିମ ଚାଷହୋଇଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି।

## ସେନା ମେଡାଲ ବୀରତା ପୁରସ୍କାରପ୍ରାପ୍ତ ସୈନିକ ସମ୍ମାନିତ



ସେନା ମେଡାଲ ବୀରତା ପୁରସ୍କାରପ୍ରାପ୍ତ ଗୋପାଳ ପ୍ରଧାନଙ୍କୁ ଖଡ଼ିଆ ଯୁବ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

**ଡେଲକି ଖଡିଆ ଯୁବ ସଙ୍ଗଠନ ସୁନ୍ଦରଗଡ଼ ପକ୍ଷରୁ ସମ୍ମାନିତ**

ସୁନ୍ଦରଗଡ଼,୨।୩(ଜୟ ନାରାୟଣ ମେଣ୍ଟୁଳି)

ପାଞ୍ଚଶହ ଘର ଡେଲକି ଖଡ଼ିଆ ଯୁବ ସଙ୍ଗଠନ, ସୁନ୍ଦରଗଡ଼ ଜିଲା ଶାଖା ତରଫରୁ କାଲୋବାହାଲ ଗ୍ରାମରେ ଭାରତୀୟ ସ୍ଥଳସେନାର ସେନା ମେଡାଲ ବୀରତା ପୁରସ୍କାରପ୍ରାପ୍ତ ହାବିଲ୍‌ଦାର ଗୋପାଳ ପ୍ରଧାନଙ୍କୁ ରବିବାର ତାଙ୍କ ବାସଭବନରେ ସମ୍ମାନିତ କରାଯାଇଛି। ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ କାଲୋବାହାଲ ଗ୍ରାମର ସ୍ୱର୍ଗତ ଅନିରୁଦ୍ଧ ପ୍ରଧାନ ଓ ସ୍ୱର୍ଗତା ସୁଖ ପ୍ରଧାନଙ୍କ ପୁଅ ସ୍ଥଳସେନାରେ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ଦେଶର ଉତ୍ତର ଭାଗ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟରତ ହାବିଲଦାର ଗୋପାଳ ୨ ଆତଙ୍କବାଦୀଙ୍କ ସୂଚନା ପାଇ ନିଜ ଟିମ୍ ସହ ଏକ ଠିକ୍ ଯୁଦ୍ଧକୌଶଳର ପରିଚୟ ଦେଇ ୩ ଜଣ ଆତଙ୍କବାଦୀଙ୍କୁ ଗତ ୮ ସେପ୍ଟେମ୍ବର ୨୦୨୪ରେ ନିପାତ କରିଥିଲେ, ସେଥିପାଇଁ ତାଙ୍କୁ ସେନା ମେଡାଲ ବୀରତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଡେଲକି ଖଡ଼ିଆ ଯୁବ ସଙ୍ଗଠନ ସୁନ୍ଦରଗଡ଼ ପକ୍ଷରୁ ତାଙ୍କ ବାସଭବନରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ତାଙ୍କ ସହଧର୍ମିଣୀ ତିଲୋତ୍ତମା ପ୍ରଧାନଙ୍କ ସହିତ ୨ ଝିଅ ପ୍ରିୟା ଓ ବିନ୍ଦିୟାଙ୍କୁ ମଧ୍ୟ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଯୁବ ସଙ୍ଗଠନ ତରଫରୁ ଏହି କାର୍ଯ୍ୟକ୍ରମରେ ଶିବଶଙ୍କର ନାଏକ, ଗୋପାଳ ପ୍ରଧାନ, ସୁମନ୍ତ ନାଏକ, ବିଜୟ ପ୍ରଧାନ, ମନୋଜ ଦଣ୍ଡସେନା, ଗମ୍ଭାରୀଡ଼ିହି ଗ୍ରାମର ବହୁ ଯୁବବନ୍ଧୁ ଯୋଗଦାନ କରି ତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ସଙ୍ଗଠନର ଏହି କାର୍ଯ୍ୟକୁ ଦେଖି ପ୍ରଧାନଙ୍କ ସହିତ ତାଙ୍କ ପରିବାର ଖୁସି ଅନୁଭବ କରିଥିଲେ।

## ଡାଲମିଆ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କୁତ୍ରା,୨।୩(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟର ୫୩ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କୁତ୍ରା ବିଡିଓ ଗୋପିନାଥ ଖାଖା, ସମ୍ମାନିତ ଅତିଥି ଜେଏସଡବ୍ଲ୍ୟୁ ଜମି ଲାଇଜନ୍‌ ବିଭାଗ ମ୍ୟାନେଜର ସୁନିଲ ନାଥା, ନିଳାଚଳ ଫାଉଣ୍ଡେଶନ ଚେୟାରମ୍ୟାନ ଡ.ସରୋଜିନି ସାହୁ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭଲ ଶିକ୍ଷା ଗ୍ରହଣ କରିବା ସହ ସଂସ୍କାରି ହେବା ପାଇଁ ଉପଦେଶ ଦେଇଥିଲେ। ଅଧ୍ୟକ୍ଷ ଡ.ଜିତେନ୍ଦ୍ର କୁମାର ପଟେଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧ୍ୟାପିକା ଡ.ତବସୁମ ବାନୋ ବୀବରଣି ପାଠ କରିଥିଲେ। ଆଗରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଅଧ୍ୟାପିକା ଡ.ତବସୁମ ବାନୋ ଓ ପ୍ରତିମା ଖାଲଖୋଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ପରିଚାଳନା ହୋଇଥିଲା। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୁତ୍ରା ପିଏମଶ୍ରୀ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ




କୁତ୍ରା,୨।୩ (ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସର ଓ ଚାରିପଟ ଅଞ୍ଚଳକୁ ସଫା କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପରିଷ୍କାରତାର ମହତ୍ତ୍ୱ, ଦୈନିକ ଜୀବନରେ ସ୍ୱଚ୍ଛତାର ଅଭ୍ୟାସ ଓ ପରିବେଶ ସୁରକ୍ଷା ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନିକାନ୍ତ ଶାସନୀ ଅଧ୍ୟକ୍ଷତା କରି ସ୍ୱଚ୍ଛତା ରକ୍ଷା କରିବା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ଉଲ୍ଲେଖ କରିଥିଲେ। ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ସ୍ୱଚ୍ଛ ପରିବେଶ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଦୀପିକା କେର୍କେଟା, ରୋହିତ ଜୟପୁରିଆ, ଲବଣିଧର ଗର୍ଡିଆ, ମଞ୍ଜୁ ଏକ୍କା ଓ ରୀତା କଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱଚ୍ଛତା ପକ୍ଷ ପାଳନ ମାଧ୍ୟମରେ ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ପ୍ରତି ଦୃଢ଼ ସଙ୍କଳ୍ପ ନେଇଥିଲେ ଓ ନିଜ ପରିବେଶକୁ ସଦା ପରିଷ୍କାର ରଖିବା ପାଇଁ ପ୍ରତିଜ୍ଞା କରିଥିଲେ।

## ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସେକସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ବେଳେ ମାନପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ,୨।୩(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସେକସନ ଅଫିସର ପ୍ରଦୀପ କୁମାର ବହିଦାର ଶନିବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସେକସନ ଅଫିସର ବହିଦାରଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବହିଦାର ୧୯୮୭ମସିହାରେ ଏହି ମହାବିଦ୍ୟାଳୟରେ ବରିଷ୍ଠ କିରାଣୀ ଭାବେ ତାଙ୍କର ଚାକିରୀ ଜୀବନ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ କର୍ମଚାରୀ ସଂଘର ସମ୍ପାଦକ ସହକାରୀ ପ୍ରଫେସର ଡକ୍ଟର ନୂତନ ଖମାରୀ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ଜୟ ଶଙ୍କର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁରୂପ ଭାବେ ମହାବିଦ୍ୟାଳୟର ନୂତନ ସେକସନ ଅଫିସର ଭାବେ ହେମନ୍ତ କୁମାର ମହାନନ୍ଦିଆ ଦାୟିତ୍ୱ ଗ୍ରହଣ କରିଥିଲେ।

## ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚପିଭି ଟିକାକରଣ



ଏଚପିଭି ଟିକାକରଣ

ରାଜଗାଙ୍ଗପୁର,୨।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସର୍ଭାଇକାଲ କ୍ୟାନସରରୁ ରକ୍ଷା ପାଇବା ପାଇଁ ଏଚପିଭି ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ୧୪ ଜଣ ଝିଅଙ୍କୁ ଟୀକାକରଣ କରାଯାଇଥିଲା ଓ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହା ୯୦ ଦିନ ଧରି ଚାଲିବ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଆଡିସନାଲ ପବ୍ଲିକ ହେଲଥ ଅଫିସର ପ୍ରଦୀପ ପ୍ରସାଦ, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ଜଗଦିଶ ଟପ୍ପୋ, ଆଡିସନାଲ ପ୍ରୋଗ୍ରାମ ମ୍ୟାନେଜର ସୁନ୍ଦରଗଡ ସତ୍ୟବ୍ରତ ପାଣିଗ୍ରାହୀ, ଡକ୍ଟର ଲତା ପିଲାଇ ପ୍ରମୁଖ ଯୋଗ ଦେଇ ଥିଲେ।

## ଫାଣ୍ଡି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

କୁଆଁରମୁଣ୍ଡା,୨।୩(ମହେନ୍ଦ୍ର କୁମାର ସାହୁ)

ନିୟମ ମାନି ଯତ୍ନଶୀଳ ହୋଇ ଗାଡ଼ି ଚାଳନା କଲେ ଚାଳକ ସୁରକ୍ଷିତ ରହିବା ସହ ଅନ୍ୟ ମାନଙ୍କୁ ମଧ୍ୟ ସୁରକ୍ଷା ଦେଇପାରିବ। ଗାଡ଼ି ଚାଳନା କଲାବେଳେ ଚାଳକ ହେଲମେଟ, ସିଟବେଲ୍ଟ ପିନ୍ଧିବା, ମାଦକ ଦ୍ରବ୍ୟ ଓ ମୋବାଇଲ ଫୋନ ଠାରୁ ଦୂରେଇ ରହିବା, ଗାଡ଼ିର ବେଗ ପ୍ରତି ଦୃଷ୍ଟି ଦେବା ବିଷୟରେ ସତର୍କ ରହିଲେ ସଡକ ଦୁର୍ଘଟଣା ହ୍ରାସ ପାଇବ ବୋଲି ରବିବାର ସଡକ ସୁରକ୍ଷା ସଚେତନତା ଅଭିଯାନ ବେଳେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଅଞ୍ଚଳବାସୀଙ୍କୁ ଅବଗତ କରିଛି। କୁଆଁରମୁଣ୍ଡାର ବିଭିନ୍ନ ସ୍କୁଲ ପିଲା ଓ ସ୍ଥାନୀୟ ଯୁବକମାନଙ୍କୁ ନେଇ ସଡକ ସୁରକ୍ଷା ସଚେତନତା ଅଭିଯାନ କୁଆଁରମୁଣ୍ଡା ତହସିଲ ଛକରୁ ବାହାରି ୧୪୩ ନମ୍ବର ଜାତୀୟ ରାଜପଥର ମେଡିକାଲ ଛକ,ବଜରଙ୍ଗ ଛକ ହୋଇ ଶେଷରେ କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମ ଫାଣ୍ଡି ଅଧିକାରୀ ବିଜୟ କୁମାର ଦେହୁରୀ,ଏଏସଆଇ ଶ୍ରୀନିବାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।



କୁଆଁରମୁଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ଗାଁ,୨।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ମହାକୁଲପଡାରେ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ରାଜେଶ ଲାକ୍ରା(୪୩)। ଏନେଇ ପୋଲିସ ଏକ ମାମଲା ନଂ.୯/୨୬ ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣା ଅନୁଯାୟୀ, ଗତ ୨ଦିନ ତଳେ ରାଜେଶ ନିଖୋଜ ଥିଲେ। ସୋମବାର ପୂର୍ବାହ୍ନରେ ଘର ଠାରୁ କିଛି ଦୂର ନିଛାଟିଆ ସ୍ଥାନରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ସୂଚନା ପାଇ ବଡ଼ଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ହେମଗିର,୨।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟ ପକ୍ଷରୁ ସୋମବାର ଏନ୍‌ଏସ୍‌ଏସ୍‌, ୱାଇଆର୍‌ସି, ଆର୍‌ଟିଓ ସୁନ୍ଦରଗଡ଼ ଓ ବଲିଙ୍ଗା ଫାଣ୍ଡିର ସହାୟତାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ରହି ସଡ଼କ ସୁରକ୍ଷାର ସମସ୍ତ ନୀତିନିୟମ ପାଳନ କରି ନିଜ ତଥା ଅନ୍ୟମାନଙ୍କ ସୁରକ୍ଷା କରିବା ନେଇ ଉଦ୍‌ବୋଧନ ଦେଇଥିଲେ। ଆର୍‌ଟିଓ ସୁନ୍ଦରଗଡ଼ର ମୁକେଶ କୁମାର ମିଶ୍ର ଯୋଗଦେଇ ସଡ଼କ ସୁରକ୍ଷାର ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ। ଏହି ଅବସରରେ ବଲିଙ୍ଗା ଫାଣ୍ଡି ପୋଲିସ ଅଧିକାରୀ ସୁଶୀଲ କୁମାର ବଗର୍ତ୍ତି ଯୋଗଦେଇ ସଡ଼କ ସୁରକ୍ଷାର ନୀତିନିୟମ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନମିତା ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷାକୁ ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରାଲି ବାହାରି ନଗର ପରିକ୍ରମା କରି ସଚେତନ କରାଯାଇଥିଲା। ଏହିଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

## ଭାଜପା ପକ୍ଷରୁ ଜିଲା ଯୋଜନା ବୈଠକ

ସୁନ୍ଦରଗଡ,୨।୩(ଜୟ ନାରାୟଣ ମେଣ୍ଟୁଳି)




ଭାଜପା ପକ୍ଷରୁ ଜିଲା ଯୋଜନା ବୈଠକରେ ଯୋଗ ଦେଇଥିବା ଅତିଥି ଓ ଦଳୀୟ କାର୍ଯ୍ୟକର୍ତ୍ତା।

ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ୨୦୨୬ ପରିପ୍ରେକ୍ଷୀରେ ଜିଲା ଯୋଜନା ବୈଠକ ରବିବାର ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭୋଜପୁର ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ଜାତୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ଉପସଭାପତି ପୁଲିନ ପୁହାଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ କୁଳଦୀପ ସିଂ, ଜିଲା ସାଧାରଣ ସମ୍ପାଦକ ତଥା ପ୍ରଶିକ୍ଷଣ ବର୍ଗର ଜିଲା ସଂଯୋଜକ ଅମୀର ନାଏକ ପ୍ରମୁଖ ଯୋଗଦେଇ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ସ୍ତରୀୟ ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ଗୁଣାତ୍ମକ ସଙ୍ଗଠନ ଦକ୍ଷତା ଓ ବିକାଶ ପାଇଁ ରାଜ୍ୟ ସ୍ତରୀୟ ପ୍ରଶିକ୍ଷକ ମୁଖ୍ୟ ଅତିଥି ଖଟେଇ, ଦୀବଜ୍ୟୋତି ମୁଣ୍ଡ ଏବଂ ସମ୍ମାନିତ ଅତିଥି ପୁହାଣ ଏକାତ୍ମ ମାନବ ଦର୍ଶନ ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ, ବିଚାର ପରିବାର, ରାଷ୍ଟ୍ର ପୁନଃ ନିର୍ମାଣରେ ଭାଜପାର ଅବଦାନ, ବିକଶିତ ଏବଂ ଆତ୍ମନିର୍ଭର ଭାରତ ପାଇଁ ମୋଦୀ ସରକାରଙ୍କ ଯୋଜନା, ଗରିବ କଲ୍ୟାଣକାରୀ ଯୋଜନା, ମିଡିଆ ପରିଚାଳନା, ସୋସିଆଲ ମିଡିଆ ଏବଂ ଏଆଇର ସଠିକ ବ୍ୟବହାର, ନିର୍ବାଚନ ପରିଚାଳନା, ସମନ୍ୱୟ ରକ୍ଷା, କର୍ମକର୍ତ୍ତା ବିକାଶ ଏବଂ ଦାୟିତ୍ୱ ବୋଧ, ରାଜ୍ୟ ସରକାରଙ୍କ ସଫଳତା ଏବଂ ବିରୋଧୀ ଦଳରେ ଥିବା ସମୟର ପ୍ରସଙ୍ଗ ଉପରେ ବିଷଦ ଭାବେ ପ୍ରଶିକ୍ଷଣ ଦେଇଥିଲେ। ଏହି ବୈଠକରେ ଆସନ୍ତା ଏକ ମାସ ମଧ୍ୟରେ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ୨୨ଟି ମଣ୍ଡଳରେ ମଣ୍ଡଳ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ଏକ ଖସଡ଼ା ପ୍ରସ୍ତୁତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ସ୍ତରୀୟ ପ୍ରଶିକ୍ଷକ ମଣ୍ଡଳ ସ୍ତରର ଶତାଧିକ କାର୍ଯ୍ୟକର୍ତ୍ତା ମାନଙ୍କୁ ଉପରୋକ୍ତ ବିଷୟ ବସ୍ତୁ ଉପରେ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ଆୟୋଜନ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶତାଧିକ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ପ୍ରଶିକ୍ଷଣ ଟୋଲୀର ଜିଲା ଓ ମଣ୍ଡଳ ସ୍ତରୀୟ ସଦସ୍ୟ, ବରିଷ୍ଠ ଭାଜପା ନେତା ପ୍ରମୁଖ ଉପସ୍ଥିତ ଥିଲେ।

# ବୃକ୍ଷ ସହ ହୋଲି ଖେଳିଲେ

## ବୁଢାରଜା ଜଙ୍ଗଲରେ ନିଆରା ହୋଲି

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢାରଜା ବନ ସଂରକ୍ଷଣ ସମିତି ପକ୍ଷରୁ ସୋମବାର ପୂର୍ବାହ୍ନରେ ଐତିହାସିକ ବୁଢାରଜା ଜଙ୍ଗଲରେ ପ୍ରତିବର୍ଷ ଭଳି ନିଆରା ଢଙ୍ଗରେ ବୃକ୍ଷମାନଙ୍କ ସହିତ ହୋଲି ଖେଳ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଲି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ତପନ କୁମାର ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି କାର୍ତ୍ତିକ ପ୍ରସାଦ ବହିଦାର କଳସ ସ୍ଥାପନ, ପ୍ରଦୀପ ପ୍ରଜ୍ୱଳନ ସହ ବୈଦିକ ରୀତିରେ ବୃକ୍ଷମାନଙ୍କ ପୂଜାର୍ଚ୍ଚନା ପରେ ହୋଲି ଖେଳ ହୋଇଥିଲା। ବୃକ୍ଷରେ ଅବିର ଲଗା ଯାଇଥିଲା। ଜୀବନ ସାରା ଗଛପତ୍ର, ବୃକ୍ଷଲତା ଉଦ୍ଭିଦ ଜଗତ ପରୋପକାର ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରୁଥିବାରୁ ଆମ୍ଭେ ମାନବ ସମାଜ ଏବଂ ଜୀବଜଗତ ସେମାନଙ୍କଠାରେ ଋଣୀ।


ବୁଢାରଜା ପାହାଡରେ ବୃକ୍ଷକୁ ପୂଜା କରାଯାଇ ହୋଲି ଖେଳାଯାଉଛି।

ବୃକ୍ଷମାନେ ହେଉଛନ୍ତି ଆମର ଜୀବନ। ସେମାନଙ୍କ ବିନା ଆମେ ବଞ୍ଚି ରହିବା ଅସମ୍ଭବ। ତେଣୁ ପବିତ୍ର ହୋଲି ଉତ୍ସବରେ ପ୍ରକୃତିକୁ, ଜଙ୍ଗଲକୁ ଏବଂ ବୃକ୍ଷମାନଙ୍କୁ ସାମିଲ କରିବାକୁ ମହାଭାରତୀୟ ସଂସ୍କୃତି ଆମକୁ ଶିକ୍ଷା ଦେଉଛି ବୋଲି ମୁଖ୍ୟଅତିଥି କାର୍ତ୍ତିକ ପ୍ରସାଦ ବହିଦାର କହିଥିଲେ। ପରିବେଶ ସ୍ୱଚ୍ଛ ରହିଲେ ଯାଇ ଆମ୍ଭେମାନେ ସମସ୍ତେ ସୁସ୍ଥ ରହି ପାରିବା ବୋଲି କହିଥିଲେ। ପ୍ରକୃତିବନ୍ଧୁ ସ୍ୱର୍ଗତ ଋଷି ପାତ୍ର ଆରମ୍ଭ କରିଥିବା ଏହି ପରମ୍ପରା ବିଷୟରେ ସଭାପତି ମୁଣ୍ଡା ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବୁଢାରଜା ଜଙ୍ଗଲରେ ବନ ସଂରକ୍ଷ ସମିତି ପକ୍ଷରୁ ଫଳବୃକ୍ଷ ଚାରା ରୋପଣ କରାଯାଇଥିଲା। ଏହି ଉତ୍ସବରେ ଫୁଲକି ଜାଲ, ବାସନ୍ତି ପୋଢ଼, ସବିତା ପ୍ରଧାନ, ରୀତା ନାୟକ, ସଙ୍ଗୀତା ଅଧିକାରୀ, ତନୁଜା ସେଠୀ, ସୈରେନ୍ଦ୍ରୀ ଶଙ୍କିରୀ, ସନ୍ତୋଷୀ ମୁଣ୍ଡା, ରତିକା ମାହାଲି, ଧାରା ମୁଣ୍ଡା, ପ୍ରଭାସ ମାହାଲି, ସୋନାଲି ମୁଣ୍ଡା ପ୍ରମୁଖ ବୁଢାରଜା ବନ ସଂରକ୍ଷଣ ସମିତି ସଭ୍ୟାସଭ୍ୟ ଏବଂ ପ୍ରକୃତି ପରିବେଶପ୍ରେମୀ ବହୁ ସଂଖ୍ୟାରେ ଯୋଗଦାନ କରି ପରସ୍ପରକୁ ଅବିର ଲଗାଇ ହୋଲି ଶୁଭେଚ୍ଛା ଜଣାଇଥିଲେ। ଶେଷରେ ସମ୍ପାଦକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଠକେଇ: ୩ ଅଭିଯୁକ୍ତ ଗିରଫ

## ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ଏଟିଏମ୍, ପାସବୁକ୍ ଦେଇ ସାଇବର ଠକଙ୍କୁ ସହଯୋଗ

ସମ୍ବଲପୁର, ୨।୩ (ପ୍ରମୋଦ ବହିଦାର)

ସମ୍ବଲପୁର ସାଇବର ପୋଲିସ ସାଇବର ଠକେଇ ମାମଲାରେ ପୁଣି ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ପଠାନବନ୍ଧ ଅଞ୍ଚଳରେ ରହୁଥିବା ସୁବର୍ଣ୍ଣପୁର ଜିଲା ତରଭା ଥାନା ମାଲିଶ୍ରୀଗୁଡ଼ି ଅଞ୍ଚଳର ମୂଳବାସିନ୍ଦା ବିନୋଦ ବିଭାର(୩୧), ବୁର୍ଲା ବସନ୍ତ ବିହାରର ଶରତ କୁସୁମ(୩୧), ଏମ୍‌ସିଏଲ୍ ଆନନ୍ଦ ବିହାର ସୁରକ୍ଷା ବ୍ୟାରେକ୍‌ରେ ରହୁଥିବା ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ନୂଆକେଶେଲା ଗ୍ରାମର ମୂଳବାସିନ୍ଦା ତ୍ରିନାଥ ନାଏକ(୩୦)। ପୋଲିସ ତ୍ରିନାଥ ନାଏକଙ୍କ ନାମରେ ଥିବା ଏକ ଆଇସିଆଇସିଆଇ ବ୍ୟାଙ୍କର ଡେବିଟ୍ କାର୍ଡ ଜବତ କରିଛି। ତେବେ ଅଭିଯୁକ୍ତମାନେ ସାଇବର ଠକମାନଙ୍କୁ ନିଜର ବ୍ୟାଙ୍କ ଆକାଉଣ୍ଟ ଏବଂ ଏଟିଏମ୍ କାର୍ଡ ଜରିଆରେ ବେଆଇନ କାରବାରରେ ସହାୟତା କରିଥିବା ଜଣାପଡିଛି। ଏନେଇ ବୁର୍ଲା ଥାନା ଏସ୍‌ଆଇ ସଞ୍ଜୟ କୁମାର ସାହୁ ଅଭିଯୋଗ କରିବା ପରେ ବୁର୍ଲା ଥାନାରେ ଏକ ମାମଲା(ନଂ.୧୦୩/୨୬) ରୁଜୁ ହୋଇ ତଦନ୍ତ ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ପୋଲିସ ପକ୍ଷରୁ ଅଭିଯାନ କବଚ ଅନ୍ତର୍ଗତ ଦେଶରେ ବୃଦ୍ଧି ପାଉଥିବା ସାଇବର ଠକେଇ ମାମଲାର ଅନୁସନ୍ଧାନବେଳେ ବୁର୍ଲା ଅଞ୍ଚଳର କିଛି ବ୍ୟାଙ୍କ ଆକାଉଣ୍ଟରେ ସନ୍ଦେହଜନକ କାରବାର ହୋଇଥିବା ଜଣାପଡ଼ିଥିଲା। ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲଏବଂ ସମ୍ବଲପୁର ସାଇବର ଥାନାରୁ ପ୍ରାପ୍ତ ଦସ୍ତାବିଜକୁ ଯାଞ୍ଚ କରିବା ପରେ ଅଭିଯୁକ୍ତ ବିନୋଦ, ଶରତ ଏବଂ ତ୍ରିନାଥ ଏହି ସାଇବର ଠକେଇରେ ସାମିଲ ଥିବା ଜଣାପଡ଼ିଥିଲା। ସେମାନେ ନିଜ ବ୍ୟାଙ୍କ ଆକାଉଣ୍ଟର ସମସ୍ତ ବିବରଣୀ ସହିତ ନିଜସ୍ୱ ଏଟିଏମ୍ କାର୍ଡ ଓ ପାସବୁକ୍ ସାଇବର ଅପରାଧୀମାନଙ୍କୁ ହସ୍ତାନ୍ତର କରିଥିଲେ। ଏହି ଆକାଉଣ୍ଟଗୁଡ଼ିକ ମାଧ୍ୟମରେ ସାଇବର ଠକମାନେ ପ୍ରାୟ ୫୬,୫୨୧ ଟଙ୍କାର ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଥିଲା।


ଗିରଫ ୩ ଅଭିଯୁକ୍ତ।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ସହିତ ପ୍ରମୁଖ ଶାସନ ସଚିବଙ୍କ ଆଲୋଚନା

ସମ୍ବଲପୁର, ୨।୩(ବି.ଶଙ୍କର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କର ସହ ସୋମବାର ସନ୍ଧ୍ୟାରେ ଖାରବେଳ ଭବନଠାରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ୧୭ ଦଫା ଦାବିପତ୍ର ଉପରେ ଅବଗତ କରିଥିଲେ। ଉକ୍ତ ଦାବିପତ୍ର ଅନୁସାରେ ଆଉ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ହେବ ନାହିଁ ଏବଂ ଖାଲିଥିବା ପଦବୀଗୁଡିକ ପଦୋନ୍ନତି ଭିତ୍ତିରେ ଯଥାଶୀଘ୍ର ପୂରଣ ହେବା ସ୍ପଷ୍ଟ କରାଯାଇଥିଲା। ଅନ୍ୟ ଦାବିଗୁଡ଼ିକ ସମ୍ପର୍କରେ ସରକାର ଉଚ୍ଚସ୍ତରୀୟ କମିଟିରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରମୁଖ ଶାସନ ସଚିବ ଶର୍ମା ମତବ୍ୟକ୍ତ କରିଥିଲେ। ତେଣୁ ମୋଟାମୋଟି ଭାବେ ସରକାରଙ୍କ ସହିତ ଏହି ଆଲୋଚନା ସକାରାତ୍ମକ ଭାବରେ ହୋଇଥିଲା ବୋଲି ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହି ଆଲୋଚନାରେ କେନ୍ଦୁପତ୍ର ପିସିସିଏଫ୍ ଉମା ନନ୍ଦୁରୀ, ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରେମ କୁମାର ଝା, ଅତିରିକ୍ତ ଶାସନ ସଚିବ ଦେବେନ ପ୍ରଧାନ, ସିସିଏଫ୍ ରଞ୍ଜିତ ମଲ୍ଲିକ, ବନ ଉନ୍ନୟନ ନିଗମର ମାର୍କେଟିଂ ମ୍ୟାନେଜର ମନୋରଞ୍ଜନ ମିଶ୍ର, ଆସିଷ୍ଟାଣ୍ଟ ସହକାରୀ ବନ ସଂରକ୍ଷକ ବିଜୟ କୁମାର ପରିଡ଼ା ଏବଂ ରାଜ୍ୟ ସଂଘ ପକ୍ଷରୁ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା ଏବଂ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ ବୋଲି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜୀତ ମହାନ୍ତି ସୂଚନା ଦେଇଛନ୍ତି।

# 'ଖଣି ହେଉଛି ଦେଶ ବିକାଶର ମେରୁଦଣ୍ଡ'


ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ପକ୍ଷରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର, ୨।୩(ବି.ଶଙ୍କର)

- ଏମ୍‌ସିଏଲ୍‌ର ବାର୍ଷିକ ଖଣି ସୁରକ୍ଷା ପକ୍ଷ
- ପୁରସ୍କାର ବିତରଣ ସମାରୋହ

ଖଣି ମହାନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ରେ ବାର୍ଷିକ ଖଣି ସୁରକ୍ଷା ପକ୍ଷ ୨୦୨୫-୨୬ ସୋମବାର ଉଦ୍‌ଯାପିତ ହେବା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନବାଦ ଡିଜିଏମ୍‌ଏସ୍ ମହାନିର୍ଦ୍ଦେଶକ ତଥା ସିଆଇଏମ୍ ଉଜ୍ଜ୍ୱଳ ତାହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ନିର୍ଦ୍ଦେଶକ କେଶବ ରାଓ (ମାନବ ସମ୍ବଳ), ସିଭିଓ ନିର୍ଦ୍ଦେଶକ ପିକେ ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ବୈଷୟିକ-ଅପରେଶନ୍/ପିଆଣ୍ଡପି) ଏସ୍.କେ. ଝାଙ୍କ ସମେତ ଏରିଆ ଜେନେରାଲ ମ୍ୟାନେଜର, ଭୁବନେଶ୍ୱରୀ ଅଞ୍ଚଳ-୧ ଏବଂ ୨ ଡିଏମ୍‌ଏସ୍ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ତାହ ଏବଂ ଡେପୁଟି ଡିଜିଏମ୍‌ଏସ୍, ଡ. ଶ୍ୟାମ ସୁନ୍ଦର ପ୍ରସାଦ ଦକ୍ଷିଣ ପୂର୍ବ କ୍ଷେତ୍ର ଓ କୋଇଲା ଖଣି ଶ୍ରମିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଖଣି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପରେ ସର୍ବୋତ୍ତମ ସୁରକ୍ଷା ଅଭ୍ୟାସ ପ୍ରଦର୍ଶନ କରୁଥିବା ପ୍ରଦର୍ଶନୀଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ସୁରକ୍ଷା କ୍ଷେତ୍ରରେ କ୍ରମାଗତ ଭଲ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥି ତାହ ଏମ୍‌ସିଏଲ୍‌କୁ ପ୍ରଶଂସା କରିଥିଲେ। ସେ ଆହୁରି କହିଥିଲେ, ଖଣି ହେଉଛି ଦେଶ ବିକାଶର ମେରୁଦଣ୍ଡ। ପ୍ରତିକ୍ରିୟାଶୀଳ ସୁରକ୍ଷା ଅଭ୍ୟାସରୁ ପୂର୍ବାନୁମାନ ଓ ପ୍ରଯୁକ୍ତିବିଦ୍ୟା ପରିଚାଳିତ ସୁରକ୍ଷା ପରିଚାଳନାକୁ ଏମ୍‌ସିଏଲ୍‌ର ପରିବର୍ତ୍ତନ କୋଇଲା କ୍ଷେତ୍ରରେ ମାନଦଣ୍ଡ ସ୍ଥାପନ କରିଛି। ଏମ୍‌ସିଏଲ୍ ସିଏମଡି କାଓଲେ କହିଥିଲେ, ସୁରକ୍ଷା କେବଳ ଅନୁପାଳନ ଦ୍ୱାରା ନୁହେଁ ବରଂ ଦୃଢ଼ ବିଶ୍ୱାସ, ଦକ୍ଷତା, ସମନ୍ୱୟ ଏବଂ ନିରନ୍ତର ସତର୍କତା ଦ୍ୱାରା ହାସଲ କରାଯାଇଥାଏ । ଏହି ସମାରୋହରେ ୧୯ଟି ବିଭିନ୍ନ ବର୍ଗରେ ୧୧୨ରୁ ଅଧିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଯେଉଁଥିରେ ବିଭିନ୍ନ ଖଣି କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହିଅବସରରେ ଏନ୍‌ଟିପିସି, ଏନ୍‌ଏଲ୍‌ସିଆଇଏଲ୍ ଓସିପିଏଲ୍, ବେଦାନ୍ତ, ନାଲ୍‌କୋ, ଜେଏସ୍‌ପିଏଲ୍ ଏବଂ ଏସ୍‌ସିସିଏଲ୍‌ର ପ୍ରତିନିଧି, କେନ୍ଦ୍ର ପ୍ରତିନିଧି, ସୁରକ୍ଷା ବୋର୍ଡ ସଦସ୍ୟ, ବିଭାଗୀୟ ମୁଖ୍ୟ, ଏମ୍‌ସିଏଲ୍‌ର କର୍ମଚାରୀମାନେ ଖଣି ସୁରକ୍ଷା ଏବଂ ନବସୃଜନ ପ୍ରତି ଉତ୍ସର୍ଗୀକୃତ ଉତ୍ସବ ପାଳନ କରିଥିଲେ। ସମସ୍ତ ଖଣି/ପ୍ରକଳ୍ପ, କେନ୍ଦ୍ରୀୟ କର୍ମଶାଳା, ସବ୍‌ଷ୍ଟେଶନ, ଜିଡିସିସି, କନ୍‌ଷ୍ଟ୍ରାକ୍ଟର ପ୍ରତିଷ୍ଠାନ, କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଏମ୍‌ସିଏଲ୍‌ର କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆୟୋଜିତ ହୋଇଥିଲା।

# ସ୍ତ୍ରୀଙ୍କ ଫଟୋକୁ ଅନ୍ୟସହ ଯୋଡ଼ି ସୋସିଆଲ ମିଡିଆରେ ଭାଇରାଲ: ସ୍ୱାମୀ ଗିରଫ

ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)

ଯୁଗଯୁଗ ଧରି ସମାଜରେ ରାଗ, ରୋଷ, ଈର୍ଷା, ହିଂସା ଓ ପ୍ରତିଶୋଧ ଆଦି ଲାଗି ରହିଛି। ମାତ୍ର ପ୍ରତିଶୋଧ ପାଇଁ ସ୍ତ୍ରୀଙ୍କ ଫଟୋକୁ ଏଡିଟ୍ କରିବା ସହ ପର ପୁରୁଷଙ୍କ ଫଟୋ ସହିତ ଯୋଡି ସୋସିଆଲ ମିଡିଆରେ ଭାଇରାଲ କରିବା ଭଳି ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଞ୍ଚଳରେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, କୁଣ୍ଢେଇଗୋଳା ଥାନା ଅଧୀନ ଏକ ଗ୍ରାମର ଜଣେ ଯୁବକ କିଛିବର୍ଷ ପୂର୍ବେ ସେହି ଗ୍ରାମର ଜଣେ ଯୁବତୀଙ୍କୁ ପାରମ୍ପରିକ ରୀତିନୀତିରେ ବିବାହ କରିଥିଲେ। ଇତିମଧ୍ୟରେ ସେମାନଙ୍କର ସନ୍ତାନସନ୍ତତି ରହିଛନ୍ତି। ତେବେ ସ୍ୱାମୀ ଜଣକ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ପାଟିତୁଣ୍ଡ କରିବା ସହ ବିଭିନ୍ନ ସମୟରେ ମାଡ ମାରୁଥିଲେ। ଏହି କ୍ରମରେ ସନ୍ଦେହୀ ସ୍ୱାମୀଙ୍କୁ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକେ ଯେତେ ବୁଝାଇଲେ ମଧ୍ୟ ସେ ସ୍ତ୍ରୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ ତା'ର ଅଭିଯୋଗରେ ସତ୍ୟତା ରହିଥିବା ପ୍ରମାଣ କରିବାକୁ ଚାହୁଁଥିଲେ। ଫଳରେ ସ୍ତ୍ରୀ ଅତିଷ୍ଠ ହୋଇ ନିଜ ବାପଘରକୁ ଚାଲିଯାଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସ୍ୱାମୀ ଗତ ୨୭ ତାରିଖରେ ଶଶୁର ଘରକୁ ଯାଇ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହାପରେ ଘରକୁ ଆସି ବଦ୍‌ନାମ୍ କରିବା ପାଇଁ ସେ ଅନ୍ୟ ଜଣେ ପୁରୁଷଙ୍କ ଫଟୋ ଏଡିଟ କରି ନିଜ ସ୍ତ୍ରୀଙ୍କର ନଗ୍ନ ଫଟୋକୁ ତାଙ୍କ ଫଟୋ ସହିତ ଯୋଡି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏନେଇ ପୀଡିତା ସ୍ତ୍ରୀ କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ଘାଟିରେ ଓଲଟିଲା ପାଉଡ଼ର ବୋଝେଇ ଟ୍ରକ୍

କୋକସରା, ୨।୩ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି - ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଏପି୧୬ଟିଜେ-୧୮୭୭ ନମ୍ବରର ଏକ ପାଉଡର ବୋଝେଇ ଟ୍ରକ୍ ଓଲଟି ପଡିଛି। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିଜୟୱାଡାରୁ ପାଉଡର ବୋଝେଇ ହୋଇଥିବା ଟ୍ରକ୍ ଆସାମ ଅଭିମୁଖେ ଯାଉଥିଲା। ଦୁର୍ଘଟଣା ପରେ ଗାଡ଼ିର ଆଗପଟ ଭାଙ୍ଗି ଚୁରମାର ହୋଇଯାଇଛି। ଆହତ ଚାଳକ ଓ ହେଲପରଙ୍କୁ ଆମପାଣି ମେଡିକାଲରେ ଭର୍ତ୍ତି କରାଯାଇଛି। ଆମପାଣି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ



ଟିକାକରଣ ଅଭିଯାନର ଶୁଭାରମ୍ଭ କରାଯାଉଛି।

ରେଢ଼ାଖୋଲ, ୨।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ସୋମବାର କିଶୋରୀଙ୍କ ପାଇଁ ଉଦ୍ଦିଷ୍ଟ ଏଚ୍‌ପିଭି ଟୀକା କରଣର ଶୁଭାରମ୍ଭ ହୋଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ବ୍ୟାସଦେବ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଟୀକା କରଣ କାର୍ଯ୍ୟକ୍ରମକୁ ଉପଜିଲାପାଳ ତଥା ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ରଶ୍ମି ରଞ୍ଜନ ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବାରମ ସାହୁ ଯୋଗଦେଇଥିଲେ। ଏହି ଟୀକା ୧୪ବର୍ଷରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ଟୀକାକରଣ କରାଯିବ। ଏହାଦ୍ୱାରା ଆଗାମୀ ଦିନରେ ଜରାୟୁ କର୍କଟ ରୋଗୁ ରୋକା ଯାଇ ପାରିବ ବୋଲି ମତପ୍ରକାଶ ପାଉଛି। ପ୍ରଥମ ଦିନରେ ଉପଖଣ୍ଡ ଡାକ୍ତରଖାନାରେ ୪ ଜଣ କିଶୋରୀଙ୍କୁ ଟୀକାକରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡାକ୍ତର ଅଂଶୁମାନ କର ସଂଯୋଜନା କରିଥିଲେ।

# ବୃଦ୍ଧଙ୍କୁ ଦଳିମାରିଲା ହାତୀ

ଭବାନୀପାଟଣା, ୨।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବାଗପୁର ଗ୍ରାମର ଗଣ୍ଡି ମାଝୀ (୬୧)ଙ୍କୁ ଦନ୍ତା ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସବୁଦିନ ଭଳି ସେ ସକାଳୁ ଗାଁ ମୁଣ୍ଡରେ ଥିବା ଜମିରେ କାମ କରୁଥିଲେ। ଏହି ସମୟରେ ହାତୀ ନିକଟସ୍ଥ ଜଙ୍ଗଲରୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ବାଗପୁର ସରପଞ୍ଚ ଗୋପାଳ ହାତୀ, ଫରେଷ୍ଟର ଭବାନୀ ନାଏକ ଓ କର୍ମଚାରୀ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଥିଲା।

# ରେଳ ମଣ୍ଡଳର ସେବା ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ


ବୈଠକରେ ରେଳ ପ୍ରବନ୍ଧକ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରୁଛନ୍ତି।

ସମ୍ବଲପୁର, ୨।୩(ପ୍ରମୋଦ ବହିଦାର)

ସେବା ସଂକଳ୍ପ ପ୍ରସ୍ତାବ ଭାରତୀୟ ରେଳପଥର କାର୍ଯ୍ୟଦକ୍ଷତା ଓ ଦେଶପ୍ରତି ଉତ୍ସର୍ଗୀକୃତ ସେବା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ସହାୟକ ହେବ। କେନ୍ଦ୍ର କ୍ୟାବିନେଟ ଦ୍ୱାରା ସେବା ସଂକଳ୍ପ ପ୍ରସ୍ତାବ ଗ୍ରହଣ ଅବସରରେ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ସଭାକକ୍ଷରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଅଧ୍ୟକ୍ଷତା କରି ଏହା କହିଛନ୍ତି। ଉପସ୍ଥିତ ଅଧୀକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରି ଚୌଧରୀ କହିଥିଲେ, ସେବା ହେଉଛି ଭାରତୀୟ ରେଳବାଇର ଆତ୍ମା। ଯାହା ଉପନିବେଶୀୟ ଯୁଗର ପ୍ରଶାସନିକ ମନୋଭାବକୁ ପରିତ୍ୟାଗ କରି ଭାରତୀୟ ମୂଲ୍ୟବୋଧ ଆଧାରିତ ଶାସନ ପ୍ରଣାଳୀକୁ ଅଙ୍ଗୀକାର କରିବା ଦିଗରେ ରେଳବାଇର ପ୍ରୟାସକୁ ପ୍ରତିଫଳିତ କରେ। ବୈଠକରେ ବିଭାଗର ଶାଖା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଉକ୍ତ ସଂକଳ୍ପକୁ ନେଇ ସମ୍ବଲପୁର ମଣ୍ଡଳର ପ୍ରତିବଦ୍ଧତାକୁ ଆନୁଷ୍ଠାନିକ ଭାବରେ ପାଠ କରାଯାଇ ପାରଦର୍ଶିତା, କାର୍ଯ୍ୟକୁଶଳତା, ଦାୟିତ୍ୱବୋଧ ଓ ନାଗରିକ କୈନ୍ଦ୍ରିକ ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ପ୍ରାକୃତିକ ସମ୍ପଦ ଲୁଟ ଆଗାମୀ ପିଢ଼ି ପାଇଁ ବିପଦ

## ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା

ସମ୍ବଲପୁର, ୨।୩(ପ୍ରମୋଦ ବହିଦାର)

ବିକାଶ ନାମରେ ଓଡ଼ିଶାର ପ୍ରାକୃତିକ ସମ୍ପଦ ହରିଲୁଟ୍ ଆଗାମୀ ପୀଢ଼ି ପାଇଁ ବଡ଼ ବିପଦ। ଓଡ଼ିଶାର ଜଳ, ଜଙ୍ଗଲ ଏବଂ ଜମି ଭଳି ବହୁମୂଲ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା ଉଦ୍ଦେଶ୍ୟରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା ବୋଲି ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ କୁମାର ସାମନ୍ତରା କହିଛନ୍ତି। ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ(ଏନ୍‌ଏପିଏମ୍) ଓଡ଼ିଶା ଶାଖା ପକ୍ଷରୁ ଗତ ଫେବୃଆରୀ ୨୫ରୁ ଆରମ୍ଭ ହୋଇଥିବା ୨୧ଦିନିଆ ପଦଯାତ୍ରା ସୋମବାର ସମ୍ବଲପୁରରେ ପହଞ୍ଚିବା ପରେ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରେଇପାଲିସ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଅପରାହ୍ନରେ ଆୟେଜିତ ସମ୍ବର୍ଦ୍ଧନା ସଭାରେ ସାମନ୍ତରା କହିଛନ୍ତି, ରାଜ୍ୟର ବିଭିନ୍ନ ଜିଲା ପରିକ୍ରମା କରି ଲୋକଙ୍କୁ ସଚେତନ କରିବ ଅଭିଯାନ ସହିତ ଜନ ଆନ୍ଦୋଳନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରୁଛି। ଏହି ଅଭିଯାନରେ ଗନ୍ଧମାର୍ଦନ ବଞ୍ଚାଅ ଆନ୍ଦୋଳନ ଓ ବାଲିଆପାଳ ଆନ୍ଦୋଳନ ଭଳି ଐତିହାସିକ ସଂଗ୍ରାମ ହୋଇଥିବା ଅଞ୍ଚଳଗୁଡ଼ିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଅନ୍ୟତମ ସଦସ୍ୟ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଛନ୍ତି, ଖଣିଜ ସମ୍ପଦର ଅତ୍ୟଧିକ ଉତ୍ତୋଳନ ଓ ଦ୍ରୁତ ଶିଳ୍ପାୟନ କେବେ ବି ପ୍ରକୃତ ବିକାଶ ହୋଇପାରିବ ନାହିଁ। ଏହାଦ୍ୱାରା କେବଳ ଜଙ୍ଗଲ ଧ୍ୱଂସ ହେବା ଫଳରେ ନଦୀଗୁଡିକର ଅବସ୍ଥା ସଙ୍କଟାପନ୍ନ ହେବା ସହ ଜଳବାୟୁ ପରିବର୍ତ୍ତନର ବିପଦ ବଢୁଛି। ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ରଖିଥିବା ବେଳେ, ସେ ଖଣି ଭିତ୍ତିକ ଶିଳ୍ପ ପରିବର୍ତ୍ତେ କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପାୟନ ଭଳି ଏକ ବିକଳ୍ପ ବିକାଶର ମଡେଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା କୃଷକ ସୁରକ୍ଷା ସମନ୍ୱୟ ସମିତି ଜିଲା ସଭାପତି ବ୍ୟୋମକେଶ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପଶ୍ଚିମ ଓଡ଼ିଶା କୃଷକର ସୁରକ୍ଷା ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସରୋଜନ ପ୍ରଗତିଶୀଳ ନାଗରିକ ମଞ୍ଚର ଟୁମନ୍ ପ୍ରଧାନ ଲୋକ ଅଧିକାର ଯାତ୍ରାରେ ସାମିଲ ସାମନ୍ତରା, ଗାନ୍ଧୀବାଦୀ ନେତା ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡା. ବିଶ୍ୱଜିତ୍, ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ, ସାଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ସୁଶାନ୍ତ ମହାନ୍ତି, ରାଜୀବ କୁମାର, ସର୍ବେଶ୍ୱର ସାହୁ, ସୁକାନ୍ତ ପ୍ରଧାନ, ବିଜୟ ସିଙ୍ଘ, ଯୁବ ଗାନ୍ଧୀବାଦୀ ସୂର୍ଯ୍ୟ ନାରାୟଣ ନାଥ, ଲଳିତ ମୋହନ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଲୋକ ଅଧିକାର ଯାତ୍ରା ଦଳ ସଦସ୍ୟଙ୍କୁ ବରେଇପାଲି ଆର୍‌ଏମ୍‌ସିରେ ସ୍ୱାଗତ କରାଯାଉଛି।

# ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଖେଳି ପାରିବେନି ସିନ୍ଧୁ

**ବର୍ମିଂହାମ୍, ୨।୩ (ପି.ଟି.)**

ଇରାନ ଉପରେ ଆମେରିକା ଓ ଇସ୍ରାଏଲ ର ଆକ୍ରମଣକୁ ନେଇ ବର୍ତ୍ତମାନ ଉପସାଗରୀୟ ଅଞ୍ଚଳରେ ରହିଥିବା ଦେଶଗୁଡ଼ିକର ଆକାଶମାର୍ଗରେ ପାଇଁ ବିମାନଚଳାଚଳକୁ ବନ୍ଦ ରଖାଯାଇଥିବାରୁ ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଶନିବାରଠାରୁ ଦୁବାଇରେ ଅଟକି ରହିଛନ୍ତି। ଫଳରେ ସେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଭାଗ ନେଇପାରିବେନି। ତେହେରାନର ପ୍ରତିଆକ୍ରମଣରେ ସିନ୍ଧୁ ଓ ତାଙ୍କ ଇଣ୍ଡୋନେଶୀୟ କୋଚ୍ ଇରାୱାନସ୍ୟା ଆଦି ପ୍ରତାମାଙ୍କ ସମେତ ତାଙ୍କ ଦଳ ଯେଉଁଠାରେ ଅବସ୍ଥାନ କରୁଥିଲେ ସେଠାରେ ଏକ ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରବର୍ତ୍ତୀ କାଳରେ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଭାରତର ଷ୍ଟାର ଖେଳାଳି ସିନ୍ଧୁ ଓପନିଂ ରାଉଣ୍ଡରେ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗଙ୍କ ସହିତ ମୁକାବିଲା କରିଥାନ୍ତେ। ମାତ୍ର ଦୁବାଇର ଆକାଶମାର୍ଗ ଓ ବିମାନବନ୍ଦରକୁ ବର୍ତ୍ତମାନ ପରିସ୍ଥିତିରେ ବନ୍ଦ କରିଦିଆଯାଇଥିବାରୁ ସେ ଟୁର୍ନାମେଣ୍ଟରୁ ଓହରିଯିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସାମ୍ପ୍ରତିକ ପରିସ୍ଥିତି ଉପରେ ନଜର ରଖିଛି। ଅନ୍ୟପକ୍ଷରେ ଭାରତର ଅନ୍ୟ କେତେଜଣ ବ୍ୟାଡ୍‌ମିଣ୍ଟନ ଖେଳାଳି ବିକଳ୍ପ ଆକାଶପଥ ସିଙ୍ଗାପୁର ଓ ଆଫ୍ରିକା ବାଟ ଦେଇ ବର୍ମିଂହାମଠାରେ ପହଞ୍ଚିଛନ୍ତି। ଭାରତର ଶୀର୍ଷ ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଉଦୀୟମାନ ଯୁବ ଖେଳାଳି ଆୟୁଷ ଶେଟ୍ଟି ଗସ୍ତକାଳୀନ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନାହାନ୍ତି। ଲକ୍ଷ୍ୟ ବିଶ୍ୱର ନମ୍ବର-୧ ଚାଇନାର ଶି ୟୁ କ୍ୱିଙ୍କୁ ଭେଟିବାକୁ ଥିବା ବେଳେ ଆୟୁଷ ତାଙ୍କ ଓପନିଂ ରାଉଣ୍ଡରେ ଇଣ୍ଡୋନେସିଆର ଅଲୱି ଫରହାନଙ୍କ ସହ ମୁକାବିଲା କରିବେ। ମହିଳା ସିଙ୍ଗଲ୍ସରେ ମାଳବିକା ବନସୋଡ୍ ଟୋକିଓ ଅଲିମ୍ପିକ୍ସ ଚାମ୍ପିୟନ ଚାଇନାର ଚେନ୍ ୟୁଫେଇଙ୍କ ସହ ଖେଳିବେ। ଉନ୍ନତି ହୁଡାଙ୍କ ବିମାନ ରବିବାର ବାତିଲ ହୋଇଯିବାରୁ ସେ ଆଫ୍ରିକା ବାଟ ଦେଇ ଗସ୍ତ କରିଛନ୍ତି। ସେ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ତଥା ୮ମ ସିଡ୍ ପର୍ନପାୱି ଚୋଚୁୱଙ୍ଗଙ୍କ ସହ ମୁକାବିଲା କରିବେ। ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନମ୍ବର-୧ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଓପନିଂ ରାଉଣ୍ଡରେ ମାଲେସିଆର କାଙ୍ଗ ଖାଇଜିଙ୍ଗ୍ ଓ ଆରୋନ ଚାଇଙ୍କୁ ଭେଟିବେ। ମହିଳା ଡବଲ୍ସରେ ଭାଗ ନେଇଥିବା ଭାରତୀୟ ଯୋଡ଼ି ହେଲେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ। ମିକ୍ସଡ ଡବଲ୍ସରେ ଭାରତର ଦୁଇ ଯୋଡ଼ି ଧ୍ରୁବ କାପିଲା ଓ ତନିଶା କାଷ୍ଟ୍ରୋ ଏବଂ ରୋହନ କପୁର ଓ ରତ୍ୱିକା ଶିବାନୀ ଭାଗ ନେଉଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ଖେଳାଳି ଭାବେ କେବଳ ପ୍ରକାଶ ପାଦୁକୋନ୍ (୧୯୮୦) ଓ ପୁଲେଲା ଗୋପୀଚାନ୍ଦ (୨୦୦୧) କେବଳ ଅଲ୍ ଇଂଲଣ୍ଡ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଏମାନଙ୍କ ବ୍ୟତୀତ କେବଳ ସାଇନା ନେହ୍ୱାଲ (୨୦୧୫ ରନରଅପ୍) ଏବଂ ଲକ୍ଷ୍ୟ ସେନ୍ (୨୦୨୨ ରନର-ଅପ୍) ଟାଇଟଲ ନିକଟତର ହୋଇପାରିଛନ୍ତି।


ପି.ଭି. ସିନ୍ଧୁ

**ଫୁଟ୍‌ବଲ ବିଶ୍ୱକପ୍**

## ଇରାନର ଅଂଶଗ୍ରହଣ ନେଇ ସନ୍ଦେହ

**ତେହେରାନ, ୨।୩ (ଏପି)**

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକସ୍ମିକ ବୋମାମାଡ଼ ପରେ ଫିଫା ବିଶ୍ୱକପ୍‌ରେ ଇରାନର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଦେଶର ଫୁଟ୍‌ବଲ ମହାସଂଘ ସଭାପତି ମେହଦି ତାଜ୍ ପ୍ରକାଶ କରିଛନ୍ତି। ବିଶ୍ୱକପ୍‌ରେ ଇରାନକୁ ଗ୍ରୁପ୍ 'ଜି'ରେ ସ୍ଥାନ ମିଳିଛି। ଦଳ ଜୁନ୍ ୧୫ ଓ ୨୧ରେ ଯଥାକ୍ରମେ ଇଙ୍ଗଲଉଡ୍ ଓ କାଲିଫର୍ନିଆରେ ନ୍ୟୁଜିଲାଣ୍ଡ ଓ ବେଲଜିୟମକୁ ଭେଟିବ। ଦଳ ଗ୍ରୁପ୍‌ରେ ଏହାର ଶେଷ ମ୍ୟାଚ ଜୁନ୍ ୨୬ରେ ସିଟେଲଠାରେ ଇଜିପ୍ଟକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ କାନାଡା ଓ ମେକ୍ସିକୋ ସହିତ ଆମେରିକା ମିଳିତ ଭାବେ ଟୁର୍ନାମେଣ୍ଟର ଅୟୋଜନ କରିବାକୁ ଯାଉଛନ୍ତି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ଇରାନ ସମର୍ଥକମାନଙ୍କୁ ଆମେରିକା ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ବିଶ୍ୱକପ୍‌ରେ ଇରାନର ଅଂଶଗ୍ରହଣକୁ ନେଇ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ତରଫରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ।

# ବିଶ୍ୱଜିତଙ୍କୁ ୬ ଉଇକେଟ, ଭୁବନେଶ୍ୱର 'ବି' ବିଜୟୀ

**କଟକ, ୨।୩(କୁମାରଶ୍ରୀ)**

ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ସୋମବାର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୭ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ମାତ୍ର ୧୪୦ରନରେ ଅଲଆଉଟ ହୋଇଥିଲା। ଶୁଭମ ନାଏକ ୫୦ରନର ସଂଘର୍ଷପୂର୍ଣ୍ଣ

**କଳାହାଣ୍ଡି କପ୍**

ଇନିଂସ ଖେଳିଥିଲେ। ଭୁବନେଶ୍ୱର-ବି ପକ୍ଷରୁ ଡାହାଣହାତୀ ଅଫ ସ୍ପିନର ବିଶ୍ୱଜିତ ମଲ୍ଲିକ ୧୭ରନ ବିନିମୟରେ ୬ଟି ଉଇକେଟ ଦଖଲ କରି ମୟୂରଭଞ୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସିଦ୍ଧାନ୍ତ ଜେନାଙ୍କ ୫୪ରନ ସହାୟତାରେ ୨୧ତମ ଓଭରରେ ଭୁବନେଶ୍ୱର-ବି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୬ ଉଇକେଟ ସଫଳତା ପାଇଥିବା ବିଶ୍ୱଜିତଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ କଟକ-ଏ ୧୦ ଉଇକେଟରେ ରାୟଗଡାକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡା ୮୫ରନରେ ଅଲଆଉଟ ହୋଇଥିଲା। ଶୁଭମ ନାୟକ ୨୫ରନ ବ୍ୟୟ କରି ୫ ଉଇକେଟ ଦଖଲ କରିଥିଲେ। ରାମଚନ୍ଦ୍ର ବେହେରା ୪୮ରନର ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ ଭଦ୍ରକ ୬ ଉଇକେଟରେ ପୁରୀକୁ, ଅନୁଗୋଳ ୧୦୪ରନରେ ବରଗଡକୁ, ବାଲେଶ୍ୱର ୬ ଉଇକେଟରେ ନୂଆପଡାକୁ, କଳାହାଣ୍ଡି ୩୧ରନରେ ରାଉରକେଲାକୁ, କେନ୍ଦୁଝର ୧୦୯ରନରେ କନ୍ଧମାଳକୁ, କିଟ୍ ୭୯ରନରେ ପାରାଦୀପକୁ, ଝାରସୁଗୁଡା ୯ ଉଇକେଟରେ ଗଜପତିକୁ ପରାସ୍ତ କରିଛି।


ବିଶ୍ୱଜିତ ମଲ୍ଲିକ: ୬/୧୭।

# ସାମସନଙ୍କ ୯୭* ଭଳି ଦୁବେଙ୍କ ୨ ଚୌକା ଗୁରୁତ୍ୱପୂର୍ଣ୍ଣ: ଗମ୍ଭୀର

**କୋଲକାତା, ୨।୩**

ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମତରେ ଏକ ଦଳୀୟ ସ୍ପୋର୍ଟ୍ସରେ ଛୋଟ ହେଉ କି ବଡ଼ ପ୍ରତ୍ୟେକ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଭାରତୀୟ କ୍ରିକେଟରେ ଦୀର୍ଘ ବର୍ଷ ହେଲା ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ଶିବମ ଦୁବେ ୧୯ତମ ଓଭରରେ ଦୁଇଟି ଚୌକା ମାରି ନ ଥାନ୍ତେ, କେହି ସଞ୍ଜୁ ସାମସନଙ୍କ ୯୭ ରନର ମ୍ୟାଚ୍ ବିଜୟୀ ଇନିଂସ ସମ୍ପର୍କରେ ଆଲୋଚନା କରି ନ ଥାନ୍ତେ ବୋଲି ଗମ୍ଭୀର କହିଛନ୍ତି। ବର୍ତ୍ତମାନ ସେ ନିଜେ କୋଚ୍ ଥିବାରୁ ପ୍ରତ୍ୟେକ ଯୋଗଦାନକୁ ସମ୍ମାନ ଦିଆଯିବ।

'ଖୁସିର ବିଷୟ ଯେ, ସମସ୍ତେ ପ୍ରତ୍ୟେକ ଯୋଗଦାନ ସମ୍ପର୍କରେ ଆଲୋଚନା କରୁଛନ୍ତି। କାରଣ ଦୀର୍ଘ ବର୍ଷ ହେଲା ଆମେ କେବଳ କିଛି ନିର୍ଦ୍ଦିଷ୍ଟ ଯୋଗଦାନ ଉପରେ ଚର୍ଚ୍ଚା କରୁଛୁ। କ୍ରିକେଟ ଏକ ଦଳୀୟ ସ୍ପୋର୍ଟ୍ସ ଏବଂ ଏହା ସର୍ବଦା ଏକ ଦଳୀୟ ସ୍ପୋର୍ଟ୍ସ ହୋଇ ରହିବ। ମୋ ପାଇଁ ଦୁବେଙ୍କ ଦୁଇଟି ଚୌକା ସାମସନଙ୍କ ୯୭ ରନର ଇନିଂସ ସହ ସମାନ। କାରଣ ଯଦି ସେ ୧୯ତମ ଓଭରରେ ଦୁଇଟି ଚୌକା ମାରି ନ ଥାନ୍ତେ, ତେବେ କେହି ବି ୯୭ ରନର ମ୍ୟାଚ୍ ବିଜୟୀ ଇନିଂସ ସମ୍ପର୍କରେ କଥା ହୋଇ ନ ଥାନ୍ତେ। ବଡ଼ ଯୋଗଦାନ ଦେଇଥିବା ଖେଳାଳିଙ୍କୁ ହେଡ୍‌ଲାଇନରେ ସ୍ଥାନ ମିଳେ। କିନ୍ତୁ ଦଳକୁ ଜିତିବାରେ ସହଯୋଗ କରୁଥିବା ଛୋଟ ଛୋଟ ଯୋଗଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯେଉଁ ପର୍ଯ୍ୟନ୍ତ ମୁଁ ଦଳ ସହିତ ଅଛି, ଏହା ହିଁ ଦଳର ଦର୍ଶନ ହେବ' ବୋଲି ଗମ୍ଭୀର ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାବାଦ୍ ସେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ସମ୍ପର୍କରେ ପ୍ରକାଶ କରିଛନ୍ତି, ଇଂଲଣ୍ଡ ଏକ ବିଶ୍ୱ ସ୍ତରୀୟ ଦଳ। ସେମାନଙ୍କ ପାଖରେ ଖୁବ କ୍ୱାଲିଟି ଖେଳାଳି ରହିଛନ୍ତି। ଆମ ସମସ୍ତଙ୍କୁ ଜଣା ୱାଙ୍ଖେଡେ ଭେନ୍ୟୁ କେତେ କଷ୍ଟକର। ଆଶା କରୁଛି, ଆମେ ଭଲ ପ୍ରଦର୍ଶନ କରିବୁ। ଦେଶ ପାଇଁ କିଛି ସ୍ପେଶାଲ କରିବାର ଆମ ପାଖରେ ସୁଯୋଗ ରହିଛି। ଆମେ ମ୍ୟାଚ୍‌ରେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବୁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ।


ସଞ୍ଜୁ ସାମସନଙ୍କ ସହ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅନ୍ୟମାନେ।

## ଏସ୍‌ଜେଏଫ୍‌ଆଇ ଜାତୀୟ ସମ୍ମିଳନୀ ୧୩ରୁ

**ନୂଆଦିଲ୍ଲୀ, ୨।୩**

ମାର୍ଚ୍ଚ ୧୩ରୁ ୧୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଜାତୀୟ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହେବ। ଦୀର୍ଘ ୨୩ ବର୍ଷ ପରେ ଏହି ମର୍ଯ୍ୟାଦାଜନକ ବାର୍ଷିକ ସମ୍ମିଳନୀ ଦେଶର ରାଜଧାନୀରେ ହେବାକୁ ଯାଉଛି। ଦିଲ୍ଲୀ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଡିଏସ୍‌ଜେଏ) ଦ୍ୱାରା ଆୟୋଜିତ ଏହି ଜାତୀୟ ସମ୍ମିଳନୀ ଅବସରରେ ଏସ୍‌ଜେଏଫ୍‌ଆଇର ସୁବର୍ଣ୍ଣ ଜୟନ୍ତୀ ମଧ୍ୟ ପାଳିତ ହେବ। ଏସ୍‌ଜେଏଫ୍‌ଆଇ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଏହି ସମ୍ମିଳନୀରେ ଉତ୍ତର, ପୂର୍ବ, ପଶ୍ଚିମ ଓ ଦକ୍ଷିଣାଞ୍ଚଳର କ୍ରୀଡ଼ା ଖବରଦାତାମାନେ ଯୋଗ ଦେବେ। ଭାରତୀୟ କ୍ରୀଡ଼ା, ପ୍ରଶାସନ ଓ ବ୍ରଡକାଷ୍ଟିଂର ପ୍ରତିଷ୍ଠିତ ବ୍ୟକ୍ତିତ୍ୱଗଣ ମଧ୍ୟ ଯୋଗଦେବେ। ଏହି ଇଭେଣ୍ଟ ଆୟୋଜନ ପାଇଁ ଦିଲ୍ଲୀ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏହାର ସଭାପତି ଅଭିଷେକ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଖରାପ ପ୍ରଦର୍ଶନ ପାଇଁ ପାକ୍ ଖେଳାଳିଙ୍କୁ ଜରିମାନା କରାଯିବ

**କରାଚୀ, ୨।୩(ପି.ଟି.)**

**ଟି୨୦ ବିଶ୍ୱକପ୍**

ଚଳିତ ଟି୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳର ଖେଳାଳିଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ଦେଶର କ୍ରିକେଟ ବୋର୍ଡ ଚିନ୍ତା କରୁଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଖେଳାଳିଙ୍କ ଦରମା କାଟ କରିବାକୁ ନିଷ୍ପତ୍ତି ନେଇଥିବା ରିପୋର୍ଟରେ କୌଣସି ସତ୍ୟତା ନାହିଁ। ଭାରତ ଓ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରୁ ପାକିସ୍ତାନ ବିଦାୟ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଚିନ୍ତା କରାଯାଉଛି। ଏ ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୋଇ ନାହିଁ। କିନ୍ତୁ ହଁ ଖେଳାଳିଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବାର ସମ୍ଭାବନା ରହିଛି। ଖେଳାଳିଙ୍କୁ ଜରିମାନା କରାଯିବା ଉଚିତ ହେବ କି ନାହିଁ, ତାହା ଉପରେ ଚର୍ଚ୍ଚା ହେଉଛି। ଏହି ଖେଳାଳିଙ୍କୁ ବହୁତ ସମର୍ଥନ ଦିଆଯାଇଥିଲା। ତଥାପି ସେମାନେ ଦେଶର ମୁଣ୍ଡକୁ ନୁଆଁଇ ଦେଇଛନ୍ତି। ପାକିସ୍ତାନ ସେମିଫାଇନାଲକୁ ଉନ୍ନୀତ ହେବାରେ ବିଫଳ ହେବା ସହ ଭାରତ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳଠାରୁ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ସୁପର-୮ ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିବା ବେଳେ ପାକିସ୍ତାନ ଅନ୍ତିମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇଥିଲେ। ହେଲେ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିପାରି ନଥିଲା। ପାକିସ୍ତାନ ଦଳର ଖେଳାଳିମାନେ ଛୋଟ ଛୋଟ ଗ୍ରୁପ୍‌ରେ ଶ୍ରୀଲଙ୍କାରୁ ସ୍ୱଦେଶ ଫେରୁଛନ୍ତି। ପାକିସ୍ତାନର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ଖେଳାଳିଙ୍କୁ ମାସିକ ଦରମା ସହିତ ମ୍ୟାଚ୍ ଫି', ବୋନସ ଏବଂ ବୋର୍ଡର ଟିମ ସ୍ପନସରଶିପ୍ ଚୁକ୍ତିର ଅଂଶ ପ୍ରଦାନ କରାଯାଏ।

## ବାହାରିନ୍‌ରେ ଫସିଛନ୍ତି ଶତାଧିକ ଏଫ୍‌୧ ଷ୍ଟାଫ୍

**ମନମା, ୨।୩:** ଫର୍ମୁଲା-୧ ରେସିଂ ସହ ଜଡ଼ିତ ଶତାଧିକ ଷ୍ଟାଫ ବାହାରିନରେ ଫଶି ରହିଛନ୍ତି। ମିଡିଲ ଇଷ୍ଟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ସେମାନଙ୍କୁ ସ୍ୱଦେଶ ଫେରିବାକୁ ବାଟ ମିଳୁ ନାହିଁ। ମର୍ସିଡିଜ ଓ ମ୍ୟାକଲରେନ ଭଳି ଦଳର ଷ୍ଟାଫ ସେମାନଙ୍କ ହୋଟେଲରେ ରହିଛନ୍ତି।

# ଓଡ଼ିଶାର ୭ ସେଣ୍ଟରରେ ହେବ ଅସ୍ମିତା ଲିଗ୍


କେନ୍ଦ୍ର କ୍ରୀଡ଼ାରାଷ୍ଟ୍ର ମନ୍ତ୍ରୀ ରକ୍ଷା ଖଡ୍‌ସେ।

**ନୂଆଦିଲ୍ଲୀ, ୨।୩**

ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ କେନ୍ଦ୍ର କ୍ରୀଡ଼ାରାଷ୍ଟ୍ର ମନ୍ତ୍ରୀ ରକ୍ଷା ଖଡ୍‌ସେ ସୋମବାର ଅନନ୍ୟ ଅସ୍ମିତା ଲିଗ୍ (ଆଚିଭିଂ ସ୍ପୋର୍ଟ୍ସ ମାଇଲଷ୍ଟୋନ୍ ବାଇ ଇନ୍‌ସ୍ପାଇରିଂ ଓମେନ ଥ୍ରୁ ଆକ୍ସନ) କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଏହି ଲିଗ୍ ଦେଶ ବ୍ୟାପୀ ୨୫୦ଟି ସେଣ୍ଟରରେ ଅନୁଷ୍ଠିତ ହେବ। ତନ୍ମଧ୍ୟରେ ଓଡ଼ିଶାର ୭ଟି ସେଣ୍ଟର ଯଥା ବଲାଙ୍ଗୀର, ଭଦ୍ରକ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ବିଭିନ୍ନ ବୟସବର୍ଗ ଯଥା ୧୩ ବର୍ଷରୁ କମ୍, ୧୩ରୁ ୧୮ବର୍ଷ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରୀରେ ଆଥଲେଟିକ୍ ଇଭେଣ୍ଟ ମାନ ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁଥିବା କ୍ରୀଡ଼ା ଇଭେଣ୍ଟ ମଧ୍ୟରୁ ଆଥଲେଟିକ୍ସରେ ବିଶେଷ କରି ୧୦୦ମିଟର, ୨୦୦ମିଟର ଓ ୪୦୦ମିଟର ଦୌଡ଼ ରେସ୍‌କୁ ଗୁରୁତ୍ୱ ଦିଆଉଛି। ପ୍ରତ୍ୟେକ ଭେନ୍ୟୁରେ ୫ଜଣ ଟେକ୍‌ନିକାଲ ଅଫିସିଆଲ, ୧୦ ଭଲେଣ୍ଟିଅର, ଜଣେ କମ୍ପିଟିଶନ ମ୍ୟାନେଜର ଜଣେ ପିସିଏ (ପୂର୍ବତନ ଚାମ୍ପିୟନ ଆଥଲେଟ) ଏବଂ ଡିଷ୍ଟ୍ରିକ୍ଟ ୟୁଥ୍ ଅଫିସର ମୁତୟନ ହେବେ। କ୍ରୀଡ଼ାକୁ କ୍ୟାରିୟର ଭାବେ ଗ୍ରହଣ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳ ଓ ଛୋଟ ଛୋଟ ସହରର ବାଳିକାମାନଙ୍କୁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ଲାଗି ପ୍ରସ୍ତୁତ ହେଉଥିବା ବେଳେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଅଭିଳାଷ ରଖିଛି। ଏହା ଆୟୋଜନ କରିବାକୁ ହେଲେ ଭିତ୍ତିଭୂମିଠାରୁ ଅଧିକ କିଛି ଆବଶ୍ୟକତା ରହିଛି ବୋଲି କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଭାରତ ଟୁର୍‌ରେ ଆସିବ ଆଫଗାନିସ୍ତାନ କ୍ରିକେଟ ଦଳ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଆଫଗାନିସ୍ତାନ କ୍ରିକେଟ ଦଳ ଜୁନ୍ ମାସରେ ଭାରତ ଟୁର୍‌ରେ ଆସିବ। ଦଳ ପ୍ରଥମେ ଏକ ଟେଷ୍ଟ ମ୍ୟାଚ ଏବଂ ପରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ଟେଷ୍ଟ ମ୍ୟାଚ ଜୁନ୍ ୬ରୁ ୧୦ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ତେବେ ଏହି ଟେଷ୍ଟ ମ୍ୟାଚ ଭାରତର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହେବ ନାହିଁ। କାର୍ଯ୍ୟସୂଚୀରୁ ବୁଝା ପଡୁଛି ଆଗକୁ ୫୦ ଓଭର ବିଶିଷ୍ଟ ୨୦୨୭ ବିଶ୍ୱକପ୍ ହେବାକୁଥିବାରୁ ଏହାକୁ ନଜରରେ ରଖି ଅଧିକ ସଂଖ୍ୟାରେ ହ୍ୱାଇଟ ବଲ୍ କ୍ରିକେଟ ଖେଳାଯିବାକୁ ଉପରେ ଧ୍ୟାନ ଦିଆଯାଉଛି। ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜୁନ୍ ୧୪ରେ ଧର୍ମଶାଳାରେ ଆରମ୍ଭ ହେବ। ପରବର୍ତ୍ତୀ ଦୁଇଟି ମ୍ୟାଚ ଯଥାକ୍ରମେ ଲକ୍ଷ୍ନୌ (ଜୁନ୍ ୧୭) ଓ ଚେନ୍ନାଇ (ଜୁନ୍ ୨୦)ରେ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଅପରାହ୍ନ ୧ଟା ୩୦ରେ ଆରମ୍ଭ ହେବ। ଆଫଗାନିସ୍ତାନ ଏହା ପୂର୍ବରୁ ଭାରତ ବିପକ୍ଷରେ ଏକ ଦ୍ୱିପାକ୍ଷିକ ସିରିଜ ୨୦୨୪ରେ ଖେଳିଥିଲା। ଏହା ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଥିଲା। ସେମାନେ ଏହା ପୂର୍ବରୁ ୨୦୧୮ରେ ଏକ ଟେଷ୍ଟ ମ୍ୟାଚ ବେଙ୍ଗାଲୁରୁରେ ଖେଳିଥିଲେ।

# କିସ୍‌ରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସମ୍ମାନଜନକ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଚେସ୍ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। କିଟ୍‌ର ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ରେ ଏହି ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାଞ୍ଚଳର ୩୦ଟି ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଫଳରେ ପାଖାପାଖି ୩୦୦ ଖେଳାଳି ଓ ଅଫିସିଆଲ ଏଠାରେ ଏକତ୍ରିତ ହୋଇଛନ୍ତି। ଏହି ପ୍ରତିଯୋଗିତାରୁ ଶ୍ରେଷ୍ଠ ୪ଟି ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅନ୍ତର୍ଜାତୀୟ ମାଷ୍ଟର ତଥା ଫିଡେ ସିନିୟର ଟ୍ରେନର ଶେଖର କୁମାର ସାହୁ, ଏଆଇୟୁ ପର୍ଯ୍ୟବେକ୍ଷକ ଧ୍ୱନୁ ଏମ୍.ଆର., କିସ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ